
# ଗିଜୁଭାଇ

# ଶିକ୍ଷା ଦିଏ



ସୃଜନିକା

# ଗିଜୁଭାଇ ଶିକ୍ଷା ନିଧି

ସମ୍ପାଦନା

ନିଖିଳ ମୋହନ ପଟ୍ଟନାୟକ

*ସୃଜନିକା*

ଜାଗମରା, ଡାକ: ଖଣ୍ଡଗିରି

ଭୁବନେଶ୍ୱର ୭୫୧ ୦୩୦

# ଭୂମିକା

ନିଜ ଚାରିପଟର ଜିନିଷ ଓ ଘଟଣା ସବୁ ବିଷୟରେ ଭାବିବା ମଣିଷ ପାଇଁ ଅତି ସ୍ୱାଭାବିକ କଥା । ଘଟିଯାଉଥିବା ଦୁଃଖର ଘଟଣାଗୁଡ଼ିକୁ ମନେପକାଇ ଅଧିକାଂଶ ମଣିଷ "ଏପରି କାହିଁକି ହେଉଛି" ବୋଲି ବ୍ୟସ୍ତ ହୁଅନ୍ତି । କିନ୍ତୁ ଅଳ୍ପ କିଛିଲୋକ ସ୍ୱପ୍ନରେ ଗୋଟିଏ ଆଦର୍ଶ ପରିସ୍ଥିତିର ଚିତ୍ର ଆଙ୍କନ୍ତି ଏବଂ ପଚାରନ୍ତି, "ଏପରି କାହିଁକି ହେଉନାହିଁ ?" ଯେଉଁମାନେ ଏହି ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖନ୍ତି, ଆଉ ତାକୁ ରୂପ ଦେବା ପାଇଁ ବାଟ ଖୋଜନ୍ତି ସେଇମାନେ ହିଁ ମଣିଷ ସମାଜକୁ ଆଗେଇ ନିଅନ୍ତି ।

ଆମ ଦେଶରେ ଗଲା ୧୫୦ ବର୍ଷ ଧରି ଚଳି ଆସୁଥିବା ଔପନିବେଶିକ ଶିକ୍ଷା ବ୍ୟବସ୍ଥାକୁ ବଦଳାଇବା ପାଇଁ ସ୍ୱପ୍ନ ଦେଖୁଥିବା ଲୋକଙ୍କ ଭିତରେ ଗିଜୁଭାଇ ଜଣେ ଆଗୁଆ କର୍ମୀ ଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କ ସୁଦୂର ପ୍ରସାରୀ ଚିନ୍ତା, କାମ ଓ ଲେଖା ପ୍ରାୟ ୭୦ ବର୍ଷ ପରେ ଆଜି ବି ମୂଲ୍ୟବାନ ଓ ପ୍ରାସଙ୍ଗିକ । ଶିକ୍ଷାର ସୁଧାର ଚେଷ୍ଟାରେ ଏବେ ଲାଗିଥିବା କର୍ମୀମାନଙ୍କୁ ପ୍ରେରଣା ଓ ଦିଗ୍‌ଦର୍ଶନ ଦେବା ପାଇଁ ଏହି ସଂସ୍କରଣର ଉପସ୍ଥାପନା । ଏଥିରେ ତାଙ୍କର ଜୀବନୀ, ଚିନ୍ତା ଓ କାମର ଆଭାସ ସହିତ ତାଙ୍କର ଦୁଇଟି ଅତି ମୂଲ୍ୟବାନ କୃତି ରହିଛି । ସେ ଦୁଇଟି ହେଉଛି, ଦେଶବିଦେଶର ବିଭିନ୍ନ ଶିକ୍ଷଣ ପ୍ରଣାଳୀକୁ ନେଇ **ପ୍ରାଥମିକ ଶିକ୍ଷା ପଦ୍ଧତି** ଏବଂ ପ୍ରାଥମିକ ଶିକ୍ଷା ପାଇଁ ଏକ ଯୋଜନା ଆଧାରିତ ଦିବାସ୍ୱପ୍ନର ସଂକ୍ଷିପ୍ତ ରୂପ ।

କାମର ପରିପ୍ରେକ୍ଷୀରେ ଗିଜୁଭାଇଙ୍କ ରଚନାଗୁଡ଼ିକ ଆମ ପାଇଁ ଅମୂଲ୍ୟ ନିଧି ହୋଇଆସିଛି । ଆଶା କରୁଛୁ ଆପଣଙ୍କ ଭଳି ଶିକ୍ଷାପ୍ରେମୀଙ୍କ ପାଖରେ ମଧ୍ୟ ତାହା ସେହି ଆଦର ପାଇବ ।

ମାର୍ଚ୍ଚ ୧, ୨୦୦୫ *ସୃଜନିକା ପରିବାର*

# ଗିଜୁଭାଇ ଶିକ୍ଷା ନିଧି Gijubhai Siksha Nidhi


| | |
|---|---|
| *ଓଡ଼ିଆ ଉପସ୍ଥାପନା* | Transcreation |
| ପୁଷ୍ପଶ୍ରୀ ପଟ୍ଟନାୟକ | Puspashree Pattnaik |
| ମମତା ସେନାପତି | Mamata Senapati |
| ପଦ୍ମଜା ନନ୍ଦିନୀ ସାହୁ | Padmaja Nandini Sahu |
| *ସମ୍ପାଦନା* | Editing |
| ନିଖିଳ ମୋହନ ପଟ୍ଟନାୟକ | Nikhil Mohan Pattnaik |
| *ମୁଦ୍ରଣ* | Printing |
| ଶୋଭନ | Sovan |
| ୧୦୬, ଆଚାର୍ଯ୍ୟ ବିହାର | 106, Acharya Bihar |
| ଭୁବନେଶ୍ୱର ୭୫୧ ୦୧୩ | Bhubaneswar 751 013 |
| ଫୋନ୍: (୦୬୭୪) ୨୫୪୩୪୨୫ | Tel: (0674) 2543425 |
| *ଅଙ୍ଗସଜ୍ଜା ଓ ପ୍ରକାଶନ* | Design, Layout & Pubication |
| ***ସୃଜନିକା*** | SRUJANIKA |
| ଜାଗମରା, ଡାକ: ଖଣ୍ଡଗିରି | Jagamara, PO: Khanagiri |
| ଭୁବନେଶ୍ୱର ୭୫୧ ୦୩୦ | Bhubaneswar 751 030 |
| ଫୋନ୍: ୨୩୫୦୬୬୪ | Tel: 2350664 |
| *ପ୍ରଥମ ସଂସ୍କରଣ:* **ମାର୍ଚ୍ଚ ୨୦୦୫** | First Edition: March 2005 |
| ମୂଲ୍ୟ: ଟ ୬୦.୦୦ | Price: Rs.60.00 |

# ସୂଚୀପତ୍ର


୧. ଉପକ୍ରମ: ଶିକ୍ଷା ଓ ପିଲାଙ୍କ ପାଇଁ ଗିଜୁଭାଇଙ୍କ ସ୍ୱପ୍ନ — ୫

୨. ପ୍ରଥମ ଖଣ୍ଡ: ଗିଜୁଭାଇ ବଧେକା, ଜୀବନ ଓ ଦର୍ଶନ — ୯

୩. ଦ୍ୱିତୀୟ ଖଣ୍ଡ: ପ୍ରାଥମିକ ଶିକ୍ଷା ପଦ୍ଧତି — ୪୯

୪. ତୃତୀୟ ଖଣ୍ଡ: ଦିବାସ୍ୱପ୍ନ (ସଂକ୍ଷିପ୍ତ) — ୧୩୧


## ଗତିଶୀଳ

*ଶିଶୁ ପ୍ରତିକ୍ଷଣ ବଢୁଛି,*
*ଆଖିରେ ତା'ର ଭରିଛି ପ୍ରଶ୍ନ ।*
*ତା'ର ହୃଦୟ ଖୋଲା,*
*ଶିଶୁର ଭାଷାରେ ପ୍ରଶ୍ନ ଓ ପରିପ୍ରକାଶ ।*
*କଥା ତା'ର ସ୍ୱତଃସ୍ଫୁର୍ତ୍ତ,*
*କିନ୍ତୁ ପୂର୍ଣ୍ଣଚ୍ଛେଦ କେଉଁଠି ନାହିଁ ।*
*ଶିଶୁ ନିଜେ ଗତିର ପ୍ରତୀକ,*
*ତା'ର ବିଶ୍ରାମ ବା କାହିଁ !*

ଗିଜୁଭାଇ

# ଉପକ୍ରମ

## ଶିକ୍ଷା ଓ ପିଲାଙ୍କ ପାଇଁ ଗିଜୁଭାଇଙ୍କ ସ୍ୱପ୍ନ

ମଣିଷର ଜୀବନରେ ସବୁବେଳେ ଶିକ୍ଷାର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଆସିଛି । ଚାହିଦା ଓ ସୁବିଧା ଅନୁସାରେ ନିଜ ନିଜଠାରୁ ଦେଖି ଓ ଶୁଣି ଶିଖିବାଟା ଦିନେ ଆମର ପୂର୍ବପୁରୁଷମାନଙ୍କ ପାଇଁ ଯଥେଷ୍ଟ ଥିଲା । ସମୟକ୍ରମେ କିନ୍ତୁ ଏହା ଯଥେଷ୍ଟ ହେଲାନାହିଁ । ଆସ୍ତେ ଆସ୍ତେ ଏହି ଶିକ୍ଷା ଗୋଟିଏ ଆନୁଷ୍ଠାନିକ ରୂପ ନେଲା ଏବଂ ସମୟର ନିୟମ ମାନି ଗୋଟିଏ ଗତାନୁଗତିକ ରୀତି ହୋଇଗଲା । ସମାଜର ଆଖିରେ ଶିକ୍ଷା ଅନୁଷ୍ଠାନଗୁଡ଼ିକ ବେଶୀ ବଡ଼ ହୋଇ ଉଠିଲେ । ବିଦେଶୀ ଶାସନ ଭିତରେ ଆମ ଦେଶରେ ଗଢ଼ି ଉଠିଥିବା ଅନୁଷ୍ଠାନଗୁଡ଼ିକ ଶିକ୍ଷାଠାରୁ ଆହୁରି ଦୂରେଇ ଗଲେ ।

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଦେଶରେ ଜାତୀୟତାବାଦର ଏବଂ ସ୍ୱାଧୀନତାର ଚିନ୍ତା ମୁଣ୍ଡ ଟେକିଲା ବେଳେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଦୁରାବସ୍ଥା ଚିନ୍ତାନାୟକମାନଙ୍କୁ ବ୍ୟଥିତ କଲା । ଏହାର ପ୍ରତିକାର ପାଇଁ ସ୍ୱାମୀ ବିବେକାନନ୍ଦ ମଣିଷ ଗଠନକାରୀ ଶିକ୍ଷା ପାଇଁ ଆହ୍ୱାନ ଦେଲେ । ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଠାକୁର, ଶ୍ରୀ ଅରବିନ୍ଦ ଆଦି ନୂଆ ପ୍ରକାରର ଶିକ୍ଷା ପଦ୍ଧତିର ମୂଳଦୁଆ ପକାଇଲେ । ଶିକ୍ଷା ବ୍ୟବସ୍ଥାର ସଂସ୍କାର ପାଇଁ ଦେଶ ସାରା ବିଭିନ୍ନ ପରୀକ୍ଷା ଆରମ୍ଭ ହେଲା । ଗୁଜୁରାଟ ବିଦ୍ୟାପୀଠ, ଶାନ୍ତି ନିକେତନ, ଜାମିଆ

ମିଲିଆ, କାଶୀ ବିଦ୍ୟାପୀଠ, ଗୁରୁକୁଳ କାଙ୍ଗଡ଼ି, ଦକ୍ଷିଣାମୂର୍ତ୍ତୀ ବିଦ୍ୟାଭବନ, ହିନ୍ଦୁସ୍ଥାନୀ ତାଲିମି ସଂଘ, ସତ୍ୟବାଦୀ ବନ ବିଦ୍ୟାଳୟ ଭଳି ଅନେକ ନୂଆ ଢାଞ୍ଚାର ଶିକ୍ଷାନୁଷ୍ଠାନ ଗଢ଼ିଉଠିଲେ । ପରାଧୀନ ଭାରତର ଶିକ୍ଷା ପଦ୍ଧତିକୁ ତା'ର ସଂକୀର୍ଣ୍ଣତାରୁ ମୁକ୍ତ କରିବା ପାଇଁ ଏହି ସବୁ ଅନୁଷ୍ଠାନରେ ଅନେକ କର୍ମୀ ଲାଗିପଡ଼ିଲେ । ସମସ୍ତଙ୍କର ଲକ୍ଷ୍ୟ ଥିଲା ପ୍ରଚଳିତ ଶିକ୍ଷାକୁ ପୁସ୍ତକ, ପରୀକ୍ଷା, ପ୍ରତିଯୋଗିତା, ପ୍ରମାଣପତ୍ର ଇତ୍ୟାଦିର କବଳରୁ ମୁକୁଳାଇବା । "ଶିକ୍ଷିତ"ମାନଙ୍କ ଭିତରେ ଗୋଲାମି ମନୋବୃତ୍ତି ପୂରାଇବା ବଦଳରେ ସ୍ୱାଧୀନ ଭାରତ ପାଇଁ ଯୋଗ୍ୟ ସନ୍ତାନ ସୃଷ୍ଟି କରିବା ଏହି ସଂସ୍କାରବାଦୀ ଆନ୍ଦୋଳନର ପ୍ରଧାନ ଚିନ୍ତା ଥିଲା । କହିବାକୁ ଗଲେ ଏହି ସମୟଟି ଭାରତୀୟ ଶିକ୍ଷା ପାଇଁ ଏକ ସୁବର୍ଣ୍ଣ ଯୁଗ ଥିଲା ।

ଗିଜୁଭାଇ ବଧେକା (୧୮୮୫-୧୯୩୯) ଏହି ସୁବର୍ଣ୍ଣ ଯୁଗର ଜଣେ ସୁଦକ୍ଷ କର୍ମୀ ଥିଲେ । ଆଇନଜୀବୀ ଗିଜୁଭାଇ ଶିକ୍ଷା ବିଷୟରେ ବେଶ୍ ଆଗ୍ରହୀ ଥିଲେ ଏବଂ ସମୟକ୍ରମେ ସେ ଓକିଲାତି ଛାଡ଼ି ଶିକ୍ଷା ସଂସ୍କାର ଆନ୍ଦୋଳନରେ ନିଜକୁ ସାମିଲ କଲେ । ୧୯୧୬ ମସିହାରେ ଦକ୍ଷିଣାମୂର୍ତ୍ତୀ ବିଦ୍ୟାର୍ଥୀ ଭବନରେ ସେ ଯୋଗ ଦେଲେ । ପରେ ତାଙ୍କର ଶିକ୍ଷା ଦର୍ଶନର ପ୍ରୟୋଗ ପାଇଁ ୧୯୨୦ ମସିହାରେ ସେ ଭାବନଗରଠାରେ "ବାଲମନ୍ଦିର" ନାମରେ ଗୋଟିଏ ପ୍ରାଥମିକ ଶିକ୍ଷାନୁଷ୍ଠାନ ଆରମ୍ଭ କରିଥିଲେ । ଏଠାରେ ଅଢ଼େଇ ବର୍ଷରୁ ଛଅ ବର୍ଷ ବୟସର ପିଲାମାନେ ମୁକ୍ତ ବାତାବରଣ ଭିତରେ ସବୁ କିଛି କରି ପାରୁଥିଲେ । ସେଠାରେ ପିଲାମାନେ ନାଚ, ଗୀତ, ଖେଳକୁଦ, ଗପ, ଚିତ୍ର, ଗଛଚଢ଼ା ଭଳି ସବୁ କାମ ସବୁ ସମୟରେ କରିପାରୁଥିଲେ । ସେଠି ମାଡ଼, ଗାଳି ବା ଧମକର ଛାଇ ବି ପଡ଼ୁନଥିଲା । ଏସବୁ ଭିତରେ ସେମାନେ "ପାଠ" ବି ଶିଖୁଥିଲେ, ଅନୁଷ୍ଠାନ ବାହାରର ଦୁନିଆ

ବୁଲି ଦେଖୁଥିଲେ, ନୂଆ ନୂଆ ଅନୁଭୂତି ପାଉଥିଲେ । "ବାଲମନ୍ଦିର"ରେ ପଢୁନଥିବା ପିଲାଙ୍କ ପାଇଁ ଓ ସେମାନଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଗିଜୁଭାଇ ଅନେକ ବହି ଲେଖିଥିଲେ । ଏହି ସମୟରେ ସ୍ୱାଧୀନତା ଆନ୍ଦୋଳନର ହାୱା ଏବଂ ଗାନ୍ଧୀଙ୍କର ଚିନ୍ତା ଗିଜୁଭାଇଙ୍କ ଚିନ୍ତାଧାରା ଓ କାମକୁ ତୀବ୍ରତର କରିଥିଲା ।

ଗିଜୁଭାଇ ତାଙ୍କର ମନପ୍ରାଣ ଦେଇ ଶିଶୁମାନଙ୍କୁ ଭଲ ପାଉଥିଲେ । ସେମାନଙ୍କ ପ୍ରତି କୌଣସି ପ୍ରକାରର କଠୋରତା ସେ ସହି ପାରୁନଥିଲେ । ସେ କହୁଥିଲେ, "ପିଲାମାନେ ଯେ ପର୍ଯ୍ୟନ୍ତ ଘରେ ଓ ସ୍କୁଲରେ ଗାଳିମାଡ଼ ଖାଉଥିବେ, ସେ ପର୍ଯ୍ୟନ୍ତ ମୋର ଶାନ୍ତି କାହିଁ ?" ପିଲାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାର ପ୍ରତିରୋଧ କରିବା ପାଇଁ ସେ ଛୋଟ ପିଲାଙ୍କୁ ନେଇ ଗୋଟିଏ "ବାନର ସେନା" ଦଳ ଗଢ଼ିଥିଲେ । ପିଲାଙ୍କ ପ୍ରତି ଏଭଳି ଗଭୀର ଶ୍ରଦ୍ଧା ଯୋଗୁ ସେ "ମିଶବାଲୀ ମା" ଓ "ପିଲାଙ୍କ ଗାନ୍ଧିଜୀ" ନାଁରେ ମଧ୍ୟ ଜଣାଥିଲେ ।

ତାଙ୍କ ଶିକ୍ଷା ଦର୍ଶନର ମୂଳରେ ରହିଥିଲା ପିଲାଙ୍କ ପ୍ରତି ତାଙ୍କର ଏହି ଆଦର । ଏ ବିଷୟରେ ସେ କହିଥିଲେ, "*ମୁଁ କିନ୍ତୁ ଲକ୍ଷ ଲକ୍ଷ ପିଲାଙ୍କ କଥା ଭାବୁଛି । ଆମରି ଆଖି ଆଗରେ ଏମାନଙ୍କର ଶୈଶବକୁ ହତ୍ୟା କରାଯାଉଛି, ସେମାନେ କଷ୍ଟ ପାଉଛନ୍ତି, ଅଥଚ ଆମେ ଚୁପଚାପ ଦେଖୁଛେ । ବର୍ତ୍ତମାନ ଆମର ମୂଳ କାମ ହେବ ଏ ହତ୍ୟାକୁ ବନ୍ଦ କରାଇବା । ଏଥିପାଇଁ ଆମକୁ ଖୁବ୍ ଜୋରରେ ସ୍ୱର ଉଠାଇବାକୁ ପଡ଼ିବ । ଆମର ଶଙ୍ଖନାଦ ଏପରି ତୀବ୍ର ହେବ, ଯେପରି କାଲର ମଧ୍ୟ କାନ ଏଥିରେ ଖୋଲିଯିବ । ଅନେକ ଲୋକ ଏଥିରେ ବିରକ୍ତ ହେବେ, ରାଗିବେ । କିନ୍ତୁ ଏହି ବିରକ୍ତି ବା ରାଗକୁ ଡରି କ'ଣ ଆମେ ପିଲାମାନଙ୍କର ହତ୍ୟାକୁ ସହିଯିବୁ ? ଆଜି ମୋ ପାଇଁ ଯଥେଷ୍ଟ ହେବ ଯଦି ଆମର ସମାଜ ଏହି ଶିଶୁ*

*ଦେବତାମାନଙ୍କୁ ଚିହ୍ନିପାରିବ । ଏ ଦିଗରେ ହାୱା ସୃଷ୍ଟି କରିବା, ତରଙ୍ଗ ଖେଳାଇବା ମୋର କାମ । ଏଥିପାଇଁ ମୁଁ ସମସ୍ତଙ୍କର ସାହାଯ୍ୟ କାମନା କରୁଛି ।"*

ପିଲାମାନଙ୍କ ବିଷୟରେ ଏବଂ ଶିକ୍ଷା ଉପରେ ତାଙ୍କର ଚିନ୍ତା ଓ ଦର୍ଶନକୁ ନେଇ ଗିଜୁଭାଇ ଛୋଟବଡ଼ ସମସ୍ତଙ୍କ ପାଇଁ ୨୦୦ରୁ ଅଧିକ ବହି ଲେଖିଥିଲେ । ଶିକ୍ଷା ପଦ୍ଧତି ଉପରେ ତାଙ୍କର ପରୀକ୍ଷା ଓ ଅନୁଭୂତି ସବୁକୁ ନେଇ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଧରଣର ତାଲିମ ବ୍ୟବସ୍ଥା ମଧ୍ୟ ସେ କରିଥିଲେ । ନୂଆ ଶିକ୍ଷାର ଯୋଜନାକୁ ନେଇ ଲେଖା ହୋଇଥିବା "ଦିବାସ୍ୱପ୍ନ" ବହିଟି ହେଉଛି ତାଙ୍କର ସର୍ବଶ୍ରେଷ୍ଠ କୃତି ।

୧୯୩୨ ମସିହାରେ ପ୍ରକାଶିତ ଏହି ବହିଟିରେ ସେ ସମୟର ଶିକ୍ଷାର ବ୍ୟବସ୍ଥାର ଦୋଷତ୍ରୁଟିର ତାଲିକା ବା ସେସବୁର ତାତ୍ତ୍ୱିକ ଆଲୋଚନା ରହିନାହିଁ । ବରଂ ସେସବୁ ଦୋଷ ତ୍ରୁଟିକୁ ଆଖି ଆଗରେ ରଖି ଗଠନମୂଳକ ଭାବରେ ଗୋଟିଏ ବିକଳ୍ପ ଯୋଜନା ବାଢ଼ି ଦିଆଯାଇଛି । ଏହି ଯୋଜନାଟିର ଉପଯୋଗିତା ସେ ସମୟ ପାଇଁ ଯେତିକି ଥିଲା ବର୍ତ୍ତମାନ ପାଇଁ ମଧ୍ୟ ସେତିକି ରହିଛି । ବରଂ ଶିକ୍ଷାବ୍ୟବସ୍ଥା ଯେପରି ଭାବରେ ବିପର୍ଯ୍ୟସ୍ତ ହୋଇଚାଲିଛି, ଗିଜୁଭାଇଙ୍କର ଚିନ୍ତା ଓ ଯୋଜନାର ଗୁରୁତ୍ୱ ଅନେକ ଗୁଣରେ ବଢ଼ିଯାଇଛି ।

ଗିଜୁଭାଇଙ୍କର ସେହି ଶଙ୍ଖନାଦ ହାୱା ଓ ତରଙ୍ଗକୁ ବଞ୍ଚାଇ ରଖିବା ଓ ବ୍ୟାପକତର କରାଇବା ଉଦ୍ଦେଶ୍ୟରେ ଏହି ସଂସ୍କରଣଟିର ଉପସ୍ଥାପନା ।

## ପ୍ରଥମ ଖଣ୍ଡ

# ଗିଜୁଭାଇ ବଧେକା

## ଜୀବନ ଓ ଦର୍ଶନ

*ଶିଶୁମାନଙ୍କ ଭିତରେ ରହିଥିବା ମହାନ ଆତ୍ମାଟିକୁ ମୁଁ ସବୁବେଳେ ଦେଖୁଛି । ସେମାନଙ୍କର ନ୍ୟାଯ୍ୟ ଅଧିକାର ପାଇବା ଦିଗରେ ସାହାଯ୍ୟ କରିବା ପାଇଁ ଏହା ମତେ ପ୍ରେରଣା ଯୋଗାଏ ।*

ଗିଜୁଭାଇ



# ଗିଜୁଭାଇ

"ପିଲାଙ୍କ ଗାନ୍ଧିଜୀ", "ନିଶବାଲୀ ମା" ଇତ୍ୟାଦି ନାଁ ପାଇଥିଲେ ଗିଜୁଭାଇ (ଶ୍ରୀ ଗିରିଜାଶଙ୍କର ଭଗବାନ ଜୀ ବଧେକା, ଗୁଜରାତ, ୧୮୮୫-୧୯୩୯) । ସେ ଜଣେ ଓକିଲ ଥିଲେ ଏବଂ କିଛିଦିନ ପାଇଁ ଓକିଲାତି ମଧ୍ୟ କରିଥିଲେ । କିନ୍ତୁ ତାଙ୍କର ମନ ଓ ପ୍ରାଣ ଥିଲା ପିଲାମାନଙ୍କ ସାଙ୍ଗରେ । ତେଣୁ ସେ ଓକିଲାତି ଛାଡ଼ି ଶିକ୍ଷା ଉପରେ ବିଭିନ୍ନ ପରଖ କରିବାରେ ଓ ଲେଖିବାରେ ଲାଗିଲେ । ପିଲାଙ୍କୁ ନୂଆ ଢାଞ୍ଚାରେ ପଢ଼ାଇବା ପାଇଁ ସେ ଶିକ୍ଷାନୁଷ୍ଠାନମାନ ଖୋଲିଥିଲେ. ଛଅ ଶହରୁ ବେଶୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦେଇଥିଲେ ଏବଂ ୨୨୩ ଖଣ୍ଡ ବହି ଲେଖିଥିଲେ । ତାହା ଭିତରେ ଥିଲା ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ଗପ ଓ ସାଧାରଣ ଜ୍ଞାନ ଭରା ବହି । ଏହା ଛଡ଼ା ମା'ବାପା ଓ ଶିକ୍ଷକମାନଙ୍କ ପାଇଁ ସେ ଅନେକ ଉପାଦେୟ ବହି ମଧ୍ୟ ଲେଖିଥିଲେ ।

## ସୂଚୀ


| | |
|---|---|
| ଜୀବନ ଓ ବ୍ୟକ୍ତିତ୍ୱ | ୧୧ |
| ଗିଜୁଭାଇଙ୍କ ଶିକ୍ଷା ଦର୍ଶନ | ୧୯ |
| ଗିଜୁଭାଇ କର୍ମଧାରା | ୩୭ |

# ଗିଜୁଭାଇ ବଧେକା

## ଜୀବନ ଓ ବ୍ୟକ୍ତିତ୍ୱ

୧୮୮୫ ମସିହା ନଭେମ୍ବର ୧୫ ତାରିଖ ଦିନ ଗୁଜରାଟର ସୌରାଷ୍ଟ୍ର ଅଞ୍ଚଳରେ ଗିଜୁଭାଇ (ଗିରିଜାଶଙ୍କର ଭଗବାନ୍ ଜୀ ବଧେକା) ଜନ୍ମ ହୋଇଥିଲେ । ପାଞ୍ଚ ବର୍ଷ ବୟସରେ ସେ ସ୍କୁଲ ଗଲେ । ସେତେବେଳେ ବିଦ୍ୟାଳୟ ଭୟ ପ୍ରଦର୍ଶନର କେନ୍ଦ୍ରସ୍ଥଳ ଥିଲା । ପିଲାଦିନର ସେହି ପରିବେଶ ତାଙ୍କ ମନରେ ଗଭୀର ଛାପ ପକାଇଥିଲା ।

*ପିଲାଦିନ*

ପାଠପଢ଼ାରେ ଗିଜୁଭାଇ ଖୁବ୍ ଆଗୁଆ ଥିଲେ । ସାହସୀ, ଆଗ୍ରହୀ ତଥା ଦୃଢ଼ ମନୋଭାବ ଥିଲା ତାଙ୍କର ସ୍ୱଭାବ । ପ୍ରାଥମିକ ଶିକ୍ଷା ଶେଷ କରି ଗିଜୁଭାଇ ତାଙ୍କ ମାମୁଘରକୁ ଗଲେ ଓ ସେଠାରେ ରହି ଆଗକୁ ପଢ଼ିଲେ । କବିତା ପଢ଼ିବାକୁ ସେ ବହୁତ ଭଲ ପାଉଥିଲେ । ଏହିଭଳି ଭାବରେ ସେ ମାଟ୍ରିକ ପାଠ ଶେଷ କଲେ ।

କଲେଜରେ ପଢ଼ିଲା ବେଳେ ତାଙ୍କର ବାହାଘର ହୋଇଥିଲା । ଦୁଇ-ଚାରି ବର୍ଷର ବୈବାହିକ ଜୀବନ ପରେ ତାଙ୍କ ପତ୍ନୀ ହରିବେନ୍‌ଙ୍କର ଦେହାନ୍ତ ହୋଇଥିଲା । କିଛି ବର୍ଷ ପରେ ସେ ଜଡ଼ିବେନ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଏହାର କିଛି ଦିନ ପରେ

ତାଙ୍କର ମା'ଙ୍କର ମୃତ୍ୟୁ ହୋଇଯାଇଥିଲା ଓ ସେହି ବୟସରୁ ତାଙ୍କୁ ଘରର ବିଭିନ୍ନ ଦାୟିତ୍ୱ ସମ୍ଭାଳିବାକୁ ହୋଇଥିଲା । ବମ୍ବେରେ ତାଙ୍କୁ ଗୋଟିଏ ଚାକିରି ମିଳିଥିଲା । କିନ୍ତୁ ସେହି ଚାକିରିରେ ତାଙ୍କର ମନ ଲାଗିଲା ନାହିଁ । କିଛି ନୂଆ କାମ ଆଶାରେ ସେ ଆଫ୍ରିକା ଚାଲିଗଲେ । ଆଫ୍ରିକାରେ ସାଢ଼େ ତିନି ବର୍ଷର ରହଣି ତାଙ୍କ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ନିଜସ୍ୱ ବିଚାରଧାରା, ନିର୍ଭୟତା, ସହନଶୀଳତା, ସମସ୍ତଙ୍କୁ ଭଲ ପାଇବା ଆଦି ଗୁଣ ତାଙ୍କର ସେହିଠାରେ ହିଁ ବିକଶିତ ହୋଇଥିଲା ।

## *ଓକିଲାତି ଆରମ୍ଭ*

ଭାରତକୁ ଫେରି ସେ ଓକିଲାତି କରିବାକୁ ସ୍ଥିର କଲେ । ଏହା ବେଶ୍ କଷ୍ଟସାଧ୍ୟ ଥିଲା । କିନ୍ତୁ ସେ ଥରେ ଯାହା କରିବାକୁ ସ୍ଥିର କରୁଥିଲେ ତାହା ନିଶ୍ଚୟ କରୁଥିଲେ । ସାଙ୍ଗେ ସାଙ୍ଗେ କୌଣସି ନିଷ୍ପତ୍ତି ନେବା ଓ ତାକୁ କାର୍ଯ୍ୟକାରୀ କରିବା ଭଳି ଆତ୍ମବିଶ୍ୱାସ ଗିଜୁଭାଇଙ୍କର ଥିଲା । ସେ ବମ୍ବେରେ ରହି ଖୁବ୍ କଷ୍ଟରେ ତାଙ୍କର ପଢ଼ା ଶେଷ କଲେ । ଏହି ସମୟରେ ରବିଶଙ୍କର ରାୱଲ, ମହାଦେବ ଭାଇ ଦେଶାଇ, ରାମନାରାୟଣ ବିଶ୍ୱନାଥ ପାଠକଙ୍କ ଭଳି ମହାନ ଚିତ୍ରକର, କବି ଆଦି ତାଙ୍କର ସାଙ୍ଗ ହୋଇଥିଲେ । ଏମାନଙ୍କର ପ୍ରଭାବ ଗିଜୁଭାଇଙ୍କ ଉପରେ ପଡ଼ୁଥିଲା ।

ଆଉ ଗୋଟିଏ ଦୃଷ୍ଟିରୁ ମଧ୍ୟ ଏହି ସମୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପଚିଶ ବର୍ଷର ଯୁବକ ଗିଜୁଭାଇ ନିଜ ସମବୟସ୍କ ସାଥିମାନଙ୍କ ସହ ମିଶି ଭବିଷ୍ୟତ ଜୀବନର ସ୍ୱପ୍ନ ଦେଖିବାକୁ ଲାଗିଲେ । ଏହି ସମୟରେ ବାଲ ଗଙ୍ଗାଧର ତିଳକ ତାଙ୍କ ମନ୍ତ୍ରଧ୍ୱନି – *ସ୍ୱାଧୀନତା ଆମର ଜନ୍ମଗତ ଅଧିକାର* – ଦେଶରେ ଦେଇ ସାରିଥା'ନ୍ତି । ଏହାର

ପ୍ରଭାବ ଗିଜୁଭାଇଙ୍କ ଉପରେ ପଡ଼ିଥିଲା । ସେ ଚିନ୍ତା କରିବାକୁ ଲାଗିଲେ ଦେଶ ପାଇଁ ସେ କ'ଣ କରିପାରିବେ ।

ଏହା ସହିତ ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ସେ ସାମିଲ ଥିଲେ । ସମୟ କ୍ରମେ ଗିଜୁଭାଇ ବମ୍ବେ ହାଇକୋର୍ଟରେ ଓକିଲ ଭାବରେ କାମ କଲେ । ଏହି ସମୟରେ ସେ କିଛି ଓକିଲ ସାଙ୍ଗଙ୍କ ସହ ମିଶି ଓକିଲାତି ଶିଖାଇବା ପାଇଁ ଗୋଟିଏ ଦଳ ଗଢ଼ିଥିଲେ । ଚାରି ପାଞ୍ଚ ବର୍ଷର ଓକିଲାତି ଜୀବନ ତାଙ୍କର ଖୁବ୍ ମୂଲ୍ୟବାନ ଥିଲା । ସେ ବିଶ୍ୱାସ କରୁଥିଲେ ଯେ ମଣିଷ ଯେ କୌଣସି କାମ କରୁ, ସେହି କାମ ବିଷୟରେ ତା'ର ଯଥେଷ୍ଟ ଜ୍ଞାନ ରହିଥିବା ଦରକାର । ବୋଧହୁଏ ସେଥିପାଇଁ ସେ ଓକିଲାତି ଶିଖାଇବା ପାଇଁ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାପନ କରିବାକୁ ଚିନ୍ତା କରିଥିଲେ ।

ଓକିଲାତି ତାଙ୍କର ଭଲ ଚାଲିଥିଲା । ପଇସା ବି ଭଲ ମିଳୁଥିଲା । ଜୀବନରେ ପ୍ରତିଷ୍ଠା, ଲୋକଙ୍କର ବିଶ୍ୱାସ ତଥା ଆନନ୍ଦ ବି ମିଳିବାରେ ଲାଗିଲା । ଘର ପ୍ରତି ଉଦାସୀନ ଥିବା ଗିଜୁଭାଇ କିନ୍ତୁ ଓକିଲାତିରେ ବେଶ୍ ଆଗ୍ରହୀ ଥିଲେ । ଯେଉଁ କେଶ୍ ସେ ହାତକୁ ନେଉଥିଲେ ସେଥିପାଇଁ ସେ ବହୁତ ପରିଶ୍ରମ କରୁଥିଲେ ।

### *ଶିକ୍ଷାରେ ପ୍ରବେଶ*

କିନ୍ତୁ ଧୀରେ ଧୀରେ ଓକିଲାତି କାମ ତାଙ୍କୁ ଆଉ ଭଲଲାଗିଲା ନାହିଁ । ଓକିଲାତି ବ୍ୟବସାୟରେ ମିଛ କହିବା ପାଇଁ ଆସୁଥିବା ଚାପ ତାଙ୍କର ପସନ୍ଦ ନଥିଲା । ସେ ଶିକ୍ଷା କ୍ଷେତ୍ରରେ କାମ କରିବାକୁ ଆଗ୍ରହୀ ହେଲେ । ତାଙ୍କ ମାମୁଙ୍କଠାରୁ ଚିଠି ନେଇ ଦକ୍ଷିଣାମୂର୍ତ୍ତୀଠାରେ ଏକ ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କଲେ । ସେଠାରେ ତାଙ୍କର ଆଗ୍ରହ ଓ ଶିକ୍ଷା ପଦ୍ଧତି ସମସ୍ତଙ୍କୁ ମୁଗ୍ଧ କରିଥିଲା ।

୧୯୧୦ରୁ ୧୯୨୦ ଯାଏଁ ଦେଶରେ ଏକ ଅଲଗା ପ୍ରକାରର ସମୟ ଥିଲା । ବିନୋବା, ଦତ୍ତାତ୍ରେୟ କାଲେଲକର, କୃପାଳିନୀ, ରାଜେନ୍ଦ୍ର ପ୍ରସାଦ, ଠକ୍କରବାପା, ଗୋଖଲେ ଆଦି ନିଜ ନିଜର ଚିନ୍ତାଧାରା ଅନୁସାରେ କାମ ଆରମ୍ଭ କରିସାରିଥିଲେ । ଗିଜୁଭାଇ ବି ଏହି ରାଷ୍ଟ୍ରୀୟ ଆନ୍ଦୋଳନରେ ଭାଗିଦାର ହେବା ପାଇଁ ବାହାରିଲେ ।

### *ବାଲମନ୍ଦିର ଆରମ୍ଭ*

ଦକ୍ଷିଣାମୂର୍ତ୍ତୀ ବିନୟ ମନ୍ଦିର (ହାଇସ୍କୁଲ)ର ଆଚାର୍ଯ୍ୟ ଭାବରେ ସେ ଚାରିବର୍ଷ କଟାଇଲେ । ସେହି ଚାରିବର୍ଷ ଭିତରେ ସେ ଜଣେ ଶିକ୍ଷକ ଓ ସଙ୍ଗଠକ ଭାବରେ ସେହି ଅନୁଷ୍ଠାନର ଏକ ଟାଣୁଆ ମୂଳଦୁଆ ପକାଇ ପାରିଲେ ଓ ତା'ର ଭବିଷ୍ୟତ ବିକାଶ ପାଇଁ ବାଟ ଖୋଲିଦେଲେ । ଏହା ଭିତରେ ଗିଜୁଭାଇ ଅନୁଭବ କଲେ ଯେ ପିଲାମାନଙ୍କର ଚରିତ୍ର ଗଠନ ପାଇଁ ସେମାନଙ୍କୁ ଭଲ ସଂସ୍କାର ଦେବାକୁ ହେବ । ସେଥିପାଇଁ ବଡ଼ ପିଲା ନୁହେଁ, ବରଂ ଖୁବ୍ ଛୋଟ ପିଲାଙ୍କଠାରୁ ଶିକ୍ଷାଦାନ ଆରମ୍ଭ କରିବାକୁ ହେବ । ସମସ୍ତଙ୍କ ସ୍ୱୀକୃତି ନେଇ ୧୯୨୦ ମସିହାରେ ସେ ଛୋଟ ପିଲାଙ୍କ ପାଇଁ ବାଲମନ୍ଦିର ବିଦ୍ୟାଳୟ ଆରମ୍ଭ କଲେ ।

ବାଲମନ୍ଦିରର ପ୍ରତିଟି କାମ ତାଙ୍କୁ ମୂଳରୁ ଆରମ୍ଭ କରିବାକୁ ହୋଇଥିଲା । ସେ ନିଜର କ୍ଷମତା, ଶକ୍ତି ଏବଂ ସୀମା ବିଷୟରେ ସଚେତନ ଥିଲେ । ମଣ୍ଟେସୋରୀ ପଦ୍ଧତି ସ୍ଥାନୀୟ ପରିବେଶରେ କେତେ ଦୂର ଫଳପ୍ରଦ ହେବ ସେ ଦିଗରେ ସେ ପରୀକ୍ଷା ଆରମ୍ଭ କରିଥିଲେ । ସେ ସମୟରେ ସମାଜ ବି ଏଭଳି ନୂଆ ଚିନ୍ତାଧାରା ପ୍ରତି ଅନୁକୂଳ ନଥିଲା । କିନ୍ତୁ ଗିଜୁଭାଇ ଶିକ୍ଷା ପାଇଁ ନୂଆ ବାଟ ସବୁ ଖୋଜିବାରେ କାମ ଜାରି ରଖିଲେ ।

ସେବେଠାରୁ ତାଙ୍କର ସବୁ ସମୟ କେବଳ ପିଲାଙ୍କ ଚିନ୍ତାରେ ହିଁ କଟି ଯାଉଥିଲା । ଗୋଟି ଗୋଟି କରି ପ୍ରତ୍ୟେକ ପିଲାଙ୍କ କଥା ଭାବି, ପ୍ରତ୍ୟେକଙ୍କ ପାଇଁ ଅଲଗା କାର୍ଯ୍ୟପ୍ରଣାଳୀ ସେ ସ୍ଥିର କରୁଥିଲେ । ପିଲାଙ୍କ ସହିତ ନିଜକୁ ସେ ସମ୍ପୂର୍ଣ୍ଣ ରୂପରେ ମିଶେଇ ଦେଇଥିଲେ । ନିଜ କଥା ଭାବିବାକୁ ବି ସେ ସମୟ ପାଉନଥିଲେ । କେବେ କେହି ଛୋଟ ପିଲା ଆସି ତାଙ୍କୁ କହୁଥିଲେ ଯେ ଘରେ ମା' ତାକୁ ମାଡ଼ ଦେଇଛି । ଗିଜୁଭାଇ ସେ ମା' ପାଖକୁ ଧାଡ଼ିଏ ଚିଠି – "ଆଉ ଏକୁ ମାରିବ ନାହିଁ" – ଲେଖି ପିଲା ହାତରେ ପଠାଇ ଦେଉଥିଲେ । ଲାଜରୁ ଓ ଗିଜୁଭାଇଙ୍କ ପ୍ରତି ଶ୍ରଦ୍ଧାରୁ ମାଡ଼ ବନ୍ଦ ହେଉଥିଲା ।

ଗିଜୁଭାଇଙ୍କ ମତରେ ପିଲାମାନେ ସ୍ନେହ କରି ମତେ ନୂଆ ଜୀବନ ଦେଇଛନ୍ତି । ସେମାନଙ୍କୁ ଶିଖାଇବା ବେଳେ ପ୍ରକୃତରେ ମୁଁ ହିଁ ବେଶି ଶିଖୁଛି । ତାଙ୍କୁ ଲକ୍ଷ୍ୟ କରି ମୁଁ ମୋର ଆତ୍ମବିଶ୍ଳେଷଣ କରୁଛି । ସେମାନେ ତଳୁ ଉପରକୁ ଉଠିବା ବେଳେ ମୁଁ ବି ଉପରକୁ ଉଠୁଛି । ସେମାନଙ୍କ ଗୁରୁ ହେବା ଭିତରେ ସେମାନଙ୍କର ଗୁରୁପଣିଆ ଦେଖୁଛି ।

ଗିଜୁଭାଇଙ୍କ ବାଲମନ୍ଦିର ସମସ୍ତଙ୍କ ପାଇଁ ଏକ ଆଦର୍ଶ ଉଦାହରଣ ଥିଲା । ସେହି ଢାଞ୍ଚାରେ ବିଭିନ୍ନ ସ୍ଥାନରେ ବାଲମନ୍ଦିରମାନ ଖୋଲାଗଲା । ଫଳରେ ଅଧିକରୁ ଅଧିକ ପିଲା ଉପକୃତ ହୋଇପାରିଲେ । ମଣ୍ଟେସୋରୀ ସଂଘ ଗଢ଼ାଗଲା ଏବଂ ଦକ୍ଷିଣାମୂର୍ତ୍ତି ଓ ଶିକ୍ଷଣ ପତ୍ରିକା ନାଁରେ ଦୁଇଟି ପତ୍ରିକା ପ୍ରକାଶ କରାଗଲା । ଏହି ସମୟରେ ଗିଜୁଭାଇ ତାଙ୍କର ଲେଖାଲେଖି କାମ ମଧ୍ୟ ଜୋରରେ ଚଳାଇଲେ । ଶିଶୁ ସାହିତ୍ୟ, ଶିକ୍ଷା ବିଚାର, ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ଲେଖା କାମ ଚାଲିଲା । ମଣ୍ଟେସୋରୀ ସଂଘର କାର୍ଯ୍ୟକ୍ରମ ବଢ଼ିଲା ଏବଂ କେତେ ସମ୍ମିଳନୀ ଆୟୋଜନ କରାଗଲା । ମଣ୍ଟେସୋରୀ

ପଦ୍ଧତିର ଉପକରଣ ଆମ ଦେଶରେ ତିଆରି କରିବା ପାଇଁ ମଧ୍ୟ ସେ ଲାଗି ପଡ଼ିଥିଲେ । ଏସବୁ ଫଳରେ ଗିଜୁଭାଇଙ୍କର ଦାୟିତ୍ୱ ଓ କାମର ପରିସର ବଢ଼ିବାକୁ ଲାଗିଲା ।

୧୯୩୦ ମସିହାର ସ୍ୱାଧୀନତା ଆନ୍ଦୋଳନ ଆସିଲା । ଗିଜୁଭାଇଙ୍କ ଶିକ୍ଷକ ଆତ୍ମା ଚିନ୍ତା କରିବାକୁ ଲାଗିଲା ଯେ ଏଭଳି ପରିସ୍ଥିତିରେ ସେ କ'ଣ କରିପାରିବେ । ସ୍ୱାଧୀନତା ପାଇବାରେ ଏବଂ ତାକୁ ଧରି ରଖିବାରେ ସାକ୍ଷରତାର ଗୁରୁତ୍ୱ ସେ ବୁଝୁଥିଲେ । ତେଣୁ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ସେ ଯୋଜନା କଲେ ।

କାମରେ ମାତିରହି ନିଜ ସ୍ୱାସ୍ଥ୍ୟ ପ୍ରତି ସେ ବିଶେଷ ଧ୍ୟାନ ଦେଉନଥିଲେ । ଫଳରେ ଧୀରେ ଧୀରେ ତାଙ୍କର ଦେହ ଖରାପ ହେବାକୁ ଲାଗିଲା । ଜଳବାୟୁର ପରିବର୍ତ୍ତନ ପାଇଁ ତାଙ୍କୁ ଅନ୍ୟ ଜାଗାକୁ ନିଆଗଲା । କିନ୍ତୁ ଗିଜୁଭାଇଙ୍କର ଅସୁସ୍ଥତା ବଢ଼ିବାରେ ଲାଗିଲା । ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଦେଖିବାକୁ ଆସିଲେ । ଗାନ୍ଧିଜୀ ତାଙ୍କ କଥା ପଚାରି ଶ୍ରଦ୍ଧାରେ ଲୁହ ଗଡ଼ାଇଥିଲେ । କିଛି ଦିନର ଅସୁସ୍ଥତା ପରେ ୧୯୩୯ ମସିହା ଜୁନ ୨୩ ତାରିଖ ଦିନ ବମ୍ବେଠାରେ ତାଙ୍କର ଜୀବନଦୀପ ଲିଭିଗଲା । ତାଙ୍କ ଶିକ୍ଷା ପଦ୍ଧତି, ପିଲାଙ୍କ ପାଇଁ କରିଥିବା କାର୍ଯ୍ୟ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ।

କର୍ମଯୋଗୀ ଗିଜୁଭାଇ ତାଙ୍କ ଜୀବନସାରା କେବଳ କର୍ମ ହିଁ କରିଛନ୍ତି । ଖାଇବା, ଶୋଇବା ଭୁଲି ସେ କେବଳ କାମରେ ଲାଗି ରହୁଥିଲେ । ସେ କହୁଥିଲେ, "ଶହେ ବର୍ଷ ବଞ୍ଚିବାର ଆଶା ରଖି ଦଶ ବର୍ଷର ବି କାମ ନକରିବା ଅପେକ୍ଷା ପଚାଶ ବର୍ଷ ବଞ୍ଚିବାକୁ ଆଶା ରଖି ଶହେ ବର୍ଷର କାମ କରିପାରିବା ବେଶୀ ଭଲ ।"

## ବ୍ୟକ୍ତିତ୍ୱର ଝଲକ

ଗିଜୁଭାଇଙ୍କର ବ୍ୟକ୍ତିତ୍ୱ ଅନେକ ଲୋକଙ୍କୁ ପ୍ରେରଣା ଦେଇଛି । ସେ ଯାହା କରିବା ପାଇଁ ସ୍ଥିର କରନ୍ତି, ତାକୁ ସେ ଯେ କୌଣସି ପ୍ରକାରରେ ଶେଷ କରିବା ପାଇଁ ଲାଗିପଡ଼ନ୍ତି । ନିରନ୍ତର ଏବଂ କଠିନ ପରିଶ୍ରମ ଦ୍ୱାରା ହିଁ ତାଙ୍କୁ ସବୁବେଳେ ସଫଳତା ମିଳୁଥିଲା । ଯେଉଁ କାମ ସେ ହାତକୁ ନେଉଥିଲେ ତା' ବିଷୟରେ ଗଭୀର ଭାବରେ ଚିନ୍ତା କରି ସେ ତାଙ୍କର ଯୋଜନା ତିଆରି କରୁଥିଲେ ।

ତାଙ୍କ ଦୃଷ୍ଟିକୋଣ ବିଜ୍ଞାନସମ୍ମତ ଥିଲା । ଅତ୍ୟନ୍ତ ସୂକ୍ଷ୍ମ ତଥା ବିବେକଯୁକ୍ତ ସମ୍ବେଦନଶୀଳତା ତାଙ୍କର ଉଲ୍ଲେଖନୀୟ ଗୁଣ ଥିଲା । ବାଲମନ୍ଦିରର ଅତି ସାଧାରଣ କାମରୁ ବି ସେ ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ କାଢ଼ି ପାରୁଥିଲେ । ତାଙ୍କ ମତରେ ପିଲା ସବୁବେଳେ ଚଞ୍ଚଳ ସ୍ୱଭାବର ହୁଏନାହିଁ । ସେ ଏକାଗ୍ରଚିତ୍ତ ହୋଇ ବି କାମ କରିପାରେ । ତା'ର ଅନେକ ଉଦାହରଣ ବିଭିନ୍ନ ଲେଖାରେ ସେ ଦେଇଛନ୍ତି ।

ତାଙ୍କର ଆଉ ଗୋଟିଏ ବିଶେଷତା ଥିଲା ଯେ ଯାହା ତ୍ୟାଗ କରିବା ଯୋଗ୍ୟ ତାକୁ ସେ ସାଙ୍ଗେ ସାଙ୍ଗେ ଛାଡ଼ି ଦେଉଥିଲେ ଏବଂ ଯାହା ଗ୍ରହଣୀୟ ତାକୁ ସେ ସାଙ୍ଗେ ସାଙ୍ଗେ ନିଜ ଆଚରଣରେ ପ୍ରତିଫଳନ କରୁଥିଲେ । ପିଲାଙ୍କ ଶିକ୍ଷା ଦିଗରେ କୌଣସି କାମକୁ ସେ କେବେ ବି ଛୋଟ ବା ବଡ଼ ଭାବୁ ନଥିଲେ । ଶ୍ରେଣୀଗୃହରେ ଛୋଟ ପିଲା ମଇଳା କରିଦେଲେ ତାକୁ ସଫା କରିବାଠାରୁ ଆରମ୍ଭ କରି ବାଲଶିକ୍ଷକ ସମ୍ମିଳନୀର ଅଧ୍ୟକ୍ଷ ହେବା ସବୁ କାମ ତାଙ୍କ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଥିଲା । ପିଲାଙ୍କ ସହ କାମ କଲା ବେଳେ ଉପରେ ସେ ପିଲାଙ୍କ ଭଳି ବ୍ୟବହାର କରୁଥିଲେ, କିନ୍ତୁ ମନ ଭିତରେ ଗମ୍ଭୀର ଭାବରେ ବିଚାର କରୁଥିଲେ । ଏଭଳି ଦୁଇପ୍ରକାର ବ୍ୟବହାରରେ ସେ କେବେ ବି ସମନ୍ୱୟ ହରାଉ ନଥିଲେ ।

ପିଲାଙ୍କ ପ୍ରତି ତାଙ୍କ ହୃଦୟ ଅତି କୋମଳ ଥିଲା । ତାଙ୍କ ଭାଷାରେ, "ପିଲାଙ୍କ ସହ କାମ କରିବା ଯେତେ ପ୍ରାଣଦାୟକ, ସେତିକି କଷ୍ଟକର ମଧ୍ୟ । ପିଲାଙ୍କ ସ୍ୱଭାବ ବିଷୟରେ ଜ୍ଞାନ, ସେମାନଙ୍କ ପ୍ରତି ଶ୍ରଦ୍ଧା ରଖିବା ସହିତ ସେମାନଙ୍କୁ ହୃଦୟର ସହ ସ୍ନେହ ଦେଲେ ଅସମ୍ଭବ କାମ ବି ସମ୍ଭବ ହୋଇପାରିବ । ପିଲାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଯେଯାଏଁ ଆମ ମନରେ ଦୁଃଖ ନଦେଇଛି, ସେଯାଏଁ ଆମେ ବାଲଶିକ୍ଷଣ ପାଇଁ ଯୋଗ୍ୟ ହୋଇନାହେଁ । ସେଯାଏଁ ଆମେ ପିଲାର କିଛି ବି ଉନ୍ନତି କରିପାରିବା ନାହିଁ ।"

ତାଙ୍କ ମନରେ ଧନୀ ଗରିବର ଭେଦଭାବ ନଥିଲା । ଅଲଗା ଅଲଗା ବାତାବରଣରୁ ଆସିଥିବା ପିଲାଙ୍କ ସହ ସେ ବେଶ୍ ସାବଧାନତାର ସହ ବ୍ୟବହାର କରୁଥିଲେ । ଧନୀ ପିଲାଙ୍କୁ ବହୁତ ବୁଝାଶୁଝା କରି ତାଙ୍କ ଅଭ୍ୟାସମାନ ଛଡ଼ାଉଥିଲେ । ସମସ୍ତଙ୍କ ପ୍ରତି ପୂର୍ଣ୍ଣ ସହାନୁଭୂତି ସହ ବ୍ୟବହାର କରିବା ସହିତ କାହା ଉପରେ ନିଜର ଭଲଗୁଣକୁ ଲଦି ନଦେବାର ଉଦାରତା ତାଙ୍କ ବ୍ୟକ୍ତିତ୍ୱର ବଡ଼ ବିଶେଷତା ଥିଲା । ଏସବୁ ଭିତରେ ନିଜ ବ୍ୟକ୍ତିତ୍ୱ ଉପରେ କୌଣସି ଆଞ୍ଚ ଆସିବାକୁ ସେ ଦେଉନଥିଲେ । ଏଭଳି ବିଶେଷତା ଗାନ୍ଧିଜୀଙ୍କ ବ୍ୟତୀତ ବହୁତ କମ୍ ଲୋକଙ୍କ ପାଖରେ ଦେଖାଯାଏ ।

ଗିଜୁଭାଇଙ୍କର ଅଧ୍ୟୟନ ଅତି ଗଭୀର ଓ ବ୍ୟାପକ ଥିଲା । ସେ କୌଣସି ଅପରିବର୍ତ୍ତନୀୟ ବିଚାର ବା ମତବାଦ ଭିତରେ ନିଜକୁ ବାନ୍ଧି ରଖିନଥିଲେ । ଉପଯୁକ୍ତ ବିଚାର ବିମର୍ଷ ପରେ ସେ ଖୋଲା ମନରେ ନୂଆ କଥା ସବୁ ଗ୍ରହଣ କରୁଥିଲେ । ଆଦର୍ଶ ପ୍ରତି ପ୍ରଗାଢ଼ ଅନୁରକ୍ତି, ଧନସମ୍ପତ୍ତି ପ୍ରତି ନିର୍ଲିପ୍ତତା, ସ୍ୱତନ୍ତ୍ର ବିଚାରଧାରା ସହିତ ଶିକ୍ଷାରେ ଲାଗି ରହିବା ଆଦି ତାଙ୍କର ବିଶିଷ୍ଟ ଗୁଣମାନ ଥିଲା ।

# ଗିଜୁଭାଇଙ୍କ ଶିକ୍ଷା ଦର୍ଶନ

## ପୃଷ୍ଠଭୂମି, ଅନୁଭୂତି ଓ ଅବଦାନ

ନିଜର ଅନୁଭବ ତଥା ଶିକ୍ଷା ସମ୍ବନ୍ଧୀୟ ବ୍ୟାପକ ଅଧ୍ୟୟନରୁ ଆସିଥିବା ଏବଂ ଶିକ୍ଷା କ୍ଷେତ୍ରରେ ସାଧାରଣ ଭାବରେ ଗ୍ରହଣଯୋଗ୍ୟ ହୋଇଥିବା ଗିଜୁଭାଇଙ୍କର ବିଚାରଧାରା ସଂକ୍ଷେପରେ ହେଉଛି:

୧. ପିଲାଙ୍କ ବ୍ୟକ୍ତିତ୍ୱକୁ ସମ୍ମାନ ଦେବା

୨. ଶିଖାଇବା ଅପେକ୍ଷା ପିଲା ନିଜେ ଶିଖିବା ଉପରେ ବେଶୀ ଜୋର ଦେବା

୩. ପିଲାମାନେ ତାଙ୍କ କାର୍ଯ୍ୟ ମାଧ୍ୟମରେ ବିଭିନ୍ନ ଅନୁଭବ ହାସଲ କରନ୍ତି ଏବଂ ସେହି ଅନୁଭୂତିରୁ ସେମାନଙ୍କର ମନ, ବୁଦ୍ଧି ଓ ଶରୀରର ବିକାଶ କରାଇବା

୪. ଶିକ୍ଷା କ୍ଷେତ୍ରରେ ପିଲାମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବା ସହିତ ତାଙ୍କ ସୃଜନଶୀଳତାକୁ ମଧ୍ୟ ଉତ୍ସାହିତ କରିବା

୫. ପିଲାଙ୍କ ପ୍ରତି ବ୍ୟବହାରରେ ଶିକ୍ଷକ ତଥା ଅଭିଭାବକଙ୍କର ଏକ ମନୋବୈଜ୍ଞାନିକ ଦୃଷ୍ଟିକୋଣ ସୃଷ୍ଟି କରାଇବା

୬. ପିଲାଙ୍କର ଆବଶ୍ୟକତା ଅନୁସାରେ ଶିକ୍ଷାପ୍ରଣାଳୀ ବାଛିବା ହିଁ ପିଲାଙ୍କ ବିକାଶ ଦିଗରେ ପ୍ରାଥମିକ ସର୍ତ୍ତ ରଖିବା

ପିଲାଙ୍କ ପ୍ରତି ଗଭୀର ଶ୍ରଦ୍ଧା ହିଁ ଗିଜୁଭାଇଙ୍କର ଜୀବନ ଦର୍ଶନକୁ ରୂପ ଦେଇଥିଲା । ପିଲାଙ୍କ ଜୀବନକୁ ସରସ ସୁନ୍ଦର କରି

ଗଢ଼ିତୋଳିବା ପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତାକୁ ସେ ବୁଝୁଥିଲେ । ସେ ସମୟର ସମାଜର ପରିସ୍ଥିତିକୁ ଚାହିଁ ଶିକ୍ଷା ବ୍ୟବସ୍ଥାକୁ ଉପଯୁକ୍ତ ରୂପ ଦେବା ପାଇଁ ସେ ଦେଶବିଦେଶର ଶିକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ଶିକ୍ଷାବିତ୍‌ଙ୍କର ଚିନ୍ତାଧାରା ସହ ନିଜକୁ ପରିଚିତ କରାଇଥିଲେ । ବାସ୍ତବ ପ୍ରୟୋଗ ଜରିଆରେ କିଛି ବିଚାରଧାରାର ଉପଯୋଗିତା ମଧ୍ୟ ସେ ପରୀକ୍ଷା କରିଥିଲେ । ନିଜର ଗଭୀର ଅନୁଭୂତି ଏବଂ ବ୍ୟାପକ ଅଧ୍ୟୟନରୁ ତାଙ୍କର ଶିକ୍ଷା ଦର୍ଶନ ରୂପ ନେଇଥିଲା ।

## ପୃଷ୍ଠଭୂମି

ଗିଜୁଭାଇଙ୍କର ବିଚାର ଓ ଶିକ୍ଷାର ଧାରାକୁ ବୁଝିବାକୁ ହେଲେ ସେ ସମୟରେ ଶିକ୍ଷାର ପରିସ୍ଥିତି ବିଷୟରେ ପ୍ରଥମେ କିଛି ଜାଣିବା ଦରକାର । ଏହି ସମୟଟି ଥିଲା ବିଂଶ ଶତାବ୍ଦୀର ପ୍ରଥମ ଦଶକ । ଗୋଟିଏ ଦିଗରେ ଭାରତରେ ସ୍ୱାଧୀନତା ଚିନ୍ତା ମୁଣ୍ଡ ଟେକିଥାଏ । ଅନ୍ୟ ଦିଗରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ମଧ୍ୟ ବଢ଼ୁଥାଏ । ଦେଶର ଭବିଷ୍ୟତ ବିକାଶ ଆମର ପରମ୍ପରାକୁ ଆଧାର କରିବ ବା ପାଶ୍ଚାତ୍ୟ ଧାରାକୁ ଆଦରିବ ସେ ବିଷୟରେ ବିତର୍କ ଉଠୁଥାଏ । ଶିକ୍ଷା କ୍ଷେତ୍ର ମଧ୍ୟ ଏହି ବିତର୍କ ଭିତରକୁ ଆସୁଥିଲା ଏବଂ ସମାଧାନର ବାଟ ପାଇବା ପାଇଁ ବିଭିନ୍ନ ପରୀକ୍ଷା ଚାଲୁଥିଲା ।

### *ଇଉରୋପର ଶିକ୍ଷା ବ୍ୟବସ୍ଥା*

୧୮୦୦ ମସିହା ବେଳକୁ ଇଉରୋପରେ ବ୍ୟକ୍ତି ସ୍ୱାଧୀନତା ସହିତ ପଛୁଆ ବର୍ଗର ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟକ୍ରମମାନ ଚାଲୁଥିଲା । ସେଠାରେ ପ୍ରଗତିଶୀଳ ଶିକ୍ଷାଧାରାର ଦୁଇଟି ପ୍ରାଧାନ୍ୟ ରହିଥିଲା:

● ପିଲାମାନଙ୍କୁ ବିନା ଦଣ୍ଡରେ ଶିକ୍ଷା ଦେବା, ଏବଂ

● ସେମାନଙ୍କର ଇଚ୍ଛା ଓ ଆବଶ୍ୟକତାକୁ ଚାହିଁ ଶିକ୍ଷା ଦେବା ।

ବିଂଶ ଶତାବ୍ଦୀର ଆରମ୍ଭରେ ସେଠାରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନୂଆ ନୂଆ ଶିକ୍ଷା ପ୍ରୟୋଗମାନ ଚାଲି ପାରୁଥିଲା । ଗୋଟିଏ ପଟେ ରୁଷୋ, ହର୍ବାଟ, ପେଷ୍ଟୋଲୋଜି ଏବଂ ଫ୍ରୋବେଲ ପିଲାଙ୍କ ପାଇଁ ନୂତନ ଶିକ୍ଷା ପଦ୍ଧତିମାନ ପ୍ରସ୍ତୁତ କରୁଥିଲେ । ଆଉ ଅନ୍ୟ ପଟେ ଇଟାର୍ଡ ଓ ସେଗୁଇନଙ୍କ ଧାରାରେ ରୋମ ନଗରୀର ଗରିବ ବସ୍ତିରେ ମାରିଆ ମଣ୍ଟେସୋରୀ ତାଙ୍କର ନୂତନ ପଦ୍ଧତି ବାହାର କରିଥିଲେ । ମଣ୍ଟେସୋରୀଙ୍କର ଶିକ୍ଷା ପଦ୍ଧତି କେବଳ ପ୍ରାଥମିକ ସ୍ତରରେ ନୁହେଁ, ମାଧ୍ୟମିକ ସ୍ତରରେ ମଧ୍ୟ ବ୍ୟବହୃତ ହେବା ପାଇଁ ଉପଯୋଗୀ ଥିଲା । ମହର୍ଷି ଟଲଷ୍ଟୟ ମଧ୍ୟ ଶିକ୍ଷା ଦିଗରେ ତାଙ୍କର ବିଚାରଧାରା ପ୍ରୟୋଗ କରୁଥିଲେ । ଦାର୍ଶନିକ ତଥା ଶିକ୍ଷାବିତ ଜନ ଡ୍ୟୁଇ ମଧ୍ୟ ନୂତନ ବିଚାରଧାରାର ଶିକ୍ଷା ପଦ୍ଧତି ବାହାର କରି ଏ ଦିଗରେ ପଥ ପ୍ରଦର୍ଶନ କରିଥିଲେ ।

*ଭାରତରେ ଶିକ୍ଷା*

ପରାଧୀନ ଭାରତରେ ଶିକ୍ଷାର ଅବସ୍ଥା ଖୁବ ସଙ୍କଟାପନ୍ନ ଥିଲା । ଶିକ୍ଷକମାନଙ୍କର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଥିଲା । ଶିକ୍ଷାର ଉନ୍ନତି ଦିଗରେ କୌଣସି କାର୍ଯ୍ୟକ୍ରମ ଚାଲୁନଥିଲା । ଭାରତୀୟମାନେ ମଧ୍ୟ ନିଜକୁ ବେଶ୍ ସୀମିତ କରି ରଖିଥିଲେ । ଶିକ୍ଷା ପାଇଁ ବିଦେଶ ଗଲାବେଳେ ଏହି ସୀମିତ ମନୋଭାବ ପାଇଁ ଗାନ୍ଧିଜୀଙ୍କୁ ଅନେକ ଅସୁବିଧା ସହିବାକୁ ପଡ଼ିଥିଲା । ନାରୀଶିକ୍ଷାକୁ ଅଦରକାରୀ ମନେ କରାଯାଉଥିଲା । ସେହି ସମୟରେ ଗୋଖଲେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଉପରେ ଖୁବ୍ ଜୋର ଦେଇଥିଲେ । କିନ୍ତୁ ଆମ

ଦେଶର ଲୋକଙ୍କର ଏ ଦିଗରେ କୌଣସି ଆଗ୍ରହ ନଥିଲା । ଏଭଳି ପରିସ୍ଥିତିରେ ନୂଆ ଶିକ୍ଷାପଦ୍ଧତି ପ୍ରଚଳନର ସମ୍ଭାବନା ହିଁ ନଥିଲା ।

ସେତେବେଳେ ସମସ୍ତଙ୍କର ଧାରଣା ଥିଲା ଯେ ପିଲାମାନେ କଞ୍ଚାମାଟିର ଗୁଳା ଭଳି । ଆମେ ସେମାନଙ୍କୁ ଯେଭଳି ରୂପ ଦେବାକୁ ଚାହିଁବା ସେଭଳି ଶିକ୍ଷା ଦେବା । ଏଥିପାଇଁ କିଛି ଅଧିକ ଚିନ୍ତାର ଆବଶ୍ୟକତା ନାହିଁ । ଲୋକମାନଙ୍କର ଏଭଳି ମଧ୍ୟ ଧାରଣା ଥିଲା ଯେ ଛୋଟ ପିଲାମାନେ କିଛି ବି ବୁଝିପାରନ୍ତି ନାହିଁ । ବିବେକ ବୋଲି ସେମାନଙ୍କର କିଛି ନଥାଏ । କେଉଁଥିରେ ତା'ର ମଙ୍ଗଳ ହେବ ସେକଥା ସେ ଜାଣିପାରେ ନାହିଁ । ତା'ର ଭଲ ପାଇଁ ଆମେ ହିଁ ତାକୁ ଗାଳି ମାଡ଼ ଦେଇ ଯାହା ଦରକାର ତାହା ଶିଖାଇବା ।

ଶିକ୍ଷା ସହିତ ଖୁସି ହେବାର ସମ୍ପର୍କ ବିଲେଇ-ମୂଷାର ସମ୍ପର୍କ ଭଳି ଥିଲା । ପାଠକୁ ସେତେବେଳେ ଘୋଷି ମନେ ରଖିବା ହିଁ ପାଠ ପଢ଼ାର ଏକମାତ୍ର ଧାରା ଥିଲା । ଶିକ୍ଷା କ୍ଷେତ୍ରରେ ପିଲାର ରୁଚି, ତା'ର କିଛି ସିଦ୍ଧାନ୍ତ ବା ଅନୁଭବ, ନିଜକୁ ପ୍ରକାଶ କରିବାର ଇଚ୍ଛା, ସ୍ୱାଧୀନତା ଆଦିର କୌଣସି ସ୍ଥାନ ନଥିଲା । ତେବେ ଗୁରୁକୁଳ ଆଶ୍ରମର ଶିକ୍ଷା ପଦ୍ଧତି ଏ ଦିଗରେ କିଛି ବାଟ ଦେଖାଇଥିଲା । ହରିଦ୍ୱାରର ସ୍ୱାମୀ ଶ୍ରଦ୍ଧାନନ୍ଦ ତାଙ୍କ ଶିକ୍ଷା ବ୍ୟବସ୍ଥାରେ ରାଷ୍ଟ୍ରୀୟତା, ଭାରତୀୟ ସଂସ୍କୃତି, ସଂସ୍କୃତ ଭାଷା, ଶାରୀରିକ ବିକାଶ ଆଦି ବିଷୟକୁ ସ୍ଥାନ ଦେଇଥିଲେ । ଶାନ୍ତି ନିକେତନରେ ଆଧ୍ୟାତ୍ମିକତା, ଖୁସିରେ ଶିଖିବା ଆଦି ନୂଆ ନୂଆ କଥା ସବୁ ସ୍ଥାନ ପାଇଥିଲା । ସେମାନେ ସେଠାରେ ଅନ୍ତର୍ଜାତୀୟ ସଦଭାବ ଶିକ୍ଷା ଦେବାରେ ମଧ୍ୟ ଗୁରୁତ୍ୱ ଦେଉଥିଲେ । ମାଡ୍ରାସର ଗୋଟିଏ ସଂସ୍ଥାରେ ମଧ୍ୟ ନୂତନ ଶିକ୍ଷା ପ୍ରୟୋଗ କରା ଯାଉଥିଲା ।

ଧୀରେ ଧୀରେ ଜନ ସଚେତନତା ବଢ଼ିଲା ଓ ଭାରତୀୟମାନେ

ମଧ୍ୟ ଆଉ କାହାକୁ ଅନୁକରଣ କରିବା ବଦଳରେ ନିଜ ଦେଶର ଆବଶ୍ୟକତା ଅନୁଯାୟୀ ଶିକ୍ଷା ପଦ୍ଧତିର ପ୍ରଚଳନ ହେବା ଉଚିତ ବୋଲି ଅନୁଭବ କରିପାରିଲେ ।

*ଗୁଜୁରାଟରେ ଶିକ୍ଷା*

ଗୁଜୁରାଟରେ ପ୍ରଥମେ କେବଳ ସରକାରୀ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ଥିଲା । ପରେ ବେସରକାରୀ ଉଦ୍ୟମରେ କିଛି ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟ ଚାଲିଲା । ମହାରାଜ ଗାଏକୱାଡ଼ ବିଦେଶରୁ ବହି ମଗାଇ ଲୋକଙ୍କ ଭିତରେ ନୂଆ ବିଚାରଧାରା ସୃଷ୍ଟି ପାଇଁ ଚେଷ୍ଟା କରୁଥିଲେ । ଗୋପାଳଦାସ ତାଙ୍କ ଗାଁର ପିଲାଙ୍କୁ ମଣ୍ଟେସୋରୀ ପଦ୍ଧତିରେ ପଢ଼ାଇବାର ବ୍ୟବସ୍ଥା କରିଥିଲେ । ମଣ୍ଟେସୋରୀ ପଦ୍ଧତିର ଅନେକ ବହି ସେ ଗୁଜୁରାଟି ଭାଷାରେ ଅନୁବାଦ କରିଥିଲେ । କେତେ ଜାଗାରେ କିଣ୍ଡରଗାର୍ଟେନ ଶିକ୍ଷା ବ୍ୟବସ୍ଥା ମଧ୍ୟ ଚଳାଯାଉଥିଲା ।

## ଗିଜୁଭାଇଙ୍କ ଅନୁଭୂତି

ଶିକ୍ଷା ଦିଗରେ କାମ କରିବାରେ ଆଗ୍ରହୀ ଗିଜୁଭାଇ ସେ ସମୟର ଓ ନିଜର ପାଖ ଅଞ୍ଚଳର ପରିସ୍ଥିତିକୁ ଅନୁଧ୍ୟାନ କରିବା ସହିତ କର୍ମୀ ସୃଷ୍ଟି କରିବା ଦିଗରେ ମଧ୍ୟ ଧ୍ୟାନ ଦେଉଥିଲେ । ଏଥିପାଇଁ ଏବଂ ଅନ୍ୟମାନଙ୍କ ପ୍ରତିକ୍ରିୟା ସାହାଯ୍ୟରେ ନିଜର ଚିନ୍ତନକୁ ପାକଳ କରିବା ପାଇଁ ସେ ଲେଖାଲେଖି ଉପରେ ବେଶ୍ ଜୋର ଦେଉଥିଲେ । ତାତ୍ତ୍ୱିକ ବିଶ୍ଳେଷଣ ସହିତ ବାସ୍ତବ ଅବସ୍ଥାକୁ ଲକ୍ଷ୍ୟ କରି ପ୍ରତିକାର ଖୋଜିବା ତାଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ପରିପ୍ରେକ୍ଷୀରେ ତଳେ ରହିଥିବା ତାଙ୍କର କିଛି ବର୍ଣ୍ଣନା ତାଙ୍କ ଚିନ୍ତାଧାରାର ଭିତ୍ତିଭୂମି ବିଷୟରେ ଧାରଣା ଦିଏ ।

## ପ୍ରାଥମିକ ବିଦ୍ୟାଳୟରେ ଅନୁଭୂତି

"କିଛି ମାସ ତଳେ ମୁଁ ଗୋଟିଏ ଗାଁରେ ଯାଇ ପହଞ୍ଚିଲି । ଗୋଟିଏ ଛୋଟ କୋଠରୀରେ ଶିକ୍ଷକ କୋଲି ଜାତିର କିଛି ପିଲାଙ୍କୁ ପାଠ ପଢ଼ାଉଥିଲେ । ସେ ପିଲାଙ୍କୁ କେବଳ ଗାଳି ଦେଉଥିଲେ ଓ ହାତରେ ବିଡ଼ି ଓ ଜର୍ଦା ଧରିଥିଲେ । ଗାଳି ଦେଇ ଦେଇ ଓ ବିଡ଼ି ଫୁଙ୍କି ଫୁଙ୍କି ସେ ପିଲାଙ୍କୁ ସଂଖ୍ୟା ଗଣିବା ଶିଖାଉଥିଲେ ।"

"ପଚାରିବାରୁ ଜଣାଗଲା ଯେ ଶିକ୍ଷକ ଜଣକ ସେଠାରୁ ପ୍ରାୟ କୋଶେ ଦୂରରୁ ପଢ଼ାଇବାକୁ ଆସନ୍ତି । ଗାଁରେ ପହଞ୍ଚି ପ୍ରଥମେ ଅଟା ମାଗନ୍ତି । ତା'ପରେ ବିଦ୍ୟାଳୟ ପାଖର ହୋଟେଲ ଚଳାନ୍ତି ଓ ପରେ ପାଠ ପଢ଼ାନ୍ତି । ଘରେ ସ୍ତ୍ରୀ ପିଲାଙ୍କର ଭରଣ ପୋଷଣ ପାଇଁ ତାଙ୍କୁ ଏଭଳି ଦୟନୀୟ ଜୀବନ ବିତାଇବାକୁ ପଡ଼େ । ତାଙ୍କ ଅବସ୍ଥା ଦେଖିଲି । ତାଙ୍କର ପଢ଼ାଇବାର ଢଙ୍ଗ ମଧ୍ୟ ଦେଖିଲି । ମାସକୁ ଅଣାଏ ଲେଖାଏଁ ପଇସା ଓ ପ୍ରତିଦିନ କିଛି ଅଟା ମାଗି ବଞ୍ଚିବାର ସଂଘର୍ଷ ଦେଖି ମୁଁ ସ୍ତବ୍ଧ ହୋଇଗଲି ଓ ଅତି ଦୁଃଖରେ ଫେରିଲି ।"

## ବାଲଶାଳାର ଅବସ୍ଥା

"ଏବେ ଆମର ପିଲାଙ୍କ ବିଦ୍ୟାଳୟର ଅବସ୍ଥା କେତେ ଖରାପ ତାହା ଆପଣମାନେ ଜାଣିଛନ୍ତି । କୋଠରୀରେ ଆଲୁଅ ଓ ପବନ ଯିବା ପାଇଁ ବ୍ୟବସ୍ଥା ନାହିଁ । ଶିକ୍ଷକଙ୍କୁ କେବଳ ପେଟ ପୂରିବା ଭଳି ଅଳ୍ପ ଦରମା ମିଳୁଛି । ବିଦ୍ୟାଳୟରେ ପଢ଼ା ଯାଉଥିବା ପାଠର ବିଷୟବସ୍ତୁ, ଶିକ୍ଷଣ ପଦ୍ଧତି ଆଦି ଉପରେ ଏମାନଙ୍କର ଚିନ୍ତାଧାରା ଅତି ସଂକୀର୍ଣ୍ଣ । ସମାଜରେ ବି ଏମାନଙ୍କ ସ୍ଥାନ ବହୁତ ତଳେ ।

ବାଲଶାଳାର ପିଲାମାନେ ବି ଭୟ, ଆଶଙ୍କାରେ ଦବି ରହିଛନ୍ତି ।

ସେମାନେ ମଇଳା, ନିର୍ଜୀବ ମଣିଷ ରୂପରେ ଚେତନାହୀନ ପ୍ରାଣୀ ଭଳି ମନେ ହେଉଛନ୍ତି । ବିଦ୍ୟାଳୟ ପାଖ ଦେଇ ଗଲାବେଳେ ଗାଁର ପଂକ୍ତି ଭୋଜନ ଭଳି ଘୋ'ଘା' ଶୁଭୁଥିବ । ବିଦ୍ୟାଳୟ ଭିତରେ ହୃଦୟହୀନ, ପ୍ରେମହୀନ ଶିକ୍ଷକ ପିଲାଙ୍କ ସ୍ୱାଭାବିକ କୁତୂହଳକୁ ମାରିବା ଭଳି ଶିକ୍ଷା ଦେଉଥିବାର ଦେଖାଯିବ । ଚାରିଆଡ଼କୁ ନଜର ପକାଇଲେ ସଂସ୍କୃତିର ନାଁ ଗନ୍ଧ ହିଁ ମିଳିବନାହିଁ । ଗୋଟେ ଦିଇଟା କଳାପଟା, ଖଣ୍ଡେ ଦିଖଣ୍ଡ ଚକ୍ ଟୁକୁଡ଼ା, ବାଡ଼ି ଏବଂ ଘଣ୍ଟି ହେଉଛି ଏହାର ସାଧନ । ପିଲାମାନେ ଧାଡ଼ି ଧାଡ଼ି ହୋଇ ବସି କିଛି ନା କିଛି କରୁଥା'ନ୍ତି । ଆମର ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଏହିଭଳି ।"

## ଦଣ୍ଡ ଦେବାର ବିଧି

"ଶିକ୍ଷକ ବିଭିନ୍ନ ପ୍ରକାରର ଦଣ୍ଡ ଦିଅନ୍ତି । ବାଡ଼ିରେ ମାରିବା ତ ସାଧାରଣ କଥା । ଶାନ୍ତ ପିଲାଙ୍କୁ ଏକଗୋଡ଼ିକିଆ ଠିଆ କରାଯାଏ । ହାତରେ ଗୋଟିଏ ଗୋଟିଏ ଇଟା ଧରେଇ ଦିଆ ଯାଉଥିଲା କିମ୍ବା ହାତକୁ ଦୁଇ ଆଡ଼କୁ ଲମ୍ବେଇ ରଖିବାକୁ କୁହା ଯାଉଥିଲା । ଦୁଷ୍ଟ ପିଲାଙ୍କ ହାତ ଧରି ବେକ ବା ପିଠିରେ ବେତରେ ବହୁତ ମରା ଯାଉଥିଲା । ପିଲା ହଲିଗଲେ ମାଡ଼ ଆହୁରି ଜୋର ହେଉଥିଲା । ଅତି ଦୁଷ୍ଟ ପିଲାଙ୍କୁ ମୁଣ୍ଡ ତଳକୁ କରି ଝୁଲାଇ ଦିଆ ଯାଉଥିଲା । ଧମକ ଦିଆ ଯାଉଥିଲା, 'ଓଲଟା ଟାଙ୍ଗି, ତଳେ ନିଆଁ ଲଗେଇ, ଉପରେ ବାଡ଼ିରେ ପିଟି ଦେବି ।' କଲିକତା ରିଭ୍ୟୁ ପତ୍ରିକାରେ ଥରେ ପଢ଼ିଥିଲି ଯେ ପିଲାକୁ ଗୋଟିଏ ବିଲେଇ ସହ ଅଖାରେ ପୁରେଇ ଗଡ଼େଇ ଦିଆ ଯାଉଥିଲା । କାଠିଆୱାଡ଼ ଅଞ୍ଚଳରେ କାଠର ଗୋଟିଏ ବେଡ଼ି ବା ଯନ୍ତା ରଖା ଯାଉଥିଲା । ପିଲାର ଗୋଡ଼କୁ ଯନ୍ତାରେ ପୁରାଇ ଜୋରରେ ବାନ୍ଧି ଦିଆ ଯାଉଥିଲା । ଛୁଟି ପରେ ଡେରିରେ ପିଲାକୁ ଛାଡ଼ିବା, ତାକୁ ଠିଆ କରାଇ ରଖିବା ଆଦି ସାଧାରଣ ଦଣ୍ଡ ଥିଲା ।"

## ପିଲାଦିନର କିଛି ସ୍ମୃତି

"ସାତ ବର୍ଷର ହେଲା ବେଳକୁ ମତେ ବିଦ୍ୟାଳୟକୁ ପଠାଗଲା । ମତେ ସେଠାକୁ ଯିବା ପାଇଁ ମୋଟେ ଭଲ ଲାଗୁନଥିଲା । ତେଣୁ ବିଦ୍ୟାଳୟ ଯିବା ମୁଁ ବାରମ୍ବାର ବନ୍ଦ କରି ଦେଉଥିଲି । ସେତେବେଳେ ଜୋର ଜବରଦସ୍ତ କରି କିମ୍ବା ମାଡ଼ ମାରି ମତେ ପଠା ଯାଉଥିଲା । ଦିନେ ବାପା ମୋ ଉପରେ ବହୁତ ରାଗିଗଲେ । ଗୋଟିଏ ନିମ ଡାଳରେ ମତେ ବହୁତ ପିଟିଲେ । ମୋର ଦେହସାରା ଦାଗ ପଡ଼ିଗଲା । ସେଦିନ ପରଠାରୁ ମୁଁ ଆଉ କେବେ ମାଡ଼ ଖାଇନାହିଁ ।"

"ଶିକ୍ଷକ ଆମକୁ ସିଲଟରେ ସଂଖ୍ୟା ଲେଖି ଦେଉଥିଲେ ଓ ଆମେ ତା' ଉପରେ ମଡ଼ାଉଥିଲୁ । ଘଷି ଘଷି ଅକ୍ଷର ସବୁ ତୁଳା ମେଞ୍ଚା ଭଳି କିମ୍ବା ପାଣିରେ ପଡ଼ି ଫୁଲି ଯାଇଥିବା ମଲା ମୂଷା ଭଳି ମୋଟା ହୋଇ ଯାଉଥିଲେ । ଏଭଳି ମଡ଼େଇବା ଦ୍ୱାରା ଅକ୍ଷର ଖରାପ ହେଉଥିଲା କି ଲେଖା ବାଗରେ ପଡ଼ୁଥିଲା କିଏ ଜାଣେ । ଯାହା ବି ହେଉ, ଦୁଇ ତିନି ବର୍ଷ ଯାଏଁ ଏମିତି ମଡ଼େଇବାକୁ ହେଉଥିଲା ।"

"ଭୂଗୋଳ ପଢ଼ା ମୋର ଏବେ ବି ମନେଅଛି । କାଗଜର ଲମ୍ବା ପତଳା ନଳୀ ନେଇ ମାନଚିତ୍ରରେ କେଉଁ ସହର କେଉଁଠି, କେଉଁ ନଦୀ କେଉଁଠି, କେଉଁ ପର୍ବତ କେଉଁଠି ତାହା ଘୋଷୁଥିଲୁ । କଲିକତା ସହର ଉପରେ ନଳୀକୁ ରଖି 'କଲିକତା' 'କଲିକତା' ଘୋଷୁଥିଲୁ ।"

"ଇତିହାସ ପଢ଼ା ବି ଭୁଲି ହେବନାହିଁ । କୌଣସି ସମ୍ପର୍କ ନଥାଇ ଗୁଡ଼ାଏ ନାଁ ଓ ଘଟଣା ମନେ ରଖିବାକୁ ହେଉଥିଲା । ରୋମର ଇତିହାସ ପଢ଼ିବା ଯାଏଁ ମୋର ଧାରଣା ଥିଲା ଯେ ଇତିହାସ ହେଉଛି କେବଳ ଅନେକଗୁଡ଼ିଏ ବର୍ଷର ଘଟଣାଚକ୍ର ।"

"ଆମ ସମୟରେ ଶିକ୍ଷକମାନେ ଆରାମରେ ଥିଲେ । ପଢ଼ାଇବାକୁ

ଥିବା ବିଷୟବସ୍ତୁକୁ ସେମାନେ ଅଳ୍ପ ଟିକିଏ ଦେଖିଦେଇ ଆସୁଥିଲେ । ବିଦ୍ୟାଳୟରେ ଆସି କହୁଥିଲେ, 'ଏ ପିଲା, କବିତା ଆବୃତ୍ତି କରିଲୁ ।' ଯଦି କବିତାର ଭାବାର୍ଥ ଶିକ୍ଷକଙ୍କୁ ଆସୁନଥିଲା, ତେବେ କାହିଁକି ମନେ ରଖିନାହୁଁ କହି ପିଟିବାରେ ଲାଗୁଥିଲେ ।"

"ଶିକ୍ଷକଙ୍କୁ ଆମେ ବହୁତ ଡରୁଥିଲୁ । ଖେଳିଲା ବେଳେ ଆମେ ଏତେ ସାବଧାନ ହୋଇ ଖେଳୁଥିଲୁ ଯେ ଶିକ୍ଷକଙ୍କ ନଜରରେ ପଡୁନଥିଲୁ । ବାଧ୍ୟ ନହେଲେ ଆମେ ସାମନାକୁ ଆସୁନଥିଲୁ ।" "ଶିକ୍ଷକ ଓ ଆମ ଭିତରେ ସିଧାସଳଖ କୌଣସି ସମ୍ପର୍କ ନଥିଲା । ସେ ଆମ ପାଇଁ ବାଘ ଓ ଆମେ ତାଙ୍କ ପାଇଁ ମାଛି ଥିଲୁ । ସେ ଆମ ଘରକୁ ଆସୁନଥିଲେ । ତେଣୁ ଆମର ବି ତାଙ୍କ ଘରକୁ ଯାଉନଥିଲୁ ।"

"ଠାଏ ଠାଏ କିନ୍ତୁ ପୁରୁଣା କାଳର ଶିକ୍ଷା ପଦ୍ଧତିର କେତେକ ବିଶେଷତା ବି ଦେଖିବାକୁ ମିଳୁଥିଲା । ସମାଜରେ ଶିକ୍ଷକଙ୍କ ସ୍ଥାନ ବେଶ୍ ସମ୍ମାନଜନକ ଥିଲା । ପିଲା ଓ ଶିକ୍ଷକଙ୍କ ଭିତରେ ଘନିଷ୍ଠ ସମ୍ପର୍କ ଥିଲା । ଏବେ ଏସବୁ ବିଶେଷତା ଧୀରେ ଧୀରେ ହଜିବାରେ ଲାଗିଛି । ଶିକ୍ଷାରେ ପୁରସ୍କାର, ପ୍ରତିଯୋଗିତା ଏବଂ ପରୀକ୍ଷା ଉପରେ ଜୋର ବଢ଼ିଚାଲୁଛି । ଗାଁର ପୁରୁଣାକାଳିଆ ବିଦ୍ୟାଳୟର ବିଶେଷତା ଏବଂ କାର୍ଯ୍ୟକ୍ରମକୁ ବୁଝି ସେଥିରେ ଥିବା ଭଲ କଥାଗୁଡ଼ିକୁ ନୂଆ ବିଦ୍ୟାଳୟରେ ପ୍ରୟୋଗ କରାଯାଇ ପାରିଲେ ଭଲ ହୁଅନ୍ତା ।"

## ଅନୁଭୂତିରୁ ମୁକ୍ତିର ବାଟ

ଗିଜୁଭାଇଙ୍କର ଏଭଳି ସ୍ମୃତି ସହ ଦକ୍ଷିଣାମୂର୍ତ୍ତି ବାଲମନ୍ଦିରର କାର୍ଯ୍ୟକ୍ରମକୁ ତୁଳନା କଲେ ଜଣାଯିବ ଯେ ପିଲାଦିନେ ସେ ନିଜେ ଯାହା ସବୁ ଅସୁବିଧା ଭୋଗିଥିଲେ ଏବଂ ପରେ ଦେଖିଥିଲେ ସେସବୁକୁ ଦୂର କରିବା ହିଁ ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା । ମାତ୍ର,

ଭୟ, ଆତଙ୍କର ପରିବେଶରୁ କୋମଳମତି ପିଲାଙ୍କୁ ସେ ଉଦ୍ଧାର କରିଥିଲେ । ତା' ସହିତ ପ୍ରତିଭାର ବିକାଶ ପାଇଁ ପ୍ରେମ, ଆନନ୍ଦ ଏବଂ ସ୍ୱତନ୍ତ୍ରତାର ଏକ ସୁନ୍ଦର ବାତାବରଣ ସୃଷ୍ଟି କରିଥିଲେ ।

ଥରେ ଗୋଟିଏ ପ୍ରତିଛବି ତାଙ୍କ ମନରେ କିଛି ବିଶେଷ ପ୍ରତିକ୍ରିୟା ଆଣିଥିଲା । ତା'ର ବର୍ଣ୍ଣନା କରି ସେ ଲେଖିଥିଲେ, "କେତେ ବର୍ଷ ଆଗରୁ ଦେଖିଥିବା ଛବିଟିଏ ଆଖି ଆଗରେ ନାଚୁଛି । ଲଣ୍ଡନର ଗୋଟିଏ ବ୍ୟୟବହୁଳ ଛକ ଉପରେ ପୋଲିସଟିଏ ଠିଆ ହୋଇଛି । ଚାରିଦିଗରୁ ଆସୁଥିବା ଗାଡ଼ିଗୁଡ଼ିକୁ ସେ ତା'ର ଦୁଇ ହାତରେ ଅଟକାଇ ଦେଉଥିଲା । ଗୋଟିଏ ଛୋଟ ପିଲା ତା'ର ସ୍ୱାଭାବିକ ଢଙ୍ଗରେ ରାସ୍ତାରେ ଏମୁଣ୍ଡରୁ ସେମୁଣ୍ଡକୁ ଚାଲିକରି ଯାଉଥିଲା । ଏ ଚିତ୍ରର କ'ଣ କିଛି ଅର୍ଥ ଅଛି ?"

ଚିତ୍ରର ବ୍ୟାଖ୍ୟା ସେ କିପରି କରିଥିଲେ ତାହା ଜଣାନାହିଁ । କିନ୍ତୁ ଗିଜୁଭାଇଙ୍କୁ ଜାଣିଥିବା ଲୋକମାନେ ଭାବନ୍ତି ଯେ ପୁଲିସବାଲା ଜାଗାରେ ଗିଜୁଭାଇଙ୍କୁ ରଖି ଚାରିଦିଗରୁ ଆସୁଥିବା ଗାଡ଼ିଗୁଡ଼ିକୁ ପିଲାଙ୍କ ବିକାଶ ଦିଗରେ ଆସୁଥିବା ବାଧା ବୋଲି ଧରିନେଲେ ଚିତ୍ରଟି ଗିଜୁଭାଇଙ୍କ କୃତିତ୍ୱର ଗୋଟିଏ ଜୀବନ୍ତ ଛବି ହୋଇଯିବ ।

## ଗିଜୁଭାଇଙ୍କ ଅବଦାନ

ବିଂଶ ଶତାବ୍ଦୀର ଆରମ୍ଭରେ ପରାଧୀନ ଭାରତରେ ଭାରତୀୟମାନେ ଖୁବ କଷ୍ଟରେ ରହୁଥିଲେ । ଏମିତି ଏକ ସମୟରେ ମହାତ୍ମା ଗାନ୍ଧୀ ଦେଶକୁ ସ୍ୱାଧୀନ କରିବା ପାଇଁ ସତ୍ୟ ଅହିଂସା ଓ ଆତ୍ମନିର୍ଭରଶୀଳତାର ରାସ୍ତା ଦେଖାଇଥିଲେ । ଗିଜୁଭାଇ ସେହି ରାସ୍ତାକୁ ଆପଣାଇ ଶିକ୍ଷା କ୍ଷେତ୍ରରେ ଗାନ୍ଧିଜୀଙ୍କ ନୀତିଗୁଡ଼ିକୁ ପିଲା ତଥା ଅଭିଭାବକମାନଙ୍କ

ପାଖରେ ପହଞ୍ଚାଉଥିଲେ । ଏଥିପାଇଁ ତାଙ୍କୁ ପିଲାମାନଙ୍କ ଗାନ୍ଧୀ କୁହା ଯାଉଥିଲା । ଶିକ୍ଷା କ୍ଷେତ୍ରରେ ଗିଜୁଭାଇଙ୍କ ବିଚାରଧାରା ମଧ୍ୟରେ ଗାନ୍ଧିଜୀଙ୍କର ଜୀବନ ଦର୍ଶନ ମିଶି ରହୁଥିଲା ।

ଗିଜୁଭାଇ କହୁଥିଲେ ଯେ ପିଲାଙ୍କୁ ବାଧ୍ୟ କରି କାମ କରାଇବା ଉଚିତ ନୁହେଁ । ବିନା ଦଣ୍ଡରେ ପିଲାମାନେ ଶିକ୍ଷା ପାଇଲେ ହିଁ ଦେଶରେ ହିଂସା, ଭୟ, ଅତ୍ୟାଚାର ରହିବ ନାହିଁ । ପିଲାଙ୍କୁ ଦଣ୍ଡ ଦେଇ ଆମେ କେବଳ ନିଜର ଧୈର୍ଯ୍ୟହୀନତାର ପରିଚୟ ଦିଏ ।

ଭାରତ ଓ ଗାନ୍ଧିଜୀଙ୍କଠାରୁ ଅନେକ ଦୂରରେ ରହି ଶିଶୁ ଓ ଶିକ୍ଷାପ୍ରେମୀ ମାରିଆ ମଣ୍ଟେସୋରୀ ମଧ୍ୟ ଗାନ୍ଧିଜୀଙ୍କ ଦର୍ଶନକୁ ସମର୍ଥନ କରୁଥିଲେ । ଗାନ୍ଧିଜୀ ଯେତେବେଳେ ମଣ୍ଟେସୋରୀଙ୍କୁ ଭେଟିଲେ ଓ କଥା ହେଲେ, ସେତେବେଳେ ଉଭୟଙ୍କର ସମାନ ବିଚାରଧାରାର ପ୍ରମାଣ ମିଳିଥିଲା । ଫଳରେ ତାଙ୍କର ଶିକ୍ଷା ପ୍ରଣାଳୀକୁ ଭାରତରେ ଚଳାଇବା ପାଇଁ ଗିଜୁଭାଇ ଆହୁରି ଉତ୍ସାହିତ ହେଲେ ।

ପିଲାଙ୍କ ପାଇଁ ଗିଜୁଭାଇଙ୍କର ଶିକ୍ଷା ଦର୍ଶନର ମୂଳରେ ଥିବା ଚିନ୍ତାଧାରାଗୁଡ଼ିକରୁ କିଛି ଥିଲା:

### *ପିଲାମାନଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ*

ପ୍ରତ୍ୟେକ ପିଲାର ଯେ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ରହିଛି ଏକଥା ଉପରେ ଗିଜୁଭାଇ ବିଶେଷ ଜୋର ଦେଉଥିଲେ । ବଡ଼ମାନେ ନିଜର ଇଚ୍ଛାକୁ ନିଜ ମନର ଠିକଭୁଲ ଧାରଣାକୁ ପିଲାମାନଙ୍କ ଉପରେ ଲଦି ଦେବାର ଭୟଙ୍କର ପରିଣାମ ବିଷୟରେ ଗିଜୁଭାଇ ସଚେତନ ଥିଲେ । ତାଙ୍କ ମତରେ ପିଲାଙ୍କୁ ସ୍ୱାଧୀନତା ଦେଲେ ପିଲାଙ୍କ ପ୍ରତି ଆମର ଦୃଷ୍ଟିକୋଣ ବଦଳିଯାଏ । ପିଲାଙ୍କର ବ୍ୟକ୍ତିତ୍ୱକୁ ଚିହ୍ନିପାରିଲେ ଆମେ ଅନୁଭବ କରିବା ଯେ ସେମାନଙ୍କୁ ଶିକ୍ଷା ଦେବା ବେଳେ

ଆମେ ନିଜେ ବି ଶିକ୍ଷିତ ହେଉଛୁ ଏବଂ ତାଙ୍କର ଭଲପାଇବା ଆମ ନିଜର ଆଗେଇବାରେ ସହାୟକ ହେଉଛି ।

*ପିଲାଙ୍କ ପ୍ରତି ସମ୍ମାନ*

ଗିଜୁଭାଇ ପିଲାମାନଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ । ସେଥିପାଇଁ ହିଁ ସେ ପିଲାମାନଙ୍କୁ ଭଲପାଇ ପାରୁଥିଲେ, ସେମାନଙ୍କୁ ବୁଝି ପାରୁଥିଲେ ଏବଂ ସେମାନଙ୍କର ବ୍ୟକ୍ତିତ୍ୱକୁ ଚିହ୍ନି ପାରୁଥିଲେ । ପିଲାମାନଙ୍କୁ ସେ କେବେ ବି ବଡ଼ ପାଟିରେ କଥା କହୁନଥିଲେ । ବାଲମନ୍ଦିରର ପିଲାଙ୍କ ପଢ଼ିବା ପାଇଁ ଶିଶୁ ସାହିତ୍ୟର ଆବଶ୍ୟକତା ପଡ଼ିବାରୁ ସେ ରାତି ରାତି ଅନିଦ୍ରା ହୋଇ ତାହା ସୃଷ୍ଟି କରିଥିଲେ ।

ପିଲାମାନଙ୍କର ବିକାଶ ସ୍ୱତଃ ଧୀରେ ହୁଏ । ଏଥିପାଇଁ ତାଙ୍କର ଏକ ସୁରକ୍ଷିତ ପରିବେଶ ମଧ୍ୟ ଦରକାର ହୁଏ । ମୂଳରୁ ସେମାନଙ୍କ ଭିତରେ କିଛି ଶକ୍ତି, ସାମର୍ଥ୍ୟ, ନିଜର ଇଚ୍ଛା, ପସନ୍ଦ ଏବଂ ବିବେକବୋଧ ମଧ୍ୟ ରହିଛି । ଆମେ ଏସବୁ ପ୍ରତି ଯଥେଷ୍ଟ ସମ୍ମାନ ଦେଇ ସେଗୁଡ଼ିକୁ ବିକଶିତ କରାଇବାରେ ସହଯୋଗୀ ହେବା ଉଚିତ ।

*ସ୍ୱାଧୀନତା ଓ ସ୍ୱାବଲମ୍ବନ*

ଗିଜୁଭାଇଙ୍କର ଶିକ୍ଷା ଦର୍ଶନରେ ଦ୍ୱିତୀୟ ମୁଖ୍ୟ ବିନ୍ଦୁ ହେଲା ସ୍ୱାଧୀନତା । ପିଲାଟିଏ ଜନ୍ମ ନେବା ପରଠାରୁ ସ୍ୱାଧୀନ ଭାବରେ ତା'ର କାର୍ଯ୍ୟ କରିବାକୁ ଇଚ୍ଛା କରିଥାଏ । ପିଲାଙ୍କର ବସିବା, ଚାଲିବା, କଥା କହିବା, ପଢ଼ିବା, ଲେଖି ଶିଖିବା ଓ ଅନ୍ୟକୁ ଶିଖାଇବା ଆଦି ସବୁ କାର୍ଯ୍ୟରେ ସେମାନଙ୍କର ସ୍ୱାଧୀନ ଇଚ୍ଛା ନିହିତ ଥାଏ ।

ଆମେ ବଡ଼ମାନେ କିନ୍ତୁ ପ୍ରାୟ ସବୁବେଳେ ପିଲାଙ୍କର ସ୍ୱାଧୀନତାକୁ ଏଡ଼ାଇ ଯାଇଥାଏ । ପିଲାଟିଏ ହାତରେ ଖାଇବାକୁ

ଇଚ୍ଛା କଲାବେଳେ ଆମେ ତାକୁ ବାଧ୍ୟ କରି ଖୁଆଇଦେଉ । ନିଜ ଇଚ୍ଛାରେ ପାଣି ପିଇବାକୁ ଚାହୁଁଥିଲା ବେଳେ ଆମେ ତା' ହାତ ନପାଇବା ଭଳି ଜାଗାରେ ପାଣି ରଖିଥାଉ । ନିଜ ପସନ୍ଦରେ ସେ ପୋଷାକ ପିନ୍ଧୁ (ବା ଫୁଙ୍ଗୁଳା ଦେହରେ ବୁଲୁ) ଏ ସୁଯୋଗ ଆମେ ତାକୁ ଦେଇନଥାଉ ।

ଗିଜୁଭାଇ କହୁଥିଲେ ପିଲାମାନଙ୍କୁ ସେମାନେ ନିଜେ ନିଜେ ସବୁ କରିବାକୁ ସୁଯୋଗ ଦେବା ଉଚିତ । ଚାଲିବା, ଦୌଡ଼ିବା, ସିଡ଼ି ଚଢ଼ିବା, ଗାଧୋଇବା, ପିନ୍ଧିବା, ସତ କହିବା, ସ୍ପଷ୍ଟ ଭାବରେ ନିଜକୁ ପ୍ରକାଶ କରିବା ଆଦି ସବୁଥିରେ ଆମେ କେବଳ ସେମାନଙ୍କର ସହାୟକ ହେବା ଉଚିତ । ସେମାନେ ଯେପରି ତାଙ୍କ ଆବଶ୍ୟକତା ପୂରଣ କରିପାରିବେ ଏବଂ ନିଜର ଇଚ୍ଛା ପୂରଣ ହେଉଥିବାରୁ ଖୁସୀ ହେବେ । ସେତିକି ଯାଏଁ ଆମେ ତାଙ୍କୁ ସାହାଯ୍ୟ କରିବା । ଆଉ ଏହାକୁ ହିଁ ପ୍ରକୃତ ସ୍ୱାଧୀନତା କୁହାଯିବ । ସେଥିପାଇଁ ଯେଉଁ ଶିକ୍ଷା ସ୍ୱାଧୀନ ଆଗେଇବା ପାଇଁ ପିଲାକୁ ସାହାଯ୍ୟ କରେ, ତାକୁ ପ୍ରାଣଗତ ଶିକ୍ଷା କୁହାଯାଏ ।

ସ୍ୱାଧୀନତା ଦେବା ବହୁତ ଭଲ କଥା । କିନ୍ତୁ ଏଥିରେ ଅସୁବିଧା ବି ରହିଛି । ପିଲାଙ୍କୁ ତାଙ୍କ ନିଜ କାମ କରିବାକୁ ଶିଖାଇବା ବହୁତ କଷ୍ଟକର, କିନ୍ତୁ ଉପଯୋଗୀ । ଏଥିପାଇଁ ବହୁତ ଧୈର୍ଯ୍ୟ ଦରକାର । ଗିଜୁଭାଇଙ୍କ ମତରେ ଆବଶ୍ୟକତା ନଥାଇ ସାହାଯ୍ୟ କଲେ ତାହା ପିଲାର ସ୍ୱାଭାବିକ ବିକାଶରେ ବାଧା ପହଞ୍ଚାଏ ।

*ସ୍ୱତନ୍ତ୍ରତା*

ପିଲାର ବିକାଶରେ ସ୍ୱତନ୍ତ୍ରତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ଗିଜୁଭାଇଙ୍କର ଶିକ୍ଷା ଦର୍ଶନର ତୃତୀୟ ମୁଖ୍ୟ କଥା । ପିଲାମାନେ

ଆତ୍ମନିର୍ଭରଶୀଳ ହେବାକୁ ଶିଖିବାର ଅର୍ଥ ହେଉଛି ସ୍ୱତନ୍ତ୍ରତା । ବଡ଼ମାନେ ପିଲାଙ୍କର ସ୍ୱତଃସ୍ଫୁର୍ତ୍ତ ଇଚ୍ଛାକୁ ସମ୍ମାନ ଦେଲେ ହିଁ ପିଲାମାନେ ନିଜର ସ୍ୱଭାବ ଅନୁଯାୟୀ ଆଗେଇ ଯାଇପାରିବେ ।

ସ୍ୱାଧୀନ ବାତାବରଣରେ କିପରି ଧୀରେ ଧୀରେ, କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ କାମ କରାଯାଏ ତଥା ଅନାଗ୍ରହୀ ପିଲାଙ୍କ ସହ କିପରି କାମ କରାଯାଏ ସେ ବିଷୟରେ ଗିଜୁଭାଇ ଅନେକ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ଏହି ବିଷୟରେ ତାଙ୍କ ଚିନ୍ତାଧାରାକୁ ସେ ବାଲମନ୍ଦିରରେ ପ୍ରୟୋଗ କରି ଦେଖିଥିଲେ । ପ୍ରତ୍ୟେକ ପିଲା ପରସ୍ପରଠାରୁ ଭିନ୍ନ । ସେମାନଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଥାଏ । ଏହି ସ୍ୱତନ୍ତ୍ରତାକୁ ଦୃଷ୍ଟିରେ ରଖି ସେମାନଙ୍କର ବିକାଶ ଦିଗରେ ସହାୟକ ହେବା ହେଉଛି ଶିକ୍ଷକମାନଙ୍କର ଦାୟିତ୍ୱ ।

### *ସ୍ୱଅନୁଶାସନ*

ଗିଜୁଭାଇଙ୍କ ଦର୍ଶନରେ ସ୍ୱଅନୁଶାସନ ଆଉ ଏକ ମୁଖ୍ୟ ବିଷୟ । ସ୍ୱାଧୀନତା ଏବଂ ସ୍ୱତନ୍ତ୍ରତା ଭଳି ଏହି ଚିନ୍ତାଧାରା ମଧ୍ୟ ତାଙ୍କୁ ମଣ୍ଟେସୋରୀଙ୍କ ପାଖରୁ ହିଁ ମିଳିଥିଲା । ଛୋଟ ଛୋଟ ପିଲାମାନେ ତାଙ୍କ ନିଜ ଦାୟିତ୍ୱରେ ଅନେକ କିଛି କରିପାରନ୍ତି । ଗିଜୁଭାଇଙ୍କର ବାଲମନ୍ଦିରରେ ପିଲାମାନେ ଖାଦ୍ୟ ପରସିବା, ଘର ସଫା କରିବା, ଜିନିଷପତ୍ର ସଜାଡ଼ି ରଖିବା ଆଦି ଅନେକ କାମ ନିଜେ ନିଜେ କରନ୍ତି । ଖାଦ୍ୟ ପରସିବା ବେଳେ କେବେ ବାସନ ତଳେ ଖସିପଡ଼େ ନାହିଁ କିମ୍ବା ଖାଦ୍ୟର ଦାନାଟିଏ ମଧ୍ୟ ତଳେ ପଡ଼ିଯାଏ ନାହିଁ । ଏପରି ଅନୁଶାସନ ବଡ଼ମାନଙ୍କର ଆଦେଶ ବା ଉପଦେଶ ମାଧ୍ୟମରେ ସମ୍ଭବ ହୁଏନାହିଁ । ବରଂ ପିଲାମାନଙ୍କର ନିଜର ଚେଷ୍ଟା ଓ ଇଚ୍ଛାରେ ସମ୍ଭବ ହୋଇଥାଏ । ଆଦେଶ ଦେଇ ପିଲାର ଏସବୁ

ପ୍ରବୃତ୍ତି ବିକଶିତ କରାଯାଇ ପାରିବନାହିଁ । ଏହା ସ୍ୱତଃସ୍ଫୁର୍ତ୍ତ ହୋଇଥାଏ । ଅର୍ଥାତ ପିଲାର ବିକାଶ ଅନୁସାରେ ଉପୁଜିଥିବା ଆବଶ୍ୟକତାରୁ ହିଁ ଏହା ଆସିଥାଏ । ପିଲାମାନଙ୍କର ସ୍ୱାଭାବିକ ବିକାଶ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ ସହିତ ସହଯୋଗ କରିବା ଜରୁରୀ ।

କିଛି ପରୀକ୍ଷା କରିବା ପାଇଁ ପିଲାକୁ ସ୍ୱାଧୀନତା ଦେବା ବି ପିଲାକୁ ସହଯୋଗ କରିବା । ତା'ର ଚାଲିଚଳନରେ ସେ କିପରି ବ୍ୟବସ୍ଥିତ ହୋଇପାରିବ ସେ ଦିଗରେ ବି ସହାୟତା କରା ଯାଇପାରେ । ଚଉକି ଉପରେ ବସିବା, ଠିଆ ହେବା, ଚାଲିବା, ମାଟି ଉପରେ ଟଣା ଯାଇଥିବା ଗାର ଉପରେ ଚାଲିବା, କେଉଁଠି ନଆଉଜି ସିଧା ଠିଆ ହେବା ପିଲାକୁ ଶିଖାଇବା ଦରକାର । ଏଠୁ ସେଠିକି ଜିନିଷ ନେବା, ସଜାଡ଼ି ରଖିବା, ଠିକ ଭାବରେ ପୋଷାକ ପିନ୍ଧିବା ଆଦି ମଧ୍ୟ ତାକୁ ଶିଖାଇବା ଉଚିତ ।

## *ନିଜସ୍ୱ ଅଭିବ୍ୟକ୍ତି*

ଗିଜୁଭାଇଙ୍କ ଚିନ୍ତନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ପିଲାମାନଙ୍କର ଅଭିବ୍ୟକ୍ତି । ନିଜକୁ ପ୍ରକାଶ କରିବା ସମସ୍ତଙ୍କ ଜୀବନର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ । ମାନବ ଜାତି ଦ୍ୱାରା ଆଜି ଯାହା କିଛି ସୃଷ୍ଟି ହୋଇଛି ସେ ସବୁ ହିଁ ଏଇ ମାନବ ଜାତିର ଅଭିବ୍ୟକ୍ତି । ଚିତ୍ର, ଗୀତ, କଥା, ନାଟକ, ଲୋକଗୀତ, କଳାକୃତି ସବୁ ଅଭିବ୍ୟକ୍ତିର ବିଭିନ୍ନ ରୂପ ।

ଗିଜୁଭାଇ ତାଙ୍କ ବିଦ୍ୟାଳୟରେ ପିଲାଙ୍କର ନିଜସ୍ୱ ଅଭିବ୍ୟକ୍ତିର ବିକାଶ ଦିଗରେ ବେଶ୍ ଗୁରୁତ୍ୱ ଦେଉଥିଲେ । ପ୍ରତ୍ୟେକ ଅଭିଭାବକ, ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦାୟିତ୍ୱ ହେଲା ପିଲାମାନଙ୍କର

ସୃଜନଶୀଳତାର ବିକାଶ ଦିଗରେ ସେମାନଙ୍କୁ ସହଯୋଗ କରିବା । ପିଲାମାନଙ୍କୁ ଜୋର କରି କିଛି କରିବାକୁ ବାଧ୍ୟ କରାଗଲେ ସେମାନଙ୍କର ଲାଭ ନୁହେଁ, ବରଂ କ୍ଷତି ହୋଇଥାଏ ।

## ପ୍ରକୃତି ପରିଚୟ

ପ୍ରକୃତି ପରିଚୟ ମାଧ୍ୟମରେ ପିଲାଙ୍କ ବିକାଶ ଗିଜୁଭାଇଙ୍କର ଦର୍ଶନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ପଶୁପକ୍ଷୀ ତଥା ଉଦ୍ଭିଦ ସହ ପରିଚୟ, ଆକାଶରେ ତାରା ଚିହ୍ନିବା, ପ୍ରଜାପତିଙ୍କର ଜୀବନ ପ୍ରଣାଳୀ, ଚଢ଼େଇମାନଙ୍କର ବସା ଖୋଜିବା, ଅଣ୍ଡାଗୁଡ଼ିକୁ ନିରୀକ୍ଷଣ କରିବା ଆଦି ବିଭିନ୍ନ କାର୍ଯ୍ୟ ଗିଜୁଭାଇଙ୍କ ବିଦ୍ୟାଳୟର କାର୍ଯ୍ୟକ୍ରମରେ ରହୁଥିଲା । ପ୍ରକୃତି ଶିକ୍ଷା ମାଧ୍ୟମରେ ପିଲାମାନଙ୍କ ମନରେ ଧୈର୍ଯ୍ୟ ତଥା ଶ୍ରଦ୍ଧା ଉତ୍ପନ୍ନ ହୋଇଥାଏ । ମୋଟାମୋଟି ଭାବରେ କହିବାକୁ ଗଲେ ପିଲାଟିଏ ଏକ ସୁସ୍ଥ ସାମାଜିକ ପ୍ରାଣୀ ଭାବରେ ବଢ଼ି ଉଠିବା ଦିଗରେ ପ୍ରକୃତି ଶିକ୍ଷା ଅନେକାଂଶରେ ସହାୟକ ହୋଇଥାଏ ।

ପ୍ରକୃତି ଶିକ୍ଷା ଦ୍ୱାରା ନୀତି ଶିକ୍ଷା ବି ହୋଇଥାଏ । ପ୍ରାଣୀ ଓ ଉଦ୍ଭିଦଙ୍କ ବିକାଶ ନିରୀକ୍ଷଣ କରୁ କରୁ ପିଲା ମଣିଷର ବିକାଶ ଦିଗରେ ଆଗ୍ରହୀ ହୁଏ । ଜୀବମାନଙ୍କ ସହ ସେ ଆତ୍ମୀୟତାର ସମ୍ପର୍କ ଯୋଡ଼େ । ବଗିଚା କାମ ଓ ଜୀବଜନ୍ତୁ ପାଳିବା ଦ୍ୱାରା ପିଲାର ନୈତିକ ବିକାଶ ହୁଏ । ସେ ନିଜ ବାପା ମା' ତଥା ଶିକ୍ଷକଙ୍କ ହୃଦୟ ଚିହ୍ନିବାକୁ ଲାଗେ । ବୈଜ୍ଞାନିକ ତଥ୍ୟ ପାଇବାର ମାଧ୍ୟମ ଭାବରେ କୌଣସି ଜିନିଷକୁ ନିରୀକ୍ଷଣ କରିବାର କ୍ଷମତା ମଧ୍ୟ ତା'ର ବଢ଼େ । ବହି ପଢ଼ି ଏସବୁ ଯେତେ ନବଢ଼େ, ପ୍ରାଣୀ ଉଦ୍ଭିଦ ଆଦିର ବିକାଶକୁ ଲକ୍ଷ୍ୟ କରି ତା'ଠାରୁ ବେଶୀ ବଢ଼େ । ପ୍ରକୃତି ପିଲାକୁ ଉଦାରତା ଏବଂ ସମସ୍ତଙ୍କୁ ସମାନ ନଜରରେ ଦେଖିବା ଶିଖାଇଥାଏ ।

*ଇନ୍ଦ୍ରିୟ ଶିକ୍ଷା*

ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ଇନ୍ଦ୍ରିୟ ଶିକ୍ଷା ନିତାନ୍ତ ଆବଶ୍ୟକ ବୋଲି ଗିଜୁଭାଇ କହୁଥିଲେ । ଆମର ଇନ୍ଦ୍ରିୟଗୁଡ଼ିକ ଆମ ଜ୍ଞାନ ଆହରଣର ପ୍ରଥମ ଓ ପ୍ରଧାନ ମାଧ୍ୟମ ।

ମଣ୍ଟେସୋରୀଙ୍କ ମତରେ ଇନ୍ଦ୍ରିୟଗୁଡ଼ିକର ବିକାଶ ହେଲେ ହିଁ ବୁଦ୍ଧିର ଯଥାର୍ଥ ବିକାଶ ସମ୍ଭବ ହୋଇପାରିବ । ଗିଜୁଭାଇ ମଧ୍ୟ ଏହି ମତକୁ ଗ୍ରହଣ କରୁଥିଲେ । ତିନିରୁ ସାତ ବର୍ଷ ଯାଏଁ ଇନ୍ଦ୍ରିୟ ଶିକ୍ଷାର ପ୍ରକୃଷ୍ଟ ସମୟ । କାରଣ ଏହା ହେଉଛି ପିଲାଙ୍କର ଶରୀର ଗଠନର ସମୟ । ଯେତେବେଳେ ପ୍ରକୃତି ପିଲାକୁ ସ୍ୱାଗତ ଜଣାଇବ - ମୋ ପାଖକୁ ଆସ, ମୋ ରଙ୍ଗ ଏମିତି, ମୋ ରୂପ ଏମିତି, ମୋର ଗନ୍ଧ ଏହିପରି, ମୋର ଧ୍ୱନି ଏହିପରି - ସେତେବେଳେ ଏହି ଆମନ୍ତ୍ରଣ ପାଇଥିବା ପିଲାଟିର ଇନ୍ଦ୍ରିୟ ଶିକ୍ଷା ପୂରା ହେଲା ବୋଲି ଜଣାଯିବ ।

*ଶିକ୍ଷକର ଗୁଣଧର୍ମ*

ଜଣେ ଶିକ୍ଷକର ଗୁଣଧର୍ମ ବିଷୟରେ ଗିଜୁଭାଇ କୁହନ୍ତି -

୧. ନିରୀକ୍ଷଣ କରିବା ଶିକ୍ଷକର ପ୍ରଥମ ଗୁଣ ହେବା ଦରକାର । ଶିକ୍ଷକ ଧୈର୍ଯ୍ୟବାନ ହେବେ । ପିଲାମାନଙ୍କର ଆବଶ୍ୟକତା ଅନୁଯାୟୀ ହିଁ ସେମାନଙ୍କୁ ସାହାଯ୍ୟ କରିବେ ।

୨. ବାକ୍‌ସଂଯମ - ଶିକ୍ଷକ ଯେତେ ସମ୍ଭବ କମ୍ କଥା କହିବେ । ନିହାତି ଦରକାର ହେଲେ ହିଁ ସେ ପିଲାଙ୍କୁ କିଛି କହିବେ ।

୩. ନମ୍ରତା - ଶିକ୍ଷକ ନମ୍ର ହେବେ । ପିଲାମାନଙ୍କ ସହିତ ଯେପରି କିଛି ଅନ୍ୟାୟ ନହୁଏ ସେଥିପ୍ରତି ସଜାଗ ରହିବେ ।

୪. ମନୋବୈଜ୍ଞାନିକ ଦୃଷ୍ଟିକୋଣ - ଶିକ୍ଷକ ଧୈର୍ଯ୍ୟର ସହିତ ପିଲାଙ୍କ କଥା ଶୁଣିବେ ଏବଂ ତାଙ୍କ ମନକୁ ବୁଝିବାକୁ

ଚେଷ୍ଟା କରିବେ । ପିଲାଙ୍କର ଦୃଷ୍ଟିକୋଣ ସହିତ ନିଜକ ଦୃଷ୍ଟିକୋଣ ମିଶାଇ ପାରୁଥିବେ ।

୫. ବିଶ୍ୱାସ – ପିଲାମାନଙ୍କର ବ୍ୟକ୍ତିତ୍ୱ ପ୍ରତି ଶିକ୍ଷକଙ୍କ ମନରେ ଦୃଢ଼ ବିଶ୍ୱାସ ରହିଥିବା ଜରୁରୀ । ପିଲାଙ୍କ ପ୍ରତି ଶିକ୍ଷକମାନେ ସହାନୁଭୂତିଶୀଳ ହେବେ, ସେମାନଙ୍କୁ ଶ୍ରଦ୍ଧା କରୁଥିବେ ।

ଏହିସବୁ ଗୁଣ ପ୍ରତ୍ୟେକ ଶିକ୍ଷକଙ୍କ ପାଖରେ ରହିଥିବା ଆବଶ୍ୟକ । ଗିଜୁଭାଇ ନିଜର ବିଚାରଧାରା ଅନୁଯାୟୀ ଜଣେ ସଫଳ ଶିକ୍ଷକର ଜୀବନ ବଞ୍ଚି ପାରିଥିଲେ ।

### *ବିଦ୍ୟାଳୟର ପରିବେଶ*

ପିଲାମାନଙ୍କୁ ଗୋଟିଏ ଭଲ ପରିବେଶ ଓ ସ୍ୱାଧୀନତା ଦିଆଗଲେ ସେମାନଙ୍କର ଶିକ୍ଷା ନିଶ୍ଚୟ ଭଲ ହେବ । ଶାରୀରିକ ବିକାଶ ପାଇଁ ଖୋଲା ପବନ, ପରିଷ୍କାର ସ୍ଥାନ, ପରିଷ୍କାର ଶୌଚାଗାର, ଯଥେଷ୍ଟ ସ୍ଥାନ ଥିବା ଶ୍ରେଣୀଗୃହ, ପୁଷ୍ଟିକର ଖାଦ୍ୟ, ବଗିଚା ଆଦି ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଆବଶ୍ୟକ ।

ପିଲାର ମାନସିକ ବିକାଶ ପାଇଁ ଯଥେଷ୍ଟ ସ୍ଥାନ, ଉପଯୁକ୍ତ ଉପକରଣ, ସରସ ବାତାବରଣ ଆଦି ମଧ୍ୟ ଅତି ଜରୁରୀ । ପିଲାଙ୍କୁ ସାଙ୍ଗମାନଙ୍କ ସହ ଏକାଠି ରହିବାର ସୁଯୋଗ ଦିଆଗଲେ ତାହା ସେମାନଙ୍କର ମାନସିକ ବିକାଶ ଦିଗରେ ସହାୟକ ହେବ ।

ଆଧ୍ୟାତ୍ମିକ ବିକାଶ ପାଇଁ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ସାହିତ୍ୟାଭ୍ୟାସ, ଭଲ ସାଙ୍ଗ ତଥା ବିଦ୍ୟାଳୟର ଆଦର୍ଶ ବାତାବରଣ ନିତାନ୍ତ ଜରୁରୀ । ବିଦ୍ୟାଳୟଗୁଡ଼ିକ ସହରର କୋଳାହଳମୟ ବାତାବରଣଠାରୁ ଦୂରରେ ରହିବା ଉଚିତ ।

# ଗିଜୁଭାଇ କର୍ମଧାରା

## ବାଲମନ୍ଦିରରେ ଶିଶୁ ଶିକ୍ଷା

ଶିକ୍ଷା କ୍ଷେତ୍ରରେ ଗିଜୁଭାଇଙ୍କ କାମକୁ ବିଶେଷ ପ୍ରଭାବିତ କରିଥିଲା ତାଙ୍କର ନିଜର ଅନୁଭୂତି । ପିଲାଦିନେ ଶିକ୍ଷା ନାଁରେ ସେ ଢେର ଯାତନା ଭୋଗିଥିଲେ ଏବଂ ପରେ ସ୍କୁଲ ସ୍କୁଲ ବୁଲି ବିଭିନ୍ନ ଅସୁବିଧା ଦେଖିଥିଲେ । ନିଜର ପ୍ରୟୋଗ ମାଧ୍ୟମରେ ସେସବୁକୁ ଦୂର କରିବା ହିଁ ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା । ତାଙ୍କର ପ୍ରଥମ ପ୍ରୟୋଗ କ୍ଷେତ୍ର ଥିଲା ଦକ୍ଷିଣାମୂର୍ତ୍ତି ବିନୟମନ୍ଦିର । ପରେ ତାଙ୍କର ଚିନ୍ତାକୁ ଆହୁରି ଆଗେଇ ନେବା ପାଇଁ ଛୋଟ ପିଲାଙ୍କ ପାଇଁ ବାଲମନ୍ଦିର ଗଢ଼ିଲେ । ଏହା ହେଲା ତାଙ୍କର ମୁଖ୍ୟ ପରଖଶାଳା ।

ଗିଜୁଭାଇଙ୍କ ବାଲମନ୍ଦିରରେ ଶିକ୍ଷାର ମୁଖ୍ୟ ଅଙ୍ଗ ଥିଲା ସଙ୍ଗୀତ, ଇନ୍ଦ୍ରିୟ ଶିକ୍ଷା, ଶାନ୍ତି ଖେଳ, ଧନ୍ଦାମୂଳକ ଶିକ୍ଷା, ଭାଷା ଶିକ୍ଷା, ଗଣିତ ଶିକ୍ଷା, ପ୍ରକୃତି ପରିଚୟ, କାହାଣୀ, ଚିତ୍ର, ନାଟକ ଓ ଖେଳ ଆଦି । ଏସବୁର ରୂପରେଖର ଆଭାସ ତଳେ ରହିଛି ।

**ସଙ୍ଗୀତ:** ସଙ୍ଗୀତ ଶିକ୍ଷାରେ ଗୀତ, ଶିଶୁଗୀତ, ଲୋକଗୀତ, ତାଳଲୟ ଥିବା ଗୀତ, ଡାଣ୍ଡିଆ ରାସ ଆଦି ମୁଖ୍ୟ ଥିଲା । ଏହାଛଡ଼ା ନାଚ, ନାଚର ଗୀତ, ପାରାୟଣ ଏବଂ ରାସ ବି ଏଥିରେ ସାମିଲ ଥିଲା । ଗ୍ରାମୋଫୋନ ରେକର୍ଡ, ଶାସ୍ତ୍ରୀୟ ସଙ୍ଗୀତ ମଧ୍ୟ ସେ ଛାଡୁନଥିଲେ । ଗିଜୁଭାଇ ମାନସିକ ଶାନ୍ତି, ଜୀବନର ଆନନ୍ଦ ତଥା

ବିକାଶର ପରିପ୍ରକାଶ ପାଇଁ ସଙ୍ଗୀତକୁ ବ୍ୟବହାର କରୁଥିଲେ । ଭାଷା ଶିକ୍ଷାରେ ମଧ୍ୟ ଏହା କାମରେ ଲାଗୁଥିଲା ।

**ଇନ୍ଦ୍ରିୟ ଶିକ୍ଷା:** ମଣ୍ଟେସୋରୀଙ୍କ ପଦ୍ଧତିକୁ ଆଖି ଆଗରେ ରଖି ଗିଜୁଭାଇ ଇନ୍ଦ୍ରିୟ ଶିକ୍ଷା ବିକଶିତ କରିଥିଲେ । ଡେଙ୍ଗା-ଗେଡ଼ା, ହାଲୁକା-ଓଜନିଆ, ଛୋଟ-ବଡ଼, ନରମ-ଟାଣ, ପାଲିସ-ଖଦଖଦଡ଼ିଆ ଆଦି ଜାଣିବା ପାଇଁ ବିଭିନ୍ନ ପ୍ରକାରର ଉପକରଣ ସେ ବାହାର କରିଥିଲେ । ଗରମ-ଥଣ୍ଡା ବା ବିଭିନ୍ନ ବାସ୍ନା ଜାଣିବା ପାଇଁ ଆଜି ଭଳି ଏତେ ଉନ୍ନତ ଉପକରଣମାନ ସେତେବେଳେ ନଥିଲା । ଛୋଟ ଗିନାରେ ଗରମ ଓ ଥଣ୍ଡା ପାଣି ରଖି ଏସବୁ କରା ଯାଉଥିଲା । ବିଭିନ୍ନ ଶବ୍ଦ ଜାଣିବା ପାଇଁ ସୁନ୍ଦର ଘଣ୍ଟି ଥିଲା । ଏ ଘଣ୍ଟିଗୁଡ଼ିକ ଆଜିକାଲି ପ୍ରାୟ ଆଉ ମିଳୁନାହିଁ । ତାଳ ଲୟର ଜ୍ଞାନ ଦେବା ପାଇଁ ଗିଜୁଭାଇ ବିଶେଷ ଚେଷ୍ଟା କରୁଥିଲେ ।

**ଶାନ୍ତି ଖେଳ:** ବାଲମନ୍ଦିରର ଆରମ୍ଭରୁ ହିଁ ଗିଜୁଭାଇ ଏହି ଖେଳ ଚଳାଇଥିଲେ । ଦକ୍ଷିଣାମୂର୍ତ୍ତିର ସବୁ ଅନୁଷ୍ଠାନରେ ଏହାର ପ୍ରସାର ହୋଇଥିଲା । ଏହି ଖେଳରେ ଧର୍ମର କୌଣସି ସ୍ଥାନ ନଥିଲା । ତାଙ୍କର ମୂଳ ପ୍ରଚେଷ୍ଟା ଥିଲା ଯେ ମନ ସ୍ଥିର ଓ ବାତାବରଣ ଶାନ୍ତ ରହିବ, ଛାତ୍ର ଓ ଶିକ୍ଷକଙ୍କର କାର୍ଯ୍ୟକଳାପରେ ଶାନ୍ତି ଓ ଶୃଙ୍ଖଳା ଆସିବ । ସାଧାରଣ ଶବ୍ଦ ପ୍ରତି ଧ୍ୟାନ ଦେବା କାମରୁ ଶ୍ରବଣେନ୍ଦ୍ରିୟର ତାଲିମ ପାଇଁ ଏହି ଖେଳ ବହୁତ ସହାୟକ ହେଉଥିଲା ।

**ନିତିଦିନିଆ କାର୍ଯ୍ୟକଳାପ:** ହାତଗୋଡ଼ ଧୋଇବା, ଲୁଗା ପିନ୍ଧିବା ଓ ବଦଳାଇବା, ବୋତାମ ଲଗାଇବା, ଜଳଖିଆ ଖାଇବା ଭଳି ନିଜର କାମ ତଥା ଖାଇବା ବାଢ଼ିବା, ବାସନ ଧୋଇବା, ଅଗଣା ଓ କୋଠରୀ ସଫା କରିବା, ବଗିଚାରେ କାମ କରିବା, ଧାନ କୁଟିବା

ଆଦି ସାମୂହିକ ନିତିଦିନିଆ କାମ ବାଲମନ୍ଦିରର ଶିକ୍ଷାର ଏକ ଅଂଶ ଥିଲା । ଗିଜୁଭାଇ ଓ ତାଙ୍କ ସାଥିମାନେ ଅତି ସ୍ୱାଭାବିକ ଭାବରେ ଏସବୁ କାମ କରୁଥିଲେ । ତେଣୁ ଛୋଟ ପିଲାମାନେ ମଧ୍ୟ ତାହା କରୁଥିଲେ ଏବଂ ସ୍ୱାବଲମ୍ବନଶୀଳ ହୋଇ ପାରୁଥିଲେ ।

**ଧନ୍ଦାମୂଳକ ଶିକ୍ଷା:** ଏଥିପାଇଁ ଗିଜୁଭାଇ ବାଲମନ୍ଦିରରେ କାଠର ଇଟା, ସିନ୍ଦୁକ, ମେକାନୋ ତିଆରି, ମାଟି, ଚମଡ଼ା ଓ କାଚ କାମ ତଥା ଚିତ୍ରକଳା ଆଦି ଶିକ୍ଷା ଦେଉଥିଲେ । ପିଲାର ବିକାଶ କ୍ଷେତ୍ରରେ ଏହି ଧନ୍ଦାମୂଳକ ଶିକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ ହେଉଥିଲା ।

**କଣ୍ଢେଇ ଖେଳ:** ମଣ୍ଟେସୋରୀ ମନେକରନ୍ତି ଯେ ପିଲାର ବିକାଶ ।ଇଁ କଣ୍ଢେଇ ଖେଳ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଥିରେ ପିଲା ତା' ଭିତରର ପ୍ରବୃତ୍ତିକୁ ପ୍ରକାଶ କରିପାରେ । ପିଲାର ସ୍ୱାଭାବିକ କାର୍ଯ୍ୟକଳାପକୁ ଲକ୍ଷ୍ୟ କରିବା ପାଇଁ କଣ୍ଢେଇ ଖେଳ ଏକ ଭଲ ମାଧ୍ୟମ । କିନ୍ତୁ ଗିଜୁଭାଇ ଚିନ୍ତା କଲେ ଯେ କୃତ୍ରିମ କଣ୍ଢେଇ ଖେଳ ବଦଳରେ ପିଲା ବାସ୍ତବିକ ଜୀବନରେ ସେସବୁ କାମ କଲେ ତା'ର ବିକାଶ ଆହୁରି ଭଲ ହୋଇପାରିବ । ତେଣୁ ବାଲମନ୍ଦିରରେ କଣ୍ଢେଇ ଘର ନଥିଲା ବା ଶିକ୍ଷା କାର୍ଯ୍ୟକ୍ରମରେ ସେ କଣ୍ଢେଇ ବ୍ୟବହାର କରୁନଥିଲେ ।

**ଭାଷା ଶିକ୍ଷା:** ମଣ୍ଟେସୋରୀ ପଦ୍ଧତିରେ ଗୁଜୁରାଟି ଭାଷା ଶିଖାଇବା ପାଇଁ ଗିଜୁଭାଇ ବହୁତ ଚେଷ୍ଟା କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ । ଶିକ୍ଷକଙ୍କ ସହ ପିଲାଙ୍କ କଥୋପକଥନ, କାହାଣୀ, ଲୋକନାଟକ, ଶିଶୁଗୀତ, ଲୋକଗୀତ, ଅଭିନୟ ଗୀତ ଆଦି ଭାଷା ଶିକ୍ଷା ଦେବାରେ ଗିଜୁଭାଇ ବ୍ୟବହାର କରୁଥିଲେ ।

**ଗଣିତ ଶିକ୍ଷା:** ଗଣିତ ଶିକ୍ଷା ପ୍ରତି ଗିଜୁଭାଇଙ୍କର ପିଲାଦିନୁ ଆଗ୍ରହ

ନଥିଲା । ତେଣୁ ସେ ଭାଷା ଶିକ୍ଷା ଦିଗଟିକୁ ଯେତେ ସୁନ୍ଦର ଭାବରେ ବିକଶିତ କରିଥିଲେ, ଗଣିତ ଶିକ୍ଷା ପାଇଁ ସେପରି କିଛି କରିନଥିଲେ । ନିଜର ଏହି ଦୁର୍ବଳତା ପ୍ରତି ସଚେତନ ଥିବାରୁ ସେ ଗାନ୍ଧିଜୀଙ୍କ ଆଶ୍ରମରୁ ବିଖ୍ୟାତ ଗାଣିତିକ ଶ୍ରୀ ହରିହର ଭାଇ ଭଟ୍ଟଙ୍କୁ ଆଣିଥିଲେ ଓ ଗଣିତ ଶିକ୍ଷାର ଦାୟିତ୍ୱ ତାଙ୍କୁ ଦେଇଥିଲେ । ଦଶମିକ ଶିକ୍ଷାର ଉପକରଣ, ଏକକ ଦଶକର ସାରଣୀ, ଶହର ବର୍ଗ, ହଜାରର ଘନ ଆଦି ଶିଖାଇବା ପାଇଁ ଉନ୍ନତ ଉପକରଣ ଗିଜୁଭାଇଙ୍କ ପରେ ବିକଶିତ ହୋଇଛି । ସେ ସମୟରେ ଏସବୁ ନଥିଲା । ଗିଜୁଭାଇଙ୍କ ଛାତ୍ରମାନେ କହନ୍ତି ଯେ ସେମାନଙ୍କୁ ଭାଷା ଶିଖିବାରେ ଯେତେ ମଜା ମିଳୁଥିଲା ଗଣିତ ଶିଖିବାରେ ସେତେ ମଜା ମିଳୁନଥିଲା ।

**ପ୍ରକୃତି ପରିଚୟ:** ପିଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରକୃତି ପରିଚୟ ନିହାତି ଆବଶ୍ୟକ ବୋଲି ଗିଜୁଭାଇ ମନେ କରୁଥିଲେ । ଏଥିପାଇଁ ବାଲମନ୍ଦିରରେ ପକ୍ଷୀ ନିରୀକ୍ଷଣ, ପ୍ରାଣୀ ଚିହ୍ନଟ, ଠେକୁଆ ପାଳନ, କୀଟପତଙ୍ଗ ପାଳନ, ଚଢ଼େଇ ବସା ଖୋଜା ଓ ଦେଖା ଆଦି କାର୍ଯ୍ୟକ୍ରମ କରାଯାଉଥିଲା । ବାଲମନ୍ଦିର ସ୍କୁଲର ପରିବେଶ ଦେଖିଲେ ବି ଗିଜୁଭାଇଙ୍କର ପ୍ରକୃତି ପ୍ରେମର ପରିଚୟ ମିଳେ ।

**କାହାଣୀ:** ଗିଜୁଭାଇ ସବୁବେଳେ କହୁଥିଲେ ଯେ ଲୋକକଥା ଏବଂ ଶିଶୁଗଳ୍ପ ପିଲାର ବିକାଶ ପାଇଁ ବହୁତ ଉପଯୋଗୀ । ଅନେକ ପାଶ୍ଚାତ୍ୟ ଗପ ପଢ଼ିବା ପରେ ତାଙ୍କର ଏହି ଧାରଣା ଆହୁରି ଦୃଢ଼ ହୋଇଥିଲା । ସେ ନିଜେ ମଧ୍ୟ ଖୁବ୍ ସୁନ୍ଦର ଗପ କହିପାରୁଥିଲେ । ଅନୁଶାସନ ପାଇଁ ଗିଜୁଭାଇ ପ୍ରଥମ ଦିନରୁ ହିଁ କାହାଣୀର ପ୍ରଚଳନ ଆରମ୍ଭ କରିଥିଲେ । ସେ ଅନେକ ଆଡ଼ୁ ଶିଶୁଗଳ୍ପ ସବୁ ସଂଗ୍ରହ କରିଥିଲେ । ପିଲାମାନେ ବହୁତ ଖୁସିରେ ଏସବୁ ଗପ ଶୁଣୁଥିଲେ ।

**ଶିଶୁନାଟକ:** ଗିଜୁଭାଇଙ୍କ ବାଲମନ୍ଦିର ଆଉ ଗୋଟିଏ ବିଶେଷତା ହେଉଛି ଶିଶୁନାଟକ ଆୟୋଜନ କରିବା । ସେ ବାଲ-ରଙ୍ଗମଞ୍ଚ ସ୍ଥାପନ କରି ଶିଶୁଶିକ୍ଷା କ୍ଷେତ୍ରରେ ଏକ ନୂଆ ମୋଡ଼ ଆଣିଥିଲେ । ରଙ୍ଗମଞ୍ଚରେ ହେଉଥିବା ପିଲାଙ୍କ ନାଟକ, ପିଲାଙ୍କ ବିଷୟରେ ନାଟକ, ବାଲମନ୍ଦିର ଉପରେ ନାଟକ ତଥା ଛୋଟ ବଡ଼ ସମସ୍ତେ ମିଶି ନାଟକ କରିବା ସେ ସମୟ ପାଇଁ ପୂରା ନୂଆ ଥିଲା । ଗିଜୁଭାଇ ନିଜେ ବି ନାଟକରେ ଭାଗ ନେଉଥିଲେ ।

**ଚିତ୍ରକଳା:** ଚିତ୍ରକଳା ଦିଗଟି ମଧ୍ୟ ଗିଜୁଭାଇ ଅନେକ ଭାବି ଚିନ୍ତି ବିକଶିତ କରିଥିଲେ । ତାଙ୍କ ମତରେ ବେଶ୍ ପିଲାଦିନୁ ଚିତ୍ରକଳା ଶିଖାଇଲେ ଭବିଷ୍ୟତରେ କଳାକାର ହେବାର ମଞ୍ଜି ପୋତା ଯାଇପାରିବ । ବାଲମନ୍ଦିରର ପିଲାଙ୍କ ଚିତ୍ରକୁ ସେ ସାଇତି ରଖୁଥିଲେ ଓ ଇଟାଲୀର ମଣ୍ଟେସୋରୀଙ୍କର ସ୍କୁଲର ପିଲାଙ୍କ ଚିତ୍ର ମଗାଇ ତୁଳନା କରୁଥିଲେ । ପ୍ରତି ପିଲାର ଚିତ୍ରକୁ ଅତି ଧ୍ୟାନର ସହ ଦେଖି ତା'ର ମୂଲ୍ୟାୟନ କରୁଥିଲେ । ତା' ମାଧ୍ୟମରେ ପିଲାର ମନ, କ୍ଷମତା, ବ୍ୟକ୍ତିତ୍ୱ ଆଦି ସେ ଅନୁଧ୍ୟାନ କରୁଥିଲେ ।

**ପିଲାଙ୍କ ଖେଳ:** ପିଲାମାନେ ନିଜ ନିଜ ଭିତରେ ମିଶି ଅନେକ ଖେଳ ଖେଳିଥା'ନ୍ତି । ଗିଜୁଭାଇ ସେସବୁ ଖେଳକୁ ବାଲମନ୍ଦିରରେ ମଧ୍ୟ ଖେଳାଉଥିଲେ । ସେ ଅନେକ ପ୍ରକାରର ପିଲାଙ୍କ ଖେଳ ସଂଗ୍ରହ କରିଥିଲେ ଏବଂ ଆବଶ୍ୟକତା ଅନୁଯାୟୀ ସେଗୁଡ଼ିକୁ ବଦଳାଇଥିଲେ । ଏସବୁ ଖେଳ ପିଲାଙ୍କୁ ଶାନ୍ତି ଏବଂ ବ୍ୟବସ୍ଥିତ କରିବାରେ, ପିଲାମାନଙ୍କ ଭିତରେ ସୁସମ୍ପର୍କ ଆଣିବାରେ, ପିଲା-ଶିକ୍ଷକଙ୍କ ଭିତରେ ସ୍ନେହର ସମ୍ପର୍କ ଯୋଡ଼ିବାରେ ଏବଂ ପିଲାର ଶାରୀରିକ ଓ ମାନସିକ ବିକାଶ ଦିଗରେ ବହୁତ ଉପଯୋଗୀ ଥିଲା ।

**ଭ୍ରମଣ:** ଆଖପାଖର ଛୋଟ ଛୋଟ ଜାଗାକୁ ବୁଲିଯିବା ବି ବାଲମନ୍ଦିରର ନିୟମିତ କାର୍ଯ୍ୟକ୍ରମ ଭିତରେ ରହୁଥିଲା । ଏସବୁ ଭ୍ରମଣ ପୂରା ଯୋଜନାବଦ୍ଧ ଭାବରେ କରାଯାଉଥିଲା । ଭ୍ରମଣ ସମୟରେ ଗିଜୁଭାଇ ପିଲାଙ୍କ ମନ, ସ୍ୱଭାବ, ହାବଭାବ ଏବଂ ବ୍ୟକ୍ତିତ୍ୱକୁ ନିରନ୍ତର ନିରୀକ୍ଷଣ କରୁଥିଲେ । ପିଲାଙ୍କୁ ବିଭିନ୍ନ ଜାଗା ବୁଲାଇବା ବେଳେ ଗିଜୁଭାଇ ସେ ଜାଗା ସବୁ ବିଷୟରେ ଅନେକ ତଥ୍ୟ ଦେଉଥିଲେ ଏବଂ ଅନ୍ୟ ମଜା ମଜା କଥା ବି କହୁଥିଲେ ।

## ପ୍ରାଥମିକ ଶିକ୍ଷାର ପ୍ରସାର

ଗିଜୁଭାଇ ନିଜେ ନିଜେ ଅଭ୍ୟାସ, ପ୍ରୟୋଗ ଏବଂ ଅନୁଭବରୁ ଜଣେ ସଫଳ ପ୍ରାଥମିକ ଶିକ୍ଷକ ହୋଇ ପାରିଥିଲେ । ପିଲାଙ୍କ ସହ କାମ କରିବାର ନୂଆ ଦୃଷ୍ଟିକୋଣ, ନୂଆ ବିଚାରଧାରା ଏବଂ ନୂଆ କୌଶଳ ସେ ହାସଲ କରିଥିଲେ । କିନ୍ତୁ ଏତିକି ଯଥେଷ୍ଟ ନଥିଲା । କିପରି ଏହି ଶିକ୍ଷା ପଦ୍ଧତି ଆହୁରି ବ୍ୟାପକ ହେବ ଏବଂ ଅଧିକରୁ ଅଧିକ ପିଲା ଏହାର ଲାଭ ପାଇବେ ସେ ଦିଗରେ ଗିଜୁଭାଇ ଚିନ୍ତା କରୁଥିଲେ ।

### *ସହକର୍ମୀ*

ଏ ଦିଗରେ ଚିନ୍ତା କରିବା ବେଳେ ପ୍ରଥମେ ତାଙ୍କ ନଜରକୁ ତାଙ୍କ ସହକର୍ମୀମାନେ ଆସିଥିଲେ । ସେଥିପାଇଁ ଦିନବେଳେ କାମ ସାରି ସନ୍ଧ୍ୟାବେଳେ ସେ ସେମାନଙ୍କୁ ଏ ବିଷୟରେ ବୁଝାଉଥିଲେ । କିଛି ସାଥିଙ୍କ ମନରେ ସନ୍ଦେହ ଆସିଥିଲା ଯେ ପିଲାଙ୍କୁ ସ୍ୱାଧୀନତା ଦେଲେ ସେମାନେ ବିଶୃଙ୍ଖଳ ହୋଇଯିବେ । ଏଭଳି ପରିସ୍ଥିତିରେ କ'ଣ କରାଯିବ । ସାଥିମାନେ ନିଜେ ନିଜେ ଏ ବିଷୟରେ ଚିନ୍ତା କରି ସମାଧାନର ବାଟ ଖୋଜିଲେ । ଏହି ବାଟ ଖୋଜା ଭିତରେ ହିଁ ସେମାନଙ୍କର ଶିକ୍ଷା ଗଭୀରତର ହେଉଥିଲା ।

### ଶିକ୍ଷକ ସମାଜ

ଧୀରେ ଧୀରେ ଗିଜୁଭାଇଙ୍କ ସହକର୍ମୀମାନେ ତାଙ୍କର ଏହି ଶିକ୍ଷା ପଦ୍ଧତିକୁ ଗ୍ରହଣ କରି ନେଇଥିଲେ, ତେଣୁ ସେ ଏବେ ନିଜ ସ୍କୁଲ ବାହାରର ଶିକ୍ଷକଙ୍କ କଥା ଚିନ୍ତା କଲେ । ସେ ଶିକ୍ଷକମାନଙ୍କୁ ଏକାଠି କରି "ଶିକ୍ଷକ କିପରି ହେବା ଉଚିତ, ପିଲା ସହ କିପରି ବ୍ୟବହାର କରିବା ଦରକାର, କିପରି ପାଠ ପଢ଼ାଇବେ" ଆଦି ବିଭିନ୍ନ ବିଷୟରେ ଆଲୋଚନା କରିବାକୁ ଲାଗିଲେ । ଏହିଭଳି ମିଳାମିଶା ଓ ଆଲୋଚନା ମାଧ୍ୟମରେ ସେମାନେ ଶିକ୍ଷାର ନୂଆ ଦିଗ ପ୍ରତି ଶିକ୍ଷକମାନଙ୍କୁ ସଚେତନ କରିବାକୁ ଚେଷ୍ଟା କରୁଥିଲେ ।

### ଅନ୍ୟ ଅନୁଷ୍ଠାନ ଓ ଅଭିଭାବକ

ଗିଜୁଭାଇଙ୍କ ନାଁ ଚାରିଆଡ଼େ ବ୍ୟାପିବାରେ ଲାଗିଥିଲା । ସେଥିପାଇଁ ଅନ୍ୟ ଅନୁଷ୍ଠାନ ସବୁ ତାଙ୍କ ଶିକ୍ଷକଙ୍କ ସହ ଏହି ନୂଆ ଶିକ୍ଷା ପଦ୍ଧତି ବିଷୟରେ ଆଲୋଚନାର ବ୍ୟବସ୍ଥା କରୁଥିଲେ ।

କିନ୍ତୁ ଯେ ପର୍ଯ୍ୟନ୍ତ ବାପା ମା'ମାନେ ଏହି ନୂଆ ଶିକ୍ଷା ପଦ୍ଧତିକୁ ଗ୍ରହଣ ନକରିବେ ସେ ଯାଏଁ ଏହା ସଫଳ ହୋଇପାରିବ ନାହିଁ । ବାପା ମା'ଙ୍କୁ ବି ଏହି ଶିକ୍ଷାରେ ଆଗ୍ରହୀ କରାଇବା ଶିକ୍ଷକମାନଙ୍କର ଦାୟିତ୍ୱ ବୋଲି ଗିଜୁଭାଇ ଭାବୁଥିଲେ । ତେଣୁ ସେ ବାପା ମା'ଙ୍କ ପାଇଁ ସଭା ଆୟୋଜନ କରି ପିଲାକୁ ନମାରିବାକୁ, ସଫା ପୋଷାକ ପିନ୍ଧାଇବାକୁ ବୁଝାଉଥିଲେ । ଘରେ ପିଲା କ'ଣ କରିବା ଉଚିତ, ବାହାରେ ଖାଲିରେ କାହିଁକି ବୁଲିବା ଉଚିତ ନୁହେଁ, ସେ ବିଷୟରେ ମଧ୍ୟ ମା'ମାନଙ୍କ ସହ ଆଲୋଚନା କରୁଥିଲେ ।

ମା'ମାନେ ବେଶ୍ ଶୀଘ୍ର ଗିଜୁଭାଇଙ୍କ କଥା ମାନି ନେଉଥିଲେ । କିନ୍ତୁ ବାପାମାନେ ସହଜରେ ମାନୁନଥିଲେ । ପିଲାର ଶିକ୍ଷା ପାଇଁ

ଉଭୟ ବାପା ଓ ମା' ଏହାକୁ ଗ୍ରହଣ କରିବା ଜରୁରୀ ଥିଲା । ଗିଜୁଭାଇ ପିଲାର ପରିବେଶ ଓ ପରିବାର ବିଷୟରେ ଅନୁଧ୍ୟାନ କରିବା ପାଇଁ ସେମାନଙ୍କ ଘରକୁ ଯାଉଥିଲେ । ସେଠାରେ ସେ ବାପା ମା'ଙ୍କ ସମସ୍ୟା ଶୁଣୁଥିଲେ ଓ ଆଲୋଚନା କରୁଥିଲେ ।

### *ପ୍ରଶିକ୍ଷଣ କେନ୍ଦ୍ର*

ଏହା ସହିତ ଅନ୍ୟ ଶିକ୍ଷକଙ୍କୁ ଏହି ଶିକ୍ଷା ପଦ୍ଧତି ବିଷୟରେ ତାଲିମ ଦେବା ପାଇଁ ସେ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଥିଲେ । ନୂଆ ଶିକ୍ଷା ପଦ୍ଧତିରେ ହିଁ ଭଲ ଶିଖିହେବ, ତାହା ସେମାନେ ଗିଜୁଭାଇଙ୍କ କଥାରୁ ନୁହେଁ, କାମରୁ ଜାଣୁଥିଲେ । ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀମାନେ ଗିଜୁଭାଇଙ୍କଠାରୁ ପ୍ରତ୍ୟକ୍ଷ ପ୍ରେରଣା ଓ ମାର୍ଗଦର୍ଶନ ପାଉଥିଲେ ।

ପ୍ରଥମେ ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା କମ୍ ଥିଲା । କିନ୍ତୁ ଧୀରେ ଧୀରେ ଏମାନଙ୍କ ସଂଖ୍ୟା ବଢ଼ିଲା । ସକାଳୁ ସଞ୍ଜଯାଏଁ ବାଲମନ୍ଦିର ଏବଂ ପ୍ରଶିକ୍ଷଣ କେନ୍ଦ୍ରରେ କାମ ଚାଲୁଥିଲା । ସାଧାରଣ ଲୋକଙ୍କୁ ଜଣାଇବା ପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ନେଇ ସେ ରାସ୍ତା ଉପରେ ମଧ୍ୟ ଏହି ଶିକ୍ଷା ପଦ୍ଧତି ବିଷୟରେ ଆଲୋଚନା କରୁଥିଲେ ।

ଗିଜୁଭାଇଙ୍କଠାରୁ ପ୍ରଶିକ୍ଷଣ ନେବା ପାଇଁ ଗୁଜୁରାଟ, ମହାରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ଅଞ୍ଚଳରୁ ଛାତ୍ର ଆସୁଥିଲେ । ଏଠାରୁ ଯାଇ ସେମାନେ ନିଜ ନିଜ ଅଞ୍ଚଳରେ ବାଲମନ୍ଦିର ଢାଞ୍ଚାରେ ସ୍କୁଲ ଖୋଲି ନୂଆ ଶିକ୍ଷା ପଦ୍ଧତିର ପ୍ରସାର କରୁଥିଲେ । ଗିଜୁଭାଇ ମଧ୍ୟ ରାଜକୋଟ, ପୋରବନ୍ଦର, ଜାମନଗର, ସୁରେନ୍ଦ୍ର ନଗର, ନନ୍ଦିଆଦ, ପାଟଣ, ଦାଦର, ଅହମଦାବାଦ, ଇନ୍ଦୋର ଆଦି ଅଞ୍ଚଳରେ ବାଲମନ୍ଦିର ଖୋଲିଥିଲେ । ଫଳରେ ଅଧିକରୁ ଅଧିକ ପିଲା ଏହି ଶିକ୍ଷାର ଲାଭ ପାଇ ପାରିଥିଲେ ।

## ମଣ୍ଟେସୋରୀ ପଦ୍ଧତିର ଉପକରଣ ପ୍ରସ୍ତୁତି

ବାଲ ଶିକ୍ଷଣର ନୂଆ ପଦ୍ଧତି ଅନୁସାରେ ବାଲମନ୍ଦିର ସଂଖ୍ୟା ବଢ଼ିବାରେ ଲାଗିଲା । ସେସବୁ ପାଇଁ ମଣ୍ଟେସୋରୀ ପଦ୍ଧତିର ଉପକରଣ ମିଳିବା ଏକ ବଡ଼ ସମସ୍ୟା ଥିଲା । ବିଦେଶରୁ ଉପକରଣ ଆମଦାନୀ କରିବା ବେଶ୍ ବ୍ୟୟବହୁଳ ଥିଲା । ପୁଣି ଦରକାର ସମୟରେ ତାହା ମିଳି ପାରୁନଥିଲା । ସ୍ଥାନୀୟ ସାମଗ୍ରୀ ନେଇ ବାଲ ଶିକ୍ଷଣ ସଂସ୍ଥା ଏସବୁ ପ୍ରସ୍ତୁତ କରିବାର ଯୋଜନା କଲେ । ସେ ସମୟରେ ଏହା ଗୋଟିଏ ବଡ଼ ଓ ସାହସିକ ପଦକ୍ଷେପ ଥିଲା ।

ସେ ସମୟରେ (୧୯୨୦-୧୯୪୦) ସ୍ୱାଧୀନତା ଆନ୍ଦୋଳନ ଜୋରରେ ଚାଲିଥିଲା । ବିଦେଶୀ ଜିନିଷ ସବୁକୁ ବର୍ଜନ କରାଯାଉଥିଲା । ସ୍ୱଦେଶୀ ଓ ବିଦେଶୀ ଭାବନା ନେଇ ଲୋକମାନେ ବହୁତ ସ୍ପର୍ଶକାତର ଥିଲେ । ସେଥିପାଇଁ ଅନେକ ଲୋକ ମଣ୍ଟେସୋରୀ ପଦ୍ଧତିକୁ ବିଦେଶୀ ପଦ୍ଧତି, ପାଶ୍ଚାତ୍ୟ ସଂସ୍କୃତିର ଶିକ୍ଷା, ଭାରତୀୟ ସଂସ୍କୃତିରେ ଏହ ଖାପ ଖାଇବ ନାହିଁ ଆଦି କହି ଏହାକୁ ବିରୋଧ କରିବାକୁ ଲାଗିଥିଲେ । କିନ୍ତୁ ଗିଜୁଭାଇ ଆମ ଦେଶ ପାଇଁ ଅନୁକୂଳ ମଣ୍ଟେସୋରୀ ପଦ୍ଧତି ବିଷୟରେ କହି ଲୋକଙ୍କୁ ଜବାବ ଦେଉଥିଲେ ।

ଆଉ ଗୋଟିଏ ଭୁଲ ଧାରଣା ମଧ୍ୟ ସୃଷ୍ଟି ହୋଇଥିଲା ଯେ ମଣ୍ଟେସୋରୀ ପଦ୍ଧତି ସହରର ଧନୀ ବର୍ଗର ପିଲାଙ୍କ ପାଇଁ ଉଦ୍ଦିଷ୍ଟ, ଭାରତର ଲକ୍ଷ ଲକ୍ଷ ଗାଁର ପିଲାଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । ଏକଥାର ଉତ୍ତର ଦେବାକୁ ଯାଇ ଗିଜୁଭାଇ କିଛି ଯୁକ୍ତି କରିବା ବଦଳରେ କାମ କରି ଦେଖାଇ ଦେଇଥିଲେ । ଦକ୍ଷିଣାମୂର୍ତ୍ତି ବାଲମନ୍ଦିର ସାମନାରେ ରହୁଥିବା କୃଷକ ଏବଂ ଶ୍ରମିକ ଶ୍ରେଣୀର ପିଲାଙ୍କ ପାଇଁ ବାଲ ବିଦ୍ୟାଳୟ ସେ ଚଳାଇଥିଲେ ।

# ସାହିତ୍ୟସ୍ରଷ୍ଟା ଗିଜୁଭାଇ

୧୯୨୦-୧୯୨୫ ମସିହା ବେଳକୁ ପିଲାଙ୍କ ପଢ଼ିବା ପାଇଁ ଭଲ ବହି କିଛି ନଥିଲା । ପିଲାଙ୍କ ଭାଷାରେ ଲେଖା ବହିକୁ ଶିଶୁ ସାହିତ୍ୟ ଭାବରେ ଗଣା ଯାଉଥିଲା । ଗପ ବ୍ୟତୀତ ଅନ୍ୟ ବିଷୟରେ ବି ଶିଶୁ ସାହିତ୍ୟ ଲେଖା ଯାଇପାରେ ସେ କଥା କେହି ଚିନ୍ତା କରିପାରୁ ନଥିଲେ । ଶିଶୁ ମନୋବିଜ୍ଞାନକୁ ବୁଝି ସେମାନଙ୍କ ପାଇଁ ଲେଖିବା ପାଇଁ ଲେଖକ ବି ସେ ସମୟରେ ନଥିଲେ ।

ଏହି ସମୟରେ ଗିଜୁଭାଇଙ୍କର ଶିଶୁ ସାହିତ୍ୟ ରଚନା କାମ ଆରମ୍ଭ ହେଲା । ପ୍ରଥମେ ୧୯୨୦-୨୧ ମସିହାରେ ସେ "ଚାଲଣ ଗାଡ଼ି" ପ୍ରସ୍ତୁତ କରିଥିଲେ । ତା'ପର ବହି ଥିଲା "ମୋଟି ବେନ୍" । ଏହା ପରେ ସୁନ୍ଦର ପାଠ, ଭେରୁ, ଆମ୍ବା ୱାଡ଼ିୟୁ ଆଦି ବହି ଆସିଲା । ଏସବୁ ବହି ମାଧ୍ୟମରେ ପିଲା ଗଛଲତା, ଜୀବଜନ୍ତୁ, ପାହାଡ଼, ନଈ ଆଦି ବିଷୟରେ ଅନେକ କଥା ଜାଣି ପାରିଥିଲେ । ଏହିଭଳି ଅନେକ ଶିଶୁ ସାହିତ୍ୟର ସୃଷ୍ଟି ହୋଇ ଚାଲିଲା । ଏଥିରେ କେବଳ ଗିଜୁଭାଇ ଲେଖୁନଥିଲେ । ତାଙ୍କ ସହକର୍ମୀମାନେ ମଧ୍ୟ ଲେଖୁଥିଲେ କିମ୍ବା ବିଭିନ୍ନ ଉତ୍ସରୁ ସଂଗ୍ରହ କରି ଗୁଜୁରାତିରେ ଅନୁବାଦ କରୁଥିଲେ । ଗିଜୁଭାଇଙ୍କ ଲେଖାର ଭାଷା ଏତେ ରୋଚକ ଥିଲା ଯେ ପିଲା ତ ପିଲା, ଏପରିକି ବଡ଼ମାନେ ବି ସେଥିରେ ମଜ୍ଜି ଯାଉଥିଲେ ।

ଗିଜୁଭାଇଙ୍କ ଶିଶୁ ସାହିତ୍ୟରେ ପୌରାଣିକ କାହାଣୀ, ବିଜ୍ଞାନ ତଥା ପ୍ରକୃତି ପରିଚୟ, ମାନବ ଜୀବନର ପରିଚୟ, ଭାଷା ଶିକ୍ଷା, କାହାଣୀ, ମଜା କଥା, ଭୂଗୋଳ, ଐତିହାସିକ କାହାଣୀ, ନାଟକ, ଲୋକକଥା, ସଂକ୍ଷିପ୍ତ ସାହିତ୍ୟ, ଅନୁବାଦ, ପହଳି, ଢଗଢ଼ମାଳି, କବିତା ଆଦି ରହିଥିଲା । ଗିଜୁଭାଇ ପିଲାଙ୍କ ସର୍ବାଙ୍ଗୀନ ବିକାଶ

ପାଇଁ ଏସବୁ ଆବଶ୍ୟକ ବୋଲି ମନେ କରୁଥିଲେ । ଗିଜୁଭାଇ ନିଜେ ସୃଷ୍ଟି କରିବା ସହିତ ସମକାଳୀନ ଅନ୍ୟ ଲେଖକମାନଙ୍କୁ ମଧ୍ୟ ଏ ଦିଗରେ ଉତ୍ସାହିତ କରୁଥିଲେ ।

### *କିଶୋର ଓ ଶିକ୍ଷଣ ସାହିତ୍ୟ*

ପିଲା ବଡ଼ ହୋଇ କିଶୋର ଅବସ୍ଥାରେ ପହଞ୍ଚିଲେ । ତାଙ୍କ ପଢ଼ିବା ପାଇଁ ମଧ୍ୟ ଖୋରାକ ଦରକାର । ଗିଜୁଭାଇ ତାଙ୍କ ପାଇଁ କିଶୋର ସାହିତ୍ୟ ସୃଷ୍ଟି କଲେ । ସେ ସେର୍‌ଲକ ହୋମ୍‌ସ୍‌, ଜୁଲ୍‌ସ୍‌ ଭର୍ଣ୍ଣଙ୍କ ଭଳି କିଛି ଲେଖକଙ୍କର ଇଂରାଜୀ ବହିକୁ ଗୁଜୁରାତିରେ ଅନୁବାଦ ମଧ୍ୟ କରିଥିଲେ । ଏବେ ଯାଏଁ ବି ଏସବୁ ବହି କିଶୋର ସାହିତ୍ୟ କ୍ଷେତ୍ରରେ ସବୁଠାରୁ ଭଲ ବୋଲି ଗ୍ରହଣ କରାଯାଏ ।

ସେ କେବଳ ଶିଶୁ କିମ୍ବା କିଶୋର ସାହିତ୍ୟ ରଚନା କରିନଥିଲେ । ଶିକ୍ଷକ, ମାତାପିତାଙ୍କ ପାଇଁ ମଧ୍ୟ ସେ ଅନେକ ପୁସ୍ତକ ରଚନା କରିଥିଲେ । *ମଣ୍ଟେସୋରୀ ପଦ୍ଧତି, ପ୍ରାଥମିକ ଶାଳା ମେଁ ଶିକ୍ଷଣ ପଦ୍ଧତି, ଚିଠି ବାଚନ, ପ୍ରାଥମିକ ଶାଳା ମେଁ ଶିକ୍ଷକ, ମାତା ପିତା ସେ, ମାତା ପିତା କେ ପ୍ରଶ୍ନ* ଆଦି ଏହାର କିଛି ଉଦାହରଣ ।

### *ଗିଜୁଭାଇଙ୍କ ସମ୍ପାଦିତ ପତ୍ରିକା*

ଶିକ୍ଷଣ ପତ୍ରିକା ଓ ଦକ୍ଷିଣାମୂର୍ତ୍ତି ନାମକ ଦୁଇଟି ପତ୍ରିକା ଗିଜୁଭାଇ ସମ୍ପାଦନା କରୁଥିଲେ । ବାଲ ଶିକ୍ଷଣ ସଂଘର ମାସିକ ମୁଖପତ୍ର ଥିଲା ଶିକ୍ଷଣ ପତ୍ରିକା । ଏଥିରେ ଶିଶୁ ଶିକ୍ଷା ବିଷୟରେ ଆଲୋଚନା କରା ଯାଉଥିଲା । ଗୁଜୁରାତର ଅନେକ ସ୍କୁଲ, ପୁସ୍ତକାଳୟ ତଥା ବାପା ମା'ଙ୍କ ପାଖରେ ଏହି ପତ୍ରିକା ପହଞ୍ଚୁଥିଲା । ବାପା ମା'ଙ୍କର ପିଲାଙ୍କ ପ୍ରତି ଦୃଷ୍ଟିକୋଣ ବଦଳାଇବା ଦିଗରେ ଏହି ପତ୍ରିକାର ବଡ଼ ଭୂମିକା ରହିଥିଲା ।

ପତ୍ରିକାଟିକୁ ଦେଶର ଅନ୍ୟ ଅଞ୍ଚଳରେ ପହଞ୍ଚାଇବା ପାଇଁ ସେ ଦାଦରରୁ ଏହାର ମରାଠୀ ଓ ଇନ୍ଦୋରରୁ ହିନ୍ଦୀ ସଂସ୍କରଣ ପ୍ରକାଶ କରୁଥିଲେ । ଏହିପରି ସେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ବି ନିଜର ଚିନ୍ତାଧାରା ଲୋକଙ୍କ ପାଖରେ ପହଞ୍ଚାଇ ପାରିଥିଲେ । ଅନ୍ୟ ଭାଷାରେ ବି ଏଭଳି କାମ କରିବାର ତାଙ୍କର ଇଚ୍ଛା ଥିଲା । କିନ୍ତୁ ତାଙ୍କର ଏହି ସ୍ୱପ୍ନ ପୂରା ହେବା ଆଗରୁ ସେ ଦେହତ୍ୟାଗ କରିଥିଲେ ।

ଦକ୍ଷିଣାମୂର୍ତ୍ତି ସଂସ୍ଥାର ତ୍ରୈମାସିକ ମୁଖପତ୍ର ଥିଲା ଦକ୍ଷିଣାମୂର୍ତ୍ତି । ଗିଜୁଭାଇ ଓ ତାଙ୍କ ଅନ୍ୟ ସାଥିମାନେ ଏଥିରେ ନିୟମିତ ଲେଖୁଥିଲେ । ବିଷୟଗତ ବିବିଧତା, ଆଲୋଚନା, ବିଶ୍ୱବ୍ୟାପୀ ଚିନ୍ତାଧାରା, ଚିନ୍ତନ ଓ ମନନ ଆଦି ଯୋଗୁ ପତ୍ରିକା ବେଶ୍ ଉଚ୍ଚକୋଟୀର ଥିଲା ।

ଗିଜୁଭାଇଙ୍କ ଲେଖା ଗୁଜୁରାଟିରେ ବହୁତ ଲୋକପ୍ରିୟ ଥିଲା । ସେଥିପାଇଁ ତାଙ୍କର ବହି ସବୁ ହଜାର ହଜାର ସଂଖ୍ୟାରେ ବିକ୍ରି ହେଉଥିଲା । ଗୁଜୁରାଟର ପିଲା, ଶିକ୍ଷକ ଏବଂ ଅଭିଭାବକ ସମସ୍ତେ ତାଙ୍କ ଲେଖାକୁ ଆଗ୍ରହର ସହ ପଢୁଥିଲେ । ମୋଟରେ ସେ ପ୍ରାୟ ୨୦୦ ବହି ଲେଖିଥିଲେ ।

ତାଙ୍କର ବହି ଭିତରୁ ପ୍ରାଥମିକ ଶିକ୍ଷା ପାଇଁ ଅତି ମୂଲ୍ୟବାନ ଦୁଇଟି ହେଉଛି - ପ୍ରାଥମିକ ଶିକ୍ଷା ପଦ୍ଧତି ଓ ଦିବାସ୍ୱପ୍ନ । ପିଲାଙ୍କୁ ଗୋଟିଏ ନୂଆ ଉପାୟରେ ପଢ଼ାଇବାକୁ ଚେଷ୍ଟା କରୁଥିବା ଜଣେ କାଳ୍ପନିକ ଶିକ୍ଷକଙ୍କ ଅନୁଭୂତି ଉପରେ ଆଧାରିତ "ଦିବାସ୍ୱପ୍ନ" ତାଙ୍କ ସର୍ବଶ୍ରେଷ୍ଠ ବହି ।

ଏହି ସଂକଳନରେ ପ୍ରଥମ ବହିଟିର ପୂର୍ଣ୍ଣ ଓ ଦ୍ୱିତୀୟଟିର ସଂକ୍ଷିପ୍ତ ଓଡ଼ିଆ ରୂପ ଦିଆଯାଇଛି ।

## ଦ୍ୱିତୀୟ ଖଣ୍ଡ

# ପ୍ରାଥମିକ ଶିକ୍ଷା ପଦ୍ଧତି

ପ୍ରକୃତ ଶିକ୍ଷା କ୍ଷେତ୍ର – ଘର

*ମା'ବାପା ଯଦି ଭାବୁଥାନ୍ତି ଯେ ନିଜେ ଯେପରି ବ୍ୟବହାର କଲେ ବି ତାଙ୍କ ପିଲାମାନେ ଠିକ୍, ସଭ୍ୟ, ସୁଶୀଳ, ମାର୍ଜିତ ହେବେ, ତେବେ ସେମାନେ ବହୁତ ବଡ଼ ଭୁଲ କରୁଛନ୍ତି । ମା'ବାପା ଓ ଘର ଦୁନିଆରେ ଦୁଇଟି ବଡ଼ ଶକ୍ତିଶାଳୀ ଶିକ୍ଷା କେନ୍ଦ୍ର । ଯେଉଁ ପିଲା ଘରେ ବିଗିଡ଼ି ଯାଏ ତାକୁ ଭଗବାନ ମଧ୍ୟ ଠିକ୍ କରିପାରିବେ ନାହିଁ ।*

ଗିଜୁଭାଇ

# ସୂଚୀପତ୍ର


| | | |
|---|---|---|
| ୧. | ପଢ଼ାଇବା କିପରି | ୫୫ |
| ୨. | ବ୍ୟାଖ୍ୟାନ ପଦ୍ଧତି | ୫୭ |
| ୩. | ପ୍ରଶ୍ନୋତ୍ତର ପଦ୍ଧତି | ୬୧ |
| ୪. | ଯୋଡ଼ି ପଦ୍ଧତି | ୬୫ |
| ୫. | ଅଭିନୟ ପଦ୍ଧତି | ୬୯ |
| ୬. | ସଂଶ୍ଳେଷଣ ଓ ବିଶ୍ଳେଷଣ ପଦ୍ଧତି | ୭୮ |
| ୭. | ସିଦ୍ଧାନ୍ତ ଓ ଦୃଷ୍ଟାନ୍ତ ପଦ୍ଧତି | ୮୨ |
| ୮. | ଅନୁଭୂତି ପଦ୍ଧତି | ୮୫ |
| ୯. | ପ୍ରତ୍ୟକ୍ଷ ପଦ୍ଧତି | ୮୭ |
| ୧୦. | ବାକ୍ୟରୁ ଅକ୍ଷର ପଦ୍ଧତି | ୯୧ |
| ୧୧. | ପ୍ରକଳ୍ପ ପଦ୍ଧତି | ୯୩ |
| ୧୨. | କିଣ୍ଡରଗାର୍ଟେନ ପଦ୍ଧତି | ୯୮ |
| ୧୩. | ସ୍ୱଶିକ୍ଷା ପଦ୍ଧତି | ୧୦୧ |
| ୧୪. | ଉନ୍ମେଷ ପଦ୍ଧତି | ୧୦୪ |
| ୧୫. | ସମୟାନୁକ୍ରମ ପଦ୍ଧତି | ୧୧୧ |
| ୧୬. | ବିପରୀତକ୍ରମ ପଦ୍ଧତି | ୧୧୩ |
| ୧୭. | ପୁସ୍ତକାଳୟ ପଦ୍ଧତି | ୧୧୪ |
| ୧୮. | ଆବୃତ୍ତି ପଦ୍ଧତି | ୧୧୭ |
| ୧୯. | ଲୋକକଥା ପଦ୍ଧତି | ୧୧୮ |
| ୨୦. | ଶ୍ରବଣ ପଦ୍ଧତି | ୧୨୦ |
| ୨୧. | କାହାଣୀ ପଦ୍ଧତି | ୧୨୨ |
| ୨୨. | ଚଳଚିତ୍ର ପଦ୍ଧତି | ୧୨୬ |
| ୨୩. | ଗୁରୁକୁଳ ପଦ୍ଧତି | ୧୨୮ |

# ଭୂମିକା

୧୯୩୦ ମସିହା ବେଳକୁ ଦେଶରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ହୋଇ ଉଠୁଥାଏ ଓ ସ୍ୱାଧୀନ ଭାରତରେ ଶିକ୍ଷା ଆଦିର ଚିନ୍ତା ଆରମ୍ଭ ହେଉଥାଏ । ଶିକ୍ଷା ଦିଗରେ ଦେଶ ସାରା ଚାଲିଥିବା ଅନେକ ପରୀକ୍ଷା ବେଶ୍ ପାକଳ ଅବସ୍ଥାକୁ ଆସି ଯାଇଥା'ନ୍ତି । ପରାଧୀନ ଭାରତରେ ଚଳୁଥିବା ବିକୃତ ଇଂରେଜ ଶିକ୍ଷାର ସଂକୀର୍ଣ୍ଣତାକୁ ଦୂରେଇବା ଏହି ପରୀକ୍ଷା ସବୁର ମୂଳ ଲକ୍ଷ୍ୟ ଥାଏ । ଶିକ୍ଷାକୁ ବହି, ପରୀକ୍ଷା, ପ୍ରମାଣପତ୍ର, ପ୍ରତିଯୋଗିତା ଆଦିରୁ ମୁକୁଳାଇ ଶିକ୍ଷାତମାନଙ୍କର ଗୋଲାମି ମନୋବୃତ୍ତି ଛଡ଼ାଇ, ସ୍ୱାଧୀନ ଭାରତ ପାଇଁ ଚିନ୍ତାଶୀଳ ମଣିଷ ସୃଷ୍ଟି କରିବା ଦିଗରେ ଚେଷ୍ଟା ଚାଲିଥାଏ ।

ସେଭଳି ଏକ ବାତାବରଣରେ ଏହି ବହିଟି ପ୍ରଥମେ ୧୯୩୨ ମସିହାରେ ମୂଳ ଗୁଜୁରାଟି ଭାଷାରେ ପ୍ରକାଶିତ ହୋଇଥିଲା । ଏହାର ଆଗରୁ ପ୍ରାୟ ୧୫ ବର୍ଷ ଧରି ଗିଜୁଭାଇ ଶିଶୁଶିକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ ଚିନ୍ତା ଓ କାମ କରି ଆସୁଥିଲେ । ତାଙ୍କ ନିଜର ଓ ଅନ୍ୟମାନଙ୍କର ପରୀକ୍ଷାର ଫଳକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ବାଟ ଖୋଜିବାରେ ଲାଗିଥିଲେ । ସେଥିପାଇଁ ସେ ଶିକ୍ଷକ ତାଲିମ ଏବଂ ଶିକ୍ଷକ ଓ ବାପାମା'ଙ୍କ ପାଇଁ ବହି ଲେଖିବା ଉପରେ ଜୋର ଦେଉଥିଲେ ।

୧୯୩୦ ଦଶକର ଆରମ୍ଭରେ ଆମ ଦେଶରେ ନିୟମିତ ଶିକ୍ଷକ ତାଲିମ ପ୍ରାୟ ଚଳିନଥିଲା । ତେଣୁ ଦେଶ ବିଦେଶରେ ପ୍ରାଥମିକ ସ୍ତରରେ ଚଳୁଥିବା ବିଭିନ୍ନ ଶିକ୍ଷା ପଦ୍ଧତି ବିଷୟରେ ଆଗ୍ରହୀ

ବୟସ୍କମାନଙ୍କୁ କିଛି ଧାରଣା ଦେବା ପାଇଁ ଗିଜୁଭାଇ ଏହି ବହିଟି ଲେଖିଥିଲେ । ୧୯୮୮ ମସିହାରେ ଏହା ପ୍ରଥମ ଥର ପାଇଁ ହିନ୍ଦୀ ଭାଷାରେ ବାହାରି ଭାରତର ସବୁ ଅଞ୍ଚଳରେ ପହଞ୍ଚି ପାରିଲା । ୧୯୯୭ ମସିହାରେ ମୂଳ ଲେଖାର ୬୫ ବର୍ଷ ପରେ ତା'ର ଓଡ଼ିଆ ରୂପ ଆସିଲା ଏବଂ ଏବେ ତା'ର ଦ୍ୱିତୀୟ ସଂସ୍କରଣ ଆସୁଛି ।

ପ୍ରଶ୍ନ ଆସେ ଯେ ଏତେ ଦିନ ଭିତରେ ଅନେକ କିଛି ବଦଳିଯିବା ପରେ ଏ ବହିର ଆବଶ୍ୟକତା ଆଉ ଅଛି କି ? ଏହା ସତ ଯେ ଗଲା ୭୦ ବର୍ଷରେ ବହୁତ ପରିବର୍ତ୍ତନ ଆସିଛି । ଦେଶ ସ୍ୱାଧୀନ ହୋଇଛି । ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ବଢ଼ିଛି । ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କରେ ବିଧିବଦ୍ଧ ଭାବରେ ବ୍ୟାପକ ଶିକ୍ଷକ ତାଲିମ ମଧ୍ୟ ଚାଲିଛି । କିନ୍ତୁ ଆଜି ଶିକ୍ଷାର ଅବସ୍ଥା ଉପରେ ସମସ୍ତେ ଚିନ୍ତିତ । ପ୍ରାଥମିକ ଶିକ୍ଷା ସାର୍ବଜନୀନ ହେବା ତ ଦୂରର କଥା, ଉଭୟ ସଂଖ୍ୟା ଓ ଗୁଣ ଦୃଷ୍ଟିରୁ ତାହା ଆଜି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ।

ଏହାର ସୁଧାର ପାଇଁ ମଧ୍ୟ ଚିନ୍ତାର ଅଭାବ ନାହିଁ । କିନ୍ତୁ ପଚାଶ ଶହେ ବର୍ଷ ତଳେ ଶିକ୍ଷା ଉପରେ ଅନେକ ମୌଳିକ ପରଖ ଦେଖିଥିବା ଭାରତ ଆଜି ବିଦେଶୀ ପାଣ୍ଠି ଓ ଶିକ୍ଷା ଯୋଜନା ଜରିଆରେ ଏହାର ସମାଧାନ ଚିନ୍ତା କରୁଛି । ଶିକ୍ଷା କ୍ଷେତ୍ରରେ ଆମର ସେହି ମୂଲ୍ୟବାନ ଐତିହ୍ୟ ବିଷୟରେ ଚେତାଇ ଦେବା ପାଇଁ ଏହି ବହିଟିର ଅବତାରଣା ।

ଶିକ୍ଷା କ୍ଷେତ୍ରରେ ଆଜିର ହତାଶା ଭିତରେ ଏହା ଏକ ମାର୍ଗଦର୍ଶକ ହେଲେ ଗିଜୁଭାଇଙ୍କ ଭଳି ଶିକ୍ଷାପ୍ରେମୀଙ୍କର ସ୍ୱପ୍ନ ସାର୍ଥକ ହେବ ।

## ମୂଳ ଗୁଜୁରାଟି ସଂସ୍କରଣର ମୁଖବନ୍ଧ

ଜନସାଧାରଣ ଏବଂ ଶିକ୍ଷକ ଉଭୟେ ଭାବନ୍ତି ଯେ ପଢ଼ାଇବା ବା ଶିଖାଇବା କି'ବା କଷ୍ଟ କଥା ? ଏହି ଧାରଣା ଯୋଗୁ ପ୍ରତି ଲୋକ

ଘରେ ତା' ପିଲାକୁ ପଢ଼ାଇବା ପାଇଁ ବସିଯାଏ । ଏହି କାରଣରୁ ଯେକୌଣସି ଲୋକ ଶିକ୍ଷକ ଚାକିରି କରିପାରେ । ସର୍ବେକ୍ଷଣ କଲେ ଜଣାଯିବ ଯେ ଶିକ୍ଷାର ଧାରା ଉପରେ ଅଧିକାଂଶ ଶିକ୍ଷକଙ୍କର ସାଧାରଣ ଜ୍ଞାନ ମଧ୍ୟ ନାହିଁ । ଏତିକି ନୁହେଁ, ପୁଲିସ ବିଭାଗ, ଡାକ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦିରୁ ଛଟେଇ ହୋଇଥିବା ଅନେକ ଲୋକ ମଧ୍ୟ ଶିକ୍ଷକ ହୋଇଥିବାର ଦେଖାଯାଏ । ଉପଯୁକ୍ତ ପ୍ରଶିକ୍ଷଣ ପାଇଥିବା ଶିକ୍ଷକଙ୍କ ସଂଖ୍ୟା ଅତି କମ୍ । ଲକ୍ଷ ଲକ୍ଷ ଗାଁରେ ଅଧାପାଠୁଆ ଶିକ୍ଷକମାନେ ପାଠ ପଢ଼ାଉଛନ୍ତି । ଏହାର କାରଣ ହେଉଛି ଲୋକ ଏବଂ ଶିକ୍ଷକ ଉଭୟ ଭାବୁଛନ୍ତି ଯେ ଶିକ୍ଷକର କାମରେ ରହିଛି ବା କ'ଣ ?

ସାଧାରଣ ଲୋକଙ୍କ ଧାରଣା ରହିଛି ଯେ ଯିଏ ନିଜେ ପାଠ ପଢ଼ିଛି, ସେ ନିଶ୍ଚୟ ଅନ୍ୟକୁ ପଢ଼ାଇପାରିବ । କିନ୍ତୁ ଯିଏ ନିଜେ ଔଷଧ ଖାଇଛି ବା ଅସ୍ତ୍ରୋପଚାର କରାଇଛି ସେ ଆପେ ଆପେ ଡାକ୍ତର ହୋଇପାରିବ ନାହିଁ । ଯିଏ ରେଳଗାଡ଼ିରେ ଯାଇଛି, ସେତିକିରେ ସେ ରେଳଗାଡ଼ି ଚଳାଇ ପାରିବ ନାହିଁ । ଯିଏ ଉଜଳ ଆଲୁଅରେ ପଢ଼ିଛି, ଅଧିକ ତାଲିମ ନନେଇ ସେ ନିଜେ ବିଜୁଳି ଶକ୍ତି ତିଆରି କରିପାରିବ ନାହିଁ । ଭାଷା, ଭୂଗୋଳ, ଇତିହାସ, ଗଣିତ ଆଦି ବିଷୟରେ ଜାଣିବା ଏବଂ ଅନ୍ୟକୁ ସେ ବିଷୟରେ ପଢ଼ାଇବା ଦୁଇଟି ଅଲଗା କଥା । ନିଜେ ନିଜେ ଖୁବ୍ ଭଲ ଗୀତ ଗାଇବା ଗୋଟିଏ କଥା, ଅନ୍ୟକୁ ଗୀତ ଶିଖାଇଦେବା ଅଲଗା କଥା ।

ଜ୍ଞାନ ପାଇବା ଏବଂ ଗୁରୁ ହେବାରେ ତଫାତ ରହିଛି । ଏ ଦୁଇଟି ଅଲଗା ଜିନିଷ । ଗୁରୁ ନିଜ ବିଷୟ ଉପରେ ଜାଣିବା ସଙ୍ଗେ ସଙ୍ଗେ ଶିଖାଇବା କଳାଟି ମଧ୍ୟ ଜାଣିବା ଦରକାର । ଅଲଗା ଅଲଗା ବିଷୟକୁ ଅଲଗା ଅଲଗା ଢାଞ୍ଚାରେ ପଢ଼ାଇବା ଯିଏ ଜାଣିନାହିଁ, ସେ ଅନ୍ୟକୁ ଶିଖାଇବା କାମ କରିପାରିବ ନାହିଁ । ବରଂ ପିଲା ମୁଣ୍ଡରେ କିଛି ନିରର୍ଥକ ତଥ୍ୟ ଭର୍ତ୍ତି କରିଦେବ । ଯେତେବେଳେ ଏହି ତଥ୍ୟ ଖୁନ୍ଦିବା

କାମଟି ଶିକ୍ଷକଙ୍କୁ ବଡ଼ କଷ୍ଟ ଲାଗେ, ସେ ବେତରେ ମାରେ । ପଢ଼ାଇବାର ପଦ୍ଧତି ନଜାଣିଥିବା ଆଜିର ଶିକ୍ଷକ ଦଣ୍ଡ ଓ ପୁରସ୍କାର ମାଧ୍ୟମରେ ଅଧିକରୁ ଅଧିକ ତଥ୍ୟ ପିଲା ମୁଣ୍ଡରେ ଖୁନ୍ଦି ଚାଲିଛନ୍ତି ।

ଅନ୍ୟଙ୍କୁ ଶିଖାଇବା ହେଉଛି ଗୋଟିଏ କଳା ଏବଂ ବିଭିନ୍ନ ଶିକ୍ଷଣ ପଦ୍ଧତି ହେଉଛି ଏହି କଳାର ନାନା ହତିଆର । ଏହି ହତିଆର ସବୁର ଠିକ ବ୍ୟବହାର କରିପାରୁଥିବା ବ୍ୟକ୍ତି ଧୀରେ ଧୀରେ ଶିଖାଇବା କଳାରେ କୁଶଳୀ ହୋଇଯା'ନ୍ତି । କିନ୍ତୁ ଯିଏ କିଛି ବି ପ୍ରସ୍ତୁତି କରିନାହିଁ, ସିଏ ଶିଖାଇବା କଳାଠାରୁ ସବୁବେଳେ ଦୂରରେ ଥାଏ । ଶିଖାଇବା ପାଇଁ ପାଠ୍ୟକ୍ରମ ଓ ଶିକ୍ଷଣ ପଦ୍ଧତି ସହିତ ପିଲାର ଦେହ ଓ ମନ ବିଷୟରେ ମଧ୍ୟ ଜାଣିବା ଦରକାର । ଶିକ୍ଷାର ଧାରା ସହିତ ଶିକ୍ଷକଙ୍କୁ ଏସବୁ କଥା ମଧ୍ୟ ଶିଖିବାକୁ ହୋଇଥାଏ । ଏପରି କରୁ କରୁ ହିଁ ଜଣେ ଶିକ୍ଷକ ଶିକ୍ଷଣ କଳାରେ ନିପୁଣ ହୋଇଯାଇ ପାରିବ । ଏହି ନିପୁଣତା ପାଇଁ ଚେଷ୍ଟାର ଆରମ୍ଭ ହେବ ଶିକ୍ଷଣ ପଦ୍ଧତି ବିଷୟରେ ଜାଣିବାରୁ ।

ସନ ୧୯୩୨ ଗିଜୁଭାଇ

## ପ୍ରକୃତିର ଉପହାର

*ପ୍ରକୃତିଠାରୁ ଦୂରେଇ ଯାଉଛି ଯେ ପିଲା*
*ପ୍ରକୃତିର ରହସ୍ୟ ସେ ବା ଜାଣିବ କିପରି ?*
*ଝିଲିମିଲି ଜ୍ୟୋତ୍ସ୍ନା, କଳକଳ ନିନାଦିନୀ ନଦୀ,*
*କ୍ଷେତର ମାଟି, ଗୋଡ଼ି, ପଥର,*
*ଖୋଲା ପବନ, ଆକାଶର ରଙ୍ଗ ...*
*... ପିଲାଙ୍କ ପାଇଁ ଏସବୁ ପ୍ରକୃତିର ଉପହାର ।*
*ଏସବୁ ତାକୁ ପ୍ରାଣଭରି ଉପଭୋଗ କରିବାକୁ ଦିଅନ୍ତୁ ।*

ଗିଜୁଭାଇ

ଶିକ୍ଷା କ୍ଷେତ୍ରରେ ଯେଉଁ ତିନୋଟି ବଡ଼ ପ୍ରଶ୍ନ ରହିଛି, ସେଗୁଡ଼ିକ ହେଲା: କ'ଣ ପଢ଼ାଇବା ? କାହିଁକି ପଢ଼ାଇବା ? ଏବଂ କିପରି ପଢ଼ାଇବା ? ଏସବୁ ପ୍ରଶ୍ନର ସଠିକ ଉତ୍ତରକୁ ନେଇ ହିଁ ଉପଯୋଗୀ ଶିକ୍ଷାର ଯୋଜନା କରାଯାଇ ପାରିବ । ଯେକୌଣସି ଶିକ୍ଷା ଯୋଜନାରେ ଏହି ତିନୋଟି ପ୍ରଶ୍ନ ପ୍ରତି ସମାନ ଧ୍ୟାନ ଦେବା ଦରକାର । ପ୍ରଶ୍ନ ତିନୋଟି ଭିତରେ ଏପରି ମେଳ ରଖିବା ଉଚିତ ଯେପରି ଯୋଜନାଟି ସୁନ୍ଦର ଏବଂ ଲାଭଦାୟକ ହେବ । କ'ଣ ଏବଂ କାହିଁକି ପଢ଼ାଇବା ପ୍ରଶ୍ନ ଦୁଇଟିର ଉତ୍ତର ବ୍ୟକ୍ତି, ସମାଜ ଏବଂ ଦେଶର ସାମୟିକ ଓ ଦୀର୍ଘମିଆଦୀ ଚାହିଦା ଉପରେ ନିର୍ଭର କରେ । ଏହି କାରଣରୁ ପଢ଼ାଇବାର ବିଷୟବସ୍ତୁ ଏବଂ ପଦ୍ଧତି ବିଭିନ୍ନ ଜାଗାରେ ପ୍ରାୟ ଅଲଗା ହୋଇଥାଏ । ଏଥିପାଇଁ ଶିକ୍ଷାର ଯୋଜନା ମଧ୍ୟ ବିଭିନ୍ନ ସମୟରେ ବଦଳିଥାଏ । ସେହି ଅନୁସାରେ ସମସାମୟିକ ଶିକ୍ଷାବିତ୍‌ମାନେ ଦେଶର ଶିକ୍ଷା ପ୍ରଣାଳୀକୁ ରୂପ ଦିଅନ୍ତି ।

### *ପଢ଼ାଇବା କିପରି ?*

ଏହା ଗୋଟିଏ ମୌଳିକ ପ୍ରଶ୍ନ, ଯାହାର ଉତ୍ତର ସମାଜ ବା ରାଷ୍ଟ୍ର ଉପରେ ନିର୍ଭର କରେନାହିଁ । କୌଣସି ସମୟରେ ଦେଶର ପରିସ୍ଥିତି ଉପରେ ମଧ୍ୟ ଏହା ନିର୍ଭରଶୀଳ ନୁହେଁ । ବରଂ ଏହା ଶିକ୍ଷା ଉପରେ ବିଭିନ୍ନ ଚିନ୍ତନ ଓ ତତ୍ତ୍ୱ ସହ ଯୋଡ଼ା । ଏହା ମୁଖ୍ୟତଃ ମନୋବିଜ୍ଞାନ ଉପରେ ଆଧାରିତ ଏକ ଗଭୀର ବିଷୟ । ମନୋବିଜ୍ଞାନ ଓ ଶିକ୍ଷାତତ୍ତ୍ୱ ଦିଗରେ ପରିବର୍ତ୍ତନକୁ ନେଇ ପଢ଼ାଇବାର ଧାରାରେ ବିକାଶ ଓ ପରିବର୍ତ୍ତନ ଚାଲିଛି ।

ଶିକ୍ଷାଦାନ ପଦ୍ଧତି ମୁଖ୍ୟତଃ ମନୋବିଜ୍ଞାନ ଉପରେ ନିର୍ଭର କରେ । କିନ୍ତୁ କେବଳ ସେତିକିରେ ସୀମିତ ରହେନାହିଁ । ବ୍ୟକ୍ତିର ବିଚାରଧାରା ମଧ୍ୟ ସମାନ ଭାବରେ ଏହାକୁ ପ୍ରଭାବିତ କରିଥାଏ । ସେଥିପାଇଁ

ବ୍ୟକ୍ତିଗତ ବିକାଶ ଓ ମନୋବିଜ୍ଞାନର ସିଦ୍ଧାନ୍ତର ସମନ୍ୱୟରେ ହିଁ ଶିକ୍ଷାଦାନ ପ୍ରଣାଳୀର ମୂଳଦୁଆ ଦୃଢ଼ ହୋଇଥାଏ ।

କିଛି ନା କିଛି ଦିଗରୁ ପ୍ରତ୍ୟେକ ବ୍ୟକ୍ତିର ବିକାଶ ଅଲଗା ପ୍ରକାରର ହୋଇଥାଏ । ଏ କ୍ଷେତ୍ରରେ ମନୋବିଜ୍ଞାନର ସିଦ୍ଧାନ୍ତ ଏକା ଥିଲେ ମଧ୍ୟ ଶିକ୍ଷାଦାନ ପଦ୍ଧତିରେ ଫରକ ନିଶ୍ଚୟ ରହିବ । ତେଣୁ ମୋଟାମୋଟି ଭାବରେ କୁହାଯାଇପାରେ ଯେ ଯେତେ ଶିକ୍ଷାର୍ଥୀ ରହିବେ ସେତେ ପଦ୍ଧତି ମଧ୍ୟ ରହିବ । କିନ୍ତୁ କେତେକଙ୍କ ଭିତରେ ଏହି ଫରକ ଖୁବ୍ ଅଧିକ ନଥାଏ । ତେଣୁ ପିଲାମାନଙ୍କୁ କିଛି ଦଳରେ ଭାଗ କରିହେବ ଓ ପ୍ରତି ଦଳ ପାଇଁ ଅଲଗା ପଦ୍ଧତିର ସାହାଯ୍ୟ ନେଇହେବ ।

ମଣିଷର ବିଭିନ୍ନ ପ୍ରକାରର ମାନସିକ ବିକାଶ ସହ ପରିଚିତ ମନୋବିଜ୍ଞାନୀ ଓ ଅଭିଜ୍ଞ ଶିକ୍ଷାବିତ୍‌ମାନେ ନାନା ପ୍ରକାରର ଶିକ୍ଷା ପଦ୍ଧତି ବାହାର କରିଛନ୍ତି । କେଉଁ କେଉଁ ପଦ୍ଧତିରେ ପାଠ ପଢ଼ାଯାଇ ପାରିବ ସେମାନେ ନିଜ ନିଜର ଅନୁଭୂତିରୁ ହିଁ ସ୍ଥିର କରିଛନ୍ତି । ଶିକ୍ଷା ପଦ୍ଧତିର ଆରମ୍ଭ ହେବା ବେଳକୁ ହିଁ କ'ଣ ପଢ଼ାଯିବ ଓ କିପରି ପଢ଼ାଯିବ ତା'ର ନିୟମ ସବୁ ଠିକ୍ କରା ହୋଇ ଯାଇଥିଲା । ଏହି ନିୟମ କେବେ କେବେ ପ୍ରତିକୂଳ ହେଉଥିଲା । ଶିକ୍ଷାର ପ୍ରଚଳିତ ଲକ୍ଷ୍ୟ ଅନୁସାରେ ପ୍ରତ୍ୟେକ ସମାଜ ବା ଦେଶ ଶିକ୍ଷା ସମ୍ବନ୍ଧରେ ନିଜର ନିୟମ ତିଆରି କରୁଥିଲେ । ଯେଉଁମାନଙ୍କ ପାଇଁ ଶିକ୍ଷାର ଲକ୍ଷ୍ୟ ମାନସିକ ବିକାଶ ନହୋଇ ସାଧାରଣ ସୁଖସୁବିଧା ହେଲା, ସେମାନଙ୍କର ଶିକ୍ଷା ପଦ୍ଧତି ଲାଭ-କ୍ଷତିକୁ ହିସାବ କରି ସ୍ଥିର କରାଗଲା । ଯେଉଁଠି ଏଭଳି ପଦ୍ଧତି ଚାଲୁଛି, ସେଠାକାର ଶିକ୍ଷା ନୀରସ ଲାଗିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଅବଶ୍ୟ ଏଭଳି ଅବସ୍ଥା ସବୁବେଳେ ସବୁଠାରେ ନଥାଏ । କିନ୍ତୁ ଯେଉଁ ଦେଶର ଇତିହାସରୁ ସେ ଦେଶର ଶିକ୍ଷା ପଦ୍ଧତି ବିଷୟରେ ଜାଣିହୁଏ, ସେଠାରେ ଅତୀତରେ ଏଭଳି ପରିସ୍ଥିତି କେବେ କେବେ ଆସିଥିବାର ଜଣାପଡ଼େ ।

ଏବେ ଅଳ୍ପଦିନ ହେବ ଶିକ୍ଷାବିତ୍‌ମାନେ ଶିକ୍ଷା ପଦ୍ଧତିର ତାତ୍ତ୍ୱିକ ଦିଗ ପ୍ରତି ନଜର ଦେଇଛନ୍ତି । ଆଗରୁ ଚଳି ଆସିଥିବା ଶିକ୍ଷା ପଦ୍ଧତି ସବୁର ତର୍ଜମା କରୁଛନ୍ତି ଓ ଶିକ୍ଷା ପାଇଁ ନୂଆ ପଦ୍ଧତିମାନ ମଧ୍ୟ ଚିନ୍ତା କରୁଛନ୍ତି । ସେ ସବୁ ପଦ୍ଧତିକୁ ବ୍ୟବହାର କରି ସଫଳତା ମଧ୍ୟ ପାଉଛନ୍ତି । ଶିକ୍ଷା କ୍ଷେତ୍ରରେ ଏବେ ଚଳୁଥିବା ବିଭିନ୍ନ ଧାରାର ସୂଚନା, ସେଗୁଡ଼ିକର ସୁବିଧା ଅସୁବିଧା ଆଦିର ଆଲୋଚନା ଏହି ବହିଟିରେ ରହିଛି ।

*ବ୍ୟାଖ୍ୟାନ ପଦ୍ଧତି (ଲେକ୍‌ଚର୍ ମେଥଡ)*

ପୁରୁଣା ପଦ୍ଧତିଗୁଡ଼ିକ ଭିତରେ ବ୍ୟାଖ୍ୟାନ ପଦ୍ଧତି ସବୁଠାରୁ ଆଗୁଆ ଥିଲା । ଆଜିକାଲି ଆମ ବିଦ୍ୟାଳୟଗୁଡ଼ିକରେ ପ୍ରାୟତଃ ଏହି ପଦ୍ଧତିରେ ଶିକ୍ଷା ଚାଲୁଛି । ଯେତେବେଳେ ସରକାର ଆମ ଦେଶ ପାଇଁ ଏକ ଶିକ୍ଷା ପଦ୍ଧତି ବାଛିଲେ, ସେତେବେଳେ ଇଂଲଣ୍ଡରେ ବହୁତ ଦିନ ଧରି ଚଳୁଥିବା ଏହି ଶିକ୍ଷା ପଦ୍ଧତି ତାଙ୍କ ମନକୁ ଆସିଲା । ସେଥିପାଇଁ ତାହା ହିଁ ଆମ ଦେଶରେ ଚଳାଗଲା । ଏବେ ଏହି ପଦ୍ଧତିର ଚେର ବହୁତ ଗଭୀରକୁ ମାଡ଼ିରହିଛି । ବିଦେଶରେ ଏ ପଦ୍ଧତିକୁ ଫିଙ୍ଗା ଯାଇ ସାରିଲାଣି, କିନ୍ତୁ ଆମ ଦେଶରେ ଶିକ୍ଷାର ଗାଡ଼ି ତ ବହୁତ ଧୀରେ ଚାଲୁଛି । ପୁଣି ଏହି ଗାଡ଼ିକୁ ଚଳାଇବା ଲୋକଙ୍କର ଏ ଦିଗରେ କୌଣସି ଦାୟିତ୍ୱବୋଧ ବା ଆଗ୍ରହ ଥିଲା ଭଳି ମନେ ହୁଏନାହିଁ । ଫଳରେ ସେହି ପୁରୁଣା ଦଦରା ପଦ୍ଧତି ସବୁ ଦୋଷଗୁଣ ସହିତ ତା'ର ମୂଳ ରୂପରେ ଆମ ଦେଶରେ ମାଡ଼ି ରହିଛି ଏବଂ ଆମର ପିଲାମାନେ ଏହାର ଫଳ ଭୋଗୁଛନ୍ତି ।

ବ୍ୟାଖ୍ୟାନ ପଦ୍ଧତିର ରୂପ ମୋଟାମୋଟି ଏହିପରି: ଶିକ୍ଷକ ପିଲାର ଖାଦ୍ୟକୁ ନିଜେ ଚୋବାଇ ଦିଅନ୍ତି ଏବଂ ତାକୁ ହିଁ ପିଲା ଗିଳେ । ଅର୍ଥାତ ଏହି ପଦ୍ଧତିରେ ପିଲା ବଦଳରେ ଶିକ୍ଷକ ସବୁ କାମ କରେ ଏବଂ ପିଲା କିଛି ନକରି ପାଠ ସବୁ ଗୋଟାଇ ନିଏ । ଫଳରେ ସେ ନିଜେ ଚିନ୍ତା କରିବା ଓ ବୁଝିବା ବଦଳରେ ଶିକ୍ଷକ ସେସବୁ କାମ କରନ୍ତି । ତଳେଇ ଦେଖିଲେ

ଜଣାପଡ଼େ ଏହି ପଦ୍ଧତିରେ ପିଲା ଯେପରି ମାଲିକ ଓ ଶିକ୍ଷକ ସେବକର ଭୂମିକାରେ ରହିଛନ୍ତି । କାରଣ ଶିକ୍ଷକ ପିଲା ପାଇଁ ସବୁ କିଛି କରୁଛନ୍ତି ଓ ପିଲା କେବଳ ଆରାମରେ ବସି ବସି ଶୁଣୁଛି । ପିତାମାତା ନିଜର ଚୋବା ଖାଦ୍ୟ ପିଲାର ପେଟରେ ଭରି ତା'ର ପୁଷ୍ଟିସାଧନ କରିବାର ଚେଷ୍ଟା ଯେପରି ବ୍ୟର୍ଥ ଓ ହାସ୍ୟାସ୍ପଦ, ଠିକ ସେପରି ଶିକ୍ଷକ ସବୁ କିଛି କରିଦେଇ ପିଲାର ମନରୂପକ ପେଟରେ ଜ୍ଞାନରୂପକ ଆହାର ଦେବାର ଚେଷ୍ଟା ମଧ୍ୟ ବୃଥା । ଏହି ପଦ୍ଧତିରେ ଶିକ୍ଷକ ପିଲାକୁ ଶିଖାଇବାରେ ଲାଗିଥା'ନ୍ତି । କିନ୍ତୁ ପିଲା କିଛି ଶିଖେନାହିଁ । ଶିକ୍ଷକ ମଧ୍ୟ ନିଜ କାମର ହିସାବ କଲାବେଳେ କେବଳ ଦେଖନ୍ତି ଯେ ସେ ପିଲାକୁ କ'ଣ ଶିଖାଇବାର ଚେଷ୍ଟା କରିଛନ୍ତି ଓ ତା' ମୁଣ୍ଡରେ କେଉଁ କେଉଁ ତଥ୍ୟ ଭରିଛନ୍ତି । ପିଲା ପ୍ରକୃତରେ କ'ଣ ଶିଖିଲା ତା'ର ହିସାବ ଶିକ୍ଷକ ପାଖରେ ନଥାଏ ।

ବ୍ୟାଖ୍ୟାନ ପଦ୍ଧତିରେ ପାଟିରେ କହି ଓ କାନରେ ଶୁଣି ଯେତିକି ଶିଖା ଯାଇପାରେ, ପିଲାକୁ କେବଳ ସେତିକି ଶିଖାଯାଏ । କହିବା ଛଡ଼ା ଅନ୍ୟ କିଛି ସରଳ, ଭଲ ଉପାୟ ଯେ ଥାଇପାରେ ସେ କଥା ପ୍ରତି ଦୃଷ୍ଟି ଦିଆଯାଏ ନାହିଁ । ପିଲା ନିଜ ଅନୁଭୂତିରୁ ଯାହା ଶିଖି ପାରିଥା'ନ୍ତା, ସେସବୁକୁ ମଧ୍ୟ ପିଲାକୁ ଶୁଣାଇ ଦେବାଟା ହିଁ ଯଥେଷ୍ଟ ମନେ କରାଯାଏ । ଏ ପଦ୍ଧତି କେବଳ କାନ ବା ଶ୍ରବଣ ଇନ୍ଦ୍ରିୟକୁ କାମରେ ଲଗାଏ । ଏହା ଫଳରେ ଅନ୍ୟ ଇନ୍ଦ୍ରିୟଗୁଡ଼ିକର ବିକାଶ ହୁଏନାହିଁ । ପିଲାର ସ୍ମରଣ ଶକ୍ତି ଉପରେ ବହୁତ ଚାପ ପଡ଼େ ।

ଏହି ପଦ୍ଧତିରେ ପଢ଼ାଉଥିବା ଶିକ୍ଷକ ପିଲାଙ୍କର ଏକାଗ୍ରତା ଓ ମନଯୋଗିତା ଉପରେ ବହୁତ ଆଶା ରଖନ୍ତି । ତାଙ୍କର ସବୁକଥା ପିଲା ବୁଝିଯାଉଛନ୍ତି ଭାବି ଶିକ୍ଷକ ମନେ ମନେ ବହୁତ ଖୁସି ହୋଇଯାଆନ୍ତି । ବିଷୟବସ୍ତୁ ପ୍ରତି ପିଲାର ଆଗ୍ରହ ନଥିଲେ ବି ଶିକ୍ଷକ ପିଲାର ମନକୁ ଧରି ରଖିବା ପାଇଁ ଚେଷ୍ଟା କରନ୍ତି । ଏଥିପାଇଁ ଦଣ୍ଡ, ପୁରସ୍କାର, ଉପହାର ଆଦି

ଭଳି ନିରର୍ଥକ ଓ କ୍ଷତିକାରକ ଉପାୟ ସବୁ ମଧ୍ୟ ବ୍ୟବହାର କରନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ ଶିକ୍ଷକ ତା'ର ଜ୍ଞାନର ଭଣ୍ଡାରକୁ ପିଲାକୁ ଦେବାକୁ ଚେଷ୍ଟା କରେ । ଏଥିରେ ପିଲାର ସ୍ମରଣଶକ୍ତି ଉପରେ ବେଶ୍ ବୋଝ ପଡ଼େ, କିନ୍ତୁ କିଛି ପରିଶ୍ରମ କରିବାକୁ ହୁଏନାହିଁ ।

ଏହି ପଦ୍ଧତିରେ ଶିକ୍ଷା ପାଇଥିବା ମଣିଷ ଜ୍ଞାନର ଏକ ଶୁଖିଲା ଭଣ୍ଡାର ହୋଇ ରହିଯାଏ । ତା'ର ମସ୍ତିଷ୍କ ଗୋଟିଏ ଜ୍ଞାନକୋଷରେ ପରିଣତ ହୋଇଯାଏ ସତ, କିନ୍ତୁ ସେହି ଜଡ଼ ଜ୍ଞାନ ବିଶେଷ କିଛି କାମ ଦିଏନାହିଁ । ପିଲା ଯେହେତୁ ନିଜେ ଲାଗିପଡ଼ି ଶିଖିବା କାମଟି କରି ନଥାଏ, ପାଇଥିବା ଜ୍ଞାନକୁ ସେ ତା'ର କାମରେ ଲଗାଇ ପାରେନାହିଁ । ଏହି କାରଣରୁ ଆଜିକାଲି ଅନେକ ପାଠପଢୁଆ ଲୋକ ବି ପଛୁଆ ରହିଯାଆନ୍ତି । ଏ ପ୍ରକାରର ପଦ୍ଧତିରେ ପିଲାର କେବଳ ଶୁଣିବା ଅଭ୍ୟାସ ବଢ଼େ । ତା'ର ଜ୍ଞାନରେ କିଛି ପରଖ ବା ଅନୁଭୂତିର ଛାପ ନଥାଏ, ତେଣୁ ତାହା ଶୁଆର ଜ୍ଞାନ ଭଳି ଅତି ଅଗଭୀର ହୁଏ । ତା'ର ବୁଦ୍ଧିର ବିକାଶ ଅତି କମ୍ ହୋଇଥାଏ । ନୂଆ ନୂଆ ପରୀକ୍ଷା କରି ବୁଝିବାର ସୁଯୋଗ ନଥିବାରୁ ତା'ର ନିଜେ ଚିନ୍ତା ଓ ବିଚାର କରିବାର ଶକ୍ତି ଏଥିରେ ଅବିକଶିତ ରହିଯାଏ । ଏହି କାରଣରୁ ନୂଆ କଥା ଖୋଜିବା ବା ନୂଆ ଜିନିଷ ତିଆରି କରିବା ମଣିଷ ଆଜି ଆମ ଦେଶରେ ଖୁବ୍ କମ୍ ବାହାରୁଛନ୍ତି । ପୁରା ନୂଆ ରାସ୍ତା ଖୋଜିବା, ନୂଆ ସାଧନ ଖୋଜି ତାକୁ କାମରେ ଲଗାଇବା, ସ୍ୱତନ୍ତ୍ର ବିଚାରଧାରାକୁ ନେଇ ନିଜର ନୂଆ ଦୁନିଆ ଗଢ଼ିବା ପାଇଁ ମଣିଷ ଆଜି ଆମ ଦେଶରେ ପ୍ରାୟ ନାହାନ୍ତି । ବ୍ୟାଖ୍ୟାନ ପଦ୍ଧତିର ଶିକ୍ଷା ଫଳରେ ସାହସୀ ଲୋକ, ଐତିହାସିକ, ଗବେଷକ, ଆବିଷ୍କାରକ ଏବଂ ସ୍ୱତନ୍ତ୍ର ବିଚାରକଙ୍କର ସଂଖ୍ୟା ମଧ୍ୟ ବହୁତ କମ୍ ।

ଏହି ପଦ୍ଧତିର ସମର୍ଥକମାନେ ଯୁକ୍ତି ବାଢ଼ିଥା'ନ୍ତି ଯେ ଶ୍ରେଣୀ ଗୃହର ଅସୁବିଧା ଓ ସମୟ ସମସ୍ୟାର ସମାଧାନ ଏଥିରେ ହୋଇଯାଏ । ଅଳ୍ପ

ସ୍ଥାନ ଓ ସମୟରେ ବହୁତ ପିଲାଙ୍କୁ ବହୁତ କିଛି ପଢ଼ାଇ ଦେଇହୁଏ । ଅବଶ୍ୟ ଏ କଥାରେ କିଛିଟା ସତ୍ୟତା ରହିଛି । କିନ୍ତୁ ଜ୍ଞାନ ପ୍ରାପ୍ତିର ଯେଉଁ ପଦ୍ଧତିରେ ବୁଦ୍ଧିର ବିକାଶ ବାଧାପାଏ, ସେ ପଦ୍ଧତିରେ ସବୁ ଜ୍ଞାନ ଦେଇ ପାରିଲେ ବି ସେଥିରେ ଲାଭ କ'ଣ ?

ଯଦି ବି କୌଣସି ଶିକ୍ଷକ ପୂରା ପ୍ରସ୍ତୁତି ସହ ପାଠ ପଢ଼ାଏ, ପିଲା ବୁଝି ପାରିବା ଯାଏଁ ବାରମ୍ବାର ବୁଝାଏ, ବୁଝାଇବା ପାଇଁ କଳାପଟା, ବହି, ନକ୍ସା, ଉପକରଣ ଆଦି ବ୍ୟବହାର କରେ, ପିଲା ପାଇଁ ବିଷୟବସ୍ତୁକୁ ପୂରା ସରଳ, ଗ୍ରହଣଯୋଗ୍ୟ କରିଦିଏ ଏବଂ ପିଲାଙ୍କୁ ତା' ପରଦିନ ସବୁ କିଛି ଘୋଷି ମନେରଖିବା ପାଇଁ କୁହେ, ତଥାପି ବି ପ୍ରଶ୍ନ ଉଠିବ ଯେ ଏସବୁ ସତ୍ତ୍ୱେ ପିଲାର ବୁଦ୍ଧିର କେତେ ଦୂର ବିକାଶ ହେଉଛି, ତା'ର ସ୍ମରଣ ଶକ୍ତି କେତେ ବଢ଼ିଛି ବା ତା' ଉପରେ କେତେ ଅଦରକାରୀ ବୋଝ ପଡ଼ିଛି ? ମନରେ ପ୍ରଶ୍ନ ଉଠେ ଯେ ବସି ବସି ଶୁଣିବାରେ, ଶୁଣିବା ଜିନିଷକୁ ମନେ ରଖିବାରେ ଶିକ୍ଷାର ଅସଲ ଉଦ୍ଦେଶ୍ୟ କେତେଦୂର ସାଧିତ ହୁଏ ।

ଆଜିକାଲି ଆମ ବିଦ୍ୟାଳୟମାନଙ୍କରେ ବ୍ୟାକରଣ, ଭାଷା, କବିତା, ଇତିହାସ, ଭୂଗୋଳ ଆଦି ବିଷୟ ପ୍ରାୟ ଏହି ବ୍ୟାଖ୍ୟାନ ପଦ୍ଧତିରେ ହିଁ ପଢ଼ାଯାଉଛି । ତେଣୁ ଆମେ ଏହାର ଫଳାଫଳ ଜାଣିଛେ । ଗ୍ରାମୋଫୋନ ରେକର୍ଡରୁ ଯେପରି ଗୀତ ବାହାରେ, ଦରକାର ବେଳେ ରେକର୍ଡରୂପୀ ପିଲା ସେହିପରି ତା'ର ପାଠକୁ ଗାଇ ଶୁଣାଏ । ଏସବୁ କେବଳ ପରୀକ୍ଷା ଯାଏଁ ଚାଲେ । ପରୀକ୍ଷାରେ ରେକର୍ଡର ବ୍ୟବହାର କେତେଦୂର ହୋଇପାରିଲା ? ସେଥିରୁ ପିଲାର କେତେ ଲାଭ ହେଲା ? ଏହା ଫଳରେ ବ୍ୟକ୍ତିର କେତେ ବିକାଶ ହେଲା ? ସେ ଶିଖିଲା କ'ଣ ? ଏସବୁ ପ୍ରଶ୍ନ ମଧ୍ୟ ଉଠେ ।

ଯେହେତୁ ଏ ପଦ୍ଧତି ସବୁ ଦିଗରୁ ଖରାପ, ଏହାକୁ ଛାଡ଼ିବା ଦରକାର । ବିଶେଷ କରି ପ୍ରାଥମିକ ଓ ମାଧ୍ୟମିକ ସ୍ତରରୁ ଏହା ପୂରା ଚାଲିଯିବା ଦରକାର । ଏହି ପଦ୍ଧତି ମାଧ୍ୟମରେ ଜଲ୍‌ଦି କାମ କରାଇ ନେବାର ଲୋଭ

ଆମକୁ ଛାଡ଼ିବାକୁ ହେବ । ଏହା ବଦଳରେ ଏପରି ଏକ ପଦ୍ଧତି ଆଣିବା ଦରକାର ଯାହା ପିଲାର ବୁଦ୍ଧିର ବିକାଶ କରାଇପାରିବ ଓ ବିଚାର ଶକ୍ତି ବଢ଼ାଇପାରିବ । ସବୁଠାରୁ ସହଜ ହୋଇଥିବାରୁ ଏହି ପଦ୍ଧତି ଶିକ୍ଷକଙ୍କ ପାଇଁ ବଡ଼ ଲୋଭନୀୟ । ଏବେକାର ଶିକ୍ଷକ ପିଲାଦିନେ ଏହି ପଦ୍ଧତିରେ ହିଁ ପଢ଼ିଛନ୍ତି । ତେଣୁ ଏ ପଦ୍ଧତି ଛାଡ଼ିବା ସେମାନଙ୍କ ପାଇଁ ବଡ଼ କଷ୍ଟର କଥା । କିନ୍ତୁ ଶିକ୍ଷକତାର ମୂଳ ଲକ୍ଷ୍ୟ ହେଉଛି ପିଲାର ବିକାଶ । ତେଣୁ ଏହି ପଦ୍ଧତି ତୁରନ୍ତ ଛାଡ଼ିବା ଉଚିତ । ଏହାକୁ ଛାଡ଼ିବା ହିଁ ଶିକ୍ଷକର ଅସଲ ଧର୍ମ ।

ଅନ୍ୟ ପଦ୍ଧତି ସହ ମିଶାଇ ଏହି ପଦ୍ଧତି ବ୍ୟବହାର କରାଯାଇପାରେ । କିଛି ପିଲାଙ୍କ ପାଇଁ ଓ କିଛି ପରିସ୍ଥିତିରେ ଏହା ଲାଭଦାୟକ ମଧ୍ୟ ହୋଇଥାଏ । ମହାବିଦ୍ୟାଳୟର ବଡ଼ପିଲାଙ୍କ ପାଇଁ ଏ ପ୍ରକାର ପଦ୍ଧତି ଚଳିବ । ଯଦି ବି କେବେ କୌଣସି ଶିକ୍ଷକଙ୍କୁ ଏହି ପଦ୍ଧତିରେ ପଢ଼ାଇବାକୁ ପଡ଼େ, ତେବେ ସେ ବହୁତ ଭାବିଚିନ୍ତି ଏହାକୁ ବ୍ୟବହାର କରିବା ଦରକାର ।

### *ପ୍ରଶ୍ନୋତ୍ତର ପଦ୍ଧତି*

ମଣିଷର ସ୍ୱଭାବରୁ ଓ ବିଦ୍ୟାଳୟର ଅନୁଭୂତିରୁ ଜଣାଯାଏ ଯେ ପ୍ରଶ୍ନୋତ୍ତର ପଦ୍ଧତି ବ୍ୟାଖ୍ୟାନ ପଦ୍ଧତିଠାରୁ ନିଶ୍ଚୟ ଭଲ । ବ୍ୟାଖ୍ୟାନ ପଦ୍ଧତିର ମୁଖ୍ୟ ଦୋଷଗୁଡ଼ିକ ହେଲା:

- ପିଲାର ନିଜେ କାମ କରିବାର ଅନୁଭୂତିରୁ ଶିଖିବାର ଇଚ୍ଛା ଦବିଯାଏ ।
- ପିଲାକୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟର ବିଚାରକୁ ମାନି ନେବାକୁ ପଡ଼ିଥାଏ । ତେଣୁ ବୁଦ୍ଧିର ବିକାଶ ପାଇଁ ଏଥିରେ ସୁଯୋଗ ନଥାଏ ।

ପ୍ରଶ୍ନୋତ୍ତର ପଦ୍ଧତିରେ ଏହି ଅସୁବିଧା ନାହିଁ । ଏଥିରେ ପ୍ରତି ପ୍ରଶ୍ନର ସମାଧାନ ପିଲାକୁ ହିଁ ଖୋଜିବାକୁ ପଡ଼ିଥାଏ । ଏହି କାରଣରୁ ତା'ର ବୁଦ୍ଧି ଓ ତର୍କ ଶକ୍ତିର ବିକାଶ ଘଟିପାରେ । ପ୍ରଶ୍ନୋତ୍ତର ପଦ୍ଧତିରେ ପିଲା ନିଷ୍କ୍ରିୟ

ହୋଇ କେବଳ ଶୁଣେନାହିଁ, ବରଂ ପ୍ରଶ୍ନର ଉତ୍ତର ଦେବା ପାଇଁ ତାକୁ ସକ୍ରିୟ ରହିବାକୁ ପଡ଼ିଥାଏ । ଏହା ଫଳରେ ନିଜେ କାମ କରିବାର ଇଚ୍ଛା ଶକ୍ତି ବଢ଼ିଥାଏ ।

ମୋଟାମୋଟି ଭାବରେ ପ୍ରଶ୍ନୋତ୍ତର ପଦ୍ଧତିର ଲାଭଗୁଡ଼ିକ ହେଲା:

★ ଏହି ପଦ୍ଧତିରେ ଶିକ୍ଷକ ଜାଣିପାରନ୍ତି ଯେ ପିଲା କେତେ ଜାଣିଛି ଓ କ'ଣ ଜାଣିନାହିଁ ।

★ ପିଲା କେତେ କାମ କରି ପାରିବ, କେତେ କରିପାରିବ ନାହିଁ ତା' ମଧ୍ୟ ଶିକ୍ଷକ ଜାଣିପାରିବେ, ତେଣୁ ପିଲାର ଦକ୍ଷତା ମାପିବା ଏଥିରେ ସମ୍ଭବ ହୁଏ ।

★ ପିଲାକୁ ନେଇ ଶିକ୍ଷକ କେତେ କାମ କରି ପାରିଛନ୍ତି ଓ କେତେ କାମରେ ବିଫଳ ହୋଇଛନ୍ତି ତାହା ବି ଏହି ପଦ୍ଧତିରେ ଜାଣିହୁଏ ।

★ ପିଲା କେତେ ଦୂର ପହଞ୍ଚିଛି ଓ ତାକୁ କିପରି ଆଗେଇ ନେଇ ହେବ ସେ ବିଷୟରେ ଶିକ୍ଷକ ଧାରଣା କରିପାରନ୍ତି ।

★ ପିଲା କେତେ ଶିଖୁଛି ସେ ନିଜେ ଜାଣିପାରେ । କେଉଁଠି, କାହିଁକି ଓ କେତେ ଅସଫଳ ହେଲା ତାହା ମଧ୍ୟ ପିଲା ଜାଣିପାରେ । ଫଳରେ ଭବିଷ୍ୟତ ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରେ ।

ସ୍ୱାଭାବିକତା ଓ ତାତ୍ତ୍ୱିକ ଦୃଷ୍ଟିରୁ ପ୍ରଶ୍ନୋତ୍ତର ପଦ୍ଧତି ଅତି ଉପଯୋଗୀ । କିନ୍ତୁ ଶିକ୍ଷକମାନଙ୍କ ପାଇଁ ଏହା ବେଶ୍ କଠିନ । ପିଲା ନିଜେ କେତେ ନୂଆ ନୂଆ କଥା ଜାଣିବାର ଇଚ୍ଛା ରଖିଛି ଏହି ପଦ୍ଧତି ତାହା ଉପରେ ଆଧାରିତ । ତେଣୁ ଏଥିପାଇଁ ଶିକ୍ଷକ ମଣିଷର ସ୍ୱଭାବ ତଥା ପିଲାର ମନକୁ ବୁଝିବା ଦରକାର । ଏହି ପଦ୍ଧତି ପିଲା ପାଇଁ ଜ୍ଞାନର ଅସୀମ ଭଣ୍ଡାର ଖୋଲିଦିଏ । ତେଣୁ ଶିକ୍ଷକକୁ ଅନେକ ବିଷୟରେ କିଛି କିଛି ଜାଣିବା ଦରକାର ହୁଏ । ଏହାଛଡ଼ା ଏଥିରେ ପିଲାକୁ ପ୍ରଶ୍ନ ପଚାରି ତା'ର ଜ୍ଞାନର

ପରିସର ବଢ଼ାଇବାକୁ ହୁଏ । ତେଣୁ ପିଲାର ପ୍ରଶ୍ନର ଉତ୍ତର ଏପରି ଭାବରେ ଦେବାକୁ ହୁଏ, ଯେଉଁଥିରେ ପିଲାର ମାନସିକ ବିକାଶ ହୋଇପାରିବ । ଏଥିପାଇଁ ପ୍ରଶ୍ନ ପଚାରିବା ଓ ଉତ୍ତର ଦେବାର କଳା ଶିକ୍ଷକକୁ ଭଲ ଭାବରେ ଜଣାଥିବା ଦରକାର । ଶିକ୍ଷକର ପ୍ରଶ୍ନ ପଚାରିବା ଏବଂ ଉତ୍ତର ଦେବାର ଢାଞ୍ଚା ଉପରେ ଏହି ପଦ୍ଧତିର ସଫଳତା ନିର୍ଭର କରେ । ଜଣେ ଦକ୍ଷ ଶିକ୍ଷକ ଏହି ପଦ୍ଧତିର ପ୍ରୟୋଗରୁ ଯେତିକି ସଫଳତା ପାଏ, ଜଣେ ସାଧାରଣ ଶିକ୍ଷକ ସେତିକି କ୍ଷତି ପାଇପାରେ । ପ୍ରଶ୍ନୋତ୍ତର ପଦ୍ଧତିରେ ବିଷୟର ସିଧାସଳଖ ସମାଧାନ ନ ଦେଇ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ବିଷୟର ଗଭୀରକୁ ନିଆଯାଏ । ତା'ପରେ ପ୍ରଶ୍ନ-ଉତ୍ତର ମାଧ୍ୟମରେ ପୂରା ବିଷୟଟି ପିଲାକୁ ବୁଝାଯାଏ । ଏଥିପାଇଁ ଶିକ୍ଷକକୁ ପ୍ରଶ୍ନ ସବୁ ପୂର୍ବରୁ ପ୍ରସ୍ତୁତ କରି ରଖିବାକୁ ହୋଇଥାଏ ।

ପିଲା କ'ଣ କେତେ ଜାଣିଛି ତାକୁ ମନରେ ରଖି ପ୍ରଶ୍ନ ତିଆରି କରିବାକୁ ହୁଏ । ପ୍ରଶ୍ନ ତିଆରିର ମୂଳରେ ରହିଛି ଶିକ୍ଷାର ଗୋଟିଏ ମୌଳିକ ତତ୍ତ୍ୱ । ଏହା ହେଉଛି ଜଣାରୁ ଅଜଣାକୁ ଯିବା । ପ୍ରଶ୍ନ ଏହିଭଳି ହେବା ଦରକାର ଯେପରି ସେସବୁର ମାଧ୍ୟମରେ ବିଷୟବସ୍ତୁର ବିଭିନ୍ନ ଦିଗକୁ ଛୁଇଁ ହେଉଥିବ । ଶିକ୍ଷକ ହେବାର ଗୁଣ ସବୁ ମଣିଷଙ୍କ ସ୍ୱଭାବରେ ନଥାଏ । ତେଣୁ ଏହି ପଦ୍ଧତିରେ ପ୍ରଥମେ କିଛି ସାଧାରଣ ପ୍ରଶ୍ନରୁ କାମ ଆରମ୍ଭ ହେବା ଉଚିତ । ପ୍ରଶ୍ନଗୁଡ଼ିକ ଏପରି ହେବା ଦରକାର ଯେପରି ଗୋଟିକର ଉତ୍ତରରୁ ଅନ୍ୟ ପ୍ରଶ୍ନକୁ ଯାଇ ହେବ । ଏହି ଧାରାରେ ପ୍ରଶ୍ନୋତ୍ତର ମାଧ୍ୟମରେ ପୂରା ବିଷୟଟି ଜାଣିହେବ ।

ସିଧାସଳଖ ପ୍ରଶ୍ନ କେବେ ବି ପଚାରିବା କଥା ନୁହେଁ । ପ୍ରଥମ ପ୍ରଶ୍ନଗୁଡ଼ିକ ଏପରି ସରଳ ହେବା ଦରକାର ଯାହା ପିଲାର ଜିଜ୍ଞାସା ବଢ଼ାଇବ ଓ ପୂରା ବିଷୟ ପାଇଁ ମୂଳଦୁଆ ପକାଇବ । ଯେତେବେଳେ ପ୍ରଶ୍ନର ଉତ୍ତର ଦେବାରେ ପିଲାଙ୍କୁ କଷ୍ଟ ଲାଗିବ, ସେତେବେଳେ ତାଙ୍କୁ

ସାହାଯ୍ୟ କଲା ଭଳି କିଛି ଉପକରଣ, ସୂଚନା ବା ଛୋଟ ପ୍ରଶ୍ନ ଆଦି ତାଙ୍କୁ ଯୋଗାଇ ଦିଆଯାଇ ପାରିବ । ଏହି ଭାବରେ ପିଲାର ସ୍ମରଣ ଶକ୍ତିକୁ ଟିକିଏ ଉଖୁରାଗଲେ କିଛି କ୍ଷତି ହେବନାହିଁ । ଯଦି କିଛି ଭୁଲ ଉତ୍ତର ଆସେ, ତେବେ ତାକୁ ସିଧାସଳଖ ଭୁଲ କହିବା ବଦଳରେ ଅନ୍ୟ କିଛି ପ୍ରଶ୍ନ ପଚାରି ଠିକ୍ ଉତ୍ତର କାଢ଼ିବା ଉଚିତ । ଏହାପରେ ଭୁଲଟି ବୁଝେଇ ଦେବା ସହଜ ଓ ଲାଭଜନକ ହେବ ।

ପ୍ରଶ୍ନର ଭାଷା ସ୍ପଷ୍ଟ, ବାକ୍ୟ ଛୋଟ ହେବା ଉଚିତ । ଆହୁରି ମଧ୍ୟ ପ୍ରଶ୍ନଗୁଡ଼ିକ ସିଧାସଳଖ ଓ ସହଜରେ ବୁଝି ହେବା ଭଳି ହେବା ଦରକାର । ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତର ଆସୁଥିବା ପ୍ରଶ୍ନ ପଚାରିବା ଉଚିତ । ପ୍ରଶ୍ନ ଦ୍ୱନ୍ଦ୍ୱାତ୍ମକ ହୋଇଥିଲେ ଉତ୍ତରରେ ମଧ୍ୟ ଦ୍ୱନ୍ଦ୍ୱ ରହିବ । ତେଣୁ ଏଭଳି ଦ୍ୱନ୍ଦ୍ୱ ବା ଏକାଧିକ ଅର୍ଥ ରହିଥିବା ପ୍ରଶ୍ନ ପଚାରିବା ଉଚିତ ନୁହେଁ । ପିଲା ଯଦି ପ୍ରଶ୍ନଟି ବୁଝି ନପାରିଲା ତେବେ ତାହା ଦୋହରାଇବା ଦରକାର । କିନ୍ତୁ ଯଦି ଭାଷା ଯୋଗୁଁ ବୁଝିବାରେ ଅସୁବିଧା ହେଉଥିବ, ତେବେ ଭାଷାକୁ ବଦଳାଇ ସରଳ କରି ପୁଣି ଥରେ ପଚାରିବା ଉଚିତ ।

ପ୍ରଶ୍ନୋତ୍ତର ପଦ୍ଧତିରେ କାମ କରୁଥିଲେ ତାହା ସହିତ ବ୍ୟାଖ୍ୟାନ ପଦ୍ଧତି ଯେ ବ୍ୟବହାର କରାଯାଇ ପାରିବ ନାହିଁ, ଏହା ଭାବିବା ଭୁଲ । ସେହିଭଳି ପ୍ରଶ୍ନୋତ୍ତର ପଦ୍ଧତିରେ ଛୋଟ ବଡ଼ ସବୁ କଥାକୁ ପ୍ରଶ୍ନ ମାଧ୍ୟମରେ ଆଗେଇ ନିଆଯାଇ ପାରିବ ବୋଲି ଭାବିବା ମଧ୍ୟ ଠିକ୍ ନୁହେଁ । ପିଲା ପ୍ରଶ୍ନ ନ ପଚାରି ମଧ୍ୟ କେତେ କଥା ଜାଣିପାରିବ ଏବଂ ସେ ଆଗରୁ କେତେ ଜାଣିଛି ସେ ସବୁକୁ ବିଚାର କରି ପ୍ରଶ୍ନଗୁଡ଼ିକ ତିଆରି କରିବା ଦରକାର । ଶ୍ରେଣୀରେ ଶିକ୍ଷକ କେବଳ ଆଗରୁ ତିଆରି ହୋଇଥିବା ପ୍ରଶ୍ନାବଳୀ ଉପରେ ନିର୍ଭର ନକରି, ପରିସ୍ଥିତି ଅନୁସାରେ ତାକୁ ବଦଳା ବଦଳି କଲେ ପାଠ ପଢ଼ା଼ଟା ଭଲ ଭାବରେ ହୋଇପାରିବ । ଯେଉଁଭଳି ପ୍ରଶ୍ନର ଉତ୍ତର ପିଲା କେବେ ଦେଇପାରିବ ନାହିଁ, କିମ୍ବା ଯେଉଁ ବିଷୟକୁ ବିନା ଆଲୋଚନାରେ ପିଲା

ବୁଝିପାରିବ ନାହିଁ, ସେ କ୍ଷେତ୍ରରେ କିଛି ଉପକରଣ ବା ବ୍ୟାଖ୍ୟାନ ପଦ୍ଧତି ମାଧ୍ୟମରେ ଶିକ୍ଷା ଦେଲେ ବେଶି ଲାଭ ମିଳିବ । ନହେଲେ ଅଯଥା ସମୟ ନଷ୍ଟ ହେବ ଏବଂ ପଦ୍ଧତିର ଉପଯୋଗିତା କମିଯିବ ।

ପ୍ରାଥମିକ ଓ ମାଧ୍ୟମିକ ସ୍ତରର ଆରମ୍ଭରେ ପ୍ରଶ୍ନୋତ୍ତର ପଦ୍ଧତି ବିଶେଷ ଭାବରେ କାମ ଦେଇପାରିବ । ଉଚ୍ଚ ମାଧ୍ୟମିକ ବା ମହାବିଦ୍ୟାଳୟ ସ୍ତରରେ ବ୍ୟାଖ୍ୟାନ ପଦ୍ଧତି ଅଧିକ ବ୍ୟବହାର କରାଯାଏ । କିନ୍ତୁ ସେଠାରେ ମଧ୍ୟ କିଛି ବିଷୟ ପାଇଁ ପ୍ରଶ୍ନୋତ୍ତର ପଦ୍ଧତି ସୁଫଳ ଦେଇପାରେ । ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ମଧ୍ୟ ଏହି ପଦ୍ଧତି କିଛି ପରିମାଣରେ ବ୍ୟବହାର କରାଯାଇପାରେ । କିନ୍ତୁ ସେ ସ୍ତରରେ ନିରୀକ୍ଷଣ, ଅନୁଭବ ଓ ପ୍ରୟୋଗ ମାଧ୍ୟମରେ ହିଁ ଜ୍ଞାନର ମାର୍ଗ ଖୋଲିବା ଅଧିକ ଉପଯୋଗୀ ।

### *ଯୋଡ଼ି ପଦ୍ଧତି*

ଶିକ୍ଷା କ୍ଷେତ୍ରରେ ଶ୍ରେଣୀ ଭିତରେ ବସି ରହି ପାଠ ପଢ଼ାଇବାର ବ୍ୟବସ୍ଥା ଏବେ କମିବାରେ ଲାଗିଛି ଏବଂ ବ୍ୟକ୍ତିଗତ ଶିକ୍ଷାକୁ ପ୍ରାଧାନ୍ୟ ଦେବାର ଆରମ୍ଭ ହୋଇଗଲାଣି । ଶ୍ରେଣୀଗତ ଶିକ୍ଷାର କେତେଗୁଡ଼ିଏ କ୍ଷତିକାରକ ଦିଗ ରହିଛି । ସେଥିପାଇଁ କେତେ ଜାଗାରେ ବ୍ୟକ୍ତିଗତ ଶିକ୍ଷାର ପ୍ରୟୋଗ କରାଯାଉଛି । ଏଭଳି ଏକ ପ୍ରୟୋଗରେ ଇଟାଲୀର ମହୀୟସୀ ମହିଳା ଡକ୍ଟର ମଣ୍ଟେସୋରୀଙ୍କୁ ପୂରା ସଫଳତା ମିଳିଛି । କିନ୍ତୁ ତାଙ୍କର ଏହି ସଫଳତା କେବଳ ଛୋଟ ପିଲାମାନଙ୍କ କ୍ଷେତ୍ରରେ ହିଁ ସୀମିତ । ଇଂଲଣ୍ଡ ଓ ବେଲଜିଅମ୍‌ରେ ବ୍ୟକ୍ତିଗତ ଶିକ୍ଷାର ଯେଉଁ ପ୍ରଣାଳୀ ଚାଲୁଅଛି ସେଥିରୁ ଭଲ ଫଳ ମିଳୁଛି । ଏହି ସଫଳତା ଅଧିକ ବୟସର ପିଲାଙ୍କ କ୍ଷେତ୍ରରେ ମଧ୍ୟ ମିଳିପାରୁଛି । ବ୍ୟକ୍ତିଗତ ଶିକ୍ଷା ପାଇଁ ବ୍ୟବହୃତ ପଦ୍ଧତିରୁ ଗୋଟିଏ ହେଉଛି ଯୋଡ଼ି ପଦ୍ଧତି ।

ଯୋଡ଼ି ପଦ୍ଧତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏଥିରେ ପିଲା ନିଜେ ନିଜେ

ଶିଖିବ । ଶିକ୍ଷକଙ୍କ ସାହାଯ୍ୟ ସେ କମ୍ ନେବ । ସାଧାରଣ ଭାବରେ ଧରି ନିଆଯାଏ ଯେ ଶିକ୍ଷକ ସବୁ କିଛି ଜାଣିଛନ୍ତି ଏବଂ ଶିକ୍ଷକ ଯେତିକି ଶିଖାଇବେ ପିଲା ସେତିକି ମାତ୍ର ଶିଖିବ । ତେଣୁ ଶିକ୍ଷକ ପଢ଼ାଇଥିବା ପାଠତକ ଯଦି ଛାତ୍ର ଶିଖିଯାଏ ତେବେ ଶିକ୍ଷକ ସଫଳ ହେଲେ ବୋଲି ଭାବନ୍ତି । ଏହି ଶିକ୍ଷକ ଆଧାରିତ ଶିକ୍ଷାରେ ପିଲା ନିଜେ କିଛି ପଢ଼ିବାର ବା ବୁଝିବାର ସୁଯୋଗ ପାଏନାହିଁ । ଏହାର ପରିଣାମ ଏହା ହୁଏ ଯେ ଭବିଷ୍ୟତରେ ସେ କେବେ ବି ଅନ୍ୟର, ଏପରିକି ନିଜର ମଧ୍ୟ ଶିକ୍ଷକ ହୋଇ ପାରେନାହିଁ । ଅର୍ଥାତ ସେ ନିଜେ ନିଜେ କିଛି ଶିଖି ପାରେନାହିଁ ବା ଆଉ କାହାକୁ କିଛି ବୁଝାଇ ପାରେନାହିଁ । ଯୋଡ଼ି ପଦ୍ଧତିର ଗୋଟିଏ ଛୋଟିଆ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏଥିରେ ପିଲା କେବଳ ନିଜର ଗୁରୁ ନୁହେଁ, ବରଂ ଅନ୍ୟମାନଙ୍କର ମଧ୍ୟ ଗୁରୁ ହୋଇପାରେ ।

ଯୋଡ଼ି ପଦ୍ଧତିର ଆଉ ଏକ ଲାଭ ମଧ୍ୟ ରହିଛି । ସାମୂହିକ ଶିକ୍ଷା ପଦ୍ଧତିରେ ଯେତିକି ସମୟ ବଞ୍ଚାଯାଇ ପାରିବ, ଏଥିରେ ତାହାଠାରୁ ଅଧିକ ସମୟ ବଞ୍ଚିବ । ଯୋଡ଼ି ପଦ୍ଧତି ପିଲାକୁ ଆତ୍ମାଭିମାନୀ, ସ୍ୱାବଲମ୍ବୀ ଏବଂ ଉଦ୍ୟୋଗୀ କରିଥାଏ । ଏହି ପଦ୍ଧତି ଉତ୍ତମରୁ ଦୁର୍ବଳ ସବୁ ପ୍ରକାରର ଛାତ୍ରଙ୍କୁ ନିଜ ନିଜର ସାମର୍ଥ୍ୟ ଅନୁସାରେ ଶିଖିବାର ଉତ୍ସାହ ଏବଂ ଶକ୍ତି ଦେଇଥାଏ । ଏଥିରେ ମଝିମଝିଆ ଯୋଗ୍ୟତାର ପିଲାଙ୍କୁ ବାଛି ସେମାନଙ୍କୁ ଉଚ୍ଚ ଶ୍ରେଣୀରେ ପଢ଼ିବାକୁ ଭର୍ତ୍ତି କରାଗଲେ ଏମାନେ ଆଗୁଆ ପିଲାଙ୍କୁ ବିଶେଷ ପଛେଇ ଯିବାକୁ ନଦେଇ ନିଜର ଯୋଗ୍ୟତା ଅନୁସାରେ ଅଳ୍ପ ସମୟରେ ନିଜର ପାଠପଢ଼ା ପୂରା କରିବାର ସୁଯୋଗ ପାଇଥା'ନ୍ତି । ତଳ ଶ୍ରେଣୀରେ ରହିଥିବା ଦୁର୍ବଳ ପିଲା ଜୋର ଜବରଦସ୍ତ ଘୋଷଡ଼ା ନଯାଇ ଧୀରେ ସୁସ୍ଥେ ନିଜର ବିକାଶ କରିବାର ସୁଯୋଗ ମଧ୍ୟ ପାଇଥାଏ ।

ଯୋଡ଼ି ପଦ୍ଧତିରେ ଶ୍ରେଣୀର ପିଲାମାନଙ୍କୁ ନେଇ ଦୁଇ ଦୁଇ ଜଣର ଯୋଡ଼ି ତିଆରି ହୁଏ । ଯୋଡ଼ିର ଜଣେ ଅନ୍ୟ ଜଣକୁ ଶିଖାଇଥାଏ ଏବଂ

ପଢ଼ାଇଥାଏ । ଦରକାର ପଡ଼ିଲେ ଶିକ୍ଷକଙ୍କ ସାହାଯ୍ୟ ନେଇ ନିଜ ମନପସନ୍ଦର ବିଷୟରେ ସେମାନେ ଶିଖିଥା'ନ୍ତି । ପ୍ରାୟ ସମାନ ସାମର୍ଥ୍ୟର ପିଲାଙ୍କୁ ନେଇ ଯୋଡ଼ି ତିଆରି କରାଯାଏ । ତେବେ ଏହି ଯୋଡ଼ିରେ ଜଣେ ଅନ୍ୟ ଜଣକଠାରୁ ସାମାନ୍ୟ ଅଧିକ ଦକ୍ଷ ହେବା ଉଚିତ । ଯୋଡ଼ି ତିଆରି ହେଲା ପରେ ଶିକ୍ଷକ ପାଠ ବିଷୟ ଠିକ୍ କରିବେ ଏବଂ ସେଥିପାଇଁ ଆବଶ୍ୟକ ପାଠ ବହି, ଅନ୍ୟ ସହାୟକ ବହି ଓ ଉପକରଣ ଶ୍ରେଣୀରେ ରଖିଦେବେ । ଯୋଡ଼ିର ପସନ୍ଦ ଅନୁସାରେ ସେମାନେ ବହି ବାଛିବେ ଓ ପ୍ରଥମେ ଦୁହେଁ ଅଲଗା ହୋଇ ତାହା ପଢ଼ିବେ ।

ପଢ଼ିବା ସମୟରେ ସେମାନେ ଯାହା ବୁଝି ନପାରିବେ ତାକୁ ନିଜ ସାଙ୍ଗ ସହ ବା ସେ ଜାଣିନଥିଲେ ଶ୍ରେଣୀର ଅନ୍ୟ ସାଥିମାନଙ୍କ ସହ ଆଲୋଚନା କରିବେ । କିଛି ଅଧିକ ଜାଣିବାକୁ ବା ପଚାରିବାକୁ ଥିଲେ ଶେଷରେ ସେ ନିଜର ଶିକ୍ଷକଙ୍କୁ ପଚାରିବେ । ଏହିପରି ଯେତେବେଳେ ଶିକ୍ଷକ ଏବଂ ସାଙ୍ଗମାନଙ୍କ ସାହାଯ୍ୟରେ ପିଲା ନିଜ ପସନ୍ଦର ପାଠ ପୂରା କରିଦିଏ, ସେତେବେଳେ ସେ ସେହି ପାଠକୁ ନିଜର ସାଙ୍ଗକୁ ଶିଖାଇଦିଏ । ଯୋଡ଼ିର ଜଣେ ଯେତେବେଳେ ନିଜର ପାଠକୁ ଭଲ ଭାବେ ଶିଖିନିଏ, ତା'ର ସାଥିର ପ୍ରଥମ କାମ ହେଉଛି ତା'ଠାରୁ ସେ ପାଠ ଶିଖିନେବା । ସେହିଭଳି ପ୍ରଥମ ସାଥିର କାମ ହେଉଛି ଦ୍ୱିତୀୟ ସାଥି ଯାହା ଶିଖିସାରିଛି ତାକୁ ଶିଖିଯିବା । ଏହିପରି ସେମାନେ ନିଜ ନିଜ ଭିତରେ ଜଣେ ଅନ୍ୟ ଜଣଙ୍କର ଶିକ୍ଷକ ହୋଇଯା'ନ୍ତି ଏବଂ ପ୍ରତ୍ୟେକ ପିଲା ଅନୁଭବ କରେ ଯେ ସେ ମଧ୍ୟ ନିଜ ବିଷୟକୁ ଜାଣିଛି ଓ ଅନ୍ୟକୁ ତାହା ଶିଖାଇ ପାରୁଛି । ଏହି କାରଣରୁ ପିଲାର ଆତ୍ମବିଶ୍ୱାସ ବଢ଼ିଥାଏ ।

ଶିକ୍ଷକଙ୍କ ଅଳ୍ପ ସାହାଯ୍ୟରେ ପିଲା ନିଜେ ବହୁତ କିଛି ଯେ ଶିଖିପାରିବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଜଣେ ପିଲା ଯେବେ ଅନ୍ୟ ଜଣଙ୍କୁ ପଚାରି ଶିଖେ ତେବେ ସେଥିରେ କିଛି ଭୁଲ ରହି ଯାଇପାରେ । ଏଥିପାଇଁ ଶିକ୍ଷକ

ଶ୍ରେଣୀ ସାରା ବୁଲି ବୁଲି ଯେଉଁଠି ଯାହାର ଭୁଲ ହେଉଛି, ତାହା ଦେଖିବା ଓ ସେହି ଭୁଲ ସଂଶୋଧନ କରିବା ଦରକାର । ଯଦି ଗୋଟିଏ ମାତ୍ର ପଢ଼ା ବହି ଥାଏ, ତେବେ ତାହାକୁ ଚିରି କେତେ ଛୋଟ ଖଣ୍ଡ କରି ପିଲାଙ୍କୁ ଦେବାକୁ ହେବ । ପିଲା ନିଜ ଇଚ୍ଛା ଅନୁସାରେ ଖଣ୍ଡ ବାଛିବ । ଯେଉଁଠି ଏକା ଥରକେ ବିଭିନ୍ନ ଶ୍ରେଣୀର ପିଲାଙ୍କ ପାଇଁ ବହୁତ ସଂଖ୍ୟାରେ ମନଲାଖି ବହି ଯୋଗାଇ ହେବ, ଏବଂ ଯେଉଁଠି ପରୀକ୍ଷାର ଧାରା ମଧ୍ୟ ଅତି କଠିନ ନୁହେଁ, ସେଠି ଶିକ୍ଷକ ନିଜେ ନାନା ପ୍ରକାରର ବହି ବାଛି ପିଲାଙ୍କ ଆଗରେ ରଖି ପାରିବେ । ଫଳରେ ପିଲା ନିଜର ଦକ୍ଷତା ଅନୁସାରେ ବହି ଖୋଜିପାରିବ ଏବଂ ତରତର ନହୋଇ ବିନା ଭୟରେ ନିଜ ଧାରାରେ ପଢ଼ି ଆଗେଇ ପାରିବ ।

ପିଲାଙ୍କୁ ଦିଆ ଯାଉଥିବା ଉପକରଣ ସବୁ ଏପରି ହେବା କଥା ଯେପରି ସବୁ ପିଲା ଏକା ସମୟରେ କାମ କଲେ ମଧ୍ୟ କିଛି ଅସୁବିଧା ହେବନାହିଁ । ଉଦାହରଣ ସ୍ୱରୂପ ଶବ୍ଦକୋଷ ଭଳି ବହିକୁ କେତେଗୁଡ଼ିଏ ଛୋଟ ଖଣ୍ଡରେ ବାଣ୍ଟି ଅଲଗା ଅଲଗା ବହି ତିଆରି କରିଦେବା ଉଚିତ । ଫଳରେ ଗୋଟିଏ ଶବ୍ଦକୋଷ ଏକା ବେଳକେ ସମସ୍ତଙ୍କ କାମରେ ଆସି ପାରିବ । ଏହି ପଦ୍ଧତିରେ ଶିକ୍ଷକଙ୍କୁ ବହୁତ ସାବଧାନ ହେବାକୁ ପଡ଼ିଥାଏ । ଯେତେବେଳେ ଏହି ପଦ୍ଧତି ଅନୁସାରେ କାମ ଆରମ୍ଭ ହୁଏ, ସେତେବେଳେ ଶ୍ରେଣୀର ସବୁ ପିଲାଙ୍କର ଅସୁବିଧାକୁ ଏକା ସମୟରେ ଦୂର କରିବାକୁ ପଡ଼ିଥାଏ । ପୂରା ଶ୍ରେଣୀ ମହୁମାଛି ଦଳ ଭଳି କାମରେ ଲାଗିଯାଏ ।

ସାଧାରଣତଃ ଏହି ପଦ୍ଧତିରେ ପିଲା ନିଜେ ଶିଖେ, ପଢ଼େ, ତଥାପି ବି ଏଥିରେ ଶିକ୍ଷକଙ୍କୁ ଏତେ ବ୍ୟସ୍ତ ରହିବାକୁ ପଡ଼େ ଯେ ତାଙ୍କୁ ନିଶ୍ୱାସ ନେବାକୁ ମଧ୍ୟ ସମୟ ମିଳେନାହିଁ । କାରଣ ପ୍ରତ୍ୟେକ ପିଲା ଅଲଗା ଧାରାରେ ଶିଖେ ଏବଂ ପ୍ରତ୍ୟେକ ପିଲା ନୂଆ ନୂଆ ବିଷୟ ପଢ଼ିଥାଏ । ଏହି କାରଣରୁ ସାଧାରଣ ଶ୍ରେଣୀରେ ଯେଉଁ କାମ ତିନି ଘଣ୍ଟାରେ ହୋଇଥାଏ

ଏହି ପଦ୍ଧତିରେ ସେ କାମଟି ପିଲା ଏକ ଘଣ୍ଟାରେ କରିପାରେ । ଶିକ୍ଷକଙ୍କର କାମ ହେଉଛି ପିଲାକୁ ସ୍ୱାବଲମ୍ବୀ କରାଇବା । ଏଥିପାଇଁ ଶିକ୍ଷକ ପାରୁପର୍ଯ୍ୟନ୍ତ ପିଲାକୁ ଦିଗଦର୍ଶନ ଦେବା ଉଚିତ । ଆହୁରି ମଧ୍ୟ ପିଲାର ସାମର୍ଥ୍ୟକୁ ଆଖି ଆଗରେ ରଖି କହିବା, ଲେଖିବା ଆଦି ବିଭିନ୍ନ ବିଭାଗକୁ ଶିକ୍ଷକ ଏପରି ଭାଗ କରିବା ଉଚିତ ଯେପରି ପିଲା ସେ ସବୁଥିରେ ଅଲଗା ଅଲଗା କାମ କରିପାରିବ ଏବଂ ଶିକ୍ଷକ ତାହାକୁ ଦିଗଦର୍ଶନ ଦେଇପାରିବେ ।

ଯୋଡ଼ି ପଦ୍ଧତିରେ ପିଲା କେତେ ଶିଖିଲା ତା'ର ମୂଲ୍ୟାୟନ ପାଇଁ ସାଧାରଣ ପରୀକ୍ଷା ବିଶେଷ ଫଳପ୍ରଦ ହୁଏନାହିଁ । ଏଥିରେ ପିଲା ପ୍ରତି ବିଷୟ ପାଇଁ ଗୋଟିଏ ଟିପା ଖାତା ରଖିବ ଓ ସେଥିରେ ନିଜ ପଢ଼ାର ପ୍ରଗତିକୁ ଟିପି ନେବ । ପ୍ରତ୍ୟେକ ପିଲାର ଆଗେଇବା ଦେଖି ଶିକ୍ଷକ ତାକୁ ତାହାର ଶକ୍ତି ଅନୁସାରେ ନୂଆ କାମ ଦେବେ । ଏହି ପଦ୍ଧତିରେ ସମୟ ସମୟରେ ଶିକ୍ଷକ ନିଜେ ମଧ୍ୟ ଏକ ଯୋଡ଼ିରେ କାମ କଲେ ସେଥିରୁ ପିଲାକୁ ଅଧିକ ଲାଭ ମିଳିପାରିବ ।

### *ଅଭିନୟ ପଦ୍ଧତି*

ମନୋବିଜ୍ଞାନୀମାନେ କହନ୍ତି ଯେ ଅନୁକରଣ କରିବାର ପ୍ରବୃତ୍ତି ମଣିଷ ପାଇଁ ସାଧାରଣ କଥା । ଏହି ପ୍ରବୃତ୍ତି ବିଭିନ୍ନ ପ୍ରେରଣା ଭିତରୁ ଗୋଟିଏ । ପିଲାଦିନେ ଏହି ପ୍ରେରଣାର ଶକ୍ତି ଅଧିକ ହୋଇଥାଏ । ପିଲା ଯାହା କିଛି ଦେଖେ କିମ୍ବା ଶୁଣେ ସେ ସବୁକୁ ନିଜେ ହିଁ କରିବା ପାଇଁ ବାହାରିପଡ଼େ । ଦେଖାଶୁଣା କଥାକୁ ଯେମିତି ହେଲେ ବି ପୁଣି ଥରେ କରିବା ପାଇଁ ଚେଷ୍ଟା କରିଚାଲେ । ଏହି ଚେଷ୍ଟା ସେମାନଙ୍କର ଅନୁକରଣଶୀଳ ପ୍ରଭାବର ପ୍ରମାଣ ଦେଇଥାଏ ଏବଂ ଏଥିରୁ ତାଙ୍କର ଅଭିନୟ ଆରମ୍ଭ ହୁଏ ।

ଛୋଟ ପିଲା ଖେଳିଲା ବେଳେ ତାଙ୍କ ଚାରିପାଖରେ ଘଟୁଥିବା କଥା

ସବୁର ଅଭିନୟ କରିବାରେ ଲାଗନ୍ତି । ଆମେ ଯଦି ପିଲାଙ୍କର ଏହି ଖେଳକୁ ଭଲ କରି ଲକ୍ଷ୍ୟ କରିବା ତେବେ ଦେଖିବା ଯେ ଏସବୁ ବୟସ୍କ ଲୋକଙ୍କ କାମର ନକଲ ମାତ୍ର । ପିଲାଙ୍କ କଣ୍ଢେଇ ଖେଳ, ଗାଡ଼ିଚଲା ଖେଳ, ଘରସଂସାର ଖେଳ, ହାଟବଜାର ଖେଳ ଆଦି ବୟସ୍କମାନଙ୍କର ନିତିଦିନିଆ କାମର ନକଲ ହିଁ ହୋଇଥାଏ । ପିଲାର ଅନୁକରଣପ୍ରିୟ ସ୍ୱଭାବରୁ ଆସୁଥିବା ଏହିସବୁ ଖେଳରେ ତାହାର ଅଭିନୟ ଦେଖିବାକୁ ମିଳିଥାଏ ।

ନିଜର ଏହି ଛୋଟ ପ୍ରୟୋଗରୁ ପିଲା ଦେଖାଶୁଣା ଘଟଣାର ପ୍ରତ୍ୟକ୍ଷ ଅନୁଭୂତି ପାଇଥାଏ । ପାଖର ବା ଦୂରର ଘଟଣାକୁ ସେ ନିଜ ଆଖି ଆଗରେ ରଖି ଏହି ପ୍ରୟୋଗ କରିଥାଏ । ଏହି ବାଟରେ ସେ ନିଜର କଳ୍ପନା ଶକ୍ତି ଏବଂ ସୃଜନଶୀଳତାକୁ ଦୃଢ଼ ଓ ପ୍ରଖର କରିଥାଏ । ଏହି ପ୍ରୟୋଗ ମାଧ୍ୟମରେ ଶିକ୍ଷକର ସହାୟତା ଏବଂ ନିର୍ଦ୍ଦେଶ ବିନା ପିଲା ନିଜର ଦେହ ଓ ମନର ଭିନ୍ନ ଭିନ୍ନ ଶକ୍ତିର ବିକାଶ କରିଥାଏ । ଏଥିରେ ସେମାନଙ୍କର ନିରୀକ୍ଷଣ କରିବାର ଦକ୍ଷତା ବଢ଼ିଥାଏ । ଚାରିପାଖର ଘଟଣା ଦ୍ୱାରା ପ୍ରଭାବିତ ହେବାର ଏବଂ ସେହି ଘଟଣାକୁ ପ୍ରକାଶ କରିବାର ଶକ୍ତି ସେମାନଙ୍କଠାରେ ବିକଶିତ ହୋଇଥାଏ । ଏହିପରି ପିଲାର ବିକାଶରେ ନାଟକର ନିଜର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ।

ପିଲା ନିଜର ଏହି ଚେଷ୍ଟାକୁ ତା'ର ଅଭିନୟ ରୂପରେ ଜାଣିପାରେ କି ନାହିଁ ତା' ତ ଭିନ୍ନ କଥା । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲା ପାଇଁ ଏହି ଅଭିନୟ ଚେଷ୍ଟା ବହୁତ ସହଜ ଓ ସ୍ୱତଃପ୍ରବୃତ୍ତ । ନିଜର ଏହି ଚେଷ୍ଟା ଦ୍ୱାରା ସେ ପ୍ରତ୍ୟେକ ଜିନିଷକୁ ବୁଝିବାର ଏବଂ ଜାଣିବାର ସିଧା ଏବଂ ପ୍ରକୃତ ରାସ୍ତା ଖୋଜିପାରେ । ଏହି ପ୍ରୟୋଗ ମାଧ୍ୟମରେ ପିଲା କାଳ୍ପନିକ ଜ୍ଞାନ ପରିବର୍ତ୍ତେ ପ୍ରତ୍ୟକ୍ଷ ଜ୍ଞାନ ପାଇପାରେ । ତେଣୁ ବିଦ୍ୟାଳୟରେ ନ ପଢ଼ି ମଧ୍ୟ ଏହା ସାହାଯ୍ୟରେ ସେ ନିଜକୁ ଶିକ୍ଷିତ କରିପାରିବ ।

ପିଲାର ଏହି ପ୍ରବୃତ୍ତିକୁ ଶିକ୍ଷାରେ ଉଚିତ ସ୍ଥାନ ଦିଆଗଲେ ବାସ୍ତବ

ପରିସ୍ଥିତିକୁ ଆଧାର କରି ତାଙ୍କର ଜ୍ଞାନ ବଢ଼ିପାରିବ । ଏଥିରେ କାଳ୍ପନିକ କଥାର ଜ୍ଞାନ ମଧ୍ୟ ସେମାନେ ସୀମିତ ରୂପରେ ପାଇପାରିବେ । ଏହି ଧାରା ହୁଏତ ବିଦ୍ୟାଳୟ ଶିକ୍ଷାର ବିକଳ୍ପ ହୋଇପାରନ୍ତା । ଇଉରୋପର କେତେ ମନୋବିଜ୍ଞାନୀ ଏବଂ ଶିକ୍ଷାବିତ୍ ପିଲାର ଏହି ସହଜାତ ଗୁଣିକୁ ଜାଣି ଏହାର ବ୍ୟାବହାରିକ ପ୍ରୟୋଗ ମଧ୍ୟ ଆରମ୍ଭ କରିଦେଲେଣି । ଫ୍ରୋବେଲ ନିଜର ପଦ୍ଧତିରେ ପିଲାର ଏହି ପ୍ରବୃତ୍ତିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛନ୍ତି । ଏହି ପ୍ରବୃତ୍ତିକୁ ଆଧାର କରି ଛୋଟ ଛୋଟ କାହାଣୀ ସାହାଯ୍ୟରେ ନାଟକ କରିବା ସେ ଆରମ୍ଭ କରିଛନ୍ତି ।

ଫ୍ରୋବେଲଙ୍କ ବାଦେ ପିଲାଙ୍କ କାହାଣୀରେ ଆଗ୍ରହୀ ଶିକ୍ଷକଙ୍କ ଭିତରେ ବ୍ରାୟଣ୍ଟ ଏବଂ କେଥର ଅନ୍ୟତମ । ସେମାନେ ଏହି ବିଷୟକୁ ଆହୁରି ଆଗେଇ ନେଇଛନ୍ତି ଓ ଇଉରୋପ ତଥା ଆମେରିକାର କେତେକ ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ଥାନୀୟ କଥା କାହାଣୀକୁ ନେଇ ଅଭିନୟ ପଦ୍ଧତି ଆରମ୍ଭ କରିଛନ୍ତି । କିଛି ଆଗ୍ରହୀ ଶିକ୍ଷକ ପିଲାର ଏହି ପ୍ରବୃତ୍ତିକୁ ଶିକ୍ଷା ସମ୍ପର୍କୀୟ ଅନ୍ୟ ବିଷୟରେ ମଧ୍ୟ ଲଗାଇ ସୁଫଳ ପାଉଛନ୍ତି । ସେମାନେ ଇତିହାସ, ଭୂଗୋଳ, ଧର୍ମ, ସମାଜ-ଶାସ୍ତ୍ର, ଭାଷା ଆଦିକୁ ମଧ୍ୟ ଅଭିନୟ ପଦ୍ଧତିରେ ଶିଖାଇବାକୁ ଚେଷ୍ଟା କରୁଛନ୍ତି । ଇଉରୋପରେ ଏହି ବିଷୟରେ କିଛି ବିଶେଷ ବହି ମଧ୍ୟ ବାହାରିଲାଣି । କିନ୍ତୁ ଶିକ୍ଷା କ୍ଷେତ୍ରରେ ଏ ସବୁ ବିଚାର ଓ ପ୍ରୟୋଗ ଏବେ ବେଶ୍ ନୂଆ । ତେଣୁ କିଛି ନୂଆ ପରୀକ୍ଷା କରିବାର ଇଚ୍ଛା ଥିବା ଲୋକ ହିଁ ଏହି ପ୍ରକାରର ପ୍ରୟୋଗରେ ଆଗ୍ରହ ଦେଖାଉଛନ୍ତି ।

କେହି କେହି ଭାବନ୍ତି ଯେ ଆଗକାଳରେ ଆମ ଦେଶରେ ମଧ୍ୟ ଅଭିନୟ ପଦ୍ଧତିରେ ଶିକ୍ଷା ଦେବାର ପରମ୍ପରା ଚଳୁଥିଲା । ଏହି କଥା ମଧ୍ୟ କିଛି ପରିମାଣରେ ସତ । କିନ୍ତୁ ଆଜି ଆମ ପାଇଁ ଏହି ଚିନ୍ତା ଏବଂ ବିଷୟ ପୂରା ନୂଆ । ଆଜିକାଲି ଆମ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ସମୟରେ କିମ୍ବା ଏହିପରି ଅନ୍ୟ ଅବସରରେ ନାଟକ କରାଯାଏ,

କିନ୍ତୁ ତାହା ଶିକ୍ଷା ସହ କୌଣସି ରୂପରେ ମଧ୍ୟ ଜଡ଼ିତ ନଥାଏ । ଫଳରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାଠ୍ୟକ୍ରମର କୌଣସି ଶିକ୍ଷା ମିଳେନାହିଁ । ତେଣୁ ଏହାକୁ ଶିକ୍ଷା ଆନ୍ଦୋଳନଠାରୁ ଭିନ୍ନ ଏକ ପ୍ରୟୋଗ ରୂପେ ନେଇପାରିବା ।

ଏଭଳି ନୂଆ ଆନ୍ଦୋଳନରୁ ଲାଭ ଉଠାଇବାକୁ ହେଲେ ଆମକୁ ପ୍ରଥମେ ପରୀକ୍ଷା କରିବା ପାଇଁ ଆଗେଇବାକୁ ହେବ । ପିଲାର ପସନ୍ଦକୁ ଚାହିଁ ବିଦ୍ୟାଳୟରେ ଅଭିନୟ ପଦ୍ଧତିକୁ ଉପଯୁକ୍ତ ସ୍ଥାନ ଦେବାକୁ ହେବ । ଶିକ୍ଷା ବିଷୟରେ ଗୋଟିଏ ଦୃଷ୍ଟିକୋଣ ଏହା ଯେ ପିଲାର ରୁଚିକୁ ଜାଣି ତାହାର ବିକାଶ ପାଇଁ ସବୁ ପ୍ରକାରର ଚେଷ୍ଟା କରିବା ଉଚିତ । ଏହି କଥାକୁ ଧ୍ୟାନରେ ରଖି ଭିନ୍ନ ଭିନ୍ନ ବିଷୟ ପାଇଁ ନୂଆ ନୂଆ ପଦ୍ଧତିର ବିକାଶ ହୋଇଚାଲିଛି ।

ଶିକ୍ଷା ପଦ୍ଧତିରେ ପିଲାଙ୍କର ସ୍ୱଭାବ ଓ ରୁଚିକୁ ଅଧିକ ଗୁରୁତ୍ୱ ଦେବା ଆମର ଉଦ୍ଦେଶ୍ୟ । ତେଣୁ ଅଭିନୟ ପଦ୍ଧତିକୁ ଶିକ୍ଷା ଦେବାର ଉପଯୁକ୍ତ ପଦ୍ଧତିମାନଙ୍କ ଭିତରୁ ଗୋଟିଏ ଭାବରେ ଗ୍ରହଣ କରାଯିବା ଉଚିତ । ଏଥିରେ ସନ୍ଦେହ ନାହିଁ ଯେ ଏହାର ବିନିଯୋଗ ଅନ୍ୟ ପଦ୍ଧତିମାନଙ୍କ ସହ ହେବା ଉଚିତ । ଏହି ପଦ୍ଧତିରେ ଯାହା ଶିଖାଇ ହେବନାହିଁ ତାହା ଅନ୍ୟ ପଦ୍ଧତି ସାହାଯ୍ୟରେ ହୋଇପାରିବ ।

ଉପରର ସାଧାରଣ ଆଲୋଚନା ପରେ ଏବେ ଆମେ ଚିନ୍ତା କରିବା ଯେ ମାଧ୍ୟମିକ ବିଦ୍ୟାଳୟରେ କେତେଦୂର ପର୍ଯ୍ୟନ୍ତ କେଉଁ କେଉଁ ବିଷୟ ଅଭିନୟ ପଦ୍ଧତି ଦ୍ୱାରା ପଢ଼ାଯାଇ ପାରିବ । ସାଧାରଣତଃ ମାଧ୍ୟମିକ ବିଦ୍ୟାଳୟରେ ଭାଷା, ଗଣିତ, ଭୂଗୋଳ, ଇତିହାସ ଓ ବିଜ୍ଞାନ ବିଷୟରେ ଶିକ୍ଷା ଦିଆଯାଉଛି । ଏହା ବ୍ୟତୀତ ଧର୍ମ, ସଙ୍ଗୀତ, ଶରୀରବିଜ୍ଞାନ ଏବଂ ଲୋକକଥା ପରି ବିଷୟ ମଧ୍ୟ ପଢ଼ାଯାଉଛି । ଭାଷା, ଗଣିତ, ଇତିହାସ ଏବଂ ଭୂଗୋଳ ବିଷୟଗୁଡ଼ିକୁ ପଢ଼ାଇବାରେ ଅଭିନୟ ପଦ୍ଧତିର ବିଶେଷ ଉପଯୋଗ

କରାଯାଇପାରେ । ଅନ୍ୟ ବିଷୟ ପଢ଼ାଇବାରେ ମଧ୍ୟ ଅଭିନୟ ପଦ୍ଧତିର ଉପଯୋଗ ଅଳ୍ପ ବହୁତ କରାଯାଇ ପାରିବ । ଇତିହାସ ପଢ଼ାଇବାରେ ଅଭିନୟ ପଦ୍ଧତିର ବ୍ୟବହାର ସବୁଠାରୁ ଅଧିକ ସଫଳ ହୋଇଛି । ଏହା ମଧ୍ୟ ହୋଇପାରେ ଯେ କେତେକ ଉତ୍ସାହୀ ଶିକ୍ଷକ ଇତିହାସ ଭଳି ଅନ୍ୟ ବିଷୟରେ ମଧ୍ୟ ସଫଳତା ପାଇପାରିବେ ।

ହେରିଏଟ୍ ଫେନ୍‌ଲେ ଜନ୍‌ସନ୍ ନାମକ ଜଣେ ମହିଳାଙ୍କର ଅଭିନୟ ପଦ୍ଧତିରେ ବହୁତ ବିଶ୍ୱାସ । ସେ ଏହି ପଦ୍ଧତିରେ ଇତିହାସ ଏବଂ ଅନ୍ୟ ବିଷୟ ସବୁକୁ ପଢ଼ାଉଛନ୍ତି । ତାଙ୍କ ଦ୍ୱାରା ଲିଖିତ ବହି (*ଦି ଡ୍ରାମାଟିକ୍ ମେଥଡ ଅଫ୍ ଟିଚିଙ୍ଗ୍*)ରୁ ଇତିହାସ ଏବଂ ଅନ୍ୟ ବିଷୟକୁ ଏହି ପଦ୍ଧତିରେ କିଭଳି ପଢ଼ାଯାଇପାରିବ ତାହା ସହଜରେ ଜାଣିହେବ । ଏଡମଣ୍ଡ ହୋମସ୍ ନାମକ ଜଣେ ଲେଖକ ମଧ୍ୟ ଅଭିନୟ ପଦ୍ଧତିକୁ ବହୁତ ପସନ୍ଦ କରନ୍ତି । ସେ ଗୋଟିଏ ବହି (*ହ୍ୱାଟ୍ ଇଜ୍ ଆଣ୍ଡ୍ ହ୍ୱାଟ୍ ମାଇଟି ବି*) ଲେଖିଛନ୍ତି । ଏଥିରେ ସେ ୟୁଟୋପିଆନ୍ ନାମରେ ଗୋଟିଏ ଆଦର୍ଶ ବିଦ୍ୟାଳୟର କଳ୍ପନା କରିଛନ୍ତି । ମାଧ୍ୟମିକ ବିଦ୍ୟାଳୟରେ ଅଭିନୟ ପଦ୍ଧତିରେ କିପରି ଶିକ୍ଷା ଦିଆଯାଇ ପାରିବ ତାହାର ସୂଚନା ଏହି ବହିରୁ ମିଳିପାରିବ ।

ଇତିହାସ ପଢ଼ାଇବାର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲା ମନରେ ଅତୀତର ଘଟଣାବଳୀ ଉପରେ ଏକ ଦୃଷ୍ଟିକୋଣ ଜନ୍ମାଇବା । ପିଲା ମୁଣ୍ଡରେ ପ୍ରଚୁର ଐତିହାସିକ ତଥ୍ୟ ଖୁନ୍ଦା ଥିଲେ ବି ଯଦି ତାହାର ଐତିହାସିକ ଦୃଷ୍ଟିକୋଣ ବିକଶିତ ନହୁଏ, ତେବେ ଇତିହାସର ଜ୍ଞାନ ତା' ପାଇଁ ବିରାଟ ବୋଝ ହୁଏ ଏବଂ ତାହାର ଅନେକ କ୍ଷତି ମଧ୍ୟ କରିପାରେ । ଇତିହାସର ଜ୍ଞାନ ମାଧ୍ୟମରେ ଅତୀତରେ ପ୍ରବେଶ କରିବା ଏବଂ ଗଭୀର ଅତୀତରୁ ମଣିଷ ଚରିତ୍ରକୁ ବୁଝି ଭବିଷ୍ୟତ ଗଢ଼ିବାର ଶକ୍ତି ଦେବା ଇତିହାସ ଶିକ୍ଷାର ଲକ୍ଷ୍ୟ । ଇତିହାସର ଆଉ ଏକ କାମ ମଧ୍ୟ ରହିଛି – ବର୍ତ୍ତମାନଠାରୁ ଅତୀତକୁ ବୁଡ଼ ମାରିବାର ଏବଂ ଆଗକୁ ଡେଇଁ ଭବିଷ୍ୟତର

କୂଳରେ ଉଙ୍କି ଦେଖିବାର କଳ୍ପନା ଶକ୍ତିର ବିକାଶ କରିବା । ଇତିହାସକୁ ଅଭିନୟ ପଦ୍ଧତି ମାଧ୍ୟମରେ ପଢ଼ାଗଲେ ଏହି ଦୃଷ୍ଟିକୋଣ ଏବଂ କଳ୍ପନା ଶକ୍ତିର ବିକାଶ ସମ୍ଭବ ହୋଇପାରେ । ଅଭିନୟ ପଦ୍ଧତି ଏପରି ଏକ ସୁନ୍ଦର ସାଧନ ଯାହା ସାହାଯ୍ୟରେ ଇତିହାସ ପ୍ରତି ଦୃଷ୍ଟିକୋଣର ବିକାଶ, ପିଲା ମନରେ ବିଷୟ ପ୍ରତି ଆଗ୍ରହ ବଢ଼ାଇବା ଏବଂ ତଥ୍ୟକୁ ଅତି ସହଜରେ ମନେ ରଖିବାର କାମ କରାଯାଇପାରେ ।

ମାଧ୍ୟମିକ ବିଦ୍ୟାଳୟରେ ପଢ଼ାଯାଉଥିବା ଇତିହାସକୁ ଯଦି ଭାଗ କରି ଗୋଟିଏ ନାଟକର ବିଭିନ୍ନ ଅଙ୍କ ଏବଂ ଦୃଶ୍ୟ ରୂପରେ ଦେଖାଯାଇ ପାରିବ, ତେବେ ପ୍ରକୃତ ଅର୍ଥରେ ଇତିହାସ ପଢ଼ା ହୋଇଛି ବୋଲି କୁହାଯାଇ ପାରିବ । ଏହି କାମ ଯେ ବହୁତ କଠିନ ଏଥିରେ ସନ୍ଦେହ ନାହିଁ । ଏଥିପାଇଁ ଯୋଗ୍ୟ ଶିକ୍ଷକ ଏବଂ ଉପକରଣର ଅଭାବ ବହୁତ । କିନ୍ତୁ ଯେଉଁମାନେ ଏହି ପଦ୍ଧତି ପ୍ରତି ଆଗ୍ରହୀ ହୁଅନ୍ତି ସେମାନେ ସାଧାରଣତଃ ନାଟକପ୍ରିୟ ହିଁ ହୋଇଥା'ନ୍ତି । ତେଣୁ ଅଧିକାଂଶ ଅସୁବିଧା ଆପେ ଆପେ ଦୂର ହୋଇଯାଏ । କିନ୍ତୁ ଉପକରଣ ପାଇଁ ଏବଂ ଯୋଗ୍ୟ ଶିକ୍ଷକ ସୃଷ୍ଟି କରିବା ପାଇଁ କିଛି ଚେଷ୍ଟା ଦରକାର ହୁଏ ।

ଭୂଗୋଳ ମଧ୍ୟ ଅଭିନୟ ମାଧ୍ୟମରେ ପଢ଼ାଯାଇ ପାରିବ । ନାଟକ ମାଧ୍ୟମରେ ପୃଥିବୀର ଗତି, ଦିନରାତି ଏବଂ ଋତୁ ପରିବର୍ତ୍ତନକୁ ବୁଝାଯାଇ ପାରେ । ଜଣେ ପିଲା ପୃଥିବୀ ହେବ ଏବଂ ନିଜ ମୁଣ୍ଡ ଉପରେ ପୃଥିବୀର ଗୋଲକ ରଖି ସୂର୍ଯ୍ୟ ହୋଇଥିବା ପିଲାର ଚାରିପଟେ ଘୂରିବା ଆରମ୍ଭ କରିଦେବ । ଯେଉଁ ପିଲା ସୂର୍ଯ୍ୟ ହୋଇଥିବ ତା' ପାଖରେ ଥିବା ଆଲୁଅରେ ଦିନ ହେବ ଏବଂ ଅନ୍ୟପଟେ ଅନ୍ଧାର ଦେଖାଯିବ । ପୃଥିବୀର ଘୂରିବାର ବାଟ ଠିକ୍ କଲା ପରେ ଭିନ୍ନ ଭିନ୍ନ ଜାଗାରେ ଅଲଗା ଋତୁର ଜାଗା ଦେଖାଯାଇ ପାରିବ । ପୃଥିବୀ ଉପରେ କେଉଁଠି କେଉଁ ପ୍ରକାରର ପ୍ରଭାବ ପଡ଼ିଥାଏ ତାହା ଅନୁଭବ ମଧ୍ୟ କରାଯାଇ ପାରିବ ।

ଶ୍ରେଣୀଗୃହ ଭିତରେ ପାହାଡ଼, ନଦୀ, ନାଳ, ସମୁଦ୍ର ଆଦିର ପ୍ରତିରୂପ ତିଆରି କରାଯାଇ ପାରିବ । କାଗଜର ରେଳଗାଡ଼ି ବା ନାଆକୁ ଠେଲି ପିଲା ଚଟାଣରେ ଅଙ୍କା ହୋଇଥିବା ବିଭିନ୍ନ ଦେଶକୁ ଯାତ୍ରା କରିପାରିବ । ଚିତ୍ର ଏବଂ ଅନ୍ୟ ଉପକରଣ ସାହାଯ୍ୟରେ ବିଭିନ୍ନ ଦେଶର ପାଣିପାଗ, ପରମ୍ପରା ଆଦି ବିଷୟରେ ପିଲା ଜାଣିପାରିବ । ଜଣେ ପିଲାକୁ ସେହି ଦେଶର ଅଧିବାସୀର ଭୂମିକା ଦେଇହେବ ଓ ତାହା ସହ ମିଶି ସେ ଦେଶ ବୁଲିବାର କାର୍ଯ୍ୟକ୍ରମ କରିହେବ । ଶ୍ରେଣୀର ସବୁ ପିଲା ଅଲଗା ଅଲଗା ଦେଶର ପୋଷାକ ପିନ୍ଧିଲେ ସେମାନଙ୍କୁ ବହୁତ ମଜା ଲାଗିବ । ଅଲଗା ଅଲଗା ଦେଶର ନାଗରିକ ଭୂମିକାରେ ସେ ସବୁ ଦେଶ ବିଷୟରେ  ଜଣାଇବା ଫଳରେ ବିଭିନ୍ନ ଦେଶ ବିଷୟରେ ସମସ୍ତଙ୍କର ଜ୍ଞାନ ବଢ଼ିପାରେ । ଶ୍ରେଣୀଗୃହର ଚଟାଣରେ ଅଙ୍କା ପୃଥିବୀର ଚିତ୍ର ଉପରେ ପିଲା ସୁନା, କୋଇଲା, ଗୁମ୍ଫା, ଆଗ୍ନେୟଗିରି ଆଦିର ସନ୍ଧାନରେ ଏକ ଲମ୍ବା ଯାତ୍ରାରେ ବାହାରି ପାରିବ । ବିଭିନ୍ନ ଧର୍ମର ସଙ୍କେତ ମଧ୍ୟ ସେମାନେ ଚିତ୍ରରୁ ଖୋଜିପାରିବେ । ଚିତ୍ରର ରାସ୍ତାରେ ଭେଟିଲେ ନିଜ ନିଜର ଅନୁଭୂତିକୁ ଜଣେ ଆଉ ଜଣକୁ ଶୁଣାଇ ପାରିବ ଏବଂ ଏହିପରି ପୂରା ଶ୍ରେଣୀ ନୂଆ ନୂଆ ବିଷୟରେ ଜାଣିପାରିବେ ।

କେହି କେହି ପିଲା କଲମ୍ବସ୍ ଏବଂ ଲିଭିଙ୍ଗଷ୍ଟୋନ୍ ହୋଇପାରିବେ । ଧାର୍ମିକ ପିଲା ଫକୀର କିମ୍ବା ସାଧୁ ବେଶରେ ଧର୍ମଶାଳାରେ ରହିବେ । ଝୁଜୁବୁଜିଆ ପିଲା ସୈନିକ ହୋଇ ଅନ୍ୟ ଦେଶ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେବେ । କିଏ ଆକାଶ ପଥରେ ପୃଥିବୀକୁ ଦେଖିବା ପାଇଁ ଯାତ୍ରା କରିବେ । ଏହି ସବୁ କାମ ଶ୍ରେଣୀ ଭିତରେ ହିଁ କରାଯାଇ ପାରିବ ଓ କରିବା ଉଚିତ ମଧ୍ୟ । ଏହିସବୁ କାମରେ ସବୁଠାରୁ ବଡ଼ ଉପରକରଣ ହେଉଛି ପିଲାର କଳ୍ପନାଶକ୍ତି ।

ଯେଉଁ ଭୂଗୋଳ ପିଲାକୁ ଏବେ ନୀରସ ଘୋଷା ବିଷୟ ଭଳି ଲାଗୁଛି ଏହି ଶୈଳୀରେ ପଢ଼ିଲେ ତାହା ବହୁତ ଆକର୍ଷଣୀୟ ଏବଂ ଆନନ୍ଦଦାୟକ

ହୋଇପାରିବ । ଉଚ୍ଚ ପାହାଡ଼ ବା ବିଶାଳ ମରୁଭୂମିରେ ବୁଲିବା କିମ୍ବା ହିମାଳୟର କୌଣସି ଶୃଙ୍ଗରେ ବସି ଭାରତରେ ବହୁଥିବା ଅନେକ ନଦୀର ଜନ୍ମସ୍ଥାନକୁ ଦେଖିବାର କଳ୍ପନା କରିବା ବାସ୍ତବିକ ଅତି ସୁନ୍ଦର । ଏହିପରି ପଢ଼ାଇବା ଏବଂ ଶିଖାଇବା ଦ୍ୱାରା ଭୂଗୋଳ ଆନନ୍ଦଦାୟକ ହୋଇଯାଏ ଓ ତା'ର ଉପଯୋଗିତାର ସୂଚନା ମିଳେ । ଏହା ପରୋକ୍ଷ ପ୍ରଭାବରେ ପିଲା ସାହସୀ, ଅଭିଯାତ୍ରୀ, ଗବେଷକ ବା ବ୍ୟବସାୟୀ ଆଦି ହୋଇପାରେ । ଭୂଗୋଳର ଏହି ଜ୍ଞାନକୁ ସେ ନିଜ କାମରେ ଲଗାଇପାରେ ଓ ଜୀବନରେ ଭୂଗୋଳ ପଢ଼ାର ଭୂମିକା ଭଲ ଭାବରେ ସେ ବୁଝିପାରେ ।

ଭାରତ ଭଳି ବଡ଼ ଦେଶର ଭୂଗୋଳକୁ ଅଭିନୟ ଦ୍ୱାରା ଶିଖାଇବା ଦରକାର । କାରଣ ପ୍ରତି ପିଲା ପୂରା ଦେଶ ବୁଲିପାରିବ ନାହିଁ । ଜଣେ ବୁଲିପାରିବା ଭଳି ଉପଯୁକ୍ତ ସମୟ ଆସିବା ପର୍ଯ୍ୟନ୍ତ ଭୂଗୋଳ ପଢ଼ାକୁ ମଧ୍ୟ ଅଟକା ଯାଇପାରିବ ନାହିଁ । ଆଜି ଭାରତରେ ବ୍ୟବସାୟୀ, ଗବେଷକ ଏବଂ ସାହସୀ ନାଗରିକଙ୍କର ବହୁତ ଆବଶ୍ୟକତା ରହିଛି । ଅଭିନୟ ପଦ୍ଧତିରେ ଭୂଗୋଳ ପଢ଼ାଇବା ଦ୍ୱାରା ଏହି ଆବଶ୍ୟକତା ଅନେକ ପରିମାଣରେ ପୂରଣ ହୋଇ ପାରିବାର କିଛିଟା ଆଶା ରହିଛି ।

ଗଣିତକୁ ମଧ୍ୟ ଅଭିନୟ ପଦ୍ଧତିରେ ପଢ଼ାଯାଇ ପାରିବ । ଗଣିତ ପଢ଼ାଇଲା ବେଳେ ଶ୍ରେଣୀ ଗୃହଟି କେବଳ ଗୋଟିଏ ନୀରସ ଶ୍ରେଣୀ ଗୃହ ନରହି ଗୋଟିଏ ଦୋକାନ, ଡାକଘର, ରେଳଟିକଟ ଘର, ବ୍ୟାଙ୍କ, ଅଂଶଧନ ବଜାର ଆଦିର ରୂପ ନେଲେ ତାହା ଆହୁରି ମଜାଦାର ହୋଇପାରିବ ଏବଂ ପଢ଼ାଇବା ମଧ୍ୟ ବହୁତ ସହଜ ହୋଇଯିବ । ଜୀବନରେ ଏସବୁ ଜିନିଷର ପ୍ରକୃତ ପ୍ରୟୋଗ ବିଷୟରେ ମଧ୍ୟ ପିଲା ଧାରଣା ପାଇପାରିବ । ପିଲା ବ୍ୟାଙ୍କର ଜମା, ସୁଧ, ରିହାତି, ନେଣଦେଣ କାରବାର ଆଦି ବିଷୟରେ ଜାଣିପାରିବ । କମ୍ପାନୀର ନିର୍ଦ୍ଦେଶକ ଏବଂ ଭାଗିଦାର ରୂପରେ ଅଭିନୟ କରି ପିଲାମାନେ ସୁଧ, ବୋନସ, ମୂଳଧନ,

ଅଂଶଧନ, ଲାଭାଂଶ ଆଦି ବିଷୟରେ ବୁଝିପାରିବେ । ଶ୍ରେଣୀ ଭିତରେ ବସି ମଧ୍ୟ ସେମାନେ ବଡ଼ ବଡ଼ ବ୍ୟବସାୟ ଚଳାଇବାର କଳ୍ପନା କରିପାରିବେ, ଲାଭ କ୍ଷତିର ଅଟକଳ କରିପାରିବେ । କୌଣସି ଗାଣିତିକ ପ୍ରଶ୍ନର ସମାଧାନ ସ୍ଲେଟ୍ ବା କାଗଜରେ କରିବା ଏବଂ ତାକୁ ନିଜ ଜୀବନରେ ପ୍ରତ୍ୟକ୍ଷ ଅନୁଭବ କରିବାରେ ବହୁତ ଫରକ ଥାଏ । ଏ ଦୁଇଟି ଭିତରେ ତଫାତ ଯେତେ ବେଶୀ ହେବ, ଶିକ୍ଷାର ଉପଯୋଗିତା ସେତିକି କମ୍ ହେବ ।

ଭାଷା ଶିକ୍ଷାରେ ଅଭିନୟ ପଦ୍ଧତି ଖୁବ୍ ଭଲ ଭାବରେ ବ୍ୟବହାର କରାଯାଇ ପାରିବ । ଭାଷଣ, ଗୀତ, ଗପ ଥାଇ ସୁନ୍ଦର ନାଟକ ଭାଷା ଜ୍ଞାନ ବଢ଼ାଇବାରେ ଏବଂ ଭାଷାର ଭିତର ଆତ୍ମାକୁ ବୁଝିବା ପାଇଁ ବହୁତ ଭଲ ସାଧନ । ଏଥିରେ କଥା, ତର୍କର ମଧ୍ୟ ବ୍ୟବହାର କରାଯାଇ ପାରିବ । ପିଲା ନିଜ ରୁଚିର ନାଟକ ଖୋଜିବା ପାଇଁ ଭଲ ପାଆନ୍ତି । ତାଙ୍କର ଏହି ଆଗ୍ରହକୁ ଉତ୍ସାହିତ କରିବା ଦରକାର । ଆମେ ସବୁକିଛି ପିଲାର ପସନ୍ଦ ଉପରେ ଛାଡ଼ିଦେଇ ପାରିବା । ଯେଉଁଠି କିଛି ଭୁଲ ହେବାର ଦେଖିବା, ସେଠି ଅତି ସାଧାରଣ ଭାବରେ ଭୁଲ ସୁଧାରି ନେଇ, ପିଲାଠାରୁ ଦୂରେଇ ରହିବା ଦରକାର । ମନେ ରଖିବା ଉଚିତ ଯେ ଭାଷା ଶିକ୍ଷାରେ ଯଦି କେଉଁଠି କିଛି ଗୁରୁତର ଭୁଲ ନହେଉଛି, ସେଠି ଭୁଲ ଠିକ୍ କରିବାକୁ ଯାଇ ପିଲାର ଉତ୍ସାହକୁ ଯେପରି ମାରି ଦିଆନଯାଏ । ଶିକ୍ଷକ ନିଜେ ସେହି ନାଟକର ବିଷୟବସ୍ତୁକୁ ପସନ୍ଦ ନକଲେ ମଧ୍ୟ ପିଲା ଯେଉଁ ବିଷୟକୁ ବାଛିଛି ସେ ତାକୁ ଗ୍ରହଣ କରିବା ପାଇଁ ଅନୁମତି ଦେବା ଉଚିତ । ଶ୍ରେଣୀରେ ଅଦାଲତ, ସଭାସମିତି, ବିଧାନସଭା, ଧର୍ମଘଟ, ଘରେଇ ଜୀବନ, ମଣିଷ ଜୀବନର ଦିଗ ଆଦି ବିଭିନ୍ନ ବିଷୟ ଉପରେ ନାଟକ ପ୍ରସ୍ତୁତ କରାଯାଇପାରେ । ଏହି ପଦ୍ଧତି ସାହାଯ୍ୟରେ ପିଲାର ଭାଷା ଜ୍ଞାନ ବଢ଼ିବା ସହିତ ମଣିଷ ସ୍ୱଭାବ ବିଷୟରେ ମଧ୍ୟ ଜ୍ଞାନ ବଢ଼େ । ଏହିପରି ଅନ୍ୟ ଅଭିନୟ ପଦ୍ଧତି ବ୍ୟବହାର କରାଯାଇ ଯେକୌଣସି ବିଷୟରେ

ପିଲାର ଜ୍ଞାନ ବଢ଼ାଯାଇ ପାରିବ ।

ପିଲା ମାତ୍ରେ ହିଁ ନାଟକପ୍ରିୟ । ସେମାନେ ତ ଏହି ପଦ୍ଧତିରେ ପଢ଼ିବା ପାଇଁ ସବୁବେଳେ ତିଆର । କିନ୍ତୁ ପ୍ରଶ୍ନ ଉଠେ ଶିକ୍ଷକଙ୍କ ପାଇଁ । ଶିକ୍ଷକ ଯଦି ନିଜେ ଅଭିନୟ କରିବାକୁ ଭଲ ପାଉନଥିବେ, ପିଲାଙ୍କ ସହ ମିଶି ଖୋଲା ମନରେ ନାଚ କୁଦ କରିବା ପାଇଁ ପ୍ରସ୍ତୁତ ନଥିବେ ବା ତାଙ୍କର ସେ ଦକ୍ଷତା ମଧ୍ୟ ନଥିବ, ତେବେ ନାଟକ କରୁଥିବା ସମୟରେ ପିଲାମାନେ ତାଙ୍କୁ ଗୋଟିଏ ବୋଝ ଭଳି ଲାଗିବେ । ଏଭଳି ପରିସ୍ଥିତିରେ ଅଭିନୟ ପଦ୍ଧତିରେ ପଢ଼ାଇବା କାମ ବଡ଼ କଷ୍ଟକର ହୋଇଯିବ ।

ଶିକ୍ଷକ ଯଦି ପିଲାଙ୍କର କାର୍ଯ୍ୟକଳାପକୁ ସମ୍ମାନ ଦେଉଥିବେ ଓ ପିଲାଙ୍କ ମନ ପ୍ରତି ସହାନୁଭୂତିଶୀଳ ହୋଇଥିବେ ତେବେ ଯାଇ ଏଇ ଅଭିନୟ ପଦ୍ଧତିରେ ପାଠପଢ଼ା ସଫଳ ହୋଇପାରିବ । ଯେଉଁ ଶିକ୍ଷକର ପିଲା ସହ ପିଲା ହୋଇ ପାରିବାର କ୍ଷମତା ଥିବ, ଯାହାଙ୍କ ମନରେ ନିଜର ବଡ଼ପଣିଆ, ଜ୍ଞାନ, ଅଧିକାର ଆଦିର ବିଚାର ନଥିବ, ଯିଏ ନିଜେ ନାଟକରୁ ଲାଭ ଓ ଆନନ୍ଦ ପାଉଥିବେ, କେବଳ ସେହିଭଳି ଶିକ୍ଷକ ଅଭିନୟ ପଦ୍ଧତିକୁ ଆଦରି ପାରିବେ । ଏହି ପଦ୍ଧତି ଯେତିକି ଲାଭପ୍ରଦ, ସେତିକି କଠିନ । ତେଣୁ ଏହାକୁ ବ୍ୟବହାର କରିବା ଆଗରୁ ଶିକ୍ଷକ ନିଜେ ପ୍ରସ୍ତୁତ ହେବା ଉଚିତ ।

କଷ୍ଟଦାୟକ ହୋଇଥିବାରୁ ଏହି ପଦ୍ଧତିକୁ ବିଲକୁଲ ବ୍ୟବହାର ନକରିବାର ଚିନ୍ତା ମନକୁ ଆଣିବା କଥା ନୁହେଁ । ଆମେ ସମସ୍ତେ ଜନ୍ମରୁ ଅନୁକରଣପ୍ରିୟ । ନାଟକ କରିବା ଆମର ସ୍ୱଭାବଗତ ପ୍ରବୃତ୍ତି । ଯଦି ଆମେ ଆମ ଉପରେ ଥିବା କୃତ୍ରିମତାର ଚାଦର ହଟାଇ ଦେବା, ତେବେ ଆମେ ବି ପିଲା ଭଳି ହୋଇପାରିବା ଏବଂ ସେମାନଙ୍କର ନାଟକରେ ମନ ଖୁସିରେ ମିଶି ପାରିବା । ଯଦି ଆମ ପିଲାଙ୍କ ପାଇଁ ଆମେ ନିଜେ ପିଲା ହୋଇଯିବା ତେବେ ଏଭଳି ପଦ୍ଧତିରେ କୌଣସି ଅସୁବିଧା ରହିବ ନାହିଁ ।

### ସଂଶ୍ଳେଷଣ-ବିଶ୍ଳେଷଣ ପଦ୍ଧତି

ସଂଶ୍ଳେଷଣ ପଦ୍ଧତିର ଅର୍ଥ ହେଉଛି କୌଣସି ବିଷୟର ବିଭିନ୍ନ ଅଂଶକୁ ପ୍ରଥମେ ଶିଖାଇବା ଓ ପରେ ସାମଗ୍ରିକ ରୂପରେ ବିଷୟର ପୂରା ଜ୍ଞାନ ଦେବା । ବିଶ୍ଳେଷଣ ପଦ୍ଧତି ଏହାର ପୂରା ଓଲଟା । ବିଶ୍ଳେଷଣ ପଦ୍ଧତିରେ ପ୍ରଥମେ ବିଷୟର ସାମଗ୍ରିକ ଜ୍ଞାନ ଦେବା ବା ଏହାକୁ ଭଲ ଭାବରେ ଶିଖାଇବା ପରେ ବିଶ୍ଳେଷଣ ଦ୍ୱାରା ତାହାର ଛୋଟ ଛୋଟ ଅଂଶକୁ ଅଲଗା କରି ବୁଝାଇବା ।

ପିଲାଙ୍କୁ ଶିଖାଇବାରେ ଏହି ଦୁଇ ପଦ୍ଧତିର ପ୍ରୟୋଗ କରାଯାଇପାରେ । ଅକ୍ଷର ପରିଚୟ ପାଇଁ ଏହି ଦୁଇଟି ପଦ୍ଧତିରେ ଚେଷ୍ଟା କରାଯାଇଛି । ଅ, ଆ କ୍ରମରେ ଅକ୍ଷର ଶିଖାଇବା ପରେ ଶବ୍ଦ ଗଢ଼ିବାର ପଦ୍ଧତିକୁ ସଂଶ୍ଳେଷଣ ପଦ୍ଧତି କୁହାଯାଏ । କିନ୍ତୁ ପ୍ରଥମେ ଶବ୍ଦ ଶିଖାଇବା ପରେ ଶବ୍ଦକୁ ଅଲଗା କରି ଅକ୍ଷର ଶିଖାଇବାର ପ୍ରଣାଳୀକୁ ବିଶ୍ଳେଷଣ ପଦ୍ଧତି କୁହାଯାଏ । ଏବେ ଇଂରାଜୀରେ ଭାଷା ଶିଖାଇବାର କାମ ସଂଶ୍ଳେଷଣ ଅପେକ୍ଷା ବିଶ୍ଳେଷଣ ପଦ୍ଧତିରେ ଆରମ୍ଭ କରାଯାଉଛି । କାରଣ ସଂଶ୍ଳେଷଣ ପଦ୍ଧତିରୁ ଶବ୍ଦ ଶିଖାଇବା ଫଳରେ ଇଂରାଜୀ ଭାଷାର ଉଚ୍ଚାରଣରେ ଅସୁବିଧା ହେଉଛି । ଇଂରାଜୀ ଭାଷାରେ ଶବ୍ଦର ବନାନ ଓ ଉଚ୍ଚାରଣ ଭିତରେ ଅନେକ ପାର୍ଥକ୍ୟ ରହିଥିବାରୁ ସେମାନଙ୍କୁ ବିଶ୍ଳେଷଣ ପଦ୍ଧତି ସହଜ ମନେ ହେଉଛି ।

କିନ୍ତୁ ଭାରତରେ ଅକ୍ଷର ଶିଖାଇବା ପାଇଁ ବିଶ୍ଳେଷଣ ପଦ୍ଧତିକୁ ଗ୍ରହଣ କରିବା ଏକ ଅନ୍ଧ ଅନୁକରଣ କରିବା ଭଳି । ଆମର ଭାଷାରେ ଲେଖା ଅନୁସାରେ ଉଚ୍ଚାରଣ କରାଯାଏ (ଫୋନେଟିକ୍ ବା ଲେଖା-ଉଚ୍ଚାରଣାତ୍ମକ) । ଏଥିପାଇଁ ଆମକୁ ମୂଳ ଅକ୍ଷରଗୁଡ଼ିକୁ ପ୍ରଥମେ ସଂଶ୍ଳେଷଣ ପଦ୍ଧତିରେ ହିଁ ଶିଖାଇବାକୁ ପଡ଼ିଥାଏ । ଏହି ପଦ୍ଧତିକୁ ଡକ୍ଟର ମଣ୍ଟେସୋରୀ ମଧ୍ୟ ସମର୍ଥନ କରନ୍ତି । ଇଟାଲୀରେ ଭାଷା ଲେଖା-ଉଚ୍ଚାରଣାତ୍ମକ, ତେଣୁ ସେଠାରେ ମଧ୍ୟ ଭାଷା ଶିକ୍ଷା ସଂଶ୍ଳେଷଣ ପଦ୍ଧତିରେ କରାଯାଇଥାଏ ।

କିଣ୍ଡରଗାର୍ଟନରେ ଅକ୍ଷର ଶିଖାଇବା ପାଇଁ ଖଣ୍ଡ ପଦ୍ଧତିର ଉପଯୋଗ କରାଯାଏ । ଏହି ପଦ୍ଧତିର ତୁଳନା ସଂଶ୍ଳେଷଣ ପଦ୍ଧତି ବା ବିଶ୍ଳେଷଣ ପଦ୍ଧତି ସହ କରାଯାଇ ପାରିବନାହିଁ । ଏଇ ଖଣ୍ଡ-ପଦ୍ଧତିରେ ପିଲା ପ୍ରଥମେ ଅକ୍ଷରର ଛୋଟ ଛୋଟ ଅଂଶ ଶିଖେ, ତା' ପରେ ପୂରା ଅକ୍ଷରକୁ ଶିଖିଥାଏ । କାରଣ ପିଲା ଗୋଲ, ଅଧା ଗୋଲ, ରେଖା ବା ଗାର ଏହିପରି ନାଁରେ ଅକ୍ଷରର ଛୋଟ ଖଣ୍ଡକୁ ଆଗ ଚିହ୍ନିଥାଏ । ପରେ ପୂରା ଅକ୍ଷର ତିଆରି କରିପାରେ । ପ୍ରକୃତରେ ଏହି ପ୍ରଣାଳୀ ଓଲଟା । ପିଲା ଏଥିରେ ଅକ୍ଷରର ଛୋଟ ଛୋଟ ଅଂଶକୁ ବିଭିନ୍ନ ନାଁରେ ଜାଣେ । ଯେପରି 'ଚ' ଅକ୍ଷରକୁ ଉଚ୍ଚାରଣ କଲାବେଳେ ସେ କହେ ଚ । କିନ୍ତୁ ଚ ଅକ୍ଷରକୁ ଦେଖି ଶିଖିଲା ବେଳେ ତାକୁ ଗୋଲ ଓ ତା'ଉପରେ ଟୋପି ଭାବରେ ସେ ଜାଣିଲା । ଏଥିରେ ପିଲା ପ୍ରଥମେ ଗୋଲ ଓ ଟୋପି ଶିଖେ ଓ ପରେ ଏସବୁ ଭୁଲି ଚ ଉଚ୍ଚାରଣ ସହ ଶିଖିଥାଏ । ମନର ସ୍ୱାଭାବିକ ପ୍ରକ୍ରିୟା ଏହି ପ୍ରଣାଳୀର ଓଲଟା । ପ୍ରକୃତରେ ପିଲା କିଛି ଜିନିଷକୁ ଦେଖି ତା'ର ପୂରା ରୂପକୁ ଗୋଟିଏ ଜିନିଷ ଭାବରେ ଚିହ୍ନିପାରେ । ସେହିପରି ଚ କୁ ଦେଖିଲେ ସେ ତାହାକୁ ଚ ରୂପରେ ଚିହ୍ନି ପାରିବାର କ୍ଷମତା ରଖିଥାଏ । ଅକ୍ଷର ଖଣ୍ଡ ଚିହ୍ନଟରୁ ଅକ୍ଷର ଶିଖାରେ ପିଲା ମନରେ ଭ୍ରମ ଆସିପାରେ । ତେଣୁ ଏହାକୁ ଛାଡ଼ିଦେବା ଭଲ । ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ କ୍ଷେତ୍ରରେ ସଂଶ୍ଳେଷଣ ପଦ୍ଧତିର ଆବଶ୍ୟକତା ରହିଛି । ବିଷୟବସ୍ତୁ ଏବଂ ପିଲାର ମାନସିକ ଅବସ୍ଥା ଦେଖି ସଂଶ୍ଳେଷଣ ପଦ୍ଧତିର ଉପଯୋଗ କରିବା ଉଚିତ ।

ସାଧାରଣତଃ ବ୍ୟାକରଣ ଶିଖାଇବା ପୂର୍ବରୁ ଭାଷାର ପରିଚିତି ଆସିଥିବା ଉଚିତ । ଭଲ ଭାବରେ ଭାଷା ଜାଣିଗଲା ପରେ, ଅର୍ଥାତ ଅନୁଚ୍ଛେଦ ବାକ୍ୟ ବୁଝିପାରିବା ଓ ଲେଖିପାରିବା ପରେ, ତାହାକୁ ଅଲଗା କରି ଶବ୍ଦ ସଂଯୋଜନାର ନିୟମ ବା ବ୍ୟାକରଣ ଶିଖାଇବା କଥା । ଭାଷାର ବିକାଶ ଏବଂ ତାହାର ଗଠନକୁ ବୁଝିବା ପାଇଁ ବ୍ୟାକରଣ ସଂଶ୍ଳେଷଣ

ପଦ୍ଧତିରେ ଶିଖାଯାଇ ପାରିବ । ଭାଷା ବିଜ୍ଞାନ ପଢୁଥିବା ଲୋକଙ୍କ ପାଇଁ ଏହା ଠିକ୍ ବାଟ । କିନ୍ତୁ ପିଲାକୁ ପ୍ରଥମେ ଭାଷା ଶିଖାଇବା ଦରକାର ଏବଂ ପରେ ସେମାନଙ୍କୁ ବ୍ୟାକରଣ ସହ ପରିଚିତ କରିବା କଥା ।

ଆଜିକାଲି ସଙ୍ଗୀତ ଶିକ୍ଷାରେ ସଂଶ୍ଳେଷଣ ପଦ୍ଧତିର ବ୍ୟବହାର ହେଉଛି । ଅର୍ଥାତ ସଙ୍ଗୀତର ମୂଳ ଧ୍ୱନି ସା, ରେ, ଗା, ମା, ରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରାଯାଉଛି । ଏହି କାରଣରୁ ସଙ୍ଗୀତ ଶିଖିବା କଷ୍ଟକର ହୋଇଥାଏ । ପ୍ରକୃତରେ ସଙ୍ଗୀତକୁ ବିଶ୍ଳେଷଣ ପଦ୍ଧତିରେ କିମ୍ବା ପରିଚୟ ପଦ୍ଧତିରେ ଶିଖାଇବା କଥା । ବିଭିନ୍ନ ରାଗର ସଙ୍ଗୀତ ଶୁଣି ଶୁଣି ସେହି ରାଗର ଧୂନ୍ ମନରେ ରହିଗଲା ପରେ ସ୍ବରର ପରିଚୟ କରାଇଲେ ସଙ୍ଗୀତ ଶିଖିବାଟା ସହଜ ହୁଏ । ଶ୍ରବଣ ପଦ୍ଧତି ଏବଂ ପରିଚୟ ପଦ୍ଧତିର ଆଲୋଚନା ସମୟରେ ଆମେ ଏହା ବିଷୟରେ ଅଧିକ ଜାଣିବା ।

ଭୂଗୋଳ ଶିକ୍ଷାରେ ଘର, ଗାଁ, ସହରଠାରୁ ବଢ଼ି ବଢ଼ି ଯାଇ ଯେତେବେଳେ ପୂରା ପୃଥିବୀ ବିଷୟରେ ପଢ଼ାଯାଏ, ତାହାକୁ ସଂଶ୍ଳେଷଣ ପଦ୍ଧତି କୁହାଯାଏ । ଏହାର ଓଲଟା ଦେଖିଲେ, ପ୍ରଥମେ ସମଗ୍ର ପୃଥିବୀ ବିଷୟରେ ଜାଣି ପରେ ଧୀରେ ଧୀରେ ତାହାର ମହାଦେଶ, ତା'ପରେ ଦେଶ ଏବଂ ଦେଶରୁ ରାଜ୍ୟ, ଗାଁ ଆଦିର କଥା ଜାଣିଲେ ତାକୁ ଆମେ ବିଶ୍ଳେଷଣ ପଦ୍ଧତି କହି ପାରିବା । ଭୂଗୋଳର ବିଷୟକୁ ଉନ୍ମେଷ ପଦ୍ଧତିରେ ବା ଅନ୍ୟ କିଛି ପଦ୍ଧତିରେ ମଧ୍ୟ ଶିଖାଯାଇପାରେ ।

ଆଜିକାଲି ବିଦ୍ୟାଳୟରେ କବିତାକୁ ମୁଖସ୍ଥ କରିବା ପାଇଁ ଏହି ସଂଶ୍ଳେଷଣ ପଦ୍ଧତି ବ୍ୟବହୃତ ହେଉଛି । ଅର୍ଥାତ ଥରକେ ଦୁଇ ଦୁଇ ଚାରି ଚାରି ଧାଡ଼ିକୁ ଘୋଷାଇ ପୂରା କବିତା ଶିଖାଯାଉଛି । କିନ୍ତୁ ଶୀଘ୍ର କବିତା ମନେ ରଖିବା ପାଇଁ ବିଶ୍ଳେଷଣ ପଦ୍ଧତି ବେଶି ଭଲ କାମ ଦିଏ । ପୂରା କବିତାକୁ ବାରମ୍ବାର ପଢ଼ିବା ଦ୍ୱାରା କବିତାଟି ପୂରା ମନେ ରହିଯାଏ । ଗଣିତରେ ଆମେ ସଂଶ୍ଳେଷଣ ପଦ୍ଧତିର ପ୍ରୟୋଗ କରୁଛେ ଓ ଏହା କରିବା

ଉଚିତ ମଧ୍ୟ ।

ପ୍ରତ୍ୟେକ ବିଷୟର ଦୁଇଟି ଭାଗ ଥାଏ । ଗୋଟିଏ ତା'ର ବ୍ୟାକରଣ ଏବଂ ଦ୍ୱିତୀୟଟି ସାହିତ୍ୟ । କେଉଁ ବିଷୟରେ ସାହିତ୍ୟକୁ ପ୍ରଥମେ ଶିଖାଇବା କଥା, ତାହା ଯୁକ୍ତି ଦ୍ୱାରା ଠିକ୍ ନକରି ପ୍ରୟୋଗ ମାଧ୍ୟମରେ ସ୍ଥିର କରିବା ଉଚିତ । ଏ ପର୍ଯ୍ୟନ୍ତ ଯୁକ୍ତି ଅନୁସାରେ ଶିଖାଇବାର ଢଙ୍ଗ ଚଳି ଆସୁଛି । କିନ୍ତୁ ଏହା ସବୁବେଳେ ଠିକ୍ ହୁଏନାହିଁ । ଏଥିପାଇଁ ତର୍କ ସହ ମନୋବିଜ୍ଞାନର ମେଳ ଖୁଆଇ ସଂଶ୍ଳେଷଣ ବା ବିଶ୍ଳେଷଣ ପଦ୍ଧତି ଏବଂ କେବେ କେବେ ଏ ଦୁଇଟିକୁ ମିଶାଇ ବ୍ୟବହାର କଲେ ଶିକ୍ଷା ସଫଳ ହୋଇପାରିବ ।

*ସିଦ୍ଧାନ୍ତ ଓ ଦୃଷ୍ଟାନ୍ତ ପଦ୍ଧତି*

ପ୍ରାଚୀନ କାଳରୁ ଶିକ୍ଷା କ୍ଷେତ୍ରରେ ଏହି ଦୁଇ ପଦ୍ଧତିର ପ୍ରୟୋଗ ହୋଇଆସୁଛି । ଆଗକାଳରେ ଅଧିକାଂଶ ଶିକ୍ଷକ ସିଦ୍ଧାନ୍ତ ପଦ୍ଧତି ଅନୁସରଣ କରୁଥିଲେ । ଅର୍ଥାତ, ପ୍ରଥମେ ସେ ପିଲାକୁ ସିଦ୍ଧାନ୍ତ ବା ପାଠର ଶେଷକଥା ଜଣାଉଥିଲେ ଏବଂ ପରେ ବିଭିନ୍ନ ଉଦାହରଣ ଦେଇ ତାହାକୁ ବୁଝାଉଥିଲେ । ଉଦାହରଣଗୁଡ଼ିକୁ ନାନା ରୂପରେ କହି ସିଦ୍ଧାନ୍ତଟି ଯେ ଠିକ୍ ତାହା ସେ ପ୍ରମାଣିତ କରୁଥିଲେ । ଗଣିତ, ଜ୍ୟାମିତି ଆଦି ବିଷୟ ସିଦ୍ଧାନ୍ତ ପଦ୍ଧତିରେ ଶିଖାଯାଏ । ଏହି ପଦ୍ଧତିରେ ଯୁକ୍ତି ବଳରେ କିମ୍ବା କାଗଜପତ୍ରରେ ହିସାବ କରି ଗାଣିତିକ ନିୟମ ବା ଜ୍ୟାମିତିକ ଉପପାଦ୍ୟ ଭଳି ସିଦ୍ଧାନ୍ତକୁ ବୁଝାଇ ଦିଆହୁଏ । ଯେଉଁ କଥା ପ୍ରମାଣିତ କରିବାକୁ ହୁଏ, ତାହାକୁ ସିଦ୍ଧାନ୍ତ ସାହାଯ୍ୟରେ ତର୍କ ମାଧ୍ୟମରେ ପ୍ରମାଣିତ କରାଯାଏ ।

ଦୃଷ୍ଟାନ୍ତ ପଦ୍ଧତି ଏହାର ପୂରା ଓଲଟା । ଏହି ପଦ୍ଧତିରେ ପ୍ରଥମେ ଭିନ୍ନ ଭିନ୍ନ ଉଦାହରଣ ଦେଇ ସେଥିରୁ ଗୋଟିଏ ସିଦ୍ଧାନ୍ତ ଅଣାଯାଏ । ସବୁ ପ୍ରକାରର ବିଜ୍ଞାନରେ ଏବଂ ପ୍ରଯୁକ୍ତି ବିଦ୍ୟାରେ ଏହି ଦୃଷ୍ଟାନ୍ତ ପଦ୍ଧତିର

ଅନୁସରଣ କରାଯାଏ । ଯେପରି ମ୍ୟାଲେରିଆ ଜ୍ୱରର କିଛି ଦୃଷ୍ଟାନ୍ତକୁ ଅଧ୍ୟୟନ କରିବା ପରେ ଏହି ସିଦ୍ଧାନ୍ତ ବାହାରିଲା ଯେ ତାହା ମଶାଙ୍କ ଯୋଗୁଁ ହୁଏ । ଏଥିରେ ପ୍ରଥମେ ଦୃଷ୍ଟାନ୍ତ ଆସୁଥିବାରୁ ଏହାର ନାମ ଏପରି ହୋଇଛି । ବିଜ୍ଞାନରେ ନୂଆ ନୂଆ ସତ୍ୟକୁ ସବୁବେଳେ ଏହି ବାଟରେ ଖୋଜା ଯାଇଥାଏ ଏବଂ ବାହାରିଥିବା ସତ୍ୟକୁ ବିଭିନ୍ନ ଦୃଷ୍ଟାନ୍ତ ସାହାଯ୍ୟରେ ବାରମ୍ବାର ପରୀକ୍ଷା କରି ସିଦ୍ଧାନ୍ତକୁ ନିଶ୍ଚିନ୍ତ କରାଯାଏ ।

ସିଦ୍ଧାନ୍ତ ପଦ୍ଧତିରେ କେବଳ ଜଣାଥିବା ତଥ୍ୟ ଓ ତର୍କର ସାହାଯ୍ୟ ନିଆଯାଏ । ଏହି ଧାରାରେ ମନର ସୂକ୍ଷ୍ମ ବିଚାର ଶକ୍ତି ସାହାଯ୍ୟରେ କୌଣସି ବିଷୟକୁ ବୁଝାଇବା ସମ୍ଭବ ନହେଲେ ତାକୁ ଘୋଷିବାକୁ ପଡ଼ିଥାଏ । ତେଣୁ ଏହି ପଦ୍ଧତିରେ ତର୍କ ଓ ଟାଣୁଆ କଳ୍ପନା ଶକ୍ତିର ଆବଶ୍ୟକତା ଯେତିକି ରହିଛି, ଘୋଷିକରି ମନେ ରଖିବାର ଆବଶ୍ୟକତା ମଧ୍ୟ ସେତିକି ରହିଛି । ଏହି ପ୍ରଣାଳୀରେ ଶିଖିବା ଲୋକକୁ କେବଳ ଯୁକ୍ତି ଦେଇ ଯିବାକୁ ପଡ଼େନାହିଁ, ବରଂ ନିଜର ବୁଦ୍ଧି ବିଚାରର ଫଳକୁ ମାନି ଚାଲିବାକୁ ପଡ଼େ । ଅର୍ଥାତ, ଏହି ପଦ୍ଧତି ଅନୁଭବ ଅପେକ୍ଷା ବୁଦ୍ଧି ଓ ଚିନ୍ତା ଉପରେ ବେଶି ନିର୍ଭର କରେ । ଏହି ପଦ୍ଧତିରେ ଆତ୍ମଜ୍ଞାନ ଲାଭ କରିବା ଆଗକାଳରେ ଆମ ଶିକ୍ଷାର ମୁଖ୍ୟ ବାଟ ହୋଇ ରହିଥିଲା । ତେବେ କେତେକ ଭିନ୍ନ ପ୍ରକୃତିର ଛାତ୍ରଙ୍କୁ ଗୁରୁ ଦୃଷ୍ଟାନ୍ତ ପଦ୍ଧତିରେ ଶିଖାଉଥିଲେ ।

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଯେତେଦୂର ସମ୍ଭବ ଦୃଷ୍ଟାନ୍ତ ପଦ୍ଧତିର ପ୍ରୟୋଗ ଅଧିକ କରିବା ଦରକାର । କିଛି ବିଶେଷ ତଥ୍ୟକୁ ନେଇ ପିଲାକୁ କିଛି ସାଧାରଣ ସିଦ୍ଧାନ୍ତରେ ପହଞ୍ଚାଇଲେ ସେମାନଙ୍କୁ ସେହି ତଥ୍ୟଗୁଡ଼ିକୁ ଭଲ କରି ବୁଝିବାକୁ ପଡ଼େ । ସମାନ ଓ ଅସମାନ ପ୍ରକାରର ତଥ୍ୟଗୁଡ଼ିକୁ ଅଲଗା ବାଛି ଶ୍ରେଣୀବିଭାଗ କରିବାକୁ ପଡ଼େ । ତଥ୍ୟ ସବୁକୁ ବିଭିନ୍ନ ଦଳରେ ରଖିବାର କିଛି ସାଧାରଣ ନିୟମ ବିଷୟରେ ଧାରଣା ଏଥିରୁ ମିଳିଥାଏ । ତେଣୁ ଏଥିରେ ତର୍କ ଓ ନିରୀକ୍ଷଣ କରିବା ସହିତ ପ୍ରତ୍ୟକ୍ଷ

ଭାବରେ କିଛି ପରଖ କରି ଆଗେଇବାକୁ ହୋଇଥାଏ । ସିଦ୍ଧାନ୍ତ ପଦ୍ଧତିରେ କେବଳ ସିଦ୍ଧାନ୍ତର ସତ୍ୟାସତ୍ୟକୁ ମାନି ଚାଲିବାକୁ ହୋଇଥାଏ । କିନ୍ତୁ ଦୃଷ୍ଟାନ୍ତ ପଦ୍ଧତିରେ ମିଳୁଥିବା ଜ୍ଞାନ ପୂରା ତର୍କ ଆଧାରିତ । ଆଜିର ଯୁଗ ବିଜ୍ଞାନର ଯୁଗ । ତେଣୁ ପିଲାର ଶିକ୍ଷାବ୍ୟବସ୍ଥାରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଛୋଟ ଶ୍ରେଣୀରୁ ଆରମ୍ଭ କରି ବଡ଼ ଶ୍ରେଣୀ ଯାଏଁ ପିଲାଙ୍କୁ ଏହି ଦୃଷ୍ଟାନ୍ତ ପଦ୍ଧତିରେ ପଢ଼ାଗଲେ ଏହି ଦୃଷ୍ଟିକୋଣର ବିକାଶ ହୋଇପାରିବାର ସମ୍ଭାବନା ଅଧିକ ।

ଆଜି ଆମର ପ୍ରାଥମିକ ବିଦ୍ୟାଳୟରେ ଯେଉଁ ବ୍ୟାଖ୍ୟାନ ପଦ୍ଧତି ଚାଲୁଛି ତାହା ସିଦ୍ଧାନ୍ତ ପଦ୍ଧତିର ଏକ ବିକୃତ ରୂପ । ସିଦ୍ଧାନ୍ତ ପଦ୍ଧତିରେ ଉଦାହରଣ ସାହାଯ୍ୟରେ କୌଣସି ସିଦ୍ଧାନ୍ତର ସଠିକତା ବୁଝିବା କଥା । କିନ୍ତୁ ବ୍ୟାଖ୍ୟାନ ପଦ୍ଧତିରେ ବହି ବା ଶିକ୍ଷକ କହୁଥିବା କଥା ହିଁ ଠିକ୍ ବା ସତ୍ୟ ବୋଲି ମାନି ନିଆଯାଏ । ସତେ ଯେପରି ଶିକ୍ଷକ ବା ବହି କହୁଛି, "ଯାହା ମୁଁ କହୁଛି ତାହା ସତ୍ୟ, ଏହାକୁ ସ୍ୱୀକାର କର । କାରଣ ମୁଁ କହୁଅଛି ।" ଏହି କାରଣରୁ ସିଦ୍ଧାନ୍ତ ପଦ୍ଧତିର ତୁଳନାରେ ମଧ୍ୟ ବ୍ୟାଖ୍ୟାନ ପଦ୍ଧତି ଅଧିକ ହାନିକାରକ ।

ପ୍ରାଥମିକ ବିଦ୍ୟାଳୟରେ ସୂକ୍ଷ୍ମ ତର୍କ ଦ୍ୱାରା ଶିକ୍ଷା ଦିଆଯାଇ ପାରିବନାହିଁ । କାରଣ ସେ ବୟସରେ ପିଲାର ତର୍କଶକ୍ତି ବିକଶିତ ହୋଇ ନଥାଏ । ତଥାପି ସମୟ ବଞ୍ଚାଇବା ପାଇଁ କେବେ କେବେ ସିଦ୍ଧାନ୍ତ ପଦ୍ଧତିର ଉପଯୋଗ ଦରକାର ପଡ଼େ । ସେଠାରେ ପିଲାର ଅବିକଶିତ ତର୍କଶକ୍ତି କଥା ମନରେ ରଖିବା ଅତି ଜରୁରୀ । ଅଧିକାଂଶ କ୍ଷେତ୍ରରେ ବିଶ୍ୱାସ କରାଯାଏ ଯେ କେହି ଜାଣିଥିବା ତଥ୍ୟର ପରିମାଣ ହିଁ ଜ୍ଞାନ ଏବଂ ସେହି ତଥ୍ୟଗତ ଜ୍ଞାନ ହିଁ ଏକ ଶକ୍ତି ଅଟେ । ସିଦ୍ଧାନ୍ତ ପଦ୍ଧତିର ବହୁଳ ପ୍ରଚାର ପଛରେ ଏହି ବିଶ୍ୱାସଟି ବିଶେଷ ଭାବରେ ରହିଛି । କିନ୍ତୁ ପ୍ରକୃତ କଥାଟି ଏହା ଯେ ତଥ୍ୟଗତ ଜ୍ଞାନ ନିଜେ କୌଣସି ଶକ୍ତି ନୁହେଁ, ବରଂ ନୂଆ ଜ୍ଞାନ

ଆହରଣ କରିପାରିବାର ଦକ୍ଷତା ହିଁ ବଡ଼ ଶକ୍ତି । ଦୃଷ୍ଟାନ୍ତ ପଦ୍ଧତି ମଣିଷକୁ ନୂଆ ଜ୍ଞାନ ଆହରଣ କରି ପାରିବାର ଶକ୍ତି ଦିଏ ଏବଂ ଜ୍ଞାନ ଖୋଜିବାର ବାଟରେ ତାକୁ ମୁହାଁଇ ଦିଏ ।

ଦୃଷ୍ଟାନ୍ତ ପଦ୍ଧତିରେ କାମ କରୁଥିବା ଶିକ୍ଷକଙ୍କୁ ଅଧିକ ପ୍ରସ୍ତୁତ କରିବାକୁ ହୁଏ ଏବଂ ନିଜର ବିଦ୍ୟାଳୟକୁ ଗୋଟିଏ ପରୀକ୍ଷାଗାରର ରୂପରେ ତାଙ୍କୁ ସଜାଇବାକୁ ହୁଏ । ଦୃଷ୍ଟାନ୍ତ ପଦ୍ଧତିକୁ ପ୍ରୟୋଗ ପଦ୍ଧତି ମଧ୍ୟ କୁହାଯାଇପାରେ । କାରଣ ବିଭିନ୍ନ ଉଦାହରଣ ଦେଇ ବୁଝାଇଲା ଭଳି ଶିକ୍ଷକ ପିଲାଙ୍କୁ ନାନା ପରୀକ୍ଷା କରାଇ ମଧ୍ୟ କିଛି ସିଦ୍ଧାନ୍ତରେ ପହଞ୍ଚି ପାରିବେ । ସାଧାରଣ ଭାବରେ ମନେ କରାଯାଏ ଯେ କେବଳ ପ୍ରୟୋଗଶାଳାରେ ହିଁ ଏହି ପଦ୍ଧତି ଉପଯୋଗ କରାଯାଇପାରେ । କିନ୍ତୁ ଅସଲ କଥା ହେଉଛି ଏହା ଯେ ଆମେ ଯେଉଁଠି ବୁଝି ବିଚାରି ଏହି ପଦ୍ଧତି ବ୍ୟବହାର କରିବା ସେଠାରେ ଶ୍ରେଣୀ ଗୃହଟି ଆପେ ଆପେ ଏକ ପରଖଶାଳା ପାଲଟିଯିବ । ଏହି ଅବସ୍ଥାରେ ସବୁ ବିଷୟ ପରୀକ୍ଷାମୂଳକ ବିଜ୍ଞାନର ରୂପ ନେଇଯିବ । ଅର୍ଥାତ ଇତିହାସ, ଭୂଗୋଳ ଆଦି ପ୍ରତ୍ୟେକ ବିଷୟକୁ ଶିଖାଇବା ପାଇଁ ଏହି ପଦ୍ଧତିର ପ୍ରୟୋଗ କରାଯାଇପାରିବ ।

### *ଅନୁଭୂତି (ସେଗୁଇନ୍) ପଦ୍ଧତି*

ପିଲା ଯେଉଁ ଧାରାରେ ନିଜେ ନିଜେ ଶିଖିଥାଏ, ତାକୁ ଲକ୍ଷ୍ୟ କରି ଏବଂ ତାକୁ ଆଧାର କରି ସେଗୁଇନ୍ ନାମକ ଫରାସୀ ଶିକ୍ଷାବିତ୍ ଏହି ପଦ୍ଧତି ବାହାର କରିଛନ୍ତି । ତେଣୁ ଏହାକୁ ସେଗୁଇନ୍ ପଦ୍ଧତି ମଧ୍ୟ କୁହାଯାଏ ।

ପିଲା ନିଜେ ଅନେକ କଥା ଶିଖିଥାଏ । ପ୍ରଥମେ ସେ ନିଜର ଇନ୍ଦ୍ରିୟ ସାହାଯ୍ୟରେ କୌଣସି ଜିନିଷକୁ ଚିହ୍ନେ ଓ ମନରେ ତାହାର ଗୋଟିଏ ଛାପ ବା ଅନୁଭବ ଗଢ଼େ । ଏହାପରେ ସେ ଆମକୁ ପଚାରିଥାଏ, "ଏଇଟା କ'ଣ ? ସେଇଟା କ'ଣ ?" ଆମେ ତା'ର ମାନସିକ ଛାପ ବା ଅନୁଭୂତି

ସହିତ ସେ ଜିନିଷର ନାମଟି ଯୋଡ଼ି ଦେଇଥାଏ । ଏହି ଭାବରେ ପିଲା ଇନ୍ଦ୍ରିୟ ଦ୍ୱାରା ପାଇଥିବା ଅନୁଭବକୁ ନିଜର ବୁଦ୍ଧି ଖଟାଇ ମନେ ରଖିବାକୁ ଚେଷ୍ଟା କରେ । ଏହାପରେ ପିଲା ଆଉ କିଛି ଜିନିଷ ପାଇଁ ପୁଣି 'ଏହା କ'ଣ' ପଚାରେ । ଏହି ଭାବରେ ପିଲା ମନକୁ ମନ ଯେଉଁ ସବୁ ବିଷୟରେ ଜାଣେ ତାହା ଠିକ୍ କି ଭୁଲ ତାହା ସେ ଆମକୁ ପଚାରି ପଚାରି ନିଜର ଜ୍ଞାନକୁ ବଢ଼ାଇଥାଏ । ଏହି ଢାଞ୍ଚାରେ ଶିଖିଲାବେଳେ ପିଲା ନିଜର ଭୁଲକୁ ବୁଝିବା ବଦଳରେ ନିଜର ଅନୁଭବରେ ଥରକୁ ଥର ଯୋଡ଼ିବାରେ ଓ ଅନ୍ୟ ଆଗରେ ପ୍ରକାଶ କରି ନିଜର ଜ୍ଞାନକୁ ପରଖି ନିଏ ।

କେବେ ସେ ଆମ ପାଖକୁ ଆସି ଦୃଢ଼ତାର ସହ କହେ ଯେ ଏଇଟା ଘଣ୍ଟା, ଏଇଟା ବହି, ଏହା ଟେବୁଲ । ଏପରି କହିଲା ବେଳେ ଯଦି ଆମେ ତା' ସହ ଏକମତ ହୁଏ ତେବେ ସେ ସେହି ବିଷୟରେ ନିଶ୍ଚିତ ହୋଇଯାଏ । ଆମେ ଯଦି ତା'ର ଚିହ୍ନଟରେ ଏକମତ ନହୋଇ ଅଲଗା କିଛି ନାଁ କହେ ତେବେ ପିଲାଟି ସେହି ନୂଆ ନାଁ ବା ଚିହ୍ନଟକୁ ମନେ ରଖିବାକୁ ଚେଷ୍ଟା କରେ । ପ୍ରଥମ ଚିହ୍ନଟଟି ଯେ ଭୁଲ ଏହା ତା'ର ଧାରଣାରେ ଆସେନାହିଁ । କେବଳ ତା'ର ମନର ସିଲଟରେ ସେ ପୁରୁଣା ଉପରେ ନୂଆ ଲେଖି ଚାଲେ । ପୁରୁଣା ନୂଆ ମେଳ ଖାଇଲେ ତା'ର ଚିହ୍ନଟ ମଜଭୁତ ହୁଏ । ସେଥିରେ ଅମେଳ ଆସିଲେ ସେ ପୁରୁଣାକୁ ଭୁଲି ନୂଆକୁ ମନରେ ରଖେ । ପିଲାର ଏହି ନିଜେ ଶିଖିବାର ଢାଞ୍ଚାକୁ ସେଗୁଇନ ଶିକ୍ଷା କାମରେ ଲଗାଇଛନ୍ତି ।

ସେଗୁଇନଙ୍କ ଧାରାର ପ୍ରଥମ ପାଦ ହେଉଛି ସାଧାରଣ ଭାବରେ ବିଭିନ୍ନ ଜିନିଷ ସହ ପିଲାର ପରିଚିତି ବଢ଼ାଇବା । ଏହାପରେ ତିନୋଟି ପାଦରେ ପିଲାକୁ ଆଗେଇନେବା । ଆଗକୁ ଯିବାର ପାଦଗୁଡ଼ିକ ହେଉଛି:

*ପ୍ରଥମ ପାଦ:* ଜିନିଷର ଗୁଣ ବିଷୟରେ କିଛି ଜଣାଇ ପରିଚିତି ଆଣିବା,

*ଦ୍ୱିତୀୟ ପାଦ:* ଗୁଣ ସହିତ ଜିନିଷର ନାଁ ଯୋଡ଼ିବାକୁ ପିଲାକୁ କହିବା,

*ତୃତୀୟ ପାଦ:* ଜିନିଷ ବିଷୟରେ ସେ ଶିଖିଲା କି ନାହିଁ ତାହା ପରଖ।

ପିଲାକୁ ରଙ୍ଗ ବିଷୟରେ ଜଣାଇବାର ଉଦାହରଣ ନେଇ ଦେଖିଲେ ତାହା ଏହିଭଳି ହେବ: ପ୍ରଥମ ପାଦରେ ପିଲାକୁ ରଙ୍ଗ ବିଷୟରେ ସାଧାରଣ କଥା କହିବା। ଦୁଇଟି ଅଲଗା ରଙ୍ଗର ଜିନିଷ ନେଇ ସେ ବିଷୟରେ ପିଲାକୁ ଜଣାଇବା, ଯେପରି ଏହା ନାଲି, ଏହା ନୀଳ। ଏଥିରୁ ପିଲା ତା' ନଜରକୁ ଆସୁଥିବା ବିଭିନ୍ନ ଜିନିଷର ରଙ୍ଗର ବିଭିନ୍ନତାର ଧାରଣା ପାଇପାରିବ।

ଦ୍ୱିତୀୟ ପାଦରେ ଆଗରୁ ଦିଆ ଯାଇଥିବା ଦୁଇଟି ରଙ୍ଗର ଜିନିଷକୁ ପିଲା ସାମନାରେ ରଖି ଶିକ୍ଷକ ପଚାରିବେ ନାଲି ଦେଖାଅ, ନୀଳ ଦେଖାଅ। ପିଲା ନାଲି ବା ନୀଳ ଶବ୍ଦ ଶୁଣି ତା'ର ଚିହ୍ନା ରଙ୍ଗ ଦେଖାଇବ।

ଏହାପରେ ତୃତୀୟ ପାଦରେ ଶିକ୍ଷକ ଥରକେ ଗୋଟିଏ ଜିନିଷ ଦେଖାଇ ପିଲାକୁ ପଚାରିବେ, 'ଏହା କେଉଁ ରଙ୍ଗର ?' ପିଲାର ଉତ୍ତରରୁ ଶିକ୍ଷକ ତା'ର ଶିଖିବାର ସଠିକତା ବିଷୟରେ ଜାଣିପାରିବେ। ଏହି ପାଦରେ ପିଲା ପୂର୍ବ ଦୁଇ ପାଦରୁ ପାଇଥିବା ଜ୍ଞାନକୁ କୌଣସି ସହାୟତା ବିନା ଜଣାଇଥାଏ।

ପିଲା ନିଜେ ଯେଉଁ ଧାରାରେ ଶିଖେ, ତାହା ଏହି ତିନି ପାଦ ସହିତ ମେଳ ଖାଉଥିବା କଥା ଆମେ ଲକ୍ଷ୍ୟ କରିପାରିବା। ପିଲାର ଏହି ନିଜେ ନିଜେ ଶିଖିବାର ଢାଞ୍ଚାକୁ ସେଗୁଇନ ଖୁବ ଚତୁର ଭାବରେ କାମରେ ଲଗାଇ ଅନୁଭୂତିମୂଳକ ଶିକ୍ଷାପଦ୍ଧତି ପ୍ରସ୍ତୁତ କରିଛନ୍ତି। ଏହି ଅନୁଭୂତି ପଦ୍ଧତି ମାଧ୍ୟମରେ ଛୋଟ ପିଲାଙ୍କୁ ବହୁତ କଥା ଶିଖାଯାଇ ପାରିବ। ମଣ୍ଟେସୋରୀ ପଦ୍ଧତିରେ ମଧ୍ୟ ଏହି ଶୈଳୀରେ ଅକ୍ଷର ଶିଖାଯାଏ। ତିନି ପାଦ ଆଧାରିତ ଏହି ଶୈଳୀରେ ଉଭୟ ସାଧାରଣ ଅକ୍ଷର ଓ ଯୁକ୍ତାକ୍ଷର ଶିଖାଯାଇଥାଏ।

ବୌଦ୍ଧିକ ଜ୍ଞାନର ବିକାଶ ହେବା ପୂର୍ବରୁ ଆପେ ଆପେ ଶିଖିବାର ଯେଉଁ ପ୍ରକ୍ରିୟା ମନ ଭିତରେ ଚାଲିଥାଏ ତାହାର ବିଶ୍ଳେଷଣରୁ ହିଁ ଅନୁଭୂତି ପଦ୍ଧତିର ସୃଷ୍ଟି । ନିଜର ଆଗ୍ରହ ଅନୁସାରେ କେହି ଶିକ୍ଷକ ଯେଉଁଠି ଚାହିଁବେ ସେଠାରେ ଏହି ଅନୁଭୂତି ପଦ୍ଧତିର ପ୍ରୟୋଗ କରିପାରିବେ ।

## *ପ୍ରତ୍ୟକ୍ଷ ପଦ୍ଧତି*

ଇଂରାଜୀରେ ଏହାକୁ *ଡାଇରେକ୍ଟ ମେଥଡ* କୁହାଯାଏ । ଅନେକ ଲୋକ ଏହାକୁ 'କର ଓ କୁହ' ପଦ୍ଧତି (*ଡୁ ଏଣ୍ଡ ସେ ମେଥଡ*) ମଧ୍ୟ କୁହନ୍ତି। ପ୍ରତ୍ୟକ୍ଷ ପଦ୍ଧତିରେ କୌଣସି କାମ କରିବା ସମୟରେ ତାହାର କ୍ରିୟାବାଚକ ଶବ୍ଦ ବା ବାକ୍ୟ କୁହାଯାଏ । କିମ୍ବା କିଛି ଜିନିଷ ଦେଖାଇ ତା'ର ନାଁ, ଗୁଣ ବା ଭାବକୁ ବୁଝାଉଥିବା ଶବ୍ଦ ଓ ସେ ଶବ୍ଦର ଅର୍ଥକୁ ମଧ୍ୟ ଶିଖାଯାଏ ।

ସାଧାରଣତଃ କୌଣସି ବିଦେଶୀ ଭାଷାକୁ ସହଜରେ ଶିଖାଇବା ପାଇଁ ପ୍ରତ୍ୟକ୍ଷ ପଦ୍ଧତିର ପ୍ରୟୋଗ କରାଯାଏ । ବିଦେଶୀ ଭାଷା ଶିଖାଇବା ପାଇଁ ଅନୁବାଦ ପଦ୍ଧତି ବଦଳରେ ଏହା ଅଧିକ ଉପଯୋଗୀ । କାରଣ, ଅନୁବାଦ ପଦ୍ଧତିରେ ବିଦେଶୀ ଭାଷା ନିଜର ମାତୃଭାଷା ପରି ପଢ଼ାଯାଏ ନାହିଁ, ବରଂ ନିଜ ମାତୃଭାଷାର ସହାୟତାରେ କରାଯାଏ । ଏଥିପାଇଁ ଶିଖିବା ଲୋକଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ ବୋଲି ମନେ କରାଯାଏ । ଅର୍ଥାତ, ଏଥିରେ ପ୍ରଥମେ ନିଜ ଭାଷାରେ ବିଚାର କରି ପରେ ତାହାକୁ ବିଦେଶୀ ଭାଷାରେ, ବିଦେଶୀ ଭାଷାର ଶବ୍ଦ, ବାକ୍ୟ ଏବଂ ବ୍ୟାକରଣ ସାହାଯ୍ୟରେ ପ୍ରକାଶ କରିବାକୁ ପଡ଼ିଥାଏ ।

ଏହି କଷ୍ଟକର କାମ ବଦଳରେ ବିଦେଶୀ ଭାଷାକୁ ସିଧାସଳଖ ଶିଖାଇବା ପାଇଁ ପ୍ରତ୍ୟକ୍ଷ ପଦ୍ଧତିର ପରିକଳ୍ପନା କରାଯାଇଛି । ଫ୍ରାନ୍ସର ଭାଷାବିତ୍ ସେଗୁଇନ ପ୍ରଥମେ ଏହି ପ୍ରଣାଳୀର ଚିନ୍ତା କରିଥିଲେ । ଏଥିରେ ପିଲାଙ୍କ ଆଗରେ କେବଳ ବିଦେଶୀ ଭାଷା କୁହାଯାଏ । ନିଜ ମାତୃଭାଷାରେ

ତାହାକୁ ଅନୁବାଦ କରାହୁଏ ନାହିଁ । କିନ୍ତୁ ବିଦେଶୀ ଭାଷାର କ୍ରିୟା, ଗୁଣ, ଅବ୍ୟୟ, ନାମ ଆଦିକୁ ପ୍ରତ୍ୟକ୍ଷ ରୂପେ, କାମ ବା ବସ୍ତୁ ଜରିଆରେ ଦେଖାଇ ଦିଆଯାଏ । ବିଭିନ୍ନ ଶବ୍ଦର ପ୍ରତ୍ୟକ୍ଷ ପରିଚୟ ଦେବାର ବ୍ୟବସ୍ଥା କରି ଶିକ୍ଷାର୍ଥୀର ପ୍ରତ୍ୟକ୍ଷ ଅନୁଭବ ଆଣି ବିଦେଶୀ ଭାଷା ଶିଖାହୁଏ । ଅନ୍ୟ ଅର୍ଥରେ, ଶିଖୁଥିବା ଲୋକକୁ ପୂରାପୂରି ବିଦେଶୀ ଭାଷାର ପରିବେଶରେ ରଖିବାର ଚେଷ୍ଟା କରାଯାଏ ।

ଏହି ପ୍ରଣାଳୀରେ ପିଲା ଅଳ୍ପ ସମୟରେ ବିଦେଶୀ ଭାଷାକୁ ଭଲ ଭାବରେ ଶିଖିପାରେ ବୋଲି ବିଶ୍ୱାସ କରାଯାଏ । ସେ ସିଧାସଳଖ ବିଦେଶୀ ଭାଷାରେ ଚିନ୍ତା କରେ ଏବଂ ବିଦେଶୀ ଭାଷାଟି ତାକୁ ଅନ୍ୟ ଏକ ମାତୃଭାଷା ଭଳି ଲାଗେ । ଫଳରେ ସେ ଅତି ସହଜରେ ବିଦେଶୀ ଭାଷାରେ କହିବା ଶିଖିଯାଏ ।

ଏହି କଥା ମଧ୍ୟ ଅନେକାଂଶରେ ଠିକ୍ । କିନ୍ତୁ ପ୍ରତ୍ୟକ୍ଷ ପଦ୍ଧତିର ସଫଳତା ପାଇଁ ଖୁବ୍ କୁଶଳୀ ଓ ଦକ୍ଷ ଶିକ୍ଷକ ଦରକାର । ସେହି ଶିକ୍ଷକ ବିଦେଶୀ ଭାଷାକୁ ଭଲ ପାଉଥିବା ଓ ତାକୁ ଭଲ ଭାବରେ ଜାଣିଥିବା ଅତି ଜରୁରୀ । ଏହା ସହିତ ଭାଷା ଶିଖାଇବା ପାଇଁ ଉପଯୋଗୀ ପରିବେଶ ଏବଂ ବିଶେଷ ରୂପେ ଲେଖା ହୋଇଥିବା ସହାୟକ ପୁସ୍ତକ ମଧ୍ୟ ଦରକାର । ଏସବୁ ମିଳିଲେ ହିଁ ପ୍ରତ୍ୟକ୍ଷ ପଦ୍ଧତି ସଫଳ ହୋଇ ପାରିବ । ନଚେତ ଯାହିତାହି କରି ବିଦେଶୀ ଭାଷା ଶିଖି ହୋଇଯାଏ, ମାତ୍ର ଲେଖିବା ଓ କହିବାରେ ବ୍ୟାକରଣଗତ ଭୁଲ ରହିଯାଏ ।

ପ୍ରତ୍ୟକ୍ଷ ପଦ୍ଧତି ବିଷୟରେ ଅନେକ ଉପଯୋଗୀ ବହି ପ୍ରକାଶିତ ହୋଇଛି । ଏହି ପଦ୍ଧତିରେ କିଛି ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କେହି କେହି ମନେ କରନ୍ତି । କିନ୍ତୁ ଏହି ପରିବର୍ତ୍ତନ ଫଳରେ ଶିକ୍ଷକ ଯେପରି ପଛେଇ ପଛେଇ ଯାଇ ଖରାପ ଶୈଳୀର ଅନୁବାଦ ପଦ୍ଧତି କିମ୍ବା ବହି ପଦ୍ଧତି ପାଖରେ ନ ପହଞ୍ଚନ୍ତି ସେ ଦିଗରେ ଧ୍ୟାନ ଦେବାକୁ ହେବ ।

ଯେଉଁଠାରେ ଶିକ୍ଷକ ଏହିପରି ପଛେଇ ଯାଆନ୍ତି ସେଠାରେ ବହି ପଦ୍ଧତିକୁ ସିଧାସଳଖ ଗ୍ରହଣ କରି ନେଲେ ପିଲାର ଅଧିକ ଲାଭ ହୋଇଥାଏ ।

ଯେଉଁ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରୁ ଇଂରାଜୀ ଆରମ୍ଭ କରାଯାଉଛି ସେ କ୍ଷେତ୍ରରେ ଏହି ପଦ୍ଧତି ବିଚାରଣୀୟ । ଅନେକ ଲୋକ ଅତି ଅଳ୍ପ ବୟସରୁ ମାତୃଭାଷା ସହ ଅନେକଗୁଡ଼ିଏ ବିଦେଶୀ ଭାଷା ଶିଖାଇବା ଆରମ୍ଭ କଲେଣି । ଆମ ଦେଶକୁ ଛାଡ଼ି ଅନ୍ୟ ଦେଶରେ ଏହିପରି ଭାଷା ଶିଖାଇବାର ମୋହ ପ୍ରାୟ ଦେଖାଯାଏ ନାହିଁ । ପ୍ରଥମେ ନିଜ ମାତୃଭାଷା ଠିକ୍‌ରେ ଶିଖିସାରିବା ପରେ ବିଦେଶୀ ଭାଷା ପଢ଼ାଇବା ଆରମ୍ଭ କରାଯିବା କଥା । ଯେତେବେଳେ ପିଲା ଦୁଇ ତିନୋଟି ଭାଷାରେ କଥା କହିପାରେ ଆମେ ବହୁତ ଖୁସି ହୋଇଯାଉ । କିନ୍ତୁ ଏକା ସାଙ୍ଗରେ ଦୁଇ ତିନୋଟି ଭାଷା ଶିଖିବା ଫଳରେ ତା'ର କୌଣସି ଗୋଟିଏ ଭାଷା ଉପରେ ବି ଭଲ ଦଖଲ ଆସେନାହିଁ । ଫଳରେ ଚିନ୍ତା କରିବାକୁ ତା'ର ନିଜର କୌଣସି ନିର୍ଦ୍ଦିଷ୍ଟ ଭାଷା ରହେନାହିଁ ଓ ସେ ଭାଷାର ଗଭୀରତାକୁ ଯାଇପାରେ ନାହିଁ । ସେଥିପାଇଁ ପିଲାକୁ ଥରକେ ଗୋଟିଏ ମାତ୍ର ଭାଷା ଶିଖାଇବା ଉଚିତ ଏବଂ ପ୍ରଥମଟି ପିଲାର ମାତୃଭାଷା ହିଁ ହେବା ଉଚିତ ।

ବିଦେଶରେ ବା ଅନ୍ୟ ଜାଗାରେ ରହୁଥିବା ପିଲା ଏକାଥରକେ ଦୁଇଟି ଭାଷା ଶିଖିପାରେ । ଏଠାରେ ଅନ୍ୟ ଭାଷାକୁ ପ୍ରତ୍ୟକ୍ଷ ପଦ୍ଧତି ଦ୍ୱାରା ଶିଖାଇବା ଦରକାର ପଡ଼େନାହିଁ । ପିଲା ଘରେ ନିଜର ମାତୃଭାଷା ଏବଂ ବାହାରେ ନିଜର ସାଙ୍ଗମାନଙ୍କ ସହ କଥା ହୋଇ ତାଙ୍କ ଭାଷାକୁ ଶିଖିଯାଏ । ଏହି ଶିଖିବାଟା ପ୍ରତ୍ୟକ୍ଷ ପଦ୍ଧତି ଦ୍ୱାରା ହୁଏନାହିଁ, ବରଂ ପରିଚୟ ପଦ୍ଧତିରେ ହୋଇଥାଏ । ଏହିପରି ନିତିଦିନିଆ କାମରୁ ପାଉଥିବା ଜ୍ଞାନ ଅଧିକ ପ୍ରାସଙ୍ଗିକ ହୁଏ । ସବୁବେଳେ କହୁଥିବା ଭାଷା ସ୍ଥାୟୀ ଓ ସ୍ଥିର ରହେ । ତେଣୁ ପିଲା ଏହି ଭାଷାରେ ଚିନ୍ତା କରିପାରେ ଓ ନୂଆ କିଛି ସୃଷ୍ଟି କରିପାରେ ।

ପ୍ରତ୍ୟକ୍ଷ ପଦ୍ଧତି କେବଳ ବିଦେଶୀ ଭାଷା ଶିଖାଇବା ଭିତରେ ସୀମିତ ରହେନାହିଁ । ପ୍ରତ୍ୟକ୍ଷ ପଦ୍ଧତିରେ ପିଲାକୁ ସିଧାସଳଖ କୌଣସି ଜିନିଷ ଦେଖାଇ ସେ ବିଷୟରେ ଶିକ୍ଷା ଦିଆଯାଇ ପାରିବ । ବିଦ୍ୟାଳୟକୁ ଆସିବା ପର୍ଯ୍ୟନ୍ତ ପିଲା ସାଧାରଣ ଭାବରେ ପ୍ରତ୍ୟକ୍ଷ ପଦ୍ଧତିରେ ହିଁ ସବୁକିଛି ଶିଖୁଥାଏ । କିନ୍ତୁ ବିଦ୍ୟାଳୟକୁ ଆସିବା ମାତ୍ରେ ହିଁ ସେ ପରୋକ୍ଷ ଭାବରେ ଶୁଣିକରି ଶିଖିବା ଆରମ୍ଭ କରେ । ଏହି ଶୁଣା ବା ବହି ପାଠ କିନ୍ତୁ ପ୍ରକୃତ ଜ୍ଞାନ ନୁହେଁ । ପ୍ରତ୍ୟକ୍ଷ ଅନୁଭୂତିରୁ ହିଁ ପ୍ରକୃତ ଜ୍ଞାନ ଆସିଥାଏ । ସେଥିପାଇଁ ବିଦ୍ୟାଳୟରେ ପିଲାକୁ ପ୍ରତ୍ୟକ୍ଷ ଅନୁଭୂତି ମାଧ୍ୟମରେ ହିଁ ଶିଖାଇବା କଥା ।

ଏଥିପାଇଁ ଶିକ୍ଷକ ନିଜର ବିଦ୍ୟାଳୟକୁ ଏକ ବ୍ୟାପକ ରୂପରେ ଦେଖନ୍ତୁ । ନିଜକୁ କେବଳ ଶ୍ରେଣୀଗୃହରେ ଆବଦ୍ଧ ନରଖି ଚାରିପାଖର ପରିବେଶକୁ ମଧ୍ୟ ବିଦ୍ୟାଳୟ ଭାବନ୍ତୁ । ସେଥିରେ ମଣିଷ ଓ ପ୍ରକୃତିକୁ ଯୋଡ଼ି ପିଲାକୁ ପ୍ରତ୍ୟକ୍ଷ ଅନୁଭୂତି ଦେବାକୁ ଚେଷ୍ଟା କରନ୍ତୁ । ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ସଂଗୃହୀତ ଜିନିଷ ଅଥବା ଚିତ୍ର ମାଧ୍ୟମରେ ଯେକୌଣସି ବିଷୟରେ ଶିକ୍ଷା ଯାଇପାରିବ । କିନ୍ତୁ ପ୍ରତ୍ୟକ୍ଷ ପଦ୍ଧତି ଅନୁସାରେ ଏପରି ଜ୍ଞାନ ସବୁବେଳେ ଅସମ୍ପୂର୍ଣ୍ଣ ମନେ କରାଯାଏ । ଯେଉଁ ଜାଗାରେ ସମ୍ଭବ, ସେଠାରେ ଶିକ୍ଷକ ପ୍ରତ୍ୟକ୍ଷ ପଦ୍ଧତିର ପ୍ରୟୋଗ କରିବା ଉଚିତ ।

*ବାକ୍ୟରୁ ଅକ୍ଷର (ବେକନ୍) ପଦ୍ଧତି*

ଭାଷା ଶିକ୍ଷା ପାଇଁ ଏହି ପଦ୍ଧତି କେତେ କ୍ଷେତ୍ରରେ ବ୍ୟବହୃତ ହୁଏ । କେତେ ଧାରାରେ ଭାଷା ଶିକ୍ଷା ବର୍ଣ୍ଣମାଳାରୁ ନକରି ଶବ୍ଦ କିମ୍ବା ବାକ୍ୟରୁ ଆରମ୍ଭ କରାଯାଏ । ଅକ୍ଷରରୁ ଆରମ୍ଭ କରି ପିଲାକୁ ଭାଷା ଶିଖାଇବା କଷ୍ଟକର ମନେ କରାଯାଏ । କାରଣ ଗୋଟିକିଆ ଅକ୍ଷରଗୁଡ଼ିକ କେବଳ ନୀରସ ଧ୍ୱନି ଭଳି ଲାଗେ । ଅକ୍ଷର ମିଶାଇ ଗଢ଼ା ଯାଉଥିବା ଶବ୍ଦଗୁଡ଼ିକର ମଧ୍ୟ ପୂରା ଅର୍ଥ ନଥାଏ । ଏଥିପାଇଁ ଭାଷା ଶିକ୍ଷାର ଆରମ୍ଭ ଅକ୍ଷର କିମ୍ବା ଶବ୍ଦ ନହୋଇ ବାକ୍ୟ ହେବା ଉଚିତ ବୋଲି କେହି କେହି ମତ ଦିଅନ୍ତି ।

ବୋଧହୁଏ ଏହି ତାତ୍ତ୍ୱିକ ଚିନ୍ତାରୁ ଡେକଲ୍ ପଦ୍ଧତିର ଜନ୍ମ ହୋଇଛି । ଏହି ପଦ୍ଧତିରେ ପ୍ରଥମେ ପିଲା ଆଗରେ ସିଲଟ ବା କଳାପଟାରେ ପୂରା ବାକ୍ୟ ଲେଖାଯାଏ । ସେଥିରେ ଥିବା ଶବ୍ଦ କିମ୍ବା ଅକ୍ଷର ଶିଖାଇବା ପୂର୍ବରୁ ଯାହା ଲେଖା ଯାଇଛି ତାକୁ ଦେଖାଇ ପଢ଼ାଯାଏ । ଏହି ବାକ୍ୟ ସବୁକୁ ପଢ଼ିବାର ଆଗ୍ରହ ଜନ୍ମାଇବା ପାଇଁ କାହାଣୀର ସାହାଯ୍ୟ ନିଆଯାଏ । କିଛି ନିର୍ଦ୍ଦିଷ୍ଟ ବାକ୍ୟ ପରେ ଶିକ୍ଷକ ପିଲାକୁ କାହାଣୀ ରୂପରେ କିଛି ନୂଆ ବାକ୍ୟ ଶୁଣାନ୍ତି । ଶୁଣିବା ପରେ ସେହି ଗପର ପ୍ରତି ଧାଡ଼ିକୁ ପିଲା ବାରମ୍ବାର କହେ, ଯେପରି ତାହା ତା'ର ମୁଖସ୍ଥ ହୋଇଯିବ । ତା'ପରେ ଶିକ୍ଷକ ଏହି କାହାଣୀକୁ କଳାପଟା ଉପରେ ଲେଖିଦିଅନ୍ତି ଏବଂ ପିଲାକୁ ସେହି ବାକ୍ୟଗୁଡ଼ିକୁ ପଢ଼ିବାକୁ କହନ୍ତି ।

ମନେ ରଖିଥିବା ବାକ୍ୟ ଓ କଳାପଟାରେ ଲେଖାଥିବା ବାକ୍ୟ ସମାନ ହୋଇଥାଏ । ତେଣୁ ଶୁଣି ଶୁଣି ସେଗୁଡ଼ିକର ଉଚ୍ଚାରଣ ମନେରଖିଲା ପରି ପିଲା ଦେଖି ଦେଖି ଉଚ୍ଚାରଣ ସହିତ ଯୋଡ଼ା ବାକ୍ୟ ସବୁକୁ ମଧ୍ୟ ମନେ ରଖିପାରିବ । ଯେପରି ପିଲା ଦେଖି ଦେଖି ଅନେକ ଜିନିଷକୁ ମନେ ରଖିଥାଏ, ସେହିପରି ଦେଖି ଦେଖି ସେ ଅନେକ ବାକ୍ୟ ମନେ ରଖିପାରିବ । ବାରମ୍ବାର ଦେଖିବା ଫଳରେ ଏହି ବାକ୍ୟଗୁଡ଼ିକ ମନେ ରହିଗଲେ ଶିକ୍ଷକ ପିଲାକୁ ପୂରା ବାକ୍ୟ ଚିହ୍ନିବାକୁ କହିଥା'ନ୍ତି । ପରେ ଅଧା ଏବଂ ଓପଟ ସେପଟ ହୋଇ ଲେଖା ଯାଇଥିବା ବାକ୍ୟକୁ ଚିହ୍ନିବାକୁ କୁହନ୍ତି । ଯେପରି ଗହଳି ଭିତରେ ପିଲା ନିଜର ଚିହ୍ନା ପରିଚୟ ଲୋକକୁ ଖୋଜି ବାହାର କରିଦିଏ, ସେହିପରି ପରିଚିତ ବାକ୍ୟକୁ ମଧ୍ୟ ସେ ଖୋଜି ବାହାର କରିପାରେ । ଦେଖି ଦେଖି ପିଲା ବାକ୍ୟଗୁଡ଼ିକ ମନେ ରଖିଦେଲା ପରେ, ବାକ୍ୟରୁ ଶବ୍ଦଗୁଡ଼ିକ ଅଲଗା କରି କାଗଜ ଉପରେ ଲେଖି ତାକୁ ନେଇ ଖେଳିଥା'ନ୍ତି । ଏହାପରେ ଭିନ୍ନ ଭିନ୍ନ ଶୈଳୀରେ ଶବ୍ଦରୁ ଅକ୍ଷର ଶିଖାହୁଏ ।

ଏହି ଭାବରେ ବାକ୍ୟରୁ ଆରମ୍ଭ କରି ଅକ୍ଷର ପର୍ଯ୍ୟନ୍ତ ଯାଇହୁଏ ।

ଗପଗୁଡ଼ିକ ଏପରି ହୋଇଥାଏ ଯେ ଅଳ୍ପ କିଛି ବାକ୍ୟ ଭିତରେ ପ୍ରାୟ ସବୁ ଅକ୍ଷର ରହିଯାଏ । ବାକ୍ୟ ଏବଂ ଶବ୍ଦକୁ ଦେଖି ଦେଖି ଯେତେବେଳେ ଭଲ ଭାବରେ ଅକ୍ଷର ଚିହ୍ନି ହୋଇଯାଏ ସେତେବେଳେ ଅକ୍ଷରକୁ ମିଶାଇ ବାକ୍ୟ ଗଠନ କରିବା ଶିଖାହୁଏ । ଏହି ପଦ୍ଧତିରେ ପିଲାର ମନକୁ ଛୁଇଁଲା ପରି ଶୈଳୀରେ ଶିଖାଇବା ଉଚିତ ବୋଲି ମନେ କରାଯାଏ । ପିଲା କାହାଣୀ ଶୁଣିବାକୁ ଭଲପାଏ ଏବଂ ସେ ଅକ୍ଷର କିମ୍ବା ଶବ୍ଦରେ ନୁହେଁ, ବରଂ ପୂରା ବାକ୍ୟ କହି ନିଜର ଭାବକୁ ପ୍ରକାଶ କରେ । ଏଥିପାଇଁ ମନେ କରାଯାଏ ଯେ କାହାଣୀ ଓ ବାକ୍ୟ ମାଧ୍ୟମରେ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରୁଥିବା ଏହି ପଦ୍ଧତି ବିଜ୍ଞାନସମ୍ମତ । ଯେଉଁ ଭାଷା ଅକ୍ଷରର ଧ୍ୱନି ଉପରେ ନିର୍ଭର କରେନାହିଁ, ସେହି ଭାଷା ଶିଖିବା ପାଇଁ ବୋଧହୁଏ ଏହି ପଦ୍ଧତି ସହଜ ହେବ । କାରଣ ଇଂରାଜୀ ଅକ୍ଷର ପରି ଯେଉଁ ଭାଷା ଉଚ୍ଚାରଣ-ଅନୁସାରୀ ନୁହେଁ ସେହି ଭାଷାରେ ଅକ୍ଷର ଶିଖି, ତା'ପରେ ଶବ୍ଦ ଓ ବାକ୍ୟ ପର୍ଯ୍ୟନ୍ତ ଯିବା କଷ୍ଟକର ହୋଇଥାଏ । ଅନ୍ୟ ଦିଗରେ ଯଦି ପିଲା ସିଧା ସିଧା ବାକ୍ୟ ପଢ଼େ, ତେବେ ତା'ର ପଢ଼ିବାରେ ଆଗ୍ରହ ବଢ଼ିବ ବୋଲି ଆଶା କରିବା ଯୁକ୍ତିଯୁକ୍ତ ମନେହୁଏ ।

ଭାରତୀୟ ଭାଷାଗୁଡ଼ିକ କିନ୍ତୁ ଉଚ୍ଚାରଣ-ଅନୁସାରୀ ହୋଇଥାଏ । ତେଣୁ ଏଠାରେ ଏହି ପଦ୍ଧତି ହୁଏତ ବିଶେଷ କାମ ଦେବନାହିଁ । ଭାରତରେ ପଢ଼ାଉଥିବା ଜଣେ ବିଦେଶୀ ଏହି ପଦ୍ଧତି ଭାରତକୁ ଆଣିଛନ୍ତି । ନିଜ ଦେଶରେ ଭଲ କାମ ଦେଉଥିବାରୁ ସେ ଏଠାରେ ତାହା ଚଳାଇବାକୁ ଚେଷ୍ଟା କରିଛନ୍ତି । ଏଠିକାର ଭାଷା ପାଇଁ କିନ୍ତୁ ତାହା ଅନୁକୂଳ ନୁହେଁ ।

ଆମର ଶିକ୍ଷକମାନେ ଏହି ପଦ୍ଧତି ପ୍ରୟୋଗ କରିପାରନ୍ତି । ଭାଷା ଶିଖାଇଲା ବେଳେ ଯୋଡ଼ା ଅକ୍ଷରବାଲା ଶବ୍ଦ ଶିଖାଇବାରେ ଏହି ଯୋଜନାର ପ୍ରୟୋଗ ହୋଇଛି । ଏହିପରି ଅକ୍ଷରରୁ ଭାଷା ଶିଖିବା ପାଇଁ ଯେଉଁ ପିଲାର ଆଗ୍ରହ ନଥିବ ଅବା ଯେଉଁ ପିଲା ଅକ୍ଷର ସାହାଯ୍ୟରେ ଭାଷା

ଶିଖିବା ଅବସ୍ଥାରୁ ଆଗେଇ ଯାଇଥିବ ଏବଂ ଶୀଘ୍ର କିଛି ପଢ଼ିବାକୁ ଚାହୁଁଥିବ, ଅକ୍ଷର ଶିଖିବାର ଧୈର୍ଯ୍ୟ ଯାହାର ନଥିବ, ନୀରସ ଅକ୍ଷର ଦେଖି ଯାହାର ଆଗ୍ରହ ମରି ଯାଉଥିବ, ସେମାନଙ୍କୁ ଶବ୍ଦ ବା ବାକ୍ୟ ସାହାଯ୍ୟରେ ଭାଷା ଶିଖାଇବା ପାଇଁ ଏହି ପଦ୍ଧତି ପ୍ରୟୋଗ କରାଯାଇପାରେ ।

କୁହାଯାଏ ଯେ, କେତେ ପ୍ରାଥମିକ ବିଦ୍ୟାଳୟରେ ଏହି ପଦ୍ଧତି ଅତି ସଫଳତାର ସହିତ ପ୍ରୟୋଗ କରାଯାଇଛି । ସେଠାରେ ଏହି ପଦ୍ଧତିର ପ୍ରକ୍ରିୟା ଅପେକ୍ଷା ଉତ୍ସାହୀ ଶିକ୍ଷକଙ୍କ ଆଗ୍ରହ ଅଧିକ ଫଳପ୍ରଦ ହୋଇଛି । ଶିଖିବାକୁ ପଡ଼ିଲେ ଭଲ ହେଉ ବା ଖରାପ ହେଉ ଯେକୌଣସି ପଦ୍ଧତିରେ ପିଲା ଶିଖିନିଏ । ବିଦ୍ୟାଳୟ ଓ ଶିକ୍ଷକଙ୍କ ପ୍ରଭାବର ବାହାରେ ଥିବା ପିଲାମାନେ ଏହି ପଦ୍ଧତିରେ ଶିଖିବା ପାଇଁ ବୋଧହୁଏ ବେଶୀ ଆଗ୍ରହ ଦେଖାଇବେ ।

### *ପ୍ରକଳ୍ପ ପଦ୍ଧତି*

ଏହି ପ୍ରକଳ୍ପ ପଦ୍ଧତି ଆମେରିକାରେ ଜନ୍ମ ହୋଇଥିଲା । ବ୍ୟାବହାରିକ କୌଶଳରେ ଆଗ୍ରହୀ ଆମେରିକାବାସୀ ଅନୁଭବ କଲେ ଯେ ବିଦ୍ୟାଳୟର ପୋଥିବିଦ୍ୟା ବହିରେ ହିଁ ରହିଯାଏ । ତା' ସହିତ ବାହାର ଜୀବନର କୌଣସି ସମ୍ପର୍କ ରହେନାହିଁ । ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଆମେରିକାରେ ନୂଆ ନୂଆ ଶିକ୍ଷା ପଦ୍ଧତି ସବୁ ଖୋଜାଗଲା । ସେଥିରୁ ବାହାରିଥିବା ଫଳ ଭିତରୁ ପ୍ରକଳ୍ପ ପଦ୍ଧତି ଥିଲା ଗୋଟିଏ ।

କେତେକ ମିଶନାରୀ ଶିକ୍ଷାବିତ୍ ପ୍ରଥମେ ଆମେରିକାରୁ ଏହି ପଦ୍ଧତି ଶିଖିଆସିଲେ ଓ ଆମ ଦେଶକୁ ଆଣିଲେ । ପଞ୍ଜାବରେ ମୋଗା ସହରରେ ଶିକ୍ଷାର ଏହି ପଦ୍ଧତି ସଫଳ ହୋଇଛି । ପାଠପଢ଼ା କେବଳ ବହି ଭିତରେ ଯେପରି ସୀମିତ ରହି ନଯାଏ ସେ ଦିଗରେ ଏହି ପଦ୍ଧତି ଚେଷ୍ଟା କରେ । ତେଣୁ ଏହାର ଲକ୍ଷ୍ୟ ନିଶ୍ଚୟ ସ୍ୱାଗତଯୋଗ୍ୟ ମନେହୁଏ । ଏହି ପଦ୍ଧତି ପଛରେ

କୌଣସି ବିଶେଷ ତତ୍ତ୍ୱ ବା କିଛି ବୈଜ୍ଞାନିକ ଆବିଷ୍କାର ରହିନାହିଁ । ବରଂ ବ୍ୟାବହାରିକ ଦୃଷ୍ଟିରୁ ଏହାର ପରିକଳ୍ପନା କରାଯାଇଛି ଓ ପ୍ରକୃତରେ ଏହା ବେଶ୍ ବ୍ୟାବହାରିକ ହୋଇପାରୁଛି । ଏହି ପଦ୍ଧତି ପାଇଁ ପାଠ୍ୟକ୍ରମ ଓ ପରୀକ୍ଷା ଆଦି ସ୍ୱତନ୍ତ୍ର ଭାବରେ କରାଯିବା ଦରକାର । ତଥାପି ଦରକାର ହେଲେ ପାଠ୍ୟକ୍ରମ ସୀମା ଭିତରେ ମଧ୍ୟ ଏହି ପଦ୍ଧତିକୁ ଯୋଡ଼ି ଦିଆଯାଇପାରେ । କିଛି ଉଦାହରଣ ନେଇ ଏହି ପଦ୍ଧତି ବିଷୟରେ ଆଲୋଚନା କଲେ ଏହାକୁ ଆହୁରି ସହଜରେ ବୁଝିହେବ ।

ଏହି ପଦ୍ଧତି ପ୍ରଥମେ କୌଣସି ଗୋଟିଏ ପ୍ରଶ୍ନରୁ ଆରମ୍ଭ ହୁଏ । ମୂଳ ପ୍ରଶ୍ନର ସମାଧାନ କରିବା ସମୟରେ ଆହୁରି ଅନେକ ପ୍ରଶ୍ନ ଉଠିଥାଏ । ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜି ବାହାର କରି ପ୍ରକଳ୍ପ କାମ ଶେଷ କରାଯାଏ । ଏହି ପଦ୍ଧତି ପାଇଁ ପାଠ୍ୟପୁସ୍ତକ ଅଲଗା ଢାଞ୍ଚାରେ ତିଆରି ହୋଇଥାଏ । ଏଥିରେ ପିଲା ନିଜେ ସକ୍ରିୟ ଭାବରେ ଓ ନିଜ ଇଚ୍ଛାରେ ଜ୍ଞାନ ପାଇଥାଏ । ଏହି ଜ୍ଞାନ ଅନୁଭୂତିରୁ ଆସିଥିବାରୁ ଏହା ସବୁଦିନ ପାଇଁ ରହିଯାଏ ।

ଶିକ୍ଷକ ପିଲା ଆଗରେ ଗୋଟିଏ ପ୍ରଶ୍ନ କିମ୍ବା ପ୍ରସ୍ତାବ ରଖିଥା'ନ୍ତି । ଯେପରି "ଆମେ କ'ଣ ଗୋଟିଏ ଗୁଡ଼ି ତିଆରି କରିପାରିବା ?" ପିଲା ଏହି ପ୍ରସ୍ତାବକୁ ଅତି ଖୁସିରେ ଗ୍ରହଣ କରିଥାଏ । ତା'ପରେ ଶିକ୍ଷକ ଓ ପିଲା ମିଶି ଗୁଡ଼ି ତିଆରିର ଯୋଜନା କରନ୍ତି । ନିଜ ନିଜ ଭିତରେ ପ୍ରଶ୍ନ ପଚାରି ଓ ଆଲୋଚନା କରି ସେମାନେ ଯୋଜନାର ଏକ ଚିଠା ଲେଖନ୍ତି । ଆରମ୍ଭରୁ ଯୋଜନାର ପୂରା ରୂପ ଓ ଶେଷ କରିବାର ବାଟ ଚିନ୍ତା କରାଯାଏ । ଗୁଡ଼ି ତିଆରି ପାଇଁ ବାଉଁଶ, କାଗଜ, ଅଠା, ସୂତା ଆଦି ଦରକାର ହୁଏ ବୋଲି ଏଥିରୁ ପିଲା ଜାଣେ । ଯେହେତୁ ଗୁଡ଼ି ତିଆରି କାମ ପିଲାକୁ ହିଁ କରିବାକୁ ହେବ, ତାକୁ ସବୁ ଜିନିଷର ତାଲିକା କରିବାକୁ ପଡ଼ିଥାଏ । ଜିନିଷ ସବୁ କେଉଁଠାରୁ ମିଳିବ ତାକୁ ଖୋଜିବାକୁ ପଡ଼ିଥାଏ । କିଣିବା କାମ ଶିଖିବାକୁ ହୁଏ ଓ କିଣା ଯାଇଥିବା ଜିନିଷର ହିସାବପତ୍ର ରଖିବାକୁ ପଡ଼େ ।

ସବୁ ଜିନିଷ ଏକାଠି କରିବା ପରେ ନିଜ ଭିତରେ ଆଲୋଚନା କରି ପିଲାମାନେ କାମ ବାଣ୍ଟିନିଅନ୍ତି, ଯେପରି ସମସ୍ତେ ମିଳିମିଶି କାମଟିକୁ ପୂରା କରିପାରିବେ । ଏଥିରେ ପିଲା ସତକୁସତ ବଜାରକୁ ଯାଇ ମୂଲଚାଲ କରି ଅଠା, ବାଉଁଶ, କାଗଜ ଆଦି କିଣିଥାଏ । ଫଳରେ ସେମାନେ ଗାଁର ଦୋକାନୀ ସହ କଥା ହୋଇ କିଣାକିଣି କରିବା ଶିଖନ୍ତି । ସବୁ ପ୍ରସ୍ତୁତି ହୋଇଗଲେ ପିଲାମାନେ କାମ କରିବାକୁ ବସନ୍ତି । ସେମାନଙ୍କୁ ଅଠା ରାନ୍ଧିବା, ବାଉଁଶ ଚିରି ସରୁ ପାତିଆ କରିବା, କାଗଜ କାଟିବା ଓ ଯୋଡ଼ିବା ଆଦି କାମ ଶିଖିବାକୁ ପଡ଼େ । ଏସବୁରେ ହାତକୁ କାମରେ ଲଗାଇବା ଦରକାର ପଡ଼େ । ଏହା ସହିତ କେତୋଟି ଗୁଡ଼ି ତିଆରି ହେବ, ସେଥିପାଇଁ କେତେ କାଗଜ ଲାଗିବ, କେତୋଟି ବାଉଁଶ କାଠି ଲାଗିବ ସେସବୁର ହିସାବ କରିବାରେ ମୁଣ୍ଡ ଖେଳିଥାଏ ।

ଗୁଡ଼ି ତିଆରି ସରିବା ପରେ ଶେଷରେ କିଏ କେଉଁ ପ୍ରକାରର କାମ କେତେ କଲା ତା'ର ବିବରଣୀ ମଧ୍ୟ ଲେଖିବାକୁ ହୁଏ । ଏହିପରି ଗୁଡ଼ି ତିଆରି ଭିତରେ ଲେଖିବା, କହିବା, ଗଣିତ, ହାତର କୌଶଳ, ଏପରି କି ଭୂଗୋଳ (ଗାଁ ବଜାର) ଓ ସାମାଜିକ ପାଠ (କିଣାକିଣି) ଆଦି ଶିଖିବା ମଧ୍ୟ ହୋଇଯାଏ । ଶିକ୍ଷକ ପିଲାଙ୍କ ଆଗରେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ରଖନ୍ତି । "ଯୋଡ଼ିବା ପାଇଁ ଆମକୁ କେଉଁ ଜିନିଷ ଦରକାର ପଡ଼ିବ ? ଆମେ କେତେଜଣ ଅଛେ ଓ ଆମକୁ କେତୋଟି ଗୁଡ଼ି ତିଆରି କରିବାକୁ ହେବ ? ଆଜି ଆମେ ଏସବୁ କିପରି ତିଆରି କଲେ ? ଆମେ ଏହି ବିଷୟରେ ଆମର କିଛି ମନ୍ତବ୍ୟ ଲେଖିବା ନା ନାହିଁ ?" . . . ଏସବୁର ଉତ୍ତର ଦେଲା ବେଳକୁ ବିବରଣୀ ଲେଖା ହୋଇଯାଏ ।

ଆଉ ଗୋଟିଏ ଉଦାହରଣ ନେଇ ଦେଖିବା । ପିଲାଙ୍କର ପ୍ରକଳ୍ପଟି ହେବ ଏକ ଏକର ଜମିରେ ଆଳୁ ଲଗାଇବା । ଏହି କାମରେ ପ୍ରଥମରୁ କେତେଗୁଡ଼ିଏ ପ୍ରଶ୍ନ ରହିଛି । ଆଳୁ ପାଇଁ କେଉଁ ପ୍ରକାରର ଜମି ଦରକାର ?

ସେହି ଜମିକୁ କିଭଳି ଚାଷ କରାଯିବ ? କ'ଣ ଓ କେତେ ସାର ଦରକାର ? ଏହିଭଳି ଚାଷ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକ ସେ କାମ ସହିତ ଯୋଡ଼ା । ଏକ ଏକର ଜମିରୁ କେତେ ଆଳୁ ଅମଳ ହେବ ? ଅମଳ ପରେ ସେ ଆଳୁକୁ କେତେ ଦାମ୍‌ରେ ବିକିବା ? ଏସବୁ ପ୍ରଶ୍ନ ଗଣିତ ସହ ଯୋଡ଼ା ।

ଆଳୁ ଭାରତକୁ ପ୍ରଥମେ କେଉଁଠାରୁ ଆସିଲା, କିଏ ଆଣିଲା ଆଦି ପ୍ରଶ୍ନ ସବୁ ଇତିହାସ ସମ୍ବନ୍ଧୀୟ । ଅନ୍ୟ ଦେଶମାନଙ୍କରେ କେଉଁ କେଉଁ କିସମର ଆଳୁ ଚାଷ କରାଯାଏ, କେଉଁ ଦେଶ ସବୁଠାରୁ ଅଧିକ ଆଳୁ ଉତ୍ପାଦନ କରେ ପ୍ରଭୃତି ହେଉଛି ଭୂଗୋଳର ପ୍ରଶ୍ନ । ଏହି କାମର ଲିଖିତ ବିବରଣୀ ପ୍ରସ୍ତୁତ କରିବା ରଚନା ଲେଖିବା ସହ ସମାନ । ଏଥିରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଶାରୀରିକ ଶିକ୍ଷା ବି ମିଳିଥାଏ । ଏହିପରି ଗୋଟିଏ କାମ ଦ୍ୱାରା ଅନେକ ବିଷୟରେ ଜ୍ଞାନ ଦିଆଯାଇପାରେ ।

ମୋଗାର ବିଦ୍ୟାଳୟରେ ପ୍ରକଳ୍ପ ପଦ୍ଧତିରେ କିପରି ଶିକ୍ଷା ଦିଆଯାଏ ସେ ବିଷୟରେ ଏବେ ଦେଖିବା । ବର୍ଷ ଆରମ୍ଭରୁ ଶିକ୍ଷକ ପଚାରନ୍ତି ଯେ ଖରା ଛୁଟିରେ ଯେଉଁସବୁ ଗାଁକୁ ଯାଇଥିଲ, ସେଠାରେ ଲୋକଙ୍କ ସ୍ୱାସ୍ଥ୍ୟ କିପରି ଥିଲା । ଏହି ଆଲୋଚନା ଫଳରେ ପିଲା ରୋଗ ଓ ତା'ର ପ୍ରତିରୋଧ/ ପ୍ରତିକାର ବିଷୟରେ ଅଧିକ ଜାଣିବାକୁ ଆଗ୍ରହୀ ହୁଏ । ମୋଗା ସହରର ସରକାରୀ ଡାକ୍ତରଖାନାରେ ଏହି ବିଷୟରେ ପଚରାପଚରି କରିବା ପାଇଁ ଶିକ୍ଷକ ଗୋଟିଏ ପ୍ରସ୍ତାବ ଦେଲେ । ଏଥିପାଇଁ କେତୋଟି ଦଳ ଗଢ଼ାଗଲା । ବିଭିନ୍ନ ଦଳ ଡାକ୍ତରଖାନା ଯାଇ ସେଠାକାର ପରିସ୍ଥିତି ଦେଖିଲେ ଏବଂ ନିଜ ନିଜର ବିବରଣୀ ପ୍ରସ୍ତୁତ କଲେ । ଅନେକ ବିବରଣୀରେ ସେ ଜାଗା ଓ ଘରର ନକ୍ସାମାନ ଥିଲା । ଡାକ୍ତରଖାନା ଚଳାଇବା ଖର୍ଚ୍ଚର ଅଟକଳ ଲେଖା ଯାଇଥିଲା । ବ୍ୟବହୃତ ହେଉଥିବା ଔଷଧର ସୂଚନା ଥିଲା । ସେଠାରେ କାମ କରୁଥିବା ବିଭିନ୍ନ ଲୋକଙ୍କର କାମର ବିବରଣୀ ଏବଂ ରୋଗୀଙ୍କର ପୂରା ବିବରଣୀ ଥିଲା । ଡାକ୍ତରଖାନା କିପରି ଚାଲେ ଏବଂ ଅଫିସରେ କାମ କିପରି

କରାଯାଏ ତାହାର ସୂଚନା ମଧ୍ୟ ଥିଲା । ପିଲାମାନେ ବଡ଼ ଆଗ୍ରହର ସହିତ ସାଧାରଣ ରୋଗ ସବୁ କ'ଣ ଏବଂ ଏଥିରେ କେତେ ରୋଗୀ ପୀଡ଼ିତ ହେଉଛନ୍ତି ସେ ବିଷୟରେ ଜାଣିଥିଲେ ।

ତା'ପରେ ସେମାନେ ନିଜ ଶ୍ରେଣୀ ଭିତରେ ଛୋଟ ଡାକ୍ତରଖାନାଟିଏ ଖୋଲିବାର ସ୍ଥିର କଲେ । ଏଥିରେ ସେଠାକାର ପିଲା ଓ ଅନ୍ୟ ଲୋକମାନେ ତାଙ୍କୁ ସାହାଯ୍ୟ କଲେ । କିଛି ଆସବାବପତ୍ର ପିଲାମାନେ ନିଜେ ତିଆରି କଲେ ଏବଂ ଆଉ କିଛି ମାଗି ଆଣିଲେ । ଔଷଧ ପାଇଁ କିଛି ପଇସା ମାଗିଆଣିଲେ ଏବଂ ଆଉ କିଛି ନିଜେ ଉପାର୍ଜନ କରି ଏକାଠି କଲେ । ଔଷଧ କେଉଁଠାରେ ମିଳିବ ତା'ର ସନ୍ଧାନ ନେଲେ । ନିଜର ଡାକ୍ତରଖାନା ଚଳାଇବାକୁ କେତେ ଖର୍ଚ୍ଚ ହେବ ତା'ର ଅଟକଳ ପ୍ରସ୍ତୁତ କଲେ । ଔଷଧ ମାପିବା ଶିଖିଲେ । ବୋତଲରେ ଲେବଲ ଲଗାଇବା, ଚିଠା ତିଆରି କରିବା ଏବଂ କାର୍ଯ୍ୟାଳୟ ଚଳାଇବା ଶିଖିଲେ । ଏହିପରି ଏକ ପ୍ରକଳ୍ପ ମାଧ୍ୟମରେ ସେମାନେ ବହୁତ ଶିଖିଲେ ।

ଏହି ପୂରା କାମକୁ ଗୋଟିଏ ପ୍ରକଳ୍ପ କୁହାଯାଏ । ଗୋଟିଏ ଦୃଷ୍ଟିରୁ ଏହା ଏକ ନୂଆ ଧାରା । କିନ୍ତୁ ଅନ୍ୟ ଦୃଷ୍ଟିରୁ ଏହା ବେଶ୍ ପୁରୁଣା କଥା ମଧ୍ୟ । ଛୋଟ ପିଲା ଏକାଠି ହୋଇ ନଈ, ସମୁଦ୍ର କୂଳରେ ବା ଗାଁ ଦାଣ୍ଡରେ ଘର ତିଆରି ଖେଳ ଖେଳନ୍ତି ଏବଂ ନଈ କୂଳରେ ଖେଳବାଷ କରନ୍ତି । ଏହିସବୁ ମଧ୍ୟ ଗୋଟିଏ ଗୋଟିଏ ପ୍ରକଳ୍ପ ମାତ୍ର । କେବଳ ଶ୍ରେଣୀ ଭିତରେ ଆଜି ଏହା ଆପେ ଆପେ ନହୋଇ ଶିକ୍ଷକଙ୍କ ପ୍ରେରଣାରେ ଚାଲୁଛି । ଏଥିରେ କିଛି ବିଶେଷ ଉପକରଣ ଲାଗୁଛି ଏବଂ ଜ୍ଞାନ ଦେବାର ଲକ୍ଷ୍ୟରେ ହିଁ ଏହା କରାଯାଉଛି ।

*କିଣ୍ଡରଗାର୍ଟନ ପଦ୍ଧତି*

କିଣ୍ଡରଗାର୍ଟନ ଗୋଟିଏ ଜର୍ମାନ ଶବ୍ଦ । 'କିଣ୍ଡର' ମାନେ ପିଲା ଏବଂ

'ଗାର୍ଟନ' ମାନେ ବଗିଚା । ଅର୍ଥାତ କିଣ୍ଡରଗାର୍ଟନ ହେଉଛି *ପିଲାଙ୍କ ବଗିଚା* । ଶିକ୍ଷାବିତ୍ ଫ୍ରୋବେଲ ଏହି ପଦ୍ଧତିର ସ୍ରଷ୍ଟା । ପେସ୍ତଲଜୀଙ୍କ ଛାତ୍ର ଫ୍ରୋବେଲଙ୍କ ଦ୍ୱାରା ଚାଲୁ ହୋଇଥିବା ଏହି 'ବାଲବାଡ଼ି' ପଦ୍ଧତି ସମଗ୍ର ଇଉରୋପ ତଥା ସାରା ଦୁନିଆରେ ପିଲାଙ୍କୁ ବହୁତ ସୁହାଇଛି । ରୁଷୋଙ୍କ ପରେ ପେସ୍ତଲଜୀ ଏବଂ ଫ୍ରୋବେଲ ହିଁ ପିଲାଙ୍କୁ ମାଡ଼ଗାଳି ଏବଂ ଶିକ୍ଷକଙ୍କ କଠୋରତାରୁ ରକ୍ଷା କରିଛନ୍ତି ।

ଆଜି ଭାରତରେ ଚାଲୁଥିବା କିଣ୍ଡରଗାର୍ଟନ ପଦ୍ଧତିକୁ ଦେଖିଲେ ଫ୍ରୋବେଲ ଦୁଃଖର ସହ କହନ୍ତେ, "ଏହା କ'ଣ ମୋର ପଦ୍ଧତି ?" ଆଜି ଆମ ଦେଶରେ କିଣ୍ଡରଗାର୍ଟନ ପଦ୍ଧତି ବହୁତ ବିକୃତ ରୂପରେ ରହିଛି । ଫ୍ରୋବେଲ ତ ଇଉରୋପର କିଣ୍ଡରଗାର୍ଟନ ଶ୍ରେଣୀକୁ ଯାଇ ମଧ୍ୟ କହିବେ ଯେ ଏହା ମୋର ମୂଳ ଚିନ୍ତା ବା କଳ୍ପନାଠାରୁ ଅନେକ ଦୂରେଇ ଯାଇଛି ।

ଫ୍ରୋବେଲଙ୍କ କିଣ୍ଡରଗାର୍ଟନ ପଦ୍ଧତି ଏକ ତାତ୍ତ୍ୱିକ ଦାର୍ଶନିକ ଚିନ୍ତାଧାରା ଉପରେ ଆଧାରିତ । ସେ ତାଙ୍କ ପଦ୍ଧତିରେ ତିନୋଟି ମୁଖ୍ୟ ଧାରା ରହିଥିବାର ସୂଚନା ଦେଇଥିଲେ । ଏହି ତିନିଟି ହେଉଛି: ଏକତା, ଆନ୍ତରିକ ବିକାଶ ଏବଂ ପରସ୍ପର ସହ ସମ୍ପର୍କ । ସେ ତାଙ୍କର ଏହି ତିନୋଟି ଦିଗକୁ ପ୍ରକୃତି ଏବଂ ମନୁଷ୍ୟ ସମ୍ପର୍କର ମୂଳକଥା ରୂପେ ଧରିଥିଲେ । ଫ୍ରୋବେଲଙ୍କ ପଦ୍ଧତି ଆଜିର ମନୋବିଜ୍ଞାନ ଉପରେ ଆଧାରିତ ନୁହେଁ । ଏହା ତାତ୍ତ୍ୱିକ ଏବଂ ଧାର୍ମିକ ଚିନ୍ତାଧାରା ତଥା ଦର୍ଶନ ଉପରେ ଆଧାରିତ ।

ଖେଳଣା ପରି ଲାଗୁଥିବା କିଣ୍ଡରଗାର୍ଟନ ଉପକରଣରେ ଫ୍ରୋବେଲଙ୍କ ଚିନ୍ତାଧାରା ଛପି ରହିଥିଲା । କିନ୍ତୁ ଆଜିର ଶିକ୍ଷକ ଏହାର ଉପକରଣ ଏବଂ ଚିନ୍ତାଧାରା ଭିତରେ ଥିବା ସମ୍ପର୍କକୁ ବୁଝି ପାରୁନାହାନ୍ତି । ତେଣୁ ପ୍ରକୃତ ଲକ୍ଷ୍ୟ ସାଧନ ପାଇଁ ଏସବୁର ଗୁରୁତ୍ୱ ଦେଖୁନାହାନ୍ତି ବା ଜାଣୁନାହାନ୍ତି । ଇଉରୋପ ଓ ଆମେରିକାରେ କିଣ୍ଡରଗାର୍ଟନ ପଦ୍ଧତିର ସ୍ୱତନ୍ତ୍ର ବିକାଶ ଦୃଷ୍ଟିରୁ ମୂଳ ପଦ୍ଧତି ତୁଳନାରେ ଏଥିରେ ଅନେକ ପରିବର୍ତ୍ତନ ଆସିଛି ।

ସେଠାରେ କିଛି କିଣ୍ଡରଗାର୍ଟନରେ ମଣ୍ଟେସୋରୀଙ୍କ ମୂଳ ଉପକରଣ ବ୍ୟବହାର କରାଯାଏ । କିନ୍ତୁ ଆଉ କିଛିରେ ମଣ୍ଟେସୋରୀଙ୍କ ସିଦ୍ଧାନ୍ତ ଅନୁସାରେ ଅନ୍ୟ ଉପକରଣ ବ୍ୟବହାର କରାଯାଏ ।

କିଣ୍ଡରଗାର୍ଟନ ପଦ୍ଧତିରେ ଶିକ୍ଷକ କେନ୍ଦ୍ରରେ ରହନ୍ତି । ଶିକ୍ଷକଙ୍କ କାମ ହେଉଛି ପିଲାଙ୍କୁ ସ୍ନେହ ଓ ଶିକ୍ଷା ଦେବା ଏବଂ ତାଙ୍କ ମନରେ ଆଗ୍ରହ ସୃଷ୍ଟି କରିବା । ଶିକ୍ଷକଙ୍କ ବିନା ପିଲା ନିଜର କାମ କିଛି ବି କରିପାରେ ନାହିଁ । କିଣ୍ଡରଗାର୍ଟନ ପଦ୍ଧତିରେ ସାମୁହିକ ଶିକ୍ଷାର ବ୍ୟବସ୍ଥା ରହିଛି । ସେଥିରେ ପିଲାର ବ୍ୟକ୍ତିଗତ ବିକାଶର ସୁଯୋଗ ବହୁତ କମ୍ । ଏହି ପଦ୍ଧତି ସାମୁହିକ ଶିକ୍ଷା ଆଧାରିତ ହୋଇଥିବାରୁ ସେଥିରେ ଶ୍ରେଣୀର ବ୍ୟବସ୍ଥା ଅଲଗା ପ୍ରକାର ହୋଇଥାଏ । ଶ୍ରେଣୀ ଭିତରେ ନିର୍ଦ୍ଦିଷ୍ଟ ଜାଗାରେ ପିଲାମାନେ ବସନ୍ତି । ସେମାନଙ୍କୁ ନିଜ ଇଛା ଅନୁସାରେ କାମ କରିବାକୁ ମନା ହୋଇଥାଏ । ଏଥିରେ ନିଜ ମନ ମୁତାବକ କାମ କରିବା ବଦଳରେ ଶିକ୍ଷକଙ୍କ ସ୍ନେହପୂର୍ଣ୍ଣ ନିର୍ଦ୍ଦେଶକୁ ମାନିବାକୁ ପଡ଼ିଥାଏ ।

କିଣ୍ଡରଗାର୍ଟନ ପଦ୍ଧତି ଅନୁସାରେ ୩ ବର୍ଷରୁ ୬ ବର୍ଷ ବୟସର ପିଲା ଅନ୍ୟ ଉପରେ ନିର୍ଭରଶୀଳ । ସେଥିପାଇଁ ଛୋଟ ପିଲାଙ୍କୁ ସେମାନଙ୍କ କାମରେ ଏଭଳି ସ୍ନେହପୂର୍ଣ୍ଣ ସହାୟତା ଦେବା ଦରକାର । କିଣ୍ଡରଗାର୍ଟନର କାର୍ଯ୍ୟକ୍ରମ ଭିତରେ ପିଲାଙ୍କ ପାଇଁ ଉପଯୋଗୀ ବିଷୟ ସବୁ ରହିଥାଏ । ପିଲା ପ୍ରକୃତି, ପ୍ରାଣୀ ଆଦିର ପରିଚୟ ପାଇଥାଏ, କିନ୍ତୁ ଏସବୁ ଅଲଗା ଢାଞ୍ଚାରେ ଶିଖାଯାଏ । କିଣ୍ଡରଗାର୍ଟନର କାର୍ଯ୍ୟକ୍ରମ ଭିତରେ ପାଠ ପ୍ରତି କିଛି ପରିମାଣରେ ଆଗ୍ରହ ଆଣି ଶିଖାଇବା ବ୍ୟବସ୍ଥା ରହିଥାଏ । ମନୋବିଜ୍ଞାନ ଦୃଷ୍ଟିରୁ କିଣ୍ଡରଗାର୍ଟନ ପଦ୍ଧତିରେ ବିଶ୍ୱାସ କରାଯାଏ ଯେ କମ୍ ବୟସର ପିଲା ବେଶୀ ସମୟ ପାଇଁ ଏକାଗ୍ରତା ରଖିପାରେ ନାହିଁ । ଏଥିପାଇଁ ଅଳ୍ପ ଅଳ୍ପ କାମ ପରେ ତାଙ୍କ ପାଇଁ ବିଶ୍ରାମର ବ୍ୟବସ୍ଥା କରାଯାଏ । ଡିଆଁଡ଼େଇଁ କରିବା ଯୋଗୁଁ କିଣ୍ଡରଗାର୍ଟନ ପିଲା ଚଞ୍ଚଳ ରହେ । ତାଙ୍କ ଭିତରେ ସ୍ଥିରତା

ବଦଳରେ ଚଞ୍ଚଳତା ଓ ଶାନ୍ତି ବଦଳରେ ଉତ୍ତେଜନା ବଢ଼େ । କିଣ୍ଡରଗାର୍ଟନ ପଦ୍ଧତିରେ ସାମାଜିକ ଜୀବନର ବିକାଶ ପାଇଁ ମଧ୍ୟ ବହୁତ ସୁବିଧା ରହିଛି । କିନ୍ତୁ ସମାଜରେ ଉପେକ୍ଷିତ ଲୋକ କେତେ ଅସହାୟ ହୋଇ ରହେ ତା'ର କୌଣସି ଧାରଣା ଏଥିରେ ମିଳେନାହିଁ । କିଣ୍ଡରଗାର୍ଟନ ପଦ୍ଧତିରେ ପିଲାର ନିଜସ୍ୱ ଶକ୍ତି ପ୍ରତି ଦୃଷ୍ଟି ଦିଆଯାଏ ନାହିଁ । ସେଥିପାଇଁ ଛୋଟ ପିଲାକୁ ଯେଉଁ ବିଷୟ ସବୁ ଶିଖା ଯାଇପାରିବ ସେଗୁଡ଼ିକ ପାଇଁ ଏଥିରେ ବିଶେଷ ସ୍ଥାନ ରହିନାହିଁ ।

କିଣ୍ଡରଗାର୍ଟନ ପଦ୍ଧତିର ଆରମ୍ଭ କାଳରେ ଏହି ସବୁ ଅସୁବିଧାର ବିଚାର ହୁଏତ କେହି କରିନଥିଲେ । ଫ୍ରୋବେଲଙ୍କ ଚିନ୍ତାଧାରା ବା ପିଲାଙ୍କର ଉପକାର ପାଇଁ ତାଙ୍କର ଅବଦାନ ବିଷୟରେ ଏସବୁ ମନ୍ତବ୍ୟ ପ୍ରଯୁଜ୍ୟ ନୁହେଁ । ତାଙ୍କର ଚିନ୍ତା ଓ ପଦ୍ଧତି ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଟିଏ ନୂଆ ବାଟ ଖୋଲିଦେଇଛି । ପର ସମୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିକଶିତ ହୋଇଥିବା ପଦ୍ଧତିଗୁଡ଼ିକ ପାଇଁ କିଣ୍ଡରଗାର୍ଟନ ପଦ୍ଧତି ଗୋଟିଏ ସିଡ଼ି ରୂପେ କାମ କରିଛି । ଏବେ ପ୍ରାଥମିକ ଶିକ୍ଷା ପଦ୍ଧତିର ବ୍ୟାପକ ଉନ୍ନତି ଫଳରେ ହୁଏତ କିଣ୍ଡରଗାର୍ଟନ ପଦ୍ଧତିର ବିଭିନ୍ନ ଅସୁବିଧା ଆଖିକୁ ଆସୁଛି ।

କିଣ୍ଡରଗାର୍ଟନ ଶବ୍ଦ ଉପରେ କାହାର କୌଣସି ଆପତ୍ତି ନାହିଁ । ଯେଉଁ ଜାଗାରେ ପିଲାର ନିରନ୍ତର ବିକାଶ ହେବାର ଲାଗିଛି ସେହି ଜାଗା ନିଶ୍ଚୟ ଗୋଟିଏ 'ଶିଶୁବାଟିକା' । ଆଜି ଇଉରୋପରେ ଯେଉଁଠି କିଣ୍ଡରଗାର୍ଟନ ପଦ୍ଧତି ଭଲରେ ଚାଲୁଛି, ତାହାକୁ ଆମେ ଆଦର ଓ ସମ୍ମାନ ଦେଉଛେ । କିନ୍ତୁ ଆମ ଦେଶର କିଣ୍ଡରଗାର୍ଟନ ଯେତିକି ହାସ୍ୟାସ୍ପଦ ସେତିକି ଦୟନୀୟ । ପୁରୁଣା ଚାଟଶାଳୀ ଓ ଆଜିର କିଣ୍ଡରଗାର୍ଟନ ଦୁହେଁ ମିଶି ପିଲାଙ୍କର କେତେ କ୍ଷତି କରୁଛନ୍ତି ତାହା ବୁଝିବା ଅତି ଜରୁରୀ ।

### *ସ୍ୱଶିକ୍ଷା ପଦ୍ଧତି*

ମଣ୍ଟେସୋରୀ ପଦ୍ଧତି ଭାବରେ ଏହା ଅଧିକ ଜଣାଶୁଣା । କିନ୍ତୁ ତାତ୍ତ୍ୱିକ

ଦୃଷ୍ଟିରୁ ଏହାକୁ ସ୍ୱଶିକ୍ଷା ପଦ୍ଧତି କୁହାଯାଇ ପାରିବ । ପ୍ରାଥମିକ ଶିକ୍ଷା ପାଇଁ ଚଳୁଥିବା ପ୍ରାୟ ସବୁ ଉପଯୋଗୀ ପଦ୍ଧତିରେ ଶିକ୍ଷକ ଶିଖାଏ ଏବଂ ପିଲା ଶିଖେ । ଶିକ୍ଷକ କିପରି କୌଣସି ବିଷୟକୁ ଭଲ ଭାବରେ ଶିଖାଇ ପାରିବ ସେଥିପାଇଁ ଏହି ପଦ୍ଧତିଗୁଡ଼ିକ ବାଟ ବତାଉଛନ୍ତି । କିନ୍ତୁ ସ୍ୱଶିକ୍ଷା ପଦ୍ଧତିର ଲକ୍ଷ୍ୟ ହେଉଛି ପିଲା ଯେପରି ନିଜେ ହିଁ ଶିଖିବ । ଏହି ପଦ୍ଧତିରେ ଶିକ୍ଷକ ସିଧାସଳଖ କିଛି ଶିଖାନ୍ତି ନାହିଁ । କିନ୍ତୁ ସେ ଏପରି ଏକ ବାତାବରଣ ସୃଷ୍ଟି କରନ୍ତି ଯେଉଁଥିରେ ପିଲା ନିଜ ଚେଷ୍ଟାରେ ବୁଦ୍ଧି ଖଟାଇ ତା' ପାଇଁ ଯାହା ଦରକାରୀ ସେସବୁ ଶିଖିଥାଏ ।

ମଣ୍ଟେସୋରୀ ପଦ୍ଧତିର ପରିବେଶ ଏପରି ହୋଇଥାଏ ଯେ ପିଲା ଏଠାକୁ ଆପେ ଆପେ ଟାଣି ହୋଇ ଆସେ । ଏହା ଏପରି ପ୍ରେରଣା ଯୋଗାଏ ଯେ ପିଲା ନିଜେ ନିଜ ପସନ୍ଦର କାମ ବାଛେ ଏବଂ ଇଚ୍ଛା ଅନୁସାରେ ଶିଖି ନିଜ ଶକ୍ତିର ବିକାଶ କରେ । ଏଭଳି ପରିବେଶ ବହୁତ ସାବଧାନତାର ସହ ତିଆରି କରାଯାଏ । ପିଲା ସ୍ୱତନ୍ତ୍ର ପରିସ୍ଥିତିରେ, ସ୍ୱାଭାବିକ ଭାବରେ, ସମୟ ଓ ପାଠ୍ୟକ୍ରମର ବନ୍ଧନରୁ ମୁକ୍ତ ହୋଇ ଶିକ୍ଷା ପାଏ । ଏହି ପଦ୍ଧତିରେ ଦଣ୍ଡର ଭୟ କିମ୍ବା ପୁରସ୍କାରର ଲୋଭକୁ ଦୂରେଇ ରଖାଯାଏ । ପିଲା ନିଜେ କିପରି ଶିଖୁଛି ତାହା ଅନୁଧ୍ୟାନ କରି ସ୍ୱଶିକ୍ଷାର ବାତାବରଣ ତିଆରି କରାହୁଏ । ଭିନ୍ନ ଭିନ୍ନ ପରିସ୍ଥିତିରେ ପିଲାକୁ ସ୍ୱାଧୀନ ଭାବରେ ଛାଡ଼ି ଦିଆଯାଏ ଏବଂ ପିଲାର ଇନ୍ଦ୍ରିୟ ଓ ମନ ଉପରେ ପଡୁଥିବା ପ୍ରଭାବ, ପ୍ରତିକ୍ରିୟା ସବୁକୁ ଲକ୍ଷ୍ୟ କରାଯାଏ । ଏହାକୁ ଆଧାର କରି ପିଲାର ବିକାଶ ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଓ ପରିବେଶ ତିଆରି କରାହୁଏ ।

ସ୍ୱଶିକ୍ଷା ପଦ୍ଧତିର ଉପକରଣଗୁଡ଼ିକ ପିଲାର ଜ୍ଞାନ ବଢ଼ାଇବାରେ ବିଶେଷ ସାହାଯ୍ୟ କରିଥାଏ । ଏସବୁ ସାମଗ୍ରୀ ଏପରି ତିଆରି ହୋଇଥାଏ ଯେ ଶିଖିବା ସମୟର ଭୁଲକୁ ପିଲା ନିଜେ ଅନୁଭବ କରିପାରେ ଓ ସୁଧାରିବାରେ ଲାଗେ । ଏହି ପଦ୍ଧତି ପିଲାକୁ ଜଣେ ଛୋଟ କିନ୍ତୁ ସମ୍ପୂର୍ଣ୍ଣ

ବିକାଶଶୀଳ ବ୍ୟକ୍ତି ରୂପେ ଗଢ଼ିତୋଳେ । ପିଲା ମନରେ ନିଜର ଶକ୍ତି ପ୍ରତି ବିଶ୍ୱାସ ଏବଂ ସମ୍ମାନ ଆଣିବାର ଚେଷ୍ଟା ହେଉଛି ଏହି ପଦ୍ଧତିର ମୂଳ ମନ୍ତ୍ର । ସ୍ୱତନ୍ତ୍ରତା ଏବଂ ସ୍ୱତଃସ୍ଫୁର୍ତ୍ତତା ଏହି ପଦ୍ଧତି ପାଇଁ ଅତି ଜରୁରୀ । ସ୍ୱତନ୍ତ୍ର ପରିସ୍ଥିତିରେ ସ୍ୱତଃସ୍ଫୁର୍ତ୍ତ ଭାବରେ ପିଲା ଯାହା ବି ନିଜ ବୁଦ୍ଧିରେ କରେ ତାହା ହିଁ ଶିକ୍ଷା ହୋଇଯାଏ ।

ସ୍ୱତନ୍ତ୍ରତାର ଅର୍ଥ ହେଉଛି ଆତ୍ମସଂଯମ ବା ନିଜେ ନିଜକୁ ନିୟନ୍ତ୍ରଣ କରିବା । ସ୍ୱତନ୍ତ୍ରତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ସ୍ୱତଃସ୍ଫୁର୍ତ୍ତତାର ଅର୍ଥ ଭଲ କାମ କରିବା ପାଇଁ ଆନ୍ତରିକ ଉଦ୍ୟମ । ପିଲା ନିଜ ସ୍ୱଭାବରୁ ଭଲ ବାଟରେ ହିଁ ଚାଲିବ । ଶିକ୍ଷକଙ୍କ କାମ ହେଉଛି ପିଲାର ବାଟରେ ଆସୁଥିବା ବାଧା ଓ ଅସତ୍‌କୁ ଦୂର କରିବା । ପିଲା ଯେପରି ତା' ନିଜ ବାଟରେ ଯିବ ଶିକ୍ଷକ ତାହା ଦେଖିବା କଥା । ସେ ଏପରି ବାତାବରଣ ସୃଷ୍ଟି କରିବା ଦରକାର ଯେପରି ପିଲା ନିଜର ପରାଧୀନ ସ୍ଥିତିରୁ ସ୍ୱାଧୀନ ଅଥବା ସ୍ୱାବଲମ୍ବୀ ସ୍ଥିତିରେ ପହଞ୍ଚି ପାରିବ । ସେଥିରେ ଶିକ୍ଷକ ନିଜର ସ୍ନେହ ବଳରେ ବାତାବରଣକୁ ଆନନ୍ଦମୟ କରିପାରିବ । ଏଥିରେ ଶିକ୍ଷକ ବିଶେଷ କିଛି କରନ୍ତି ନାହିଁ, ମାତ୍ର ପିଲାର ଅସୁବିଧାକୁ ସେ ଦୂର କରିଥା'ନ୍ତି । ଏଥିରେ ଶିକ୍ଷକ କେବଳ ଜଣେ ଦ୍ରଷ୍ଟା, ତଥାପି ସେ ଆବଶ୍ୟକ ଉପକରଣ ଏବଂ ବାତାବରଣ ସୃଷ୍ଟି କରିଥା'ନ୍ତି ।

ତାଙ୍କର ଭୂମିକା କେବଳ ଜଣେ ନିରୀକ୍ଷକର, ସେ କେବଳ ବିଜ୍ଞାନର ସିଦ୍ଧାନ୍ତ ଉପସ୍ଥାପନ କରିଥା'ନ୍ତି ଏବଂ ତାକୁ କାମରେ ଦେଖାଇଥା'ନ୍ତି । ଏଥିରେ ଶିକ୍ଷକ ମୁଖ୍ୟତଃ ଚୁପ୍ ରହିଥାଏ, କିନ୍ତୁ କେତେବେଳେ କ'ଣ କହିବା ଦରକାର ତାହା ସେ ଜାଣିଥାଏ । ବଗିଚାରେ ଫୁଟୁଥିବା ଫୁଲ ପରି ପିଲାର ବିକାଶକୁ ଦେଖି ଶିକ୍ଷକ ଖୁସି ହୁଅନ୍ତି । ତାଙ୍କର ଚିନ୍ତାଧାରାରେ ଦଣ୍ଡ, ପୁରସ୍କାର ବା ସ୍ପର୍ଦ୍ଧା ନଥାଏ । ତାଙ୍କ ଦୃଷ୍ଟିରେ ପ୍ରତ୍ୟେକ ପିଲାର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଛି । ପ୍ରତିଟି ପିଲା ନିଜର ଦକ୍ଷତା ଅନୁସାରେ ଆଗେଇ

ଚାଲୁଥିବା ଏକ ଚିନ୍ତାଶୀଳ ଆତ୍ମା । ଶିକ୍ଷକ ପ୍ରତିଟି ପିଲାର ସାଥି ଓ ସହାୟକ ହୋଇ ଚାଲିବା ଉଚିତ ।

ଏହି ପଦ୍ଧତି ଇଟାଲୀ ଦେଶର ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ମାରିଆ ମଣ୍ଟେସୋରୀଙ୍କ ଚିନ୍ତାରୁ ଜନ୍ମ । ପାଠରେ ପଛୁଆ ଥିବା ପିଲାମାନଙ୍କୁ ପଢ଼ାଇବାରେ ତାଙ୍କର ଅନୁଭୂତିକୁ ନେଇ ସେ ଏହି ପଦ୍ଧତି ବାହାର କରିଥିଲେ । କିନ୍ତୁ ମଣ୍ଟେସୋରୀ ପଦ୍ଧତି କେବଳ ପଛୁଆ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଭାବିବା ଭୁଲ । ଏହି ଧାରା ଓ ଉପକରଣ ବ୍ୟବହାର କରି ଶିକ୍ଷକ ପଛୁଆ ପିଲାକୁ ସହଜରେ ଶିଖାଇ ପାରନ୍ତି । କିନ୍ତୁ ସାଧାରଣ ପିଲା ସେହି ଉପକରଣକୁ ଶିକ୍ଷକଙ୍କ ବିନା ସାହାଯ୍ୟରେ ନିଜେ ବ୍ୟବହାର କରିପାରେ ଓ ନିଜର ଦକ୍ଷତା ଅନୁସାରେ ସେଥିରୁ ଜ୍ଞାନ ପାଇ ଆଗେଇପାରେ । ଏକ ସ୍ୱଶିକ୍ଷା ପଦ୍ଧତି ଭାବରେ ଏହା ପ୍ରତି ପିଲା ପାଇଁ ବ୍ୟକ୍ତିଗତ ଏବଂ ସ୍ୱତନ୍ତ୍ର ରୂପ ନେଇଥାଏ । ପ୍ରତିଭାଶାଳୀ ପିଲାମାନେ ଏଥିରେ ଶୀଘ୍ର ଓ ଅଧିକ ଆଗେଇ ପାରନ୍ତି ।

ଏହି ପଦ୍ଧତି କେବଳ ଇନ୍ଦ୍ରିୟ ବିକାଶରେ ସୀମିତ ବୋଲି ଭାବିବା ମଧ୍ୟ ଭୁଲ । ମନୋବିଜ୍ଞାନ କୁହେ ଯେ ଇନ୍ଦ୍ରିୟର ବିକାଶ ହେଉଛି ମାନସିକ ବିକାଶର ମୂଳଦୁଆ । ଏହି ପଦ୍ଧତିର ବିଶେଷତା ହେଉଛି ଯେ ଏଥିରେ ପିଲାର ବୁଦ୍ଧି, କ୍ରିୟା ଓ କଳ୍ପନା ଭଳି ସବୁ ପ୍ରକାରର ମାନସିକ ଶକ୍ତିର ବିକାଶ ପାଇଁ ସୁଯୋଗ ରହିଛି । ତେଣୁ ଏହି ପଦ୍ଧତିକୁ ସ୍ୱତନ୍ତ୍ର ବିକାଶ ପଦ୍ଧତି ନାଁ ମଧ୍ୟ ଦିଆଯାଇପାରେ । ଏହି ପଦ୍ଧତିରେ ଭାଷା, ଗଣିତ, ଚିତ୍ରକଳା, ସଙ୍ଗୀତ ଆଦି କଳା ଓ ଜ୍ଞାନର ବିଷୟ ଶିଖାହୁଏ । କିନ୍ତୁ ଏଥିରେ ବିଷୟବସ୍ତୁର ତଥ୍ୟ ଅପେକ୍ଷା ସେସବୁକୁ ଶିଖିବା ପାଇଁ ଦରକାର ହେଉଥିବା ଦକ୍ଷତାର ଶିକ୍ଷା ଉପରେ ଅଧିକ ଜୋର ଦିଆଯାଏ ।

ସ୍ୱଶିକ୍ଷାର ଏହି ପଦ୍ଧତିରେ ଶ୍ରେଣୀର ବ୍ୟବସ୍ଥା ଏବଂ ନୀତି ନିୟମ ସବୁ ସ୍ୱତନ୍ତ୍ର ଧରଣର । ଯେଉଁ ପିଲା ଅନ୍ୟକୁ ବାଧା ନଦେଇ ନିଜର ବିକାଶ

କରୁଛି ସେହି ପିଲା ଭଲ ପିଲା ବୋଲି ଧରାଯାଏ । ପ୍ରତି ପିଲା ପାଇଁ ତା'ର ନିଜର ସମୟନିର୍ଘଣ୍ଟ ଓ ନିର୍ଦ୍ଦିଷ୍ଟ ଜାଗା ରହିଥାଏ । ନିଜ ପାଇଁ ବିଷୟବସ୍ତୁ ସେ ନିଜେ ହିଁ ବାଛିଥାଏ । ଏହା ଫଳରେ ପ୍ରତ୍ୟେକ ପିଲା ନିଜର ବେଗରେ ଶିଖିଥାଏ । ତା' ପାଇଁ ଦଣ୍ଡ ବା ପୁରସ୍କାରର କୌଣସି ଅର୍ଥ ନଥାଏ । ସେ ନିଜେ ହିଁ ନିଜର ପରୀକ୍ଷକ । ଜାଣିବାର ଆଗ୍ରହ ଯୋଗୁଁ ସେ ନିଜେ ଶିଖିଥାଏ । ତେଣୁ କୌଣସି କଥାକୁ ଶିଖିବା ପର୍ଯ୍ୟନ୍ତ ସେ ବାରମ୍ବାର ଚେଷ୍ଟା କରିଚାଲେ ।

ଏହି ପଦ୍ଧତିର ଆବିଷ୍କାରକ ଜଣେ ପାଶ୍ଚାତ୍ୟ ଭଦ୍ରମହିଳା । ଶିକ୍ଷା କ୍ଷେତ୍ରରେ ସେ ଜଣେ ଆଗୁଆ ଚିନ୍ତକ । ତଥାପି ଏହି ପଦ୍ଧତିର ତାତ୍ତ୍ୱିକ ଆଧାର ସାର୍ବଜନୀନ ମନେହୁଏ । ଏହି କାରଣରୁ ଏହା ପୃଥିବୀର ସବୁ ଅଞ୍ଚଳରେ ଗ୍ରହଣୀୟ ହୋଇପାରିଛି ଏବଂ କାର୍ଯ୍ୟକାରୀ ମଧ୍ୟ ହେଉଛି ।

### *ଉନ୍ମେଷ ପଦ୍ଧତି*

ଶିକ୍ଷା କ୍ଷେତ୍ରରେ ଏହି ପଦ୍ଧତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଶିକ୍ଷା ପଦ୍ଧତିଗୁଡ଼ିକ ତର୍କ ଅପେକ୍ଷା ମନୋବିଜ୍ଞାନ ଉପରେ ଅଧିକ ଆଧାରିତ ହୋଇଥାଏ । ତର୍କଭିତ୍ତିକ ଶିକ୍ଷା ପଦ୍ଧତି ମନୋବିଜ୍ଞାନ ସହିତ ମେଳ ନଖାଇଲେ ସଫଳ ହୋଇପାରେ ନାହିଁ । ସାଧାରଣ ଭାବରେ ଚାଲୁଥିବା ଶିକ୍ଷା ପଦ୍ଧତିଗୁଡ଼ିକରେ ତର୍କ ଓ ମନୋବିଜ୍ଞାନର ସମନ୍ୱୟ ରହିଥାଏ । ତଥାପି ବିଭିନ୍ନ ବିଚାରରୁ ମନୋବିଜ୍ଞାନ ଅଧିକ ଗୁରୁତ୍ୱ ପାଏ । ଯେଉଁ ପଦ୍ଧତିରେ ପିଲା ସ୍ୱାଭାବିକ ଭାବରେ ଶିଖେ ତାହା ଶିକ୍ଷା କ୍ଷେତ୍ରରେ ଅଧିକ ସଫଳ ହୁଏ ଏବଂ ସାଧାରଣ ଶିକ୍ଷା ପାଇଁ ତାହାକୁ ଅଧିକ ପସନ୍ଦ କରାଯାଏ । ତର୍କ ଦୃଷ୍ଟିରୁ ଠିକ୍ ମନେହେଲେ ବି ଯେଉଁ ପ୍ରଣାଳୀ ପିଲାର ମନକୁ ଛୁଇଁନାହିଁ ତାହା ବିଫଳ ହୋଇଥାଏ ।

ନିଜ ଅନୁଭବରୁ ଆମେ ଜାଣିଛେ ଯେ ହଠାତ କୌଣସି ନୂଆ ଜିନିଷ

ଦେଖିଲେ ବା ନୂଆ ପରିସ୍ଥିତିରେ ପହଞ୍ଚିଲେ ଆମେ ସେହି ଜିନିଷ ବା ପରିସ୍ଥିତିର ମୋଟାମୋଟି ଧାରଣା କରିବା କଷ୍ଟକର ହୁଏ । କାରଣ ଆମର ଇନ୍ଦ୍ରିୟ ଓ ବୁଦ୍ଧି ତା'ର ସାମଗ୍ରିକ ରୂପକୁ ଦେଖିପାରେ ନାହିଁ ବା ଠଉରାଇ ପାରେନାହିଁ । କୌଣସି ଜିନିଷକୁ ପ୍ରଥମ ଥର ପାଇଁ ଭେଟିଲେ ଆମେ ତା'ର ସ୍ପଷ୍ଟ ଓ ସହଜରେ ଇନ୍ଦ୍ରିୟକୁ ପ୍ରଭାବିତ କରି ପାରୁଥିବା ଅଂଶଗୁଡ଼ିକୁ ହିଁ ମନେ ରଖିଥାଏ । ବସ୍ତୁ ସହ ପରିଚିତି ବଢ଼ିବା ସହିତ ଆମେ ଇନ୍ଦ୍ରିୟ, ମନ, ବୁଦ୍ଧି ଲଗାଇ ବସ୍ତୁଟିକୁ ଆହୁରି ଭଲ କରି ଜାଣେ । ଏସବୁକୁ ଗ୍ରହଣ କରିବା ସହିତ ଆମେ ତା'ର ଆଖପାଖର ଜିନିଷ ସବୁକୁ ମଧ୍ୟ ଜାଣିପାରିବା । ପୁରୁଣା ଜ୍ଞାନ ସବୁ ମିଶି ନୂଆ ଜ୍ଞାନ ବଢ଼ିଚାଲିବ ଏବଂ ଶେଷରେ ବସ୍ତୁ ବା ପରିସ୍ଥିତି ଉପରେ ଆମର ଏକ ସାମଗ୍ରିକ ଧାରଣା ଆସିଯିବ ।

ଜଣାରୁ ଅଜଣାକୁ ଯିବା ମଣିଷ ପାଇଁ ସ୍ୱଭାବସୁଲଭ । ବସ୍ତୁର ସାମଗ୍ରିକ ରୂପ ଜାଣିବା ପରେ ଆମେ ପାଦ ପାଦ କରି ତା'ର ଛୋଟରୁ ଆହୁରି ଛୋଟ ଅଂଶକୁ ଜାଣିବାର ଚେଷ୍ଟା କରିପାରିବା । ମଣିଷର ପ୍ରଥମ ଜ୍ଞାନ ମୁଖ୍ୟତଃ ଇନ୍ଦ୍ରିୟ ମାଧ୍ୟମରେ ଆସିଥାଏ । ଦ୍ୱିତୀୟ ପାଦରେ ମଣିଷ ମନ ସାହାଯ୍ୟରେ ଶିଖିଥାଏ ଏବଂ ଶେଷରେ ଗଭୀରତମ ସୂକ୍ଷ୍ମ କଥା ସବୁ ଚେତନାକୁ ଆସେ । କିଛି ଶିଖିବା ସମୟରେ ମଣିଷ ସାଧାରଣତଃ ସ୍ଥୂଳରୁ ସୂକ୍ଷ୍ମକୁ ଯାଇଥାଏ । ସେହିଭଳି ପିଲା ମଧ୍ୟ ପ୍ରଥମେ ସ୍ଥୂଳ ତଥ୍ୟ ଗ୍ରହଣ କରେ ଏବଂ ପରେ ସୂକ୍ଷ୍ମରୁ ସୂକ୍ଷ୍ମତର ତଥ୍ୟ ଓ ତତ୍ତ୍ୱ ସବୁକୁ ଜାଣେ ।

ପ୍ରଥମ ଥର ପାଇଁ ଚିଡ଼ିଆଖାନାକୁ ଗଲାବେଳେ ପିଲା ସାଧାରଣତଃ ସିଂହ, ବାଘ, ଗଛଲତା ଭଳି ବଡ଼ ଜିନିଷ ଦିଗରେ ବେଶି ଧ୍ୟାନ ଦିଏ । କେବଳ ଏହିମାନଙ୍କ ବିଷୟରେ ସେ କିଛି ଜାଣିବ । ଏହାଠାରୁ ଅଧିକା ହୁଏତ ତା'ର ମନେ ରହିବନାହିଁ । କିନ୍ତୁ ଦ୍ୱିତୀୟ ଥର ସେଠାକୁ ଗଲାବେଳେ ସେ ପ୍ରାଣୀଙ୍କ ହାବଭାବ, ଚାଲିଚଳଣି, ଖାଦ୍ୟ ଆଦି ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବ । ତୃତୀୟ ଥର ଗଲେ ପିଲାଟି ଗୋଟିଏ

ଜୀବ ସହ ଆଉ ଗୋଟିଏ ଜୀବକୁ ତୁଳନା କରିବ ଓ ସେମାନଙ୍କର ପ୍ରକୃତିରେ ଫରକ ଖୋଜିବ । ଗୋଟିଏ ବସ୍ତୁକୁ ବାରମ୍ବାର ଦେଖିଲେ ପିଲା ସ୍ଥୂଳରୁ ସୂକ୍ଷ୍ମ ଆଡ଼କୁ ଯିବ ଏବଂ ଶେଷରେ ସେହି ବସ୍ତୁ ବିଷୟରେ ପୂରାପୂରି ଜାଣିପାରିବ ।

ପିଲାକୁ କେଉଁ ଏକ ବଗିଚାରେ ଥିବା ସିଂହ ପାଖରେ ବସାଇ ତା' ବିଷୟରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁକଥା କହିଚାଲିଲେ ପିଲାକୁ ତାହା ମଜା ଲାଗିବ ନାହିଁ । ଏହି କାମରେ ତା'ର ମନ ସେତେ ଲାଗିବ ନାହିଁ । ପ୍ରଥମ ଥର ଗଲାବେଳେ ସେ ସାରା ବଗିଚାରେ ବୁଲିବାକୁ ଚାହିଁବ । ତା'ର ଆଖି ଆଦି ଇନ୍ଦ୍ରିୟ ମାଧ୍ୟମରେ ଯାହା ସେ ସହଜରେ ଓ ମଜାରେ ବୁଝିପାରିବ, କେବଳ ସେହି ଜିନିଷଗୁଡ଼ିକ ହିଁ ସେ ଦେଖିବ । ଯେତେ ଅଧିକ ଥର ସେ ସେହି ବଗିଚାକୁ ଯିବ ସେ ସେତେ ଅଧିକ ଜିନିଷ ଦେଖିବ । ତା'ର ଜ୍ଞାନ ଓ ମଜା ମଧ୍ୟ ସେତେ ବଢ଼ିବ ।

ମଣିଷର ସବୁ ଗୁଣ ଏକ ସମୟରେ ପାକଳ ହୁଏନାହିଁ । ଅର୍ଥାତ, ଗୋଟିଏ ନିର୍ଦ୍ଦିଷ୍ଟ ବୟସର ପିଲାର କିଛି ଗୁଣ ବିକଶିତ ହୋଇନଥାଏ । ସେଥିପାଇଁ ବୟସ ଅନୁସାରେ ପ୍ରତି ପିଲା କୌଣସି ବିଷୟର କିଛି ଅଂଶ ମାତ୍ର ବୁଝିପାରେ, ସବୁ କିଛି ବୁଝିପାରେ ନାହିଁ । ସେଥିପାଇଁ ବଗିଚାକୁ ଗଲେ ପିଲା ସେଠାର ସବୁ ଜିନିଷ ବିଷୟରେ ଜାଣିବା ପାଇଁ ଇଚ୍ଛା ବି କରେନାହିଁ । ପିଲା ଫୁଲକୁ ଦେଖିପାରିବ, ଶୁଙ୍ଘି ପାରିବ, ତା'ର ରଙ୍ଗ ଦେଖି ଖୁସି ହୋଇ ପାରିବ । ତା'ର ଆକାର ହୁଏତ ଜାଣିପାରିବ । କିନ୍ତୁ ଫୁଲର ସୂକ୍ଷ୍ମ ରୂପ ତା' ଦୃଷ୍ଟିରେ ପଡ଼ିବ ନାହିଁ । ତା'ର ମୂଲ୍ୟର କଳନା ମଧ୍ୟ ସେ କରିପାରିବ ନାହିଁ । ଫୁଲର ମହାନ ସ୍ରଷ୍ଟାଙ୍କ ଉପରେ ବା ଉତ୍ପତ୍ତି ବିଷୟରେ କୌଣସି ଗଭୀର ଚିନ୍ତା ତା' ମନକୁ ଆସିବ ନାହିଁ । କିନ୍ତୁ ଫୁଲ ସହିତ ତା'ର ପରିଚୟ ଯେତେ ବଢ଼ିବ ଏବଂ ନିଜର ମାନସିକ ଶକ୍ତିଗୁଡ଼ିକର ବିକାଶ ଯେତେ ଅଧିକ ହେବ, ସେହି ଫୁଲ ବିଷୟରେ

ଅଧିକରୁ ଅଧିକ ଗଭୀର କଥା ସେ ବୁଝିପାରିବ । ସେହିଭଳି ଗଛପତ୍ରକୁ ପ୍ରଥମେ ଦେଖିଲା ବେଳେ ଉଦ୍ଭିଦ ବିଜ୍ଞାନ ବିଷୟରେ କୌଣସି ବିଚାର ପିଲା ମନରେ ସୃଷ୍ଟି ହୁଏନାହିଁ ବା ସିଂହ ଆଦି ପ୍ରାଣୀଙ୍କୁ ଦେଖି ଜୀବ ବିଜ୍ଞାନ କଥା ତା' ମନରେ ଆସେନାହିଁ ।

ଏହା ହେଉଛି ପିଲା ଶିଖିବାର ସ୍ୱାଭାବିକ ଢାଞ୍ଚା । ଏହି ଢାଞ୍ଚାର ବିରୋଧ କରୁଥିବା ବା ଓଲଟା ହେଉଥିବା ପଦ୍ଧତି ମାଧ୍ୟମରେ କିଛି ଶିଖାଇବାକୁ ଚେଷ୍ଟା କଲେ ତାହା ପିଲାର ମନପସନ୍ଦ ହେବନାହିଁ । ପିଲାକୁ ତାହା ଭଲ ବା ମଜା ଲାଗିବ ନାହିଁ । ଭୟ, ଲାଞ୍ଚ କିମ୍ବା ଅନ୍ୟ କିଛିର ସାହାଯ୍ୟରେ ଅନେକ କଥା ତା'ର ମନରେ ଖୁନ୍ଦା ଯାଇପାରେ, କିନ୍ତୁ ଏହିପରି ପାଇଥିବା ଜ୍ଞାନକୁ ସେ ଶୀଘ୍ର ଭୁଲିଯିବାକୁ ନିଶ୍ଚୟ ଚେଷ୍ଟା କରିବ । ଆଜି ପର୍ଯ୍ୟନ୍ତ ପାଠପଢ଼ା ଏହି ଭାବରେ ହୋଇଆସୁଛି ବୋଲି ଆମେ ସମସ୍ତେ କେବଳ କହୁଛେ ।

ଶିଖିବା ପାଇଁ ପିଲାର ନିଜସ୍ୱ ଧାରାର କିଛି ଉଦାହରଣ:

୧. ଜଣାରୁ ଅଜଣାକୁ ଯିବା

୨. ସ୍ଥୂଳରୁ ସୂକ୍ଷ୍ମକୁ ଯିବା

୩. ନିଜ ବୟସରେ ବିକଶିତ ହୋଇଥିବା ଇନ୍ଦ୍ରିୟ ଦକ୍ଷତା ଏବଂ ମନର ବୁଝିବା କ୍ଷମତା ସହିତ ମେଳ ଖାଉଥିବା ବିଷୟବସ୍ତୁର ଶିକ୍ଷା ।

ଏହି ପାଦଗୁଡ଼ିକୁ ଆଧାର କରି ଶିକ୍ଷା ପଦ୍ଧତି ପ୍ରସ୍ତୁତ କରିବା ଦରକାର । ପିଲା ମନର ଏଭଳି ଆହୁରି କେତେ ବିଶେଷତା ରହିଛି ଯାହା ପ୍ରତି ଧ୍ୟାନ ନଦେଲେ କୌଣସି ଶିକ୍ଷା ପଦ୍ଧତି ସଫଳ ହୋଇପାରିବ ନାହିଁ ।

ଏହି ତିନୋଟିଯାକ ଧାରାକୁ ନେଇ ଉନ୍ମେଷ ପଦ୍ଧତି ଗଢ଼ା ହୋଇଛି । ଏହାକୁ ଐକକେନ୍ଦ୍ରିକ ବା *କନ୍‌ସେଣ୍ଟ୍ରିକ୍* ପଦ୍ଧତି ମଧ୍ୟ କୁହାଯାଏ । ଦେଖିବାକୁ ଗଲେ ଏହା ପ୍ରକୃତରେ ଗୋଟିଏ ଶିକ୍ଷାଦାନ ପଦ୍ଧତି ନୁହେଁ, ବରଂ

ପାଠ୍ୟକ୍ରମ ବା ବିଷୟବସ୍ତୁର ଫଳପ୍ରଦ ଉପସ୍ଥାପନା ପାଇଁ ଏକ ବିଶେଷ ଧାରା । ଏଥିରେ ପ୍ରଥମେ ପୂରା ପାଠର ସାମଗ୍ରିକ ବା ମୋଟାମୋଟି ଧାରଣା ଦିଆଯାଏ । ପରେ ତାହା ଭିତରର ଛୋଟ ଛୋଟ କଥାର ବର୍ଣ୍ଣନା ଆସେ । ଶେଷରେ ସେସବୁର ସୂକ୍ଷ୍ମ ଦିଗର ଆଲୋଚନା କରାଯାଏ । ମୋଟ ଉପରେ ଦେଖିଲେ ପାଠ ବିଷୟର ସଂରଚନା ବା ଉପସ୍ଥାପନା ଏପରି କରାହୁଏ ଯେଉଁଥିରେ ପିଲାର ଶିଖିବା କାମ ସହଜ ହୋଇଯାଏ । ଅନ୍ୟ ଅର୍ଥରେ, ଶିଖିବା ପାଇଁ ପିଲାର ସାଧାରଣ ପ୍ରକୃତିକୁ ଆଖିରେ ରଖି ବିଷୟବସ୍ତୁର କଠିନତା ବା ଗଭୀରତା ସ୍ଥିର କରାଯାଏ ।

ଏହି ଦୃଷ୍ଟିରୁ ଦେଖିଲେ ଉନ୍ମେଷ ପଦ୍ଧତି ହେଉଛି ପାଠପଢ଼ାର ଯୋଜନା ତିଆରି ପାଇଁ ଏକ ଧାରା । ଏହି ଧାରାରେ ପାଠପଢ଼ା ପାଇଁ ତିଆରି ହୋଇଥିବା ଯୋଜନାଟି ଗୋଟିଏ ସାଧନ ବସ୍ତୁ (ସ୍ଥୂଳ ପ୍ରତିରୂପ), ବହି, ନକ୍ସା ବା ଲେଖାଚିତ୍ରର ରୂପ ନେଇପାରେ । ଏଥିରେ ତଳ ଦିଗଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବା ଜରୁରୀ ।

- ଯୋଜନାରୁ ପୂରା ବିଷୟର ମୋଟାମୋଟି ଧାରଣା ମିଳି ପାରୁଥିବ,
- ବିଷୟର ପ୍ରଥମ ଧାରଣା ରୂପରେଖ ବା ସାରାଂଶ ଭାବରେ ଆସିବ,
- ସାରତତ୍ତ୍ୱକୁ ବୁଝାଉଥିବା ବସ୍ତୁ ଏପରି ହେବା ଦରକାର ଯେପରି ତା'ର ଚାରିପାଖରେ ଥିବା ଅନ୍ୟ ଜିନିଷ ସବୁର ଚର୍ଚ୍ଚା ସ୍ୱାଭାବିକ ଭାବରେ ମୂଳ ବସ୍ତୁଟି ସହିତ ଯୋଡ଼ାଯାଇ ପାରିବ ।
- ଦ୍ୱିତୀୟ ସ୍ତରରେ ପଢ଼ିଲା ବେଳକୁ ପ୍ରଥମ ଚର୍ଚ୍ଚାରେ ଯୋଡ଼ା ଯାଇଥିବା ବିଷୟକୁ ଛୁଉଁଥିବା ନୂଆ ବିଷୟମାନ ମିଶାଯିବା ଉଚିତ । ଏହିସବୁ ବିଷୟ ମିଶି କରି ତୃତୀୟ ସ୍ତର ପାଇଁ ମୂଳପାଠର କାମ ଦେବ ।

ଏହିପରି ଜଣା କଥା ବା ଜିନିଷ ସହିତ ପ୍ରତି ପାଦରେ କିଛି ଅଜଣା ମିଶାଇ ଜ୍ଞାନର ପରିମାଣ ବଢ଼ାଇହେବ । ଏହି ଧାରାରେ ଆଗେଇ ଚାଲିଲେ

ସମୟକ୍ରମେ ମୂଳ ବିଷୟଟିର ସମ୍ପୂର୍ଣ୍ଣ ରୂପ ଜାଣିହେବ । ଆରମ୍ଭ ସମୟରେ ଗଢ଼ା ଯାଇଥିବା ସାରାଂଶ ବା ରେଖାଚିତ୍ରରେ ବିଭିନ୍ନ କଥା ଯୋଡ଼ିଲା ବେଳେ ମୂଳ ବିଷୟଟିକୁ ଭୁଲିବା କଥା ନୁହେଁ । ମୂଳ ବିଷୟକୁ କେନ୍ଦ୍ର କରି ଚାରିପାଖର ନୂଆ ନୂଆ ବିଷୟକୁ ହିଁ ମିଶାଇ ନେବା ଦରକାର । ତାହେଲେ ଗୋଟିଏ କେନ୍ଦ୍ରରୁ ଆରମ୍ଭ କରି ଜ୍ଞାନର ବୃତ୍ତାକାର କ୍ଷେତ୍ର ବଢ଼ିବ ।

ଆଜିକାଲି ଇତିହାସ ସମୟାନୁକ୍ରମ ପଦ୍ଧତିରେ ପଢ଼ା ହେଉଛି । ସେଥିରେ ନିଜ ପାଇଁ ଉପରୋକ୍ତ ତିନି ନିୟମର ବିରୁଦ୍ଧରେ ଯାଇ ପିଲା ଶୁଖିଲା ନୀରସ ଘଟଣାଗୁଡ଼ିକୁ ବାଧ୍ୟ ହୋଇ ମନେରଖେ ଓ ପୁଣି ଥରେ ବାନ୍ତି କରେ । ସମୟାନୁକ୍ରମ ପଦ୍ଧତିରେ ପିଲା ଇତିହାସର ଛୋଟ ବଡ଼ ଘଟଣା ସବୁକୁ ଗୋଟିଏ ଧାରାରେ ଶିଖିଥାଏ । ପ୍ରଥମେ ସେ ବାବରଙ୍କ ବିଷୟରେ ସବୁକଥା ଜାଣିନିଏ । ବାବରଙ୍କ ପିଲାଦିନରୁ ଆରମ୍ଭ କରି, ତାଙ୍କ ଶାସନ ପ୍ରଣାଳୀ, ନୀତିନିୟମ ଆଦି ସବୁକଥା ସେ ମନେରଖେ । ବାବର କେଉଁ କେଉଁ ବଡ଼ ଯୁଦ୍ଧ କରିଥିଲେ ପିଲା ତା' ମଧ୍ୟ ଶିଖିଥାଏ । ଔରଙ୍ଗଜେବ କିମ୍ବା ଆକବରଙ୍କ ସହ ବାବରଙ୍କ ତୁଳନା କରିବା ଭଳି ବଡ଼ କାମ ମଧ୍ୟ ତାକୁ କରିବାକୁ ପଡ଼ିଥାଏ । ବାବରଙ୍କ ବିଷୟରେ ସବୁକଥା ଜାଣିସାରିଲା ପରେ ତାଙ୍କ ପୁଅ ହୁମାୟୁନଙ୍କ ବିଷୟରେ ସେ ଶିଖେ । ବାବରଙ୍କ କଥା ନସରିଲା ପର୍ଯ୍ୟନ୍ତ ହୁମାୟୁନଙ୍କ ନାଁ ମଧ୍ୟ ନିଆଯାଏ ନାହିଁ । ଏହି କାରଣରୁ ସମୟାନୁକ୍ରମ ପଦ୍ଧତିରେ ଇତିହାସ ପଢ଼ାଇଲେ ବେଳେ ବେଳେ ତାହା କଷ୍ଟକର ହୋଇଯାଏ । ତେଣୁ ଏହା ବଦଳରେ ଉନ୍ମେଷ ପ୍ରଣାଳୀରେ ଇତିହାସ ପଢ଼ାଇବା ଉଚିତ ।

ଏଥିରେ ପ୍ରଥମେ ସାରାଂଶ ରୂପରେ ଦେଶର ପୂରା ଇତିହାସ ଆସିଯିବ । ଏହି ରେଖାଚିତ୍ରରେ ବିଭିନ୍ନ ଘଟଣା ସହିତ ସମୟକାଳ ଯୋଡ଼ା ହୋଇ ରହିଥିବା ଉଚିତ । ମଝିରେ ମଝିରେ ମାଇଲଖୁଣ୍ଟ ଭଳି କିଛି ବିଶେଷ ବ୍ୟକ୍ତି ବା ଘଟଣାର ସୂଚନା ଦେବା ମଧ୍ୟ ଜରୁରୀ । ଏହି ମାଇଲ ଖୁଣ୍ଟ

ସବୁ ଏପରି ବାଛିବା ଦରକାର ଯେପରି ଆଖପାଖର ବିଭିନ୍ନ ଘଟଣା ସହିତ ତା'ର ସମ୍ପର୍କ ରହୁଥିବ । ଏହି ପ୍ରକାରରେ ଲେଖିବା ପାଇଁ ଇତିହାସ ଲେଖକ ବିଶେଷ କୁଶଳୀ ହେବା ଦରକାର । ଲେଖା ଏପରି ହେବା ଉଚିତ ଯେପରି ଜଣେ ପାଠକ ବିନା ପରିଶ୍ରମରେ ଅନୁଭବ କରିବ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶରେ ସେ ଘୂରି ବୁଲୁଛି ବା ରେଳଗାଡ଼ି ବା ମଟରଗାଡ଼ିରେ ଯାତ୍ରା କରୁଛି । କିନ୍ତୁ ଯେତେବେଳେ ସେ ଗାଡ଼ିରେ କିମ୍ବା ପାଦରେ ସେହି ରାସ୍ତାରେ ଫେରିବ, ସେତେବେଳେ ବାଟରେ ଅଧିକ ଜିନିଷ ତା'ର ଆଖିରେ ପଡ଼ିବ । ତେଣୁ ଫେରନ୍ତା ଯାତ୍ରାରେ ରାସ୍ତା ଦୋହରାଇବାର ବିରକ୍ତିଭାବ ଆସେନାହିଁ । ବରଂ ପୁରୁଣା ଜଣାଶୁଣା ଜାଗାଗୁଡ଼ିକ ପୁଣି ଥରେ ଦେଖିଲେ ସେଠାରେ ଅନେକ ନୂଆ କଥା ଦେଖିବାକୁ ମିଳେ ।

ଇତିହାସକୁ ଦ୍ୱିତୀୟ ଥର ପଢ଼ିଲେ ମଧ୍ୟ ସେହିପରି ମଜା ଲାଗିବା କଥା । ପୁରୁଣା ସାଙ୍ଗକୁ ନୂଆ ରୂପରେ ଓ ନୂଆ ପରିସ୍ଥିତରେ ବାରମ୍ବାର ଦେଖିଲେ ଆମେ ତା' ବିଷୟରେ ଅଧିକ ଜାଣିବାକୁ ପାଉ, ତେଣୁ ଆମକୁ ଖୁସି ଲାଗେ । ସେହିଭଳି ଉନ୍ମେଷ ପଦ୍ଧତିରେ ସ୍ତର ସ୍ତର ହୋଇ ଲେଖା ଯାଇଥିବା ଇତିହାସର ବିଷୟ ସବୁକୁ ବାରମ୍ବାର ପଢ଼ିଲେ ମଧ୍ୟ ମଜା ଲାଗିବା କଥା । ଯଦି ଇତିହାସ ଏଭଳି ଲେଖା ଯାଇପାରିବ, ତେବେ ତାହା ଆଉ ନୀରସ ଲାଗିବନାହିଁ ।

ଭୂଗୋଳର ଗୋଟିଏ ଉଦାହରଣ ନେଇ ଏବେ ଦେଖିବା । ମନେ କରାଯାଉ ଭାରତର ଭୂଗୋଳ ଉନ୍ମେଷ ପଦ୍ଧତିରେ ପଢ଼ାଇବାକୁ ହେବ । ପ୍ରଶ୍ନ ଆସିବ ଭୂଗୋଳ ପଢ଼ାଇବା ପାଇଁ ଉପକରଣ ସବୁ କିପରି ତିଆରି କରାଯିବ ? ପାଖରେ ଥିବା ମାନଚିତ୍ରଗୁଡ଼ିକୁ ଛାଡ଼ି ଆମକୁ ଆଉ କିଛି ନୂଆ କରିବାକୁ ପଡ଼ିବ । ପ୍ରଥମେ ଆମେ ସାରା ଭାରତର ଏକ ମାନଚିତ୍ର କରି ସେଥିରେ କେବଳ ବଡ଼ ପାହାଡ଼, ବଡ଼ ନଦୀ, ମରୁଭୂମି, ନଗର ଏବଂ ବଡ଼ ଜଙ୍ଗଲ ଦେଖାଇବା । ଏଇଟି ଆମର ପ୍ରଥମ ଦେଖା ହେବ । ପିଲା ନିଜ

ଆଖିରେ ଦେଖି ଏହି ସବୁକୁ ବୁଝିପାରିବ ଏବଂ ଗୋଟିଏ ମୋଟାମୋଟି ଧାରଣା ପାଇପାରିବ । ଏହାପରେ ଆମେ ତା' ଆଗରେ ଦ୍ୱିତୀୟ ମାନଚିତ୍ରଟି ରଖିବା । ସେଥିରେ ଆମେ ସେହି ପୁରୁଣା ଜିନିଷ ସହ କିଛି ନୂଆ ଜିନିଷ ଯୋଡ଼ିଦେବା । ବଡ଼ ପାହାଡ଼ ପାଖରେ ଛୋଟ ପାହାଡ଼, ବଡ଼ ନଦୀ ପାଖରେ ଛୋଟ ନଦୀ ପ୍ରଭୃତି । ଏହିପରି ପ୍ରତିଥର କିଛି କିଛି ନୂଆ ଜିନିଷ ଦେଇ ମାନଚିତ୍ରଟି ପୂରା କରିବା । ଉନ୍ମେଷ ପଦ୍ଧତିରେ ଗୋଟିଏ ବିଷୟ ବଢ଼ି ବଢ଼ି ସମ୍ପୂର୍ଣ୍ଣ ରୂପ ନେବାର ଏହା ହେବ ଗୋଟିଏ ଦୃଷ୍ଟାନ୍ତ । ଏହିପରି ଅନ୍ୟ ବହି ଏବଂ ମାନଚିତ୍ର ସାହାଯ୍ୟରେ ଭୂଗୋଳର ଅନ୍ୟ ବିଷୟ ସବୁ ପଢ଼ା ଯାଇପାରିବ ।

ସେହିପରି ଗଣିତ, ବ୍ୟାକରଣ ଆଦି ବିଷୟରେ ମଧ୍ୟ ପାଠ୍ୟଖସଡ଼ା ଓ ବହି ପ୍ରସ୍ତୁତ କରିହେବ ଏବଂ ସବୁ ଜିନିଷକୁ ଉନ୍ମେଷ ଢାଞ୍ଚାରେ ସଜା ଯାଇପାରିବ । ଏହି ଧାରାରେ ପଢ଼ାଇବା କାମ ସହଜ ହୋଇଯିବ ଏବଂ ପିଲାର ପଢ଼ିବା ବା ଶିଖିବା ଅଧିକ ଫଳପ୍ରଦ ହୋଇପାରିବ ।

### *ସମୟାନୁକ୍ରମ ପଦ୍ଧତି*

ସାଧାରଣତଃ ଇତିହାସ ପଢ଼ାଇବାରେ ଉନ୍ମେଷ ପଦ୍ଧତି, ସମୟାନୁକ୍ରମ ପଦ୍ଧତି ଏବଂ ବିପରୀତକ୍ରମ ପଦ୍ଧତି – ଏହି ତିନି ପଦ୍ଧତି ବ୍ୟବହାର କରାଯାଇଥାଏ । ଏବେ ସମୟାନୁକ୍ରମ ପଦ୍ଧତି ଅଧିକ ପ୍ରଚଳିତ । ଏହି ପ୍ରଣାଳୀର ଅର୍ଥ ହେଉଛି ସମୟର ଗତି ସହ ଇତିହାସ ଯେଭଳି ଭାବରେ ତିଆରି ହୋଇଛି, ତାକୁ ସେହି କ୍ରମରେ ପଢ଼ାଇବା । ଅର୍ଥାତ ଅତୀତରୁ ଆରମ୍ଭ କରି ବର୍ତ୍ତମାନ ଯାଏଁ ଏହି ଧାରାରେ ପଢ଼ାଯାଏ । ଏହି ପଦ୍ଧତି ଉପରେ ଅନେକ ବହି ଲେଖା ଯାଇଛି । ପୃଥିବୀର ପ୍ରାୟ ସବୁ ଜାଗାରେ ଏହି ପଦ୍ଧତିରେ ଇତିହାସ ପଢ଼ାଯାଉଛି ।

ଏଥିପାଇଁ ଇତିହାସ ପଢ଼ାଇବା କାମଟି କଷ୍ଟକର ଏବଂ ନୀରସ

ହୋଇପଡୁଛି । କାରଣ ଛୋଟ ପିଲାଟିଏ ମଧ୍ୟ ଆରମ୍ଭରୁ ଇତିହାସ ପଢ଼ିଥାଏ । ଅତୀତ ସମୟର କଥାରେ ତା'ର ଆଗ୍ରହ ନଥାଏ, ଏବଂ ନହେବା କଥା ମଧ୍ୟ । ତଥାପି ସେହି ଅତୀତର କଥା ସବୁ ତାକୁ ଘୋଷିବାକୁ ହୁଏ । ଅତୀତର ଘଟଣା ସବୁର କଳ୍ପନା କରିବା ଶକ୍ତି ପ୍ରାଥମିକ ସ୍ତରର ପିଲାର ମନରେ ଏତେଟା ବିକଶିତ ହୋଇନଥାଏ । ତେଣୁ ସେ ଇତିହାସର ଘଟଣା ସବୁର ଆଭାସୀ ଅନୁଭୂତି ନିଜ ମନରେ ଆଣିବା ଅବସ୍ଥାରେ ନଥାଏ । ଫଳରେ ତା' ପାଇଁ ଇତିହାସ ଗୋଟିଏ ପାଠ ବିଷୟ ମାତ୍ର ହୋଇ ରହିଯାଏ । କେବଳ ପରୀକ୍ଷାରେ ପାଶ୍ କରିବା ପାଇଁ ପିଲା ଇତିହାସକୁ ଘୋଷି ଘୋଷି ମନେ ରଖେ । ଇତିହାସର ଘଟଣା ତା'ର ମନରେ କିଛି ଛାପ ପକାଇ ପାରେନାହିଁ ।

କେଉଁଠି କେଉଁଠି ଇତିହାସ ଭଳି ନୀରସ ପାଠକୁ ରୁଚିକର କରିବା ପାଇଁ ଶିକ୍ଷକ ଗପ ମାଧ୍ୟମରେ ପଢ଼ାଇବାର ଚେଷ୍ଟା କରନ୍ତି । ଏବେ ଇତିହାସ ଗପ ଆକାରରେ ଲେଖା ହେବାରେ ଲାଗିଲାଣି । ତଥାପି ଇତିହାସ ପଢ଼ାଇବା ସେତେ ଜୀବନ୍ତ ହୋଇ ପାରୁନାହିଁ । କାରଣ ଆମେ କାହିଁକି ଇତିହାସ ପଢ଼ିବା ସେ ବିଷୟରେ ବୁଝିବା ପିଲାର କ୍ଷମତାର ବାହାରେ । ଅତୀତର ବାତାବରଣ ଏବେ ତା'ର ଆଖପାଖରେ କେଉଁଠି ବି ନଥିବ । ବର୍ତ୍ତମାନ ଆମର ବିଦ୍ୟାଳୟରେ ସେଭଳି ପୁରୁଣା ବାତାବରଣର ପ୍ରତିରୂପ ସୃଷ୍ଟି କରି ପିଲାକୁ ଇତିହାସ ପଢ଼ାଇବା ଭଳି କୌଣସି ଉପକରଣ ମଧ୍ୟ ନାହିଁ । ଏକଥା ବି ସତ ଯେ, ଇତିହାସ ପଢ଼ାଉଥିବା ଅନେକ ଶିକ୍ଷକଙ୍କ ଦୃଷ୍ଟି ଇତିହାସର ଗଭୀରକୁ ଯାଇନାହିଁ । ସେମାନଙ୍କୁ ମଧ୍ୟ ଇତିହାସ କେବଳ ଗୋଟିଏ ବହିପାଠ ଭଳି ଲାଗେ । ଇତିହାସର ଘଟଣାଗୁଡ଼ିକ ତାଙ୍କ ଆଖିରେ ପୃଥିବୀର ମାନଚିତ୍ରରେ ଥିବା ପାହାଡ଼, ନଦୀ କିମ୍ବା ଗଛ ଭଳି ନିର୍ଜୀବ ମନେହୁଏ । ଐତିହାସିକମାନଙ୍କ ମନରେ ଇତିହାସ ପ୍ରତି ଯେଉଁ ଶ୍ରଦ୍ଧା ଏବଂ ପୁରୁଣାରୁ ନୂଆ କଥାକୁ ଯିବାର ଯେଉଁ

କଳ୍ପନା ରହିଥାଏ, ସାଧାରଣ ଶିକ୍ଷକଙ୍କ ମନରେ ସେଭଳି କିଛି ନଥାଏ । ତେଣୁ ସମୟାନୁକ୍ରମ ପଦ୍ଧତିରେ ଇତିହାସ ଲେଖା ହେଲେ ମଧ୍ୟ ଏପରି ପଢ଼ାଇବା ଠିକ୍ ନୁହେଁ । କାରଣ ଏହା ପିଲାର ମାନସିକ ଚିନ୍ତାଧାରାଠାରୁ ଭିନ୍ନ ଏବଂ ଇତିହାସ ପଢ଼ାଇବାର ଲକ୍ଷ୍ୟରେ ଏହା ଆମକୁ ପହଞ୍ଚାଏ ନାହିଁ ।

*ବିପରୀତକ୍ରମ ପଦ୍ଧତି*

ସମୟାନୁକ୍ରମ ପଦ୍ଧତିର ପୂରା ଓଲଟା ହେଉଛି ବିପରୀତକ୍ରମ ପଦ୍ଧତି । ଏଥିରେ ବର୍ତ୍ତମାନର ସମୟରୁ ଆରମ୍ଭ କରି ପଛୁଆ ଯିବାକୁ ହୋଇଥାଏ । ପ୍ରଥମେ ଆମେ ନିଜର ପରିଚୟ ଦେଉ ଓ ପରେ ଆମର ପୂର୍ବପୁରୁଷଙ୍କ କଥା ଜଣାଇଥାଉ । ଆଜିର ପରିସ୍ଥିତି ବିଷୟରେ ଜାଣିସାରିବା ପରେ ଗତକାଲିର ପରିସ୍ଥିତି ବିଷୟରେ ଜାଣିବାକୁ ହୋଇଥାଏ । ଏହିଭଳି ଘଟି ଯାଇଥିବା ଘଟଣା ସବୁକୁ ପିଲା ଆଗରେ ଉପସ୍ଥାପନା କରିବା ହେଉଛି ବିପରୀତକ୍ରମ ପଦ୍ଧତି । ଆଗର ପଦ୍ଧତି ତୁଳନାରେ ଏହି ପଦ୍ଧତି ବେଶି ପ୍ରାକୃତିକ । ପିଲା ନିଜର ଚାରିପାଖର ଜିନିଷ ବା ଘଟଣା ପ୍ରତି ବେଶି ଆଗ୍ରହୀ ହେବା ସ୍ୱାଭାବିକ, କାରଣ ଏସବୁ ପ୍ରତ୍ୟକ୍ଷ ଭାବରେ ତା'ର ସାମନାରେ ରହିଥାଏ । ସ୍ଥୂଳରୁ ସୂକ୍ଷ୍ମ ଅବା ଜଣାରୁ ଅଜଣାକୁ ଯିବା ଭଳି ଏହି ଶିକ୍ଷାପ୍ରଣାଳୀରେ ପିଲା ବର୍ତ୍ତମାନ ସମୟରୁ ଅତୀତକୁ ସହଜରେ ଯାଇପାରେ । କିନ୍ତୁ ସମୟାନୁକ୍ରମ ପଦ୍ଧତିରେ ଅଜଣାରୁ ଧୀରେ ଧୀରେ ଜଣାକୁ ଆସିବାର ଓଲଟାକ୍ରମ ଚାଲିଥାଏ ।

ବିପରୀତକ୍ରମ ପଦ୍ଧତିରେ ପଢ଼ାଇବା ପାଇଁ ଇତିହାସ ବହିରେ କିଛି ବଦଳାଇବା ଦରକାର ନାହିଁ । କେବଳ ସମୟର କ୍ରମ ବଦଳାଇ ପଢ଼ାଇବାକୁ ହୋଇଥାଏ । ଏଭଳି ପଢ଼ାଇଲା ବେଳେ ଭୂଗୋଳର ସାହାଯ୍ୟ ନିଆ ଯାଇପାରେ । ଏଥିରେ ଭୂଗୋଳ ଏବଂ ଇତିହାସ ଦୁଇଟି ଯାକ ବିଷୟ ଜୀବନ୍ତ ହୋଇପାରିବ । ଏଥିରେ ପ୍ରତ୍ୟକ୍ଷ ଅନୁଭୂତିରୁ ଇତିହାସର ପଢ଼ା ଆରମ୍ଭ ହୁଏ, ତେଣୁ ଅତୀତ ବିଷୟରେ କଳ୍ପନାର ବିକାଶ ଏଥିରେ

ସ୍ୱାଭାବିକ ଭାବରେ ହେବ । ପାଖରେ ଥିବା ପାହାଡ଼ ଉପରେ ଚଢ଼ିଲେ ତା'ର ପଛରେ ଥିବା ଅନ୍ୟ ପାହାଡ଼ ସବୁ ଦେଖାଗଲା ଭଳି ଇତିହାସର ଗୋଟିଏ ପରେ ଗୋଟିଏ ଘଟଣା ପିଲା ଆଗରେ ଖୋଲିଚାଲେ ଓ ପିଲା ମନଦେଇ ଇତିହାସ ଶିଖିଚାଲେ ।

ଏହି ପଦ୍ଧତି ଶିକ୍ଷକକୁ ପ୍ରଥମେ କଷ୍ଟକର ମନେ ହୋଇପାରେ । ଶିକ୍ଷକ ଏଥିରେ ମଧ୍ୟ କାହାଣୀ କହିପାରିବେ । କିନ୍ତୁ ଏହାଠାରୁ ଭଲ ହେଉଛି ଶିକ୍ଷକ ଯାତ୍ରା, ପ୍ରଦର୍ଶନୀ, ସଂଗ୍ରହାଳୟ ଏବଂ ଜୀବନ୍ତ ଦୁନିଆ ଦେଖାଇ ପିଲାର ଜ୍ଞାନ ବଢ଼ାଇ ପାରିବେ । ବିପରୀତକ୍ରମ ପଦ୍ଧତି ପରି ଏଥିରେ ମଧ୍ୟ ଶିକ୍ଷକ ଅଭିନୟ ପଦ୍ଧତି ବ୍ୟବହାର କରିପାରିବେ । ଦେଖିଥିବା ଘଟଣାକୁ ନେଇ ନାଟକ କରିବା ପିଲା ପାଇଁ ସହଜ ହେବ । ଏହି ଧାରାରେ ଅତୀତ ଭିତରକୁ ପଶିବା ସହିତ ପିଲାର ଅଭିନୟ ଦକ୍ଷତା ମଧ୍ୟ ବଢ଼ିବ ।

ବର୍ତ୍ତମାନର ଇତିହାସ ପାଠବହି ସବୁ ଭଲ ଶିକ୍ଷକ କିମ୍ବା ଐତିହାସିକର ମନକୁ ଛୁଇଁଲା ଭଳି ହୋଇନାହିଁ । କାରଣ ଏଗୁଡ଼ିକ କେବଳ ପରୀକ୍ଷାକୁ ଆଖିରେ ରଖି ଲେଖା ଯାଇଛି । ସେଥିପାଇଁ ଶିକ୍ଷାପ୍ରଣାଳୀ ଯେତେ ଭଲ ହେଲେ ମଧ୍ୟ ପୂରା ସଫଳ ହୋଇପାରେ ନାହିଁ । ତେଣୁ ପିଲାର ମନକୁ ଛୁଇଁଲା ଭଳି ପାଠବହି ଲେଖିବା ପାଇଁ ଇତିହାସ ବିଶାରଦମାନଙ୍କୁ ଅନୁରୋଧ କରାଯାଇପାରେ ।

### *ପୁସ୍ତକାଳୟ ପଦ୍ଧତି*

ଶିକ୍ଷା ଦିଗରେ ବହି ନିଜେ ହିଁ ଜଣେ ଗୁରୁ ଏବଂ ପୁସ୍ତକାଳୟ ଗୋଟିଏ ବିଦ୍ୟାଳୟ । ବିଦ୍ୟାଳୟରେ ଜ୍ଞାନ ପାଇବାର ସୁବିଧା ଭରି ରହିଥାଏ । କିନ୍ତୁ ପୁସ୍ତକାଳୟ ଯାଇ ଯେ କେହି ବି ନିଜେ ଜ୍ଞାନ ପାଇପାରିବ ।

ଗୋଟିଏ ଭଲ ପୁସ୍ତକାଳୟ କେତେ ଶିକ୍ଷକଙ୍କ କାମ ତୁଲାଇଥାଏ । ଶିକ୍ଷକଙ୍କ ଭଳି ପୁସ୍ତକାଳୟ ପିଲାକୁ ଧମକାଇ ନଥାଏ, ତାକୁ ଶାସନ

କରିନଥାଏ ବା ଶାସ୍ତି ଦେଇନଥାଏ । ତାକୁ ପାଶ୍ ବା ଫେଲ୍ କରିନଥାଏ କି ପରୀକ୍ଷାର ଭୟ ଦେଖାଇନଥାଏ । ବରଂ ତା' ପାଖକୁ ଆସୁଥିବା ଲୋକଙ୍କୁ ସେ ଅତି ଆଦରେ ଓ ଆଗ୍ରହ ସହକାରେ ପଢ଼ାଇବାରେ ଲାଗିଥାଏ ।

ସବୁ ପରିସ୍ଥିତିରେ ପୁସ୍ତକାଳୟ ଶିକ୍ଷାର ଏକ ପଦ୍ଧତି ହୋଇପାରିବ । ବିଦ୍ୟାଳୟରେ ପୁସ୍ତକାଳୟକୁ ଜଣେ ଅତିରିକ୍ତ ଶିକ୍ଷକ ଭାବରେ ମାନିବା ଉଚିତ । ପିଲାକୁ ନିଜେ ପୂରା ସମୟ ପଢ଼ାଇବାର ଚେଷ୍ଟା ନକରି ତାକୁ ପୁସ୍ତକାଳୟକୁ ଯିବା ପାଇଁ ଅଧିକରୁ ଅଧିକ ସ୍ୱାଧୀନତା ଦେବା ଦରକାର । ସ୍ୱାଧ୍ୟାୟ (ନିଜେ ପଢ଼ିବା) ପଦ୍ଧତିରେ ପିଲା ବହି ସହ ଅଧିକ ପରିଚିତ ହେବାର ସୁଯୋଗ ପାଏ । ପ୍ରାଥମିକ ସ୍ତରରେ ପିଲା ବିଦ୍ୟାଳୟର ଅଧାଅଧି ସମୟ ପୁସ୍ତକାଳୟରେ କଟାଇ ପାରିଲେ ତା'ର ଶିକ୍ଷାର ମୂଳଦୁଆ ନିଶ୍ଚୟ ଟାଣୁଆ ହେବ । ପିଲା ଯେତେବେଳେ ପୁସ୍ତକାଳୟକୁ ଯିବ, ସେତେବେଳେ ଶିକ୍ଷକ ଜଣେ ଭଲ ସହାୟକର କାମ କରିବେ । ପୁସ୍ତକାଳୟର କେଉଁ କେଉଁ ବହି ଭଲ, କାହାକୁ କେଉଁ ବହି ଦିଆହେବ, କାହାର ଆଗ୍ରହ କେଉଁ ବହିରେ ରହିଛି ସେସବୁ କଥାରେ ଶିକ୍ଷକ ବିଶେଷ ସାହାଯ୍ୟ କରିପାରିବେ ।

ପୁସ୍ତକାଳୟ ଗୋଟିଏ ପ୍ରୟୋଗଶାଳା ଭଳି ମଧ୍ୟ କାମ କରିଥାଏ । କେଉଁ ବୟସରେ କି ପ୍ରକାର ବହି ଅଧିକ ଆଗ୍ରହର ସହ ପିଲା ପଢ଼ନ୍ତି, କେଉଁ ବିଷୟର ବହି ଅଧିକ ପଢ଼ାହୁଏ, ବହି ପଢୁଥିବା ସମୟରେ କ୍ଳାନ୍ତିର ମାତ୍ରା କେତେ ବଢୁଛି ବା କମୁଛି, ପିଲା ଉପରେ ସେ ପଢୁଥିବା ବହିର ମୋଟାମୋଟି କି ପ୍ରକାରର ପ୍ରଭାବ ପଡୁଛି ଆଦି ବିଷୟକୁ ଲକ୍ଷ୍ୟ କରି ଶିକ୍ଷକ କିଛି ସିଦ୍ଧାନ୍ତ ବାହାର କରିପାରିବେ ।

ଶିକ୍ଷାପଦ୍ଧତି ଭାବରେ କାମ କରିବା ପାଇଁ ପୁସ୍ତକାଳୟକୁ ସୁପରିକଳ୍ପିତ ଯୋଜନାରେ ସଜାଇବାକୁ ହୋଇଥାଏ । ପ୍ରାଥମିକରୁ ଆରମ୍ଭ କରି ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଉପଯୋଗୀ ଭାଷା, ଇତିହାସ, ଗଣିତ, ବିଜ୍ଞାନ ଆଦି ବିଷୟରେ ବହି ପାଠାଗାରରେ ରହିବା ଉଚିତ । ବଢୁଥିବା

କଠିନତାର କ୍ରମରେ ବହି ପଢ଼ିଚାଲିଲେ ପିଲାର ଜ୍ଞାନ ମଧ୍ୟ ସେହିଭଳି ଗୋଟିଏ ଢାଞ୍ଚାରେ ବଢ଼ିଚାଲିବ । ଏହିପରି କ୍ରମରେ ରଖା ଯାଇଥିବା ବହିଗୁଡ଼ିକ ପାଠ୍ୟଖସଡ଼ା ଭଳି କାମ ଦେଇପାରିବ । ପାଠବହିର ଲେଖକ ଏଭଳି ବହିର ସୃଷ୍ଟି ବିଷୟରେ କଳ୍ପନା ମଧ୍ୟ କରିନାହାନ୍ତି ଏବଂ ଶିକ୍ଷକଙ୍କୁ ମଧ୍ୟ ଏପରି ଅନେକ ବହିର ଆବଶ୍ୟକତା ପଡ଼ିନାହିଁ । କାରଣ ଏପାଏଁ ପୁସ୍ତକାଳୟ-ପରିଚୟ ପଦ୍ଧତି ଅପେକ୍ଷା ପାଠ୍ୟକ୍ରମ ଓ ବ୍ୟାଖ୍ୟାନ ପଦ୍ଧତିରେ ହିଁ ଶିକ୍ଷା ଦିଆଯାଉଛି ।

ବିଦ୍ୟାଳୟର ବାହାରେ ମଧ୍ୟ ପୁସ୍ତକାଳୟରୂପୀ ବିଦ୍ୟାଳୟ ଗାଁ ଗାଁ ଏବଂ ଗଳି ଗଳିରେ ଖୋଲିବା ଉଚିତ । ବିଦ୍ୟାଳୟରେ ଶିକ୍ଷକଙ୍କୁ ଦରମା ଦେବାକୁ ପଡ଼ିଥାଏ, ସେହିଭଳି ପୁସ୍ତକାଳୟ ପାଇଁ ବହି କିଣିବାକୁ ପଡ଼େ । ପଢ଼ାଇବା ପାଇଁ ଶିକ୍ଷକଙ୍କୁ ପରିଶ୍ରମ କରିବାକୁ ହୁଏ, କିନ୍ତୁ ଜ୍ଞାନଦେବା ପାଇଁ ବହିକୁ କୌଣସି କାମ କରିବାକୁ ପଡ଼େନାହିଁ । ଅବଶ୍ୟ ବାରମ୍ବାର ପଢ଼ିବା ଦ୍ୱାରା ସେଗୁଡ଼ିକ ଚିରିଯାଏ । ଶିକ୍ଷକଙ୍କ ଉପସ୍ଥିତି ବିନା ବିଦ୍ୟାଳୟରେ ପଢ଼ାପଢ଼ି ହୋଇପାରେ ନାହିଁ । କିନ୍ତୁ ପୁସ୍ତକାଳୟକୁ ଯଦି ଦିନରାତି ସବୁବେଳେ ଆମେ ଖୋଲା ରଖିବା, ତେବେ ପାଠପଢ଼ା ମଧ୍ୟ ଦିନରାତି ଚାଲିପାରିବ ।

ପୁସ୍ତକାଳୟ ସାହାଯ୍ୟରେ ଶୃଙ୍ଖଳା, ସଭ୍ୟତା ଏବଂ ବିନୟତା ଆଦି ଗୁଣର ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ କରାଯାଇ ପାରିବ । ବହିର ବ୍ୟବହାର କିପରି କରିବ, ସେଗୁଡ଼ିକୁ କିପରି ପଢ଼ିବ, ପାଖରେ ବସି ପଢୁଥିବା ଲୋକ ସହ କିପରି ବ୍ୟବହାର କରିବ, ଯିବାଆସିବା ଓ କଥାବାର୍ତ୍ତା କିପରି କରିବ ଆଦି ବିଷୟ ଶିଖିବା ଭିତରେ ମନକୁ ମନ ଅନେକ କିଛି ଶିକ୍ଷା ମିଳିଯାଏ । ଏହି ଧାରାରେ ପୁସ୍ତକାଳୟ ନିଜେ ଗୋଟିଏ ଶିକ୍ଷାପଦ୍ଧତି ହୋଇପାରେ ।

## ଆବୃତ୍ତି ପଦ୍ଧତି

ଯେଉଁ ପଦ୍ଧତିରେ ଶିକ୍ଷକ ଛାତ୍ରକୁ ମୁହେଁ ମୁହେଁ କଥା କହି ପଢ଼ାଏ ଏବଂ ପିଲା ଘୋଷି ଘୋଷି ମନେ ରଖେ, ତାହାକୁ ଆବୃତ୍ତି ପଦ୍ଧତି କୁହାଯାଏ । ପ୍ରାଚୀନ କାଳରେ ବହି ନଥିଲା ବେଳେ ବେଦ ପୁରାଣ ଆଦି ଏହି ପଦ୍ଧତିରେ ଶିଖା ଯାଉଥିଲା । ଅତୀତରେ ଗୁରୁ ଆଶ୍ରମ ସବୁ ବେଦ ଶିକ୍ଷା ଧ୍ୱନିରେ ଭରି ଉଠୁଥିଲା ବୋଲି ଆମେ ଶୁଣିଛେ । ମୁହଁର କଥା ସହିତ ହାତ ବା ମୁଣ୍ଡ ହଲାଇ ସଙ୍କେତ ଓ ତାଳ ଦିଆଯାଉଥିଲା । ଏହାକୁ ସ୍ୱର ସହିତ ଅଭ୍ୟାସ କୁହାଯାଉଥିଲା । କାଳକ୍ରମେ ମୁହଁର ଏହି ସ୍ୱରର ଚିହ୍ନ ସବୁକୁ ତାଳପତ୍ରରେ ଅଙ୍କା ଯାଇଥିବ । ଆଜି କଣ୍ଠସ୍ଥ ଜ୍ଞାନ ପୁସ୍ତକଗତ ଜ୍ଞାନ ହୋଇସାରିଛି । ତଥାପି ଏବେ ବି କେତେ ପଣ୍ଡିତ ଏବଂ ପୁରାଣ-ଶିକ୍ଷକ ପିଲାଙ୍କୁ ଏହି ଆବୃତ୍ତି ପଦ୍ଧତିରେ ପଢ଼ାଉଛନ୍ତି ।

ଯେଉଁ ଜ୍ଞାନ ସବୁବେଳେ କଣ୍ଠସ୍ଥ ହୋଇ ରହିବା କଥା, ତାକୁ ଏହି ଆବୃତ୍ତି ପଦ୍ଧତିରେ ପଢ଼ିବା କଥା । କାବ୍ୟ କବିତା ଆଦି ଏହି ଆବୃତ୍ତି ପଦ୍ଧତିରେ ଶିଖିବା ସବୁବେଳେ ସହଜ ହୋଇଥାଏ । ଯଜୁର୍ବେଦର କିଛି ଅଂଶକୁ ଗଦ୍ୟ ଆକାରରେ ଶିଖାଇବା କଷ୍ଟକର ହେବାରୁ ବୋଧହୁଏ ତା'ର ଏହି ଶ୍ଳୋକ ରୂପ ରଚନା କରିବାକୁ ପଡ଼ିଥିବ । ଏବେ ଆମ ବିଦ୍ୟାଳୟରେ ଏହି ଆବୃତ୍ତି ପଦ୍ଧତିର ପ୍ରଚଳନ ଆଉ ନାହିଁ । କାରଣ ଆଜିର ଜ୍ଞାନ ପଦ୍ୟ ବଦଳରେ ଗଦ୍ୟରେ ଅଧିକ ରହିଛି । ତା'ଛଡ଼ା ଏବେ ଜ୍ଞାନକୁ ମୁଖସ୍ଥ କରିବା ଆଉ ଦରକାର ପଡ଼ୁନାହିଁ । କାରଣ ଦରକାର ସମୟରେ ତାହା ବହିରୁ ମିଳିପାରୁଛି । ତଥାପି କବିତା, ଢଗଢମାଳି ସବୁ ଏହି ପଦ୍ଧତିର ଏକ ଛୋଟିଆ ଅଂଶ ଭାବରେ ଚାଲି ରହିଛି ।

ଶିକ୍ଷାରେ ଆବୃତ୍ତିକୁ ପୁଣି ଥରେ ଯୋଡ଼ିବା ଉଚିତ । କିଛି ନବୁଝି ମୁଖସ୍ଥ କରିବା କିମ୍ବା ଶିକ୍ଷକଙ୍କ ଭୟରେ ମନେ ରଖିବା କଥାଟା ଠିକ୍ ନୁହେଁ । କିନ୍ତୁ ଏପରି କିଛି କଥା ରହିଛି ଯାହାକୁ ମୁଖସ୍ଥ କରିବାକୁ ହିଁ ହେବ । କାରଣ

ଏଗୁଡ଼ିକ ବାରମ୍ବାର ଦରକାରରେ ଆସିବ ଓ ସେଥିପାଇଁ ସବୁବେଳେ ବହି ଦେଖିବା ସମ୍ଭବ ନୁହେଁ । ଯେଉଁ ଜ୍ଞାନ ଦରକାରୀ ହତିଆର ପରି ଆମର କାମରେ ଲାଗେ, ସେଗୁଡ଼ିକ ଆମର ମୁଖସ୍ଥ ହେବା ହିଁ ଆବଶ୍ୟକ । ବର୍ତ୍ତମାନର ସମୟରେ ଏଇ ଆବୃତ୍ତିକୁ ସରସ ସଙ୍ଗୀତ ସହ ମିଶାଇ ତାହା ସାହାଯ୍ୟରେ ଭଲ, ଉପାଦେୟ ଜ୍ଞାନ ଦିଆଯାଇ ପାରିବ ।

ଆବୃତ୍ତି ପଦ୍ଧତି ପାଇଁ ବହି ଯଥେଷ୍ଟ ନାହିଁ । ଏହି କାରଣରୁ ଶିକ୍ଷକଙ୍କ କାମ ନିଶ୍ଚୟ ଅନେକ ବଢ଼ିଯିବ । ଏହି ଧାରାରେ ବୁଦ୍ଧିର ବିକାଶ ପାଇଁ ଶିକ୍ଷକଙ୍କର ପୂରା ସହାୟତା ସହ ସ୍ୱତନ୍ତ୍ର ଚେଷ୍ଟା ଦରକାର । କିନ୍ତୁ କେବଳ ମନେ ରଖିପାରିଲା ଭଳି ଜ୍ଞାନକୁ ଏହି ପଦ୍ଧତିରେ ଶିଖା ଯାଇପାରେ । କୌଣସି ଜିନିଷକୁ ବୁଝି ସାରିଲା ପରେ ତାକୁ ମନେରଖିବା ପାଇଁ ଆବୃତ୍ତି ପଦ୍ଧତି ବ୍ୟବହାର କରାଯାଇପାରେ । ଘୋଷିବା ବିରୁଦ୍ଧରେ ଏବେ ଯେଉଁ ପ୍ରତିବାଦ କରାଯାଉଛି ତାହାକୁ ଏହି ପରିପ୍ରେକ୍ଷୀରେ କମ୍ କରିବା ଉଚିତ । ସବୁ ଦିଗରୁ ବିଚାର କରି କେହି ଆଗ୍ରହୀ ଶିକ୍ଷକ ପାଠପଢ଼ାରେ ଆବୃତ୍ତିକୁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେଇପାରିବେ ।

*ଲୋକକଥା ପଦ୍ଧତି* (ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ)

ଘରେ ମା'ଭଉଣୀମାନେ ଆଇ ଜେଜେମା'ଙ୍କଠାରୁ ଅନେକ ଲୋକଗୀତ ଶୁଣି ଶୁଣି ଶିଖୁଥିଲେ । ଆଇ ଜେଜେମା'ମାନେ ପଢ଼ାପଢ଼ି କରିପାରୁଥିଲେ । ତେଣୁ ସେ ନିଜେ ଶୁଣି ସେସବୁକୁ ମୁଖସ୍ଥ କରି ରଖିଥିଲେ ଏବଂ ଅନ୍ୟମାନଙ୍କୁ ଦୁଇପଦ ଲେଖାଏଁ ଘୋଷିବାକୁ ଦେଇ ଶହ ଶହ ପଦ ଶିଖାଇ ଦେଉଥିଲେ ।

ଜେଜେମାର ଛାତ୍ରୀମାନେ ରାତିରେ ଦୁଇ ଦୁଇ ପଦ ଶିଖନ୍ତି । ତା' ପରଦିନ ରାତି ପର୍ଯ୍ୟନ୍ତ ଚକି ପେଷିବା, ପାଣି ଭରିବା ଏବଂ ରୋଷେଇ ଆଦି କାମ ଭିତରେ ସେହି ପଦକୁ ବାରମ୍ବାର ମନେ ପକାଇ ଶିଖିନିଅନ୍ତି । ମୁଁ

ନିଜେ ବି ଏହି ଲୋକକଥା ପଦ୍ଧତିର ଜଣେ ଛାତ୍ର ଥିଲି । ଯେବେ ମୋ ବଡ଼ ଭଉଣୀ କିଛି ପଦ ଭୁଲି ଯାଉଥିଲା ମୁଁ ତାକୁ ମନେ ପକାଇ ଦେଉଥିଲି ।

ଲୋକକଥା ପଦ୍ଧତିରେ ପୁରୁଣା ଏବଂ ମୂଲ୍ୟବାନ ସାହିତ୍ୟ ସଂସ୍କୃତି ଗୋଟିଏ ମୁହଁରୁ ଆଉ ଗୋଟିଏ ମୁହଁକୁ ଏବଂ ଗୋଟିଏ ପିଢ଼ିରୁ ଆଉ ଏକ ପିଢ଼ିକୁ ଯାଇ ଏପର୍ଯ୍ୟନ୍ତ ବଞ୍ଚି ରହିଛି । ଫଳରେ ଆମ ଦେଶ ଭଳି ସ୍ୱଳ୍ପସାକ୍ଷର ଦେଶ ମଧ୍ୟ ଆପଣାର ଜୀବନର ଅନେକ ସଂସ୍କାରକୁ ନିଜ ଭିତରେ ବଞ୍ଚାଇ ରଖିପାରିଛି । ଏହି ଲୋକକଥା ପଦ୍ଧତି ବଳରେ ସାହିତ୍ୟ ଏବଂ କଳା କ୍ଷେତ୍ରରେ ନିଜର ଗଭୀରତା ବଜାୟ ରଖିପାରିଛି । ସାଇପଡ଼ିଶାରେ ଆଈ ଜେଜେମାମାନେ ଏଇ ଲୋକକଥା ପଦ୍ଧତି ଚଳାଉଥିଲେ । ଗୁରୁ ନିଜର ବିଦ୍ୟାର୍ଥୀଙ୍କୁ ଗୋଟିଏ ଗୋଟିଏ ଶ୍ଳୋକ ମୁହଁରେ ଶିଖାଇ କଣ୍ଠସ୍ଥ କରାଉଥିଲେ । ଆଜି ବି ସଂସ୍କୃତ, ବ୍ୟାକରଣ ଏବଂ ଧର୍ମପୁସ୍ତକ ସବୁ ଏହି ପଦ୍ଧତିରେ ପଢ଼ାଯାଉଛି ।

ଲୋକକଥା ମାଧ୍ୟମରେ ଯେଉଁ ସବୁ ବିଷୟ ପଢ଼ାଯାଇ ପାରିବ ତାକୁ ଆଜି ମଧ୍ୟ ବିଶେଷ କରି ଗାଁମାନଙ୍କରେ ଏହି ପ୍ରଣାଳୀରେ ଶିଖାଇବା ଉଚିତ । ସରକାରୀ ଶିକ୍ଷାପଦ୍ଧତିରେ ପାଠବହି ଓ ଉପକରଣ ପାଇଁ ଖର୍ଚ୍ଚ ବଢୁଛି । ଏଣେ ବିନା ପଇସାରେ ଶିଖାଯାଇ ପାରିବା ଏହି ପୁରୁଣା ପଦ୍ଧତିକୁ ଗାତରେ ଫିଙ୍ଗି ଦିଆଯାଉଛି । ଯେଉଁ ଶିକ୍ଷକମାନେ ସରକାରଙ୍କ ଆଜ୍ଞାରେ ବନ୍ଧା ନୁହନ୍ତି, ସେମାନେ ଅନ୍ତତଃ ନିଜର ପିଲାଙ୍କୁ ପାଠବହିରୁ ଏବଂ ବିଦ୍ୟାଳୟର ଆଲମାରୀରେ ବନ୍ଦ ହୋଇ ପଡ଼ିଥିବା ଉପକରଣର ବନ୍ଧନରୁ ମୁକ୍ତ କରନ୍ତୁ । ସେ ପିଲାଙ୍କୁ ଲୋକକଥା ଦ୍ୱାରା ପାଠ ପଢ଼ାନ୍ତୁ ଏବଂ ପ୍ରକୃତିର ଜିନିଷ ସବୁ ଦେଖାଇ ତାହାର ପ୍ରତ୍ୟକ୍ଷ ଅନୁଭବ କରାନ୍ତୁ ।

ଯେଉଁ ବିଷୟ କାବ୍ୟ ପରିସର ଭିତରକୁ ଆସି ପାରୁନଥିଲା, ଘରର ପୁରୁଣା ଲୋକେ ଲୋକକଥା ପଦ୍ଧତି ସାହାଯ୍ୟରେ ସେଗୁଡ଼ିକୁ କାବ୍ୟର ରୂପ ଦେଉଥିଲେ । ଆଜି ବି କିଛି ଶିକ୍ଷକ ଇତିହାସ ଏବଂ ଭୂଗୋଳ ପରି ବିଷୟକୁ

କାବ୍ୟ ଦ୍ୱାରା ଶିଖାନ୍ତି । ତାଙ୍କୁ ଥଟ୍ଟା କରୁଥିବା ଲୋକେ ଲୋକକଥାର ଗୁରୁତ୍ୱ ବୁଝନ୍ତିନାହିଁ । ସଙ୍ଗୀତର ସ୍ୱରୂପକୁ ଆଜି ବି କାବ୍ୟ ଜରିଆରେ ଶିଖା ଯାଉଛି । ଜଣେ ଶିକ୍ଷକବନ୍ଧୁ ସ୍ୱାସ୍ଥ୍ୟରକ୍ଷା ବିଷୟକୁ କାବ୍ୟ ରୂପ ଦେଇ ତାକୁ ବହୁତ ଭଲ ଭାବରେ ନିଜର ପିଲାଙ୍କୁ ଶିଖାଇଥିଲେ ।

ଆଜିର ପୁସ୍ତକ ଆଧାରିତ ପଦ୍ଧତି ପିଲାର ସ୍ମରଣ ଶକ୍ତିର ବିକାଶ ଦିଗରେ ଚେଷ୍ଟା କରେନାହିଁ । ଆମେ ଦେଖୁଛେ ଆଜିର ଜ୍ଞାନ ସ୍ଥାୟୀ ନୁହେଁ । ସେଗୁଡ଼ିକ ପରୀକ୍ଷା ପର୍ଯ୍ୟନ୍ତ ହିଁ ରହେ । ଦରକାର ସମୟରେ ତାହା କାମ ନଦେଇ ବେକାର ପ୍ରମାଣିତ ହୁଏ । ଲୋକକଥା ପଦ୍ଧତିରେ ଆଉ ଏକ ଲାଭ ହେଉଛି ଯେ ଅପଥା ଗୁଡ଼ାଏ ପଢ଼ିବାକୁ ହୋଇନଥାଏ । ଯାହା ଭଲ ଏବଂ ଗ୍ରହଣଯୋଗ୍ୟ କେବଳ ତାହାକୁ ସଂଗ୍ରହ କରାଯାଏ ଏବଂ ଲୋକକଥାରୁ ପ୍ରାୟ ତାହା ହିଁ ମିଳିଥାଏ । ଲୋକକଥା ପଦ୍ଧତି ତୁଳନାରେ ଆଜିର ଦୁନିଆରେ ପାଠବହିର ଗୁରୁତ୍ୱ ଅଧିକ ମନେହେବା ସ୍ୱାଭାବିକ । କାରଣ ବ୍ୟକ୍ତିର ସ୍ୱତନ୍ତ୍ରତା ଅପେକ୍ଷା ତା'ର ଅହଙ୍କାରକୁ ନେଇ ଆଜି ଆମେ ଆଗେଇ ଚାଲିଛେ । କିନ୍ତୁ ଯେଉଁମାନେ ସୁବର୍ଣ୍ଣ ଯୁଗର କଳ୍ପନା କରୁଛନ୍ତି, ସେମାନେ ପୁସ୍ତକ ପ୍ରଣାଳୀ ବଦଳରେ ଲୋକକଥାକୁ ସତ୍ୟଯୁଗର ପଦ୍ଧତି ଭାବରେ ପୁଣି ଥରେ ସ୍ୱୀକୃତି ଦେବେ ।

ଏକଥା ସତ ଯେ ମୌଖିକ ପରମ୍ପରା ଯୋଗୁଁ ସମୟକ୍ରମେ ଭାଷାର ଶୁଦ୍ଧତା ଏବଂ ଲୋକକଥାର ଅର୍ଥରେ କିଛି ଫରକ ଆସିଯାଏ । କିନ୍ତୁ ଏଥିପାଇଁ ବେଶ୍ ସମୟ ଲାଗିଥାଏ । ଏବେ ଲୋକକଥାଗୁଡ଼ିକୁ ସଂଗ୍ରହ କରି ସୁରକ୍ଷିତ ରଖିବାର ଚେଷ୍ଟା ଚାଲିଛି । କିନ୍ତୁ ତାହା କେବଳ ବହିରେ ହିଁ ରହିଯାଉଛି । ଏବେ ମଧ୍ୟ ଗାଁରେ ରହୁଥିବା ଲୋକ ଏବଂ ଜେଲ୍‌ର କଏଦୀମାନଙ୍କ ପାଇଁ ଲୋକକଥା ପଦ୍ଧତି ଗୋଟିଏ ଭଲ ବ୍ୟବସ୍ଥା ହୋଇପାରିବ ।

### ଶ୍ରବଣ ପଦ୍ଧତି

ଶ୍ରବଣେନ୍ଦ୍ରିୟ ବା କାନର ପରିସର ଭିତରେ ଆସି ପାରୁଥିବା ବିଷୟଗୁଡ଼ିକୁ ଆମେ ଶ୍ରବଣ ପଦ୍ଧତିରେ ଶିଖାଇ ପାରିବା । ବିଶେଷ କରି ତର୍କର ଗୁରୁତ୍ୱ ନଥିବା ବିଷୟ ସବୁକୁ ଶିଖାଇବାରେ ଏହି ପଦ୍ଧତିର ଉପଯୋଗ କରାଯାଇପାରେ । ପିଲା ତିନି ବର୍ଷ ପର୍ଯ୍ୟନ୍ତ କେବଳ ଶୁଣି ଶୁଣି ହିଁ ବିଭିନ୍ନ ପ୍ରକାରର ଶବ୍ଦ ଚିହ୍ନେ ଓ ମାତୃଭାଷା ମଧ୍ୟ ଶିଖେ । କାନରେ ଶୁଣି ଶୁଣି ଶିଖିବାର ଏହି ସାଧାରଣ ଶୈଳୀକୁ ଏକ ଶିକ୍ଷାପଦ୍ଧତିର ରୂପ ଦେଇହେବ ।

ଉଦାହରଣ ସ୍ୱରୂପ ଆମେ ପିଲାକୁ ଶ୍ରବଣ ପଦ୍ଧତିରେ ଗୀତ ଶିଖାଇ ପାରିବା । ସଙ୍ଗୀତ ଶିକ୍ଷା ପ୍ରଥମେ ସାରେଗାମାରୁ ଆରମ୍ଭ ହୁଏ । ଏଥିରେ ସା, ରେ, ଗା, ମା ଆଦିର ରହସ୍ୟକୁ ବୁଝିବା କାମ କାନ ଏବଂ ମସ୍ତିଷ୍କ ଦୁହେଁ ମିଶି କରିଥା'ନ୍ତି । ଆମ ବାଳମନ୍ଦିରର ପିଲାମାନଙ୍କୁ ମୁଁ ବହୁତ ସମୟ ପର୍ଯ୍ୟନ୍ତ ଗୀତ ଶୁଣାଉଥିଲି । ଯେଉଁ ପିଲାମାନେ ସଙ୍ଗୀତପ୍ରିୟ ଥିଲେ ସେମାନେ ଆଗ୍ରହର ସହ ଶୁଣୁଥିଲେ । ପିଲାମାନଙ୍କର ସଙ୍ଗୀତ ପ୍ରତି ରୁଚି ବଢ଼ାଇବା ମୋର ଉଦ୍ଦେଶ୍ୟ ଥିଲା । ସଙ୍ଗୀତ ଶୁଣୁ ଶୁଣୁ ସେମାନେ ଯେ ସଙ୍ଗୀତପ୍ରେମୀ ହେବେ ବା ନିଜେ ଗାଇବାରେ ଲାଗିବେ ସେକଥା ମୁଁ ଭାବିନଥିଲି । ମୁଁ ଚିନ୍ତା କରୁଥିଲି ପିଲା କିପରି ଗାଇବା ଆରମ୍ଭ କରିବେ ।

ହଠାତ ଦିନେ ମୁଁ ଦେଖିଲି ପିଲାଏ ଗାଇବାକୁ ଲାଗିଲେ । ସେହି ସମୟରେ ମତେ ଶ୍ରବଣ ଶକ୍ତିର ପରିଚୟ ମିଳିଲା । ମଞ୍ଜି ଲଗାଇ ତା' ଉପରେ ପାଣି ଛିଞ୍ଚିବା ଫଳରେ ଯେମିତି କେଉଁ ଏକ ସୁନ୍ଦର ସକାଳରେ ଗଜାଟିଏ ବାହାରିପଡ଼େ, ସେହିପରି ବୁଣା ହୋଇଥିବା ସଙ୍ଗୀତର ମଞ୍ଜି ପିଲାଙ୍କ ମନରେ ହଠାତ ଅଙ୍କୁରିତ ହେଲା । ବାଳମନ୍ଦିର ପିଲାଙ୍କର କୋମଳ କଣ୍ଠର ମିଳିତ ଗାନରେ ମୁଖରିତ ହୋଇଉଠିଲା । ସେହିଦିନଠାରୁ ମୁଁ ଶୁଣାଇ ଶୁଣାଇ ଜ୍ଞାନ ଦେବାର ପଦ୍ଧତିକୁ ଅଧିକ ଅନୁଭବ କଲି । ପିଲାଙ୍କୁ କିଛି କାହାଣୀ ବାରମ୍ବାର ଶୁଣାଇଲେ ସେ କାହାଣୀକୁ ସେମାନେ

ନଘୋଷି ମନେରଖି ପାରୁଥିବାର ମୁଁ ଦେଖିଲି । ଏହି ଅନୁଭବରୁ ମୁଁ ଆଦର୍ଶ କଥା ଶିଖାଇବାର ଏକ ନୂଆ ଦୃଷ୍ଟିଭଙ୍ଗୀ ପାଇଲି । ଆଗକୁ ଆଦର୍ଶ ଉପଦେଶଗୁଡ଼ିକୁ ମୁଁ ଭାଷଣ ରୂପରେ ଦେଉଥିଲି । କିନ୍ତୁ ଏବେ ବୁଝିପାରିଲି ଯେ ଭଲ ସାହିତ୍ୟ ଶୁଣାଇଲେ ମଧ୍ୟ ପିଲାର ସାହିତ୍ୟପ୍ରେମ ସହ ସୃଜନୀଶକ୍ତି ଏବଂ ସତ୍-ଚିନ୍ତା ବିକଶିତ ହେବ ।

କାକାସାହେବ କାଲେଲକର ମତେ କହିଥିଲେ ଯେ ପ୍ରତ୍ୟକ୍ଷ ପଦ୍ଧତିରେ ଇଂରାଜୀ ପଢ଼ାଇଲା ବେଳେ ପିଲାମାନେ ଗପର ଅର୍ଥ ହୁଏତ ବୁଝି ନପାରନ୍ତି । ତଥାପି ସେମାନଙ୍କୁ ତାହା ବାରମ୍ବାର ଇଂରାଜୀରେ ଶୁଣାଇଲେ ତା'ର ସୁଫଳ ପରେ ମିଳିଥାଏ । ଏହିପରି ଅର୍ଥ ନବୁଝାଇ କଥାବାର୍ତ୍ତାକୁ ସେ ମୂକ-ପ୍ରଣାଳୀ ନାଁ ଦେଇଥିଲେ । ଆଜି ମୁଁ ଏହି ପ୍ରକ୍ରିୟାକୁ ଶ୍ରବଣ ପଦ୍ଧତି କହୁଛି । ଯେଉଁଠାରେ କିଛି ବି ଜିନିଷ ଦେଖିବାକୁ ମିଳେନାହିଁ, ସେଠାରେ ଏହି ଶ୍ରବଣ ପଦ୍ଧତିବ୍ୟବହାର କରାଯାଇ ପାରିବ । ଅନ୍ଧମାନଙ୍କ ପାଇଁ ଅଲଗା ପ୍ରକାରର ଶ୍ରବଣ ପ୍ରଣାଳୀର ବିନିଯୋଗ କରାଯାଇପାରେ ।

ଶ୍ରବଣ ପଦ୍ଧତି ବ୍ୟାଖ୍ୟାନ ବା ଭାଷଣ ପଦ୍ଧତି ନୁହେଁ । ବ୍ୟାଖ୍ୟାନ ବା ପ୍ରବଚନ ପ୍ରଣାଳୀ ବୁଝି ହେଉଥିବା ବିଷୟ ପାଇଁ ଉଦ୍ଦିଷ୍ଟ । ଶ୍ରବଣ ପଦ୍ଧତିରେ ବାରମ୍ବାର ଶୁଣାଇବାକୁ ପଡ଼େ ଏବଂ କଥା ମଝିରେ ବାରମ୍ବାର ଅଟକାଯାଏ ନାହିଁ । ବିଷୟଟିକୁ ଆମୂଳଚୂଳ ଥରକୁ ଥର କାନରେ ପକାଇବାକୁ ପଡ଼ିଥାଏ । ଶ୍ରବଣ ପଦ୍ଧତିର ଫଳ ସାଙ୍ଗେ ସାଙ୍ଗେ ମିଳେନାହିଁ । ଏହାର ସୁଫଳ ବହୁ ସମୟ ପରେ ମିଳିଥାଏ । ପ୍ରତିଥର କଥାଟିକୁ ଅବିକଳ ଭାବରେ ଦୋହରାଇବା ଦରକାର ହୁଏ । ନହେଲେ ମନରେ ଗୋଟିଏ କଥାର ଭିନ୍ନ ଭିନ୍ନ ରହିବା ଫଳରେ ଛବିଟି ଅସ୍ପଷ୍ଟ ହୋଇଯାଏ । ଏଥିପାଇଁ ସ୍ଥିର ବାତାବରଣର ବ୍ୟବସ୍ଥା ମଧ୍ୟ କରିବାକୁ ପଡ଼ିଥାଏ । ଧ୍ୟାନ ଦେବାକୁ ହୁଏ ଯେପରି ପ୍ରତିଥରର ଶିକ୍ଷା ମୋଟାମୋଟି ଭାବରେ ସମାନ ରହିବ ।

## କାହାଣୀ ପଦ୍ଧତି

ପ୍ରତ୍ୟେକ ବିଷୟକୁ ଗୋଟିଏ କାହାଣୀରୁ ଆରମ୍ଭ କରାଯାଇ ପାରିବ । ସେଥିପାଇଁ କଥାବାର୍ତ୍ତା ମଧ୍ୟ ଶିକ୍ଷା ପ୍ରଣାଳୀର ଗୋଟିଏ ଅଙ୍ଗ ହୋଇଥାଏ ।

ଅନେକ ଦିନରୁ ଇଉରୋପରେ କାହାଣୀ ମାଧ୍ୟମରେ ଇତିହାସ ପଢ଼ାଯାଉଛି । ଆମ ଦେଶରେ ମଧ୍ୟ ତାହା କେତେ ଜାଗାରେ ଆରମ୍ଭ ହେଲାଣି । କୁଶଳୀ ଶିକ୍ଷକ ଇତିହାସର ଗପ ସବୁକୁ ଏପରି ସୁନ୍ଦର ଭାବରେ କୁହନ୍ତି ଯେ ଅତୀତର ଘଟଣା ସବୁ ପିଲା ମନରେ ଜୀବନ୍ତ ହୋଇଉଠେ । ଇତିହାସର ବିଭିନ୍ନ ଚରିତ୍ରଙ୍କ ଭିତରେ ନିଜେ ରହିଥିବା ପରି ସେ ଅନୁଭବ କରେ । ଗପ ମାଧ୍ୟମରେ ମିଳିଥିବା ଇତିହାସର ଜ୍ଞାନକୁ ଚାହିଁଲେ ମଧ୍ୟ ସେ ଭୁଲିପାରେ ନାହିଁ । କାହାଣୀ ଦ୍ୱାରା ଇତିହାସ ପଢ଼ାଇବାର ଅନୁଭୂତି ପ୍ରତ୍ୟେକ ଶିକ୍ଷକ ନିଜେ ପାଇବା ଦରକାର । କାହାଣୀ ରୂପରେ ଲେଖା ହୋଇଥିବା ଇତିହାସ ପାଠ୍ୟପୁସ୍ତକ ଅତି ବିରଳ । ତେଣୁ ଆଗ୍ରହୀ ଶିକ୍ଷକ ନିଜେ ଏହା ଲେଖିବା ଦରକାର । ଶିକ୍ଷକ ଇତିହାସର ଘଟଣାକୁ ପଢ଼ି, ତାକୁ କାହାଣୀ ରୂପରେ ସଜାଇ, ଆକର୍ଷଣୀୟ ପୁଟ ଦେଇ ଶୁଣାଇ ପାରିବେ ।

ଭୂଗୋଳର କିଛି ଅଖାଡୁଆ ବିଷୟ ମଧ୍ୟ କାହାଣୀ ଜରିଆରେ ସୁନ୍ଦର ଭାବରେ ପଢ଼ାଯାଇ ପାରିବ । ଆମ ଦେଶରେ କାହାଣୀ ଆକାରରେ ଲେଖାଥିବା କୌଣସି ଭୂଗୋଳ ବହି ନାହିଁ । ଏପରି କିଛି ବହି ଇଉରୋପରେ ମିଳୁଛି । ଆମେ ସେଥିରୁ କିଛି ଧାରଣା ପାଇପାରିବା । ନହେଲେ ମଧ୍ୟ ନିଜର କଳ୍ପନା ଶକ୍ତି ବଳରେ ଭୂଗୋଳକୁ ଆମେ କାହାଣୀ ରୂପରେ ଲେଖି ପାରିବା । ପ୍ରାଥମିକ ସ୍ତରରେ ଭୂଗୋଳ ଶିଖାଇବା ପାଇଁ ତଳର ବିଷୟଗୁଡ଼ିକ ନେଇ କାହାଣୀ ଗଢ଼ାଯାଇ ପାରିବ ।

୧. ଦ୍ୱାରକାରୁ ବମ୍ବେ ଯାଏଁ ସାଇକେଲ ଯାତ୍ରା

୨. ରାମେଶ୍ୱରରୁ କାଶ୍ମୀର ଯାଏଁ ବିମାନ ଯାତ୍ରା

୩. କଲିକତାରୁ ବମ୍ବେ ଯାଏଁ ମଟର ଯାତ୍ରା

୪. କରାଚୀରୁ କଲମ୍ବୋ ଯାଏଁ ଜାହାଜ ଯାତ୍ରା

୫. ଦିଆସିଲି ବେପାର

୬. ଭାରତର ସିଂହ

୭. ଓଟମାନଙ୍କର ମେଳା

ନିଜର କାହାଣୀରେ କେତେଗୁଡ଼ିଏ ଚରିତ୍ରର କଳ୍ପନା କରି, ତାଙ୍କ ସହିତ କିଛି ଭୌଗଳିକ ପୃଷ୍ଠଭୂମି ଯୋଡ଼ି, ଯାତ୍ରାର ଆରମ୍ଭ କରାଯାଇପାରେ କିମ୍ବା କାହାଣୀରେ ସେମାନଙ୍କୁ ଲଗାଇ କିଛି କାମ କରାଯାଏ । ଏଭଳି କିଛି କିଛି କାହାଣୀ ବିଭିନ୍ନ ଭାଷାରେ ରହିଛି । କିନ୍ତୁ ଅଧିକାଂଶ ସମୟରେ ଶିକ୍ଷକଙ୍କୁ କାହାଣୀ ଲେଖିବାକୁ ହେବ ଏବଂ ମାନଚିତ୍ର ଦେଖାଇ ଶୁଣାଇବାକୁ ହେବ ।

କାହାଣୀ ଦ୍ୱାରା ସାହିତ୍ୟ ତ ଅତି ସହଜରେ ଶିଖାଯାଇ ପାରିବ । କୌଣସି ଭଲ ଗପ ବା କାହାଣୀ ସାହିତ୍ୟ ସହ ସିଧାସଳଖ ପରିଚିତ କରାଇଥାଏ । ଆଗକାଳରେ ଲୋକକଥା ମାଧ୍ୟମରେ ଧର୍ମ ଓ ଜୀବନର ଶିକ୍ଷା ଦିଆ ଯାଉଥିଲା । ଏବେ ମଧ୍ୟ ଗାଁଗହଳିରେ ପିଲାମାନେ ବଡ଼ଙ୍କଠାରୁ କାହାଣୀ ମାଧ୍ୟମରେ ଅନେକ କଥା ଶିଖୁଛନ୍ତି । କାହାଣୀ ପଦ୍ଧତି ବହୁତ ସହଜ ଓ ସରଳ, ତେଣୁ ଏହା ଉପରେ ଅଧିକ ଜୋର ଦେବା ଦରକାର ।

କାହାଣୀ ମାଧ୍ୟମରେ ବିଷୟବସ୍ତୁ ଯେପରି ବୁଝାଯାଇ ପାରିବ, ବିଷୟ ପ୍ରତି ଆଗ୍ରହ ମଧ୍ୟ ସେଭଳି ବଢ଼ାଯାଇ ପାରିବ । ବଡ଼ ବଡ଼ ସଙ୍ଗୀତକାର, ଚିତ୍ରକର, ଶିକ୍ଷାବିତ୍ ଏବଂ ରାଜନେତାଙ୍କ କାହାଣୀ କହି ସେମାନଙ୍କର କଳା ଓ ପେଶା ପ୍ରତି ପିଲାଙ୍କର ଆଗ୍ରହ ବଢ଼ାଯାଇ ପାରିବ । ସଙ୍ଗୀତ, ଚିତ୍ରକଳା ଭଳି ପ୍ରତ୍ୟେକ ବିଷୟର ଉତ୍ପତ୍ତି ସହ ଅନେକ କାହାଣୀ ଜଡ଼ିତ ରହିଛି । ସେଗୁଡ଼ିକୁ ଖୋଜି ବାହାର କରି କାମରେ ଲଗାଯାଇପାରେ ।

କାହାଣୀ ପଦ୍ଧତିର ଏକ ନିଜସ୍ୱ ରୂପ ରହିଛି । ମନଇଚ୍ଛା ଯେକୌଣସି ଢଙ୍ଗରେ କାହାଣୀ କୁହାଯାଇ ପାରିବନାହିଁ । ଏହି ପଦ୍ଧତି ବ୍ୟବହାର କରିବା ଲୋକ କାହାଣୀ ବାଛିବା ସମୟରେ ସେସବୁର ବିଷୟବସ୍ତୁ, ରଚନା ଶୈଳୀ ଓ ସାରକଥାକୁ ଭଲକରି ବୁଝିବା ଉଚିତ । ଗପ କହିବାର ଶୈଳୀ କାହାଣୀ ପଦ୍ଧତିର ମୂଳପିଣ୍ଡ । ଏଥିପାଇଁ ଶିକ୍ଷକ ବହୁତ ସଂଖ୍ୟା ଓ ପ୍ରକାରର କାହାଣୀ ଜାଣିଥିବା ଦରକାର ।

କାହାଣୀ ପଦ୍ଧତିର ଅତି ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି କହିବାର ଶୈଳୀ । କହିବାର ଏହି ଶୈଳୀ ଟାଣୁଆ ନହେଲେ କାହାଣୀ ପଦ୍ଧତିର ଠିକ୍ ଫଳ ମିଳେନାହିଁ । କାହାଣୀ ପଦ୍ଧତିରେ ସବୁଠାରୁ ଭୁଲ ହେଉଛି ଗପକୁ ଅନ୍ୟ ଦ୍ୱାରା କୁହାଇବା । କାହାଣୀ କହିବା ପରେ ପିଲାଙ୍କ ଦ୍ୱାରା ତାହାକୁ ଦୋହରାଇବା ଉଚିତ ନୁହେଁ । କିଣ୍ଡରଗାର୍ଟେନ ଶ୍ରେଣୀରେ ଅଙ୍କ କିମ୍ବା ଅକ୍ଷର ଶିଖାଇବା ପାଇଁ କାହାଣୀ ପଦ୍ଧତି ବ୍ୟବହାର କରାଯାଇ ପାରିବ । ବାକ୍ୟରୁ ଅକ୍ଷର ପଦ୍ଧତିରୁ ଶବ୍ଦ କିମ୍ବା ବାକ୍ୟ ଶିଖାଇବା ପାଇଁ ବି ଏହା କାମ ଦିଏ ।

*ଚଳଚ୍ଚିତ୍ର ପଦ୍ଧତି*

ଚିତ୍ର ମାଧ୍ୟମରେ ଶିକ୍ଷା ଦେବା ପ୍ରଥା ବହୁତ ପୁରୁଣା । ସ୍ୱର୍ଗ-ନର୍କ ବିଷୟରେ ସାମୂହିକ ଶିକ୍ଷାର ଶେଷ ପ୍ରୟୋଗ ହେଉଛି 'ଗରୁଡ଼ ପୁରାଣ' । ତିରିଶ ଚାଳିଶ ବର୍ଷ ତଳେ 'ବମ୍ବେଇର ଖେଳ ଦେଖ, ରାଣୀଙ୍କ ମହଲ ଦେଖ' କହି ବୁଲୁଥିବା ଜଣେ ସାଧୁ ଗୋଟିଏ ଡବାରେ କେତେ ରକମର ଚିତ୍ର ଦେଖାଉଥିଲେ । ଏହି ବାଇସ୍କୋପରୁ ଅନେକ କିଛି ଦେଖିବାର ଓ ଜାଣିବାର ଜିନିଷ ଥିଲା ।

ଏବେ ବିଜ୍ଞାନ ବଳରେ ମଣିଷକୁ ଚଳଚ୍ଚିତ୍ର ଭଳି ଏକ ଅମୂଲ୍ୟ ଉପହାର ମିଳିଛି । ଏହାର ଲାଭକ୍ଷତି ଆଜି ସାରା ଦୁନିଆକୁ ମିଳୁଛି । ଏହା ଫଳରେ କୋଟି କୋଟି ଲୋକ ନିଜ ଜୀବନରେ ଯାହା କେବେ ବି ଦେଖି

ପାଇନଥା'ନ୍ତେ, ସେଭଳି ଘଟଣା ସବୁ ଦେଖିପାରୁଛନ୍ତି । ଚଳଚ୍ଚିତ୍ରର ମାନ ଏତେ ଉନ୍ନତ ହୋଇଯାଇଛି ଯେ ଦେଖୁଥିବା ଲୋକଙ୍କୁ ଲାଗେ ସତେ ଯେମିତି ତା' ଆଖି ଆଗରେ ଏହି ଘଟଣା ସବୁ ଘଟି ଯାଉଛି ।

ନାଟକ ପରି ଚଳଚ୍ଚିତ୍ର ମାଧ୍ୟମରେ ଅଳ୍ପ ସମୟରେ ଓ ଖର୍ଚ୍ଚରେ ଲୋକଙ୍କୁ ଶିକ୍ଷା ଦେବା କାମ ଆରମ୍ଭ ହୋଇଛି । ଏହା ବେଶ୍ ପ୍ରଭାବଶାଳୀ ମଧ୍ୟ ହୋଇପାରିଛି । ଲୋକମାନେ ଏଥିରେ ସାହସିକତା, ବୀରତ୍ୱ, ପ୍ରେମ, ନ୍ୟାୟ ଆଦି ଗୁଣଗୁଡ଼ିକୁ ଦେଖୁଛନ୍ତି । ଏହା ସହିତ ସେମାନେ ଚୋରି, ଡକାୟତି, ବିଶ୍ୱାସଘାତକତା ଆଦି ଖରାପ ଗୁଣକୁ ମଧ୍ୟ ଦେଖୁଛନ୍ତି । ଅର୍ଥାତ, ଏହା ଭଲ ଏବଂ ଖରାପ ଉଭୟ ପ୍ରଭାବ ପକାଇ ଶିକ୍ଷା ଦେଇପାରୁଛି । ସରକାର ମଧ୍ୟ ଚଳଚ୍ଚିତ୍ରର ଅବାଧ ପ୍ରଚାର ଉପରେ ପ୍ରତିବନ୍ଧକ ଲଗାଇଲେଣି । ପ୍ରତ୍ୟେକ ସରକାର ନିଜର ନିୟମ, ଆଦର୍ଶ ଏବଂ ରାଜନୀତିକୁ ଆଖି ଆଗରେ ରଖି ଏହି ପ୍ରତିବନ୍ଧକ ଲଗାନ୍ତି । ବିଚାରକ ଏବଂ ଶିକ୍ଷାବିତ୍ କିଛି ଚଳଚ୍ଚିତ୍ର ଉପରେ ବିରକ୍ତ ହୋଇଥା'ନ୍ତି ଏବଂ ଖବରକାଗଜ ମାଧ୍ୟମରେ ଭଲ ଓ ଖରାପ ଚଳଚ୍ଚିତ୍ର ବିଷୟରେ ଲୋକଙ୍କୁ ଜଣାଇଥା'ନ୍ତି ।

ଆମେରିକାରେ ପ୍ରତି ସପ୍ତାହରେ କୋଟି କୋଟି ପିଲା ଚଳଚ୍ଚିତ୍ର ଦେଖିବାକୁ ଯାଆନ୍ତି । ସେଠାରେ ପିଲାମାନଙ୍କର ଦେଖିବା ଯୋଗ୍ୟ ଚଳଚ୍ଚିତ୍ର ବିଷୟରେ ବିଭିନ୍ନ ପତ୍ରିକାରେ ସୂଚନା ଦିଆଯାଏ । କେତେକ କମ୍ପାନୀ ପିଲାମାନଙ୍କ ପାଇଁ ଚଳଚ୍ଚିତ୍ର ଘର ଏବଂ ନିର୍ଦ୍ଦିଷ୍ଟ ଚଳଚ୍ଚିତ୍ର ସ୍ୱତନ୍ତ୍ର ଭାବରେ ତିଆରି କଲେଣି । ଭୂଗୋଳ, ଇତିହାସ ଆଦି ବିଷୟଗୁଡ଼ିକୁ ପଢ଼ାଇବାରେ ଚଳଚ୍ଚିତ୍ରର ଭୂମିକା ଦିନକୁ ଦିନ ବଢ଼ି ଚାଲିଲାଣି ।

ଆମ ଦେଶକୁ ଚଳଚ୍ଚିତ୍ର ଆସିଲାଣି, ମାତ୍ର ଏପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଉପଯୁକ୍ତ ଚଳଚ୍ଚିତ୍ର ଆସିନାହିଁ । ବଡ଼ମାନେ ଯେଉଁ ଚଳଚ୍ଚିତ୍ର ଦେଖନ୍ତି, ତା' ଭିତରୁ ସବୁ ଚଳଚ୍ଚିତ୍ର ଛୋଟ ପିଲାଙ୍କ ପାଇଁ ଉପଯୁକ୍ତ ନୁହେଁ । ଏପରି

ପରିସ୍ଥିତିରେ ଯଦି ବାପା-ମା ନୂଆ ଚଳଚ୍ଚିତ୍ରଟି ବିଷୟରେ ଜାଣିପାରିବେ ଯେ ଏଇଟି ପିଲା ପାଇଁ ଶିକ୍ଷଣୀୟ ଏବଂ ଭଲ, ତେବେ ସେମାନେ ପିଲାଙ୍କୁ ତାଙ୍କ ସାଥିରେ ନିଶ୍ଚୟ ନେଇ ଯାଇପାରିବେ । ପିଲାମାନେ ମାରଧର ଚଳଚ୍ଚିତ୍ର ଦେଖିବାକୁ ଭଲ ପାଆନ୍ତି । କିନ୍ତୁ ଏହି ନିରର୍ଥକ ପ୍ରହସନ ଆଜିର ବିଶୃଙ୍ଖଳ ମଣିଷ ସମାଜର ଏକ ଫେସନ । ଏଥିପାଇଁ ସେଭଳି ଚଳଚ୍ଚିତ୍ରଠାରୁ ଆମର ପିଲାମାନଙ୍କୁ ଦୂରେଇ ରଖିବା ଉଚିତ ।

ଶିକ୍ଷାବିତ୍‌ମାନେ ଭାରତ ବାହାରୁ ଉପଯୁକ୍ତ ଚଳଚ୍ଚିତ୍ର ଅଧିକ ସଂଖ୍ୟାରେ ମଗାଇ ଏସବୁର ପ୍ରସାରରେ ସାହାଯ୍ୟ କରିପାରିବେ । ପିଲାଙ୍କୁ ସ୍ନେହ କରୁଥିବା ଧନୀ ଓ ସାହସୀ ବ୍ୟକ୍ତିମାନେ ମଧ୍ୟ ପିଲାଙ୍କ ପାଇଁ ଉପଯୁକ୍ତ ଚଳଚ୍ଚିତ୍ର ଦେଶରେ ତିଆରି ଆରମ୍ଭ କରି ପାରିବେ । ଯଥେଷ୍ଟ ଲୋକ ଏଥିପାଇଁ ଚେଷ୍ଟା କଲେ ବହିରେ ଥିବା ଶୁଖିଲା, ନୀରସ ଏବଂ ଅବୁଝା ବିଷୟଗୁଡ଼ିକୁ ଚଳଚ୍ଚିତ୍ର ମାଧ୍ୟମରେ ପିଲାଙ୍କୁ ଭଲ ଭାବରେ ବୁଝାଇହେବ ।

*ଗୁରୁକୂଳ ପଦ୍ଧତି*

ଯେଉଁମାନେ କୌଣସି ଗୁରୁଙ୍କ ପାଖରେ ବର୍ଷ ବର୍ଷ ରହି, ଗୁରୁଙ୍କର ସେବା କରି ଓ ତାଙ୍କୁ ପ୍ରସନ୍ନ ରଖି କିଛି ଶିଖିପାରିଛନ୍ତି, ସେହିମାନେ ହିଁ ଏହି ପଦ୍ଧତି ବିଷୟରେ ଉଚିତ ଧାରଣା ଦେଇପାରିବେ ।

ଶିକ୍ଷାର ଗୋଟିଏ ବଡ଼ ସିଦ୍ଧାନ୍ତ ହେଉଛି,
"ଶୋଷିଲା ଯିଏ ଥିବ, ଏକା ନିଶ୍ୱାସେ ପିଇବ" ।

ଯାହାକୁ ବହୁତ ଶୋଷ ଲାଗୁଥିବ ସିଏ ଏକା ନିଶ୍ୱାସରେ ପ୍ରଚୁର ପାଣି ପିଇବ । ଜ୍ଞାନଗୁରୁ କିମ୍ବା ପ୍ରବୀଣ ଶିକ୍ଷକ ଜ୍ଞାନର ସାଗରରେ ବୁଡ଼ିରହି ଅଧିକରୁ ଅଧିକ ନିଜ ଜ୍ଞାନର ଉପାସନା କରିଥା'ନ୍ତି । କଳା ଏବଂ ଜ୍ଞାନର କ୍ଷେତ୍ରରେ ସିଦ୍ଧି ପାଇଥିବା ଏପରି ସାଧକକୁ ଦେଖି ପ୍ରତ୍ୟେକଙ୍କ ମନରେ ଇଚ୍ଛା ଉଠେ ଯେ ମୁଁ ମଧ୍ୟ ଏପରି ଶକ୍ତି ପାଆନ୍ତି କି ! ଗୁରୁ ସାଧନାରେ

ବ୍ୟସ୍ତ ରହନ୍ତି, ସେ କୌଣସି ବିଦ୍ୟାଳୟ ଖୋଲିନଥା'ନ୍ତି । ତାଙ୍କ ପାଖରେ କୌଣସି ପାଠ୍ୟକ୍ରମ, ଉପକରଣ କିମ୍ବା ପଦ୍ଧତି ମଧ୍ୟ ନଥାଏ । ସେ ଖୋଜି ଖୋଜି ପିଲାଙ୍କୁ ଆଣିନଥା'ନ୍ତି । ଯେଉଁ ଶୋଷିଲାର ଚର୍ଚ୍ଚା ଆରମ୍ଭରୁ କରାଯାଇଛି, ସେ ନିଜେ ଯାଇ ଗୁରୁଙ୍କ ଚରଣରେ ବସିଯାଏ ଏବଂ ନିଷ୍ଠାର ସହିତ ଗୁରୁଙ୍କ ସେବା ଆରମ୍ଭ କରିଦିଏ । ଗୁରୁ ଶିଷ୍ୟର ମନକଥା ବୁଝି ପାରନ୍ତି । ଶିଷ୍ୟର ଜ୍ଞାନ ଆହରଣର ଇଚ୍ଛା କେତେ ଗୁରୁ ତାହା ଭଲ ଭାବରେ ପରୀକ୍ଷା କରିନିଅନ୍ତି । ଯେଉଁ ଶିକ୍ଷା ପରୀକ୍ଷାରେ ସଫଳ ହୁଏ ଗୁରୁ ତାକୁ ଗ୍ରହଣ କରନ୍ତି ଓ ଯେତିକି ଜାଣିଥା'ନ୍ତି ତାକୁ ଶିଖାଇ ଦିଅନ୍ତି ।

ବିଦ୍ୟାର୍ଥୀଙ୍କୁ କେତେଗୁଡ଼ିଏ କଠିନ ପରୀକ୍ଷା ଭିତର ଦେଇ ଯିବାକୁ ପଡ଼ିଥାଏ । ଗୁରୁ ଦେଇଥିବା କାମ ଉଚିତ କି ଅନୁଚିତ ତାହା ସେ କେବେ ବି ପଚାରେ ନାହିଁ । ଗୁରୁ କେବେ ଶିଖାଇବେ ସେ ବିଷୟରେ କେବେ ବି ପ୍ରଶ୍ନ ଉଠାଏ ନାହିଁ । ଏହା କେବେ ଚିନ୍ତା କରେନାହିଁ ଯେ ଗୁରୁ ତାକୁ ଶିଖାଇବା ବଦଳରେ ଅନ୍ୟ କଥା ସବୁ କାହିଁକି କହୁଛନ୍ତି ଏବଂ ଅନ୍ୟ କାମ କାହିଁକି ଦେଉଛନ୍ତି ? ବିଦ୍ୟାର୍ଥୀ ମନରେ ଶ୍ରଦ୍ଧା ରଖି ଗୁରୁଙ୍କ କରୁଣା ପାଇବା ଆଶାରେ ଥାଏ । ଗୁରୁଙ୍କ କାମ ସବୁ ତାକୁ ରହସ୍ୟମୟ ଲାଗେ । ଗୁରୁଙ୍କର ଖାପଛଡ଼ା ବ୍ୟବହାରରେ ମଧ୍ୟ ସେ ଚମତ୍କାରିତା ଦେଖେ । ଉପଯୁକ୍ତ ଶିକ୍ଷକ ବିଦ୍ୟାର୍ଥୀର ନିଷ୍ଠା ପରଖିବା ପାଇଁ ଏପଟ ସେପଟ କାମ ଦିଅନ୍ତି, କେବେ କେବେ ଜାଣିଶୁଣି ନିଜକୁ ମୂର୍ଖ ପରି ଦେଖାନ୍ତି । ବାଦଲର ଆଢୁଆଳରେ ଲୁଚିଥିବା ସୂର୍ଯ୍ୟ ପ୍ରତି ଯେମିତି ପ୍ରତ୍ୟୟ ରହିଥାଏ, ସେହିପରି ଗୁରୁଙ୍କ ଶକ୍ତି ପ୍ରତି ଅବିଚଳିତ ଶ୍ରଦ୍ଧା ଯାହା ମନରେ ଥାଏ ସେହି ବିଦ୍ୟାର୍ଥୀ ଶେଷରେ ଗୁରୁଙ୍କ କୃପା ଲାଭ କରିଥାଏ ଏବଂ ନିଜେ ମଧ୍ୟ ବିକଶିତ ହୋଇଉଠେ ।

ଆଗକାଳରେ ଗୁରୁ ଏହିପରି ନିଜର ଛାତ୍ରଙ୍କୁ ଶିଖାଉଥିଲେ । ଏହି ଗୋଟିଏ ପ୍ରଣାଳୀରେ ଅନେକ ପଦ୍ଧତିର ସମାବେଶ ହେଉଥିଲା । ଗୁରୁ ବିଦ୍ୟାର୍ଥୀର ବ୍ୟକ୍ତିଗତ ଶକ୍ତି, ଦୃଢ଼ତା ଆଦି ବୁଝି ତାକୁ ତା'ର ବ୍ୟକ୍ତିଗତ

ଉନ୍ନତି ଏବଂ ବିକାଶର ପଥ ଦେଖାଉଥିଲେ । ସେଥିପାଇଁ କାହାକୁ କିଛି ବର୍ଷ ତ କାହାକୁ କିଛି ମାସ ଗୁରୁ ଆଶ୍ରମରେ ରହିବାକୁ ପଡ଼ୁଥିଲା । ଗୁରୁ ସବୁ ବିଦ୍ୟାର୍ଥୀଙ୍କୁ ସମାନ ଭାବରେ ଦେଖୁଥିଲେ ଏବଂ ସେମାନଙ୍କୁ ସମାନ ଭାବରେ ପଢ଼ାଉଥିଲେ । ନିର୍ବୋଧ ଏବଂ ବିଚକ୍ଷଣ ଉଭୟ ପ୍ରକାରର ବିଦ୍ୟାର୍ଥୀଙ୍କୁ ଗୁରୁ ସମାନ ଦୃଷ୍ଟି ଦେଉଥିଲେ ଏବଂ ବିଦ୍ୟାର୍ଥୀର ମୂଳଶକ୍ତି ଅଥବା ବୃତ୍ତିକୁ ଅନୁଧ୍ୟାନ କରି ସେ ନିଜ ଶିକ୍ଷାର ସଫଳତା କିମ୍ବା ବିଫଳତାର ଅନୁମାନ କରୁଥିଲେ । ବିଦ୍ୟାର୍ଥୀ ଓ ଗୁରୁଙ୍କ ଭିତରେ ଏହି ସମ୍ପର୍କ ବଡ଼ଭାଇ-ସାନଭାଇର ବା ଗୁରୁଜନ-ପିଲା ରୂପରେ ରହୁଥିଲା ।

ଏହି ପ୍ରଣାଳୀରେ କେଉଁ କଥା ଶିଖାଇବା ପାଇଁ ସୁଯୋଗ ରହିଥିଲା ଓ କ'ଣ ପାଇଁ ନଥିବା କହିବା କଷ୍ଟକର । କୋଳରେ ବସାଇ ଶିଖାଉଥିବା ଗୁରୁ କେବେ ବେତରେ ମଧ୍ୟ ମାରୁଥିଲେ । ମୁହଁରେ ବତାଇ ଶିଖାଉଥିବା ଗୁରୁ କେବେ ଚୁପ୍ ରହି ମଧ୍ୟ ଶିଖାଉଥିଲେ । ନିଜ ଜ୍ଞାନ ପାଇଁ ଅହଙ୍କାରୀ ଶିଷ୍ୟକୁ ସେ ବାର ବର୍ଷ ପର୍ଯ୍ୟନ୍ତ ମଧ୍ୟ ଶିଖାଉ ନଥିଲେ, କିନ୍ତୁ ଶାନ୍ତ ସୁଧାର ଶିଷ୍ୟକୁ ଗୋଟିଏ ଦିନରେ ଶିଖାଇ ଦେଉଥିଲେ ।

ଯିଏ ଏହି ପଦ୍ଧତିକୁ ବିକଶିତ କରିବାର ବାଟ ଜାଣିଛି ସେ ହିଁ ପ୍ରକୃତ ଗୁରୁ ଏବଂ ଯିଏ ଏହାକୁ ଗ୍ରହଣ କରିପାରେ ସେ ହିଁ ପ୍ରକୃତ ଶିଷ୍ୟ । ଆଜି ବି ଏହିପରି ଗୁରୁଶିଷ୍ୟ ପରମ୍ପରା ଦ୍ୱାରା ଶ୍ରେଷ୍ଠ ଆତ୍ମଜ୍ଞାନ ମିଳିପାରୁଛି ।

## ତୃତୀୟ ଖଣ୍ଡ

# ଦିବାସ୍ୱପ୍ନ

## ଶିକ୍ଷା ଉପରେ ଏକ ମହତ ପ୍ରୟୋଗର କାହାଣୀ

## (ସଂକ୍ଷିପ୍ତ ରୂପ)

ଭୟ ଓ ଲାଞ୍ଚ

*ମା' ବାପା ଓ ଶିକ୍ଷକ ବନ୍ଧୁମାନେ ଜାଣନ୍ତୁ,*
*ମାରିଲେ ବା ଲାଞ୍ଚ ଦେଲେ*
*ଶିଶୁ ଭଲ ହୋଇପାରେ ନାହିଁ ।*
*ବରଂ ସେ ବେଶୀ ବିଗିଡ଼ିଯାଏ ।*
*ମାରିଲେ ଶିଶୁ ଭିତରେ ଗୁଣ୍ଡାଗିରି ଆସିଯାଏ,*
*ଲାଞ୍ଚ ଦେଲେ ପିଲା ଲାଞ୍ଚୁଆ ହୋଇଯାଏ ।*
*ଭୟ ଓ ଲାଞ୍ଚ ଯୋଗୁଁ ଶିଶୁ ଅଲାଜୁକ,*
*ଦୀନହୀନ ହୋଇଯାଏ ।*

ଗିଜୁଭାଇ

# ସୂଚୀ


୧. ପ୍ରୟୋଗର ଆରମ୍ଭ ୧୩୫

୨. ପ୍ରୟୋଗର ପ୍ରଗତି ୧୪୯

୩. ଛ'ମାସ ପରେ .. ୧୬୨

୪. ଅନ୍ତିମ ସମ୍ମିଳନୀ ୧୮୦


ପରଖ

*ଆମ ଆଖିରେ ଅଛି ଅମୃତ ବା ବିଷ,*
*କଥାରେ ମଧୁରତା ବା କଟୁତା,*
*ସ୍ପର୍ଶରେ କୋମଳତା ବା କର୍କଶତା,*
*ହୃଦୟରେ ଅଛି ଶାନ୍ତି ବା ଅଶାନ୍ତି,*
*ମନରେ ଆଦର ବା ଅନାଦର ।*
*ପିଲା ଏସବୁ କଥା ତୁରନ୍ତ ଜାଣିପାରେ,*
*ପିଲା ଆମକୁ ଏକଦମ୍ ଚିହ୍ନିପାରେ ।*

ଗିଜୁଭାଇ

# ଭୂମିକା

ଗିଜୁଭାଇ ଲେଖିଥିବା 'ଦିବାସ୍ୱପ୍ନ' କେବଳ ଗୋଟିଏ ସ୍ୱପ୍ନ ବା ଗପ ନୁହେଁ । ବରଂ ତାହା ହେଉଛି ପ୍ରାଥମିକ ଶିକ୍ଷା ପାଇଁ ଏକ ବାସ୍ତବ ଓ ଅଭିନବ ନକ୍‌ସା । କେବଳ ଆରାମ ଚଉକିରେ ବସି ଏ ନକ୍‌ସାଟି ତିଆରି କରାହୋଇନି । ଏହା ଆସିଛି ପିଲାଙ୍କ ସାଙ୍ଗରେ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ କାମ କରିବାର ପ୍ରତ୍ୟକ୍ଷ ଅନୁଭୂତିରୁ ।

ଦିବାସ୍ୱପ୍ନ ବିଷୟରେ ଗିଜୁଭାଇଙ୍କ ନିଜ କଥା ହେଉଛି – "ମୋତେ କେହି କେହି କହିଲେ କି ଗୁରୁତ୍ୱପୂର୍ଣ୍ଣ ତାତ୍ତ୍ୱିକ ରଚନା ନଲେଖି ଶିକ୍ଷା ବିଷୟରେ ମୁଁ ଯଦି ମୋ ନିଜର ଚିନ୍ତାଧାରାକୁ କାହାଣୀର ରୂପ ଦିଏ ତ କେତେ ବଢ଼ିଆ ନହେବ? ଚେଷ୍ଟା କରିବା ପାଇଁ ଏହା ହିଁ ମୋତେ ପ୍ରେରଣା ଦେଲା ଏବଂ ତାହା ଫଳରେ *ଦିବାସ୍ୱପ୍ନ* ଲେଖାଯାଇ ପାରିଲା । ଦିବାସ୍ୱପ୍ନର ପଛରେ ଯାହା କିଛି ବାସ୍ତବ ଅନୁଭୂତି ରହିଛି ତାହା ବ୍ୟର୍ଥ ଯିବନାହିଁ । ଏହି ଦିବାସ୍ୱପ୍ନ ମୋର ଜୀବନ୍ତ ଅନୁଭୂତିରୁ ଜାତ । ତେଣୁ ମୋର ବିଶ୍ୱାସ ରହିଛି ଯେ କେହି ବି ଚିନ୍ତାଶୀଳ, ସକ୍ରିୟ ଓ ନିଷ୍ଠାପର ଶିକ୍ଷକ ନିଜର ଜୀବନଧାରାରେ ଏହାର ସଦୁପଯୋଗ କରିପାରିବେ ।"

ଗିଜୁଭାଇଙ୍କର ଦୃଢ଼ ବିଶ୍ୱାସ ରହିଥିଲା ଯେ କେହି ବି ଶିକ୍ଷକ ଚାହେଁ ନାହିଁ, ପାଠ ପଢ଼ିବା ଫଳରେ ପିଲା ତା'ର ବାସ୍ତବ ଦୁନିଆ ଠାରୁ ଦୂରେଇଯାଉ । କିନ୍ତୁ କୀଟପତଙ୍ଗ ବା ତାରା ଭଳି ପିଲାମନଙ୍କୁ ଛୁଉଁଥିବା ଜିନିଷ ସବୁ ଆମର ସ୍କୁଲ ପାଠର ଆଖିରେ ଅବାନ୍ତର । ସାଧାରଣ ଶିକ୍ଷକ ଧରିନେଇଛି ଯେ ତା'ର କାମ ହେଉଛି କେବଳ ପାଠ ବହିରୁ ପଢ଼ାଇବା

ଓ ପରୀକ୍ଷା ପାଇଁ ପିଲାକୁ ପ୍ରସ୍ତୁତ କରିବା । ପିଲାର କୌତୂହଳ ବଢ଼ାଇବାଟା ତା'ର ଦାୟିତ୍ୱ ବୋଲି ସେ ମନେକରେ ନାହିଁ । ସ୍କୁଲ ମଧ୍ୟ ଏ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବା ଦିଗରେ ଚିନ୍ତା କରେନାହିଁ । ତଥାପି ଜଣେ ଜଣେ ନିଷ୍ଠାପର ଶିକ୍ଷକ ନିଜ ଉଦ୍ୟମରେ ଏସବୁ ଦିଗରେ ଅନେକ କିଛି କରିପାରିବେ ।

ଏହି ସବୁ ଚିନ୍ତାକୁ ନେଇ ଦିବାସ୍ୱପ୍ନ କାହାଣୀଟି ଲେଖା । ଏଥିରେ ଜଣେ କାଳ୍ପନିକ ଶିକ୍ଷକ ଶିକ୍ଷାର ଗତାନୁଗତିକ ଧାରାକୁ ପ୍ରତ୍ୟାଖ୍ୟାନ କରିଛି । ପିଲାଙ୍କ ପ୍ରତି ତା'ର ଆଗ୍ରହ ଓ ଉତ୍ସାହ ପ୍ରବଳ । ପାଠ ବହି ଓ ପ୍ରଚଳିତ ଶିକ୍ଷା ପଦ୍ଧତିକୁ ଛାଡ଼ି ସେ ନୂଆ ପରୀକ୍ଷା ସବୁ କରିଚାଲିଛି । ତା'ର ତାତ୍ତ୍ୱିକ ଭିତ୍ତି ରହିଛି ମଣ୍ଟେସୋରୀଙ୍କ ପଦ୍ଧତି ଉପରେ, କିନ୍ତୁ କାମ ଓ ଯୋଜନା ହୋଇଛି ନିଜ ଚାରିପାଖକୁ ଚାହିଁ ।

ବହିଟି ପଢ଼ିଲେ ମନରେ ଖୁସୀର ଆବେଗ ଆସେ । କାଳ୍ପନିକ କାମଗୁଡ଼ିକ ଯେ ବାସ୍ତବ ଜୀବନରେ ସମ୍ଭବ ହୋଇପାରିବ ସେ ବିଶ୍ୱାସ ମଧ୍ୟ ଆସେ । ଆଜିର ଶିକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତିତ ପାଠକ ମନରେ ତାହା ଏକ ସୁନେଲି ସ୍ୱପ୍ନ ଆଣେ – ଏଭଳି ପ୍ରୟୋଗ ମାଧ୍ୟମରେ ଦିନେ ହୁଏତ ଭାରତର ଧୂଳିମଳିଭରା ନିରସ ପ୍ରାଥମିକ ବିଦ୍ୟାଳୟ ସବୁରେ ପେଷି ହେଉଥିବା ପିଲାମାନେ ମୁକ୍ତି ପାଇବେ । ହୃଦୟବାନ ଶିକ୍ଷକଙ୍କ ସହାୟତାରେ ସେହି ପିଲାମାନେ ସ୍କୁଲ କାନ୍ଥର ବାହାରେ ଥିବା ବିରାଟ ଦୁନିଆକୁ ତା'ର ଜୀବନ୍ତ ରୂପରେ ଆବିଷ୍କାର କରିବାର ସ୍ୱାଦ ଚାଖିବେ ।

ମୂଳ ବହିଟିର ଏକ ସଂକ୍ଷିପ୍ତ ରୂପ ଏଠାରେ ଦିଆଯାଇଛି । ଏହାର ପୂର୍ଣ୍ଣାଙ୍ଗ ଓଡ଼ିଆ ସଂସ୍କରଣ ନାସନାଲ ବୁକ୍ ଟ୍ରଷ୍ଟ, ନୂଆ ଦିଲ୍ଲୀ, ପ୍ରକାଶ କରିଛନ୍ତି ।

# ପ୍ରଥମ ଭାଗ

## ପ୍ରୟୋଗର ଆରମ୍ଭ

୧

ଚଳିଆସୁଥିବା ଶିକ୍ଷା ବ୍ୟବସ୍ଥା ଉପରେ ମୁଁ ଆଦୌ ଖୁସି ନଥିଲି । ଅନେକ କିଛି ବଦଳାଇବାର ସ୍ୱପ୍ନ ଦେଖୁଥିଲି । ମୋର ଅଭିଜ୍ଞତା ନଥିଲେ କ'ଣ ହେବ ଏ ବିଷୟରେ ଅନେକ ପଢ଼ିଥିଲି ଓ ଚିନ୍ତା କରିଥିଲି । ପ୍ରତ୍ୟକ୍ଷ ଅନୁଭୂତି ପାଇଁ କିଛ ସୁଯୋଗ ଖୋଜୁଥିଲି ।

ଶିକ୍ଷା ବିଭାଗର ଅଧିକାରୀଙ୍କୁ ଭେଟି ତାଙ୍କୁ ନିଜର ମନକଥା ଜଣାଇଲି । ଅଧିକାରୀ କହିଲେ, "ତମେ କ'ଣ କରିପାରିବ ? ପିଲାଙ୍କୁ ମନେ ମନେ ପଢ଼ାଇବା ସହଜ ହୋଇପାରେଣ୍ଟି କିନ୍ତୁ କାମରେ ଏହା ବହୁତ କଷ୍ଟ ।"

ଅନେକ ଆଲୋଚନା ପରେ ଅଧିକାରୀ ଜଣକ ରାଜିହେଲେ ଓ ବର୍ଷକ ପାଇଁ ପ୍ରୟୋଗ ଚଳାଇବାର ଅନୁମତି ଦେଲେ । ସେ କହିଲେ, "ତୁମେ ଚତୁର୍ଥ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ପାଇଁ ମୁଁ ବ୍ୟବସ୍ଥା କରିଦେଇଛି । ତାଙ୍କ ପାଠ୍ୟକ୍ରମ, ପଢ଼ାବହି ଓ ଶିକ୍ଷା ବିଭାଗର ନିୟମ କାନୁନ ସବୁ ଦେଖିନିଅ । ନିଜ ଇଛା ଅନୁସାରେ ପ୍ରୟୋଗ କର, କିନ୍ତୁ ମନେରଖ । ବର୍ଷ ଶେଷରେ ଶ୍ରେଣୀ ପରୀକ୍ଷା ହେବ । ଆଉ ପିଲାଙ୍କର ପରୀକ୍ଷା ଫଳ ହେବ ତୁମ ପ୍ରୟୋଗର ମାପକାଠି ।"

ମୁଁ ଏଥିରେ ରାଜିହେଲି ଓ ଅନୁରୋଧ କଲି, "କେବଳ ଆପଣ ଏ

ଶ୍ରେଣୀ ପରୀକ୍ଷାଟି କରାଇବେ । ତାହେଲେ ମୋର ସଫଳତା ବା ବିଫଳତାର କାରଣ ବୁଝିପାରିବେ ବୋଲି ମୋର ବିଶ୍ୱାସ ।"

୨

କାଗଜପତ୍ର ସବୁ ମୁଁ ଦେଖିନେଲି । ପାଠପଢ଼ା ପରୀକ୍ଷା ଇତ୍ୟାଦି ପାଇଁ କେତେଦିନ ମିଳିବ ହିସାବ କରି ମୋର କାମର ଗୋଟିଏ ଯୋଜନା କରିନେଲି । ଆସନ୍ତା ଦିନ ପାଇଁ କାମ ବିଷୟରେ କିଛି ଟିପି ରଖିସାରି ଶୋଇଲା ବେଳକୁ ରାତି ୨ଟା ବାଜିଲାଣି ।

ତା ପରଦିନ ଖୁବ୍ ଉତ୍ସାହ ଓ ଆତ୍ମବିଶ୍ୱାସ ସହ ମୁଁ ସ୍କୁଲ ଖୋଲିବା ଆଗରୁ ପହଞ୍ଚିଲି । ପ୍ରୟୋଗ ଆରମ୍ଭ କରିବା ପାଇଁ ମୁଁ ଅଧୈର୍ଯ୍ୟ ହୋଇ ପଡୁଥାଏ । କିପରି ନୂଆ ଉପାୟରେ ପଢ଼ାଇ ପିଲାଙ୍କ ମନ କିଣିନେବି ସେସବୁ କଥା ଭାବି ମୁଁ ଉତ୍ତେଜିତ ହୋଇ ପଡୁଥାଏ ।

ଘଣ୍ଟି ବାଜିଲା । ପ୍ରଧାନ ଶିକ୍ଷକ ମୋତେ ମୋର ଶ୍ରେଣୀକୁ ନେଇ ଚିହ୍ନାଇଦେଲେ । ମୋ କଥା ମାନିବାକୁ ପିଲାମାନଙ୍କୁ ସାବଧାନ କରାଇଦେଲେ । ବିଭିନ୍ନ ପ୍ରକାରର ପିଲାଙ୍କୁ ନେଇ ମୋର ଶ୍ରେଣୀଟି – କିଛି ସାଦାସିଧା ଓ କିଛି ଚଗଲା । ଏମାନଙ୍କୁ ବର୍ଷେକାଳ ପଢ଼ାଇବା କଥା ଭାବି ଟିକିଏ ଡରିଗଲି । ଏବେ ତ ଡରିଲେ ହେବନାହିଁ । ତେଣୁ ମୋ ଯୋଜନା ଅନୁସାରେ କାମ ଆରମ୍ଭ କଲି ।

ମୋର ତାଲିକାରେ ଥିଲାଏ ନୀରବତା ପାଇଁ ଶାନ୍ତିଖେଳ, ଶ୍ରେଣୀଗୃହର ପରିଷ୍କାର ପରିଚ୍ଛନ୍ନତା, ପରୀକ୍ଷା, ଏକାଠି ଗୀତ ଗାଇବା, ଶେଷରେ ପିଲାଙ୍କ ସାଙ୍ଗେ କିଛି କଥାବାର୍ତ୍ତା ।

ଶାନ୍ତିଖେଳ ବିଷୟରେ ମୁଁ ଆଗ ବୁଝାଇଲି, "ମୁଁ ଯେତେବେଳେ '*ଓଁ ଶାନ୍ତି*' କହିବି ସମସ୍ତେ ଚୁପ୍ ହୋଇଯିବେ । ମୁଁ କବାଟ ବନ୍ଦ କରି ଘରଟିକୁ ଅନ୍ଧାର କରିଦେବି । ସମସ୍ତେ ଆମ ଚାରିପଟର ଶବ୍ଦ ସବୁକୁ

ଶୁଣିବାକୁ ଚେଷ୍ଟା କରିବେ । ଯେପରି ନିଜର ନିଶ୍ୱାସ ଶବ୍ଦ ବି ଶୁଣିହେବ । ତା'ପରେ ମୁଁ ଗୋଟିଏ ଗୀତ ଗାଇବି, ତୁମେ ଶୁଣିବ ।"

ମୁଁ 'ଓଁ ଶାନ୍ତି' କହିଲି । କିନ୍ତୁ ପିଲାମାନଙ୍କର ପାଟି ଓ ଠେଲାପେଲା ବନ୍ଦ ହେଲାନି । ବାରମ୍ବାର କହିଲେ ବି କିଛି ଲାଭ ହେଲାନି । ମୁଁ ଧମକ ବା ମାଡ଼ ଦେଇ ପିଲାଙ୍କୁ ଚୁପ୍ କରିବାକୁ ଚାହୁଁ ନଥିଲି । ତେଣୁ ଖେଳରେ ଆଗେଇବାକୁ କବାଟ ଝରକା ବନ୍ଦ କଲି । ପିଲାମାନେ ଚୁପ୍ ହେବେ କ'ଣ, କେଁ କ୍ଲ, ଦୁମ୍‌ଦାମ୍ ଶବ୍ଦ ଆରମ୍ଭ କରିଦେଲେ । ହସ, ତାଳି ଇତ୍ୟାଦିର ଶବ୍ଦରେ ଶ୍ରେଣୀ ଘର ଫାଟି ପଡ଼ିଲା । ଏସବୁ ଦେଖି ମୁଁ ଘାବରେଇ ଗଲି ଓ କବାଟ ଖୋଲି ବାହାରକୁ ଚାଲିଗଲି । କିଛି ସମୟ ପରେ ଫେରିଲା ବେଳକୁ ପିଲାମାନଙ୍କ ଗଣ୍ଡଗୋଳ କମି ନଥାଏ । ସେମାନେ ନିଜେ ନିଜେ 'ଓଁ ଶାନ୍ତି' କହି ଝରକା ବନ୍ଦ କରି ମଜା କରୁଥା'ନ୍ତି ।

"ମୋର ଯୋଜନା କେତେ ଅବାସ୍ତବ ଥିଲା", ମୁଁ ଭାବିଲି । "ଘରେ ବସି ଯୋଜନା କରିବା ସିନା ସହଜ, ଶ୍ରେଣୀରେ ପଢ଼ାଇବା ବଡ଼ କଷ୍ଟ କାମ । ଯେଉଁ ପିଲାମାନେ ସବୁବେଳେ ଗୋଳମାଳ ଭିତରେ ବଢ଼ି ଆସିଛନ୍ତି ତାଙ୍କ ପାଇଁ ଆରମ୍ଭରୁ ଶାନ୍ତିଖେଳ ! ଠିକ୍ ଅଛି, କାଲି ଏ ଭୁଲ ସୁଧାରି ମୂଳରୁ ପୁଣି ଆରମ୍ଭ କରିବାକୁ ହେବ ।"

ପିଲାଙ୍କୁ କହିଲି, "ଆଜି ଆଉ ପଢ଼ାହେବ ନାହିଁ, ଏବେ ଛୁଟି ।" ଛୁଟିକଥା ଶୁଣି ପିଲାମାନେ ଚିତ୍କାର କରି ଦୌଡ଼ାଦୌଡ଼ି ହୋଇ ଚାଲିଗଲେ । ହୋ ହା ଶୁଣି ଅନ୍ୟ ଶ୍ରେଣୀର ପିଲାଏ ଓ ଶିକ୍ଷକମାନେ ବାହାରକୁ ଅନେଇ ରହିଲେ । ପ୍ରଧାନ ଶିକ୍ଷକ ରାଗିକରି ଆସି ପଚାରିଲେ, "ପିଲାଙ୍କୁ ଆଗୁଆ ଛୁଟିଦେଲ କିପରି ?"

ମୁଁ କହିଲି, "ପଢ଼ିବାକୁ ଯେ ପିଲାଙ୍କର ଆଜି ମନ ନଥିଲା ସେ କଥା ମୁଁ ଶାନ୍ତିଖେଳ ବେଳେ ଜାଣି ପାରୁଥିଲି ।" ପ୍ରଧାନ ଶିକ୍ଷକ ବିରକ୍ତ ହୋଇ

କହିଲେ, "ଏପରି ପ୍ରୟୋଗ ଚଳିବନି । ବିନା ଅନୁମତିରେ ଛୁଟିଦେବା ମନା । ତୁମର ଏ ନୂଆ ଢଙ୍ଗ ସବୁ ରଖ । ଏ ତ ମଣ୍ଟେସୋରୀ ସ୍କୁଲ ହୋଇନି ଯେ ତୁମେ ଶାନ୍ତିଖେଳ ଖେଳିବ । ପିଲାଙ୍କ ମନ ଥାଉ ନଥାଉ ପଢ଼ାଇବାକୁ ହେବ । ଅନ୍ୟ ଶିକ୍ଷକଙ୍କ ଭଳି ପଢ଼ାଅ, ତେବେ କିଛି ଭଲ ପରୀକ୍ଷାଫଳ ଦେଖାଇ ପାରିବ ।"

ପ୍ରଧାନ ଶିକ୍ଷକଙ୍କ ପ୍ରତି ମୋର ଟିକିଏ ଦୟା ଆସିଲା । ମୁଁ କହିଲି, "ମହାଶୟ ! ମାଡ଼ ବିନା ତ ଏଠି କେହି ପାଠ ପଢ଼ାଉ ନାହାନ୍ତି । ଆଉ ମାଡ଼ ଖାଇ ଖାଇ ପିଲାମାନେ ମଧ୍ୟ ଅମଣିଷ ହୋଇଯାଉଛନ୍ତି । ସ୍କୁଲ ବା ଶିକ୍ଷକଙ୍କ ପ୍ରତି ତାଙ୍କର ଟିକିଏ ବି ଶ୍ରଦ୍ଧା ନାହିଁ । ଦେଖିଲେ ତ ଛୁଟି ପାଇଲାମାତ୍ରେ ସମସ୍ତେ କି ଖୁସିରେ ପଳାଇଗଲେ ।" ପ୍ରଧାନ ଶିକ୍ଷକ ସତ କଥାଟାକୁ ଏଡ଼ାଇଦେଇ ପାରିଲେ ନାହିଁ । ଖାଲି କହିଲେ, "ହଉ ଦେଖିବା, ତୁମେ କ'ଣ କରିପାରୁଛ ।"

୩

ଘରକୁ ଫେରିଲା ବେଳକୁ ମନଟା ଟିକିଏ ଦବି ଯାଇଥିଲା । "କାମଟା ତ ଖୁବ୍ କଷ୍ଟ ଜଣା ପଡ଼ିଲାଣି", ମୁଁ ଭାବିଲି, "କିନ୍ତୁ ଛାଡ଼ି ତ ଦେଇ ହେବନାହିଁ । ପିଲାମାନଙ୍କୁ ଆଉ ଟିକିଏ ଭଲ ଭାବରେ ଜାଣିବାକୁ ହେବ । ମଣ୍ଟେସୋରୀ ସ୍କୁଲରେ କେତେ ପ୍ରସ୍ତୁତି ପରେ ଶାନ୍ତିଖେଳ ଖେଳାଯାଏ ।" ଆସନ୍ତା ଦିନ ପାଇଁ କାମର ଗୋଟିଏ ଯୋଜନା କରିନେଲି ଓ ଶୋଇବାକୁ ଗଲି ।

ତା'ପରଦିନ ସ୍କୁଲରେ ପହଞ୍ଚୁ ପହଞ୍ଚୁ ପିଲାମାନେ ଛୁଟି ମାଗିବାରେ ଲାଗିଲେ । ମୁଁ କହିଲି, "ପୂରାଦିନ ନୁହେଁ, ଅଳ୍ପ ସମୟ ପାଇଁ ଛୁଟି ପାଇବ । କିନ୍ତୁ ପ୍ରଥମେ ମୁଁ ଗପଟିଏ କହିବି ଓ ତୁମେମାନେ ଶୁଣିବ ।"

ଗପ ଆରମ୍ଭ କଲି, "ଜଣେ ରାଜା ଥିଲେ । ତାଙ୍କର ସାତ ଜଣ ରାଣୀ

ଥିଲେ . . . ।" ମୋ ପାଖରେ ବସିବାକୁ ପିଲାମାନେ ଠେଲାପେଲା ଲଗାଇଲେ । ମୁଁ ଗପ ବନ୍ଦକରି ସେମାନଙ୍କୁ ଧୀରସ୍ଥିର ଭାବରେ ବସିବାକୁ କହିଲି ଓ ପୁଣି କହିବା ଆରମ୍ଭ କଲି । ପିଲାମାନେ ଗପ ଶୁଣିବାରେ ମଜିଗଲେ । ବାହାରକୁ ଟିକିଏ ବି ଶବ୍ଦ ଶୁଣା ନଯିବାରୁ ସମସ୍ତେ ବୋଧହୁଏ ଆଶ୍ଚର୍ଯ୍ୟ ହୋଇଗଲେ ।

ପ୍ରଧାନ ଶିକ୍ଷକ ଘଟଣା ବୁଝିବା ପାଇଁ ଶ୍ରେଣୀକୁ ଆସିଲେ ଓ ପଚାରିଲେ, "କ'ଣ ଗପ କହୁଛ ?" ମୁଁ ଉତ୍ତର ଦେଲି, "ହଁ । ଇଏ ମଧ୍ୟ ଶାନ୍ତିରକ୍ଷାର ଗୋଟିଏ ନୂଆ ଉପାୟ ।" ପ୍ରଧାନ ଶିକ୍ଷକ ଚାଲିଗଲେ । ଅନ୍ୟ ଶ୍ରେଣୀର ପାଟିତୁଣ୍ଡ କିପରି ବିରକ୍ତିକର ସେ କଥା ପିଲାମାନଙ୍କୁ ଚେତାଇ ଦେଲି ।

ଗପ ଅଧାରେ ବନ୍ଦକରି ମୁଁ ପଚାରିଲି "କ'ଣ ଛୁଟି କରିବା ?" ସମସ୍ତେ ଏକା ସ୍ୱରରେ କହିଲେ 'ନାଁ, ନାଁ' । ମୁଁ ହାଜିରା ଖାତାରେ ସମସ୍ତଙ୍କ ନାଁ ଟିପିନେଲି । ଚଞ୍ଚଳ ଗପ ଶୁଣିବା ଆଶାରେ ପିଲାମାନେ ନାଁ ଲେଖା, ହାଜିରାପକା ଇତ୍ୟାଦି ଖୁବ୍ ଶୀଘ୍ର ଓ ଶୃଙ୍ଖଳିତ ଭାବରେ ସାରିଦେଲେ । ମୁଁ କହିଲି, "ଗପଟି ଏତେ ଲମ୍ବା ଯେ ସରିବାକୁ ଚାରିଦିନ ଲାଗିଯିବ । ତେଣୁ ସବୁଦିନ ଆଗ ହାଜିରା ପକେଇବା । ତା'ପରେ ଗପ ଶୁଣିବା । ପିଲା ସବୁ ଖୁସି ହୋଇଗଲେ ।"

ସ୍କୁଲ ଛୁଟି ହେଲା ପର୍ଯ୍ୟନ୍ତ ସେଦିନ ଗପ ଚାଲିଲା । ପିଲାମାନେ ଘରକୁ ନଯାଇ ଗପ କହିବାକୁ ଲଗାଇଲେ । ମୁଁ କହିଲି, "ଆଜି ସେତିକି ।" ଆଉ ପଚାରିଲି, "କାଲି ଛୁଟି କରିବା ନା ଗପ ଶୁଣିବା ?" ସମସ୍ତେ ଏକା ଥରକେ 'ଗପ' ବୋଲି ଚିତ୍କାର କରି ବାହାରିଗଲେ ।

ମୁଁ ଶାନ୍ତିରେ ନିଶ୍ୱାସ ମାରିଲି ଯାହାହେଉ ଗପର କୁହୁକ ମୋର ଦିନଟିକୁ ବଞ୍ଚାଇଦେଲା ।

୪

ତା ପରଦିନ ମୁଁ ଶ୍ରେଣୀରେ ପଶୁ ପଶୁ ପିଲାମାନେ "ଗପ ! ଗପ !" କହି ଘେରିଗଲେ । ମୁଁ ମନେ ପକାଇଦେଲି, "ଆଗ ହାଜିରା, କିଛି କଥାବାର୍ତ୍ତା, ତା'ପରେ ଗପ ।" ଚଟାଣରେ ଗୋଟିଏ ବଡ଼ ଗୋଲ ଟାଣିଦେଇ ସେମାନଙ୍କୁ ଧାଡ଼ିହୋଇ ତା ଉପରେ ବସିବାକୁ କହିଲି । ଶ୍ରେଣୀରେ ବେଶ୍ ଶୃଙ୍ଖଳା ଆସିଯାଇଥିଲା । ପିଲାମାନେ ଧାଡ଼ିରେ ବସି ଗପ ଶୁଣୁଥିଲେ ।

"ଗପ ତ ଶୁଣିବାକୁ ଭଲ ପାଉଚ । ନିଜେ ଗପ ସବୁ ପଢ଼ିବାକୁ ଚାହଁ କି ?" ମୁଁ ପଚାରିଲି । ସମସ୍ତେ ହଁ କଲେ ଆଉ କହିଲେ, "କିନ୍ତୁ ବହି ପାଇବୁ କେଉଁଠୁ ?" ମୁଁ ଆଣିଦେବି କହିଲାରୁ ସମସ୍ତେ ଖୁସି ହୋଇଗଲେ । କିନ୍ତୁ ଗପ କୁହା ବନ୍ଦ ହେବନି ବୋଲି କଥା ରହିଲା ।

ସ୍କୁଲ ଛୁଟି ହେଲା । ପିଲାମାନେ ଖୁସିରେ ମୋତେ ଘେରିଗଲେ । ତାଙ୍କ ପାଖରେ ଶ୍ରଦ୍ଧା ଭରି ରହିଥିଲା । ସଂଧ୍ୟା ପର୍ଯ୍ୟନ୍ତ ଗପ କହିବାକୁ ସେମାନେ ଲଗାଇଥାନ୍ତି । ସେମାନେ ଘରକୁ ଗଲା ପରେ ଅନ୍ୟ ଶିକ୍ଷକମାନେ ଆସିଲେ । ପିଲାଙ୍କ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । କହିଲେ, "ଆମ ଶ୍ରେଣୀର ପିଲାମାନେ ମଧ୍ୟ ଗପ ଶୁଣିବାକୁ ଲଗାଉଛନ୍ତି । ତୁମ ଶ୍ରେଣୀକୁ ଯିବାକୁ ଚାହୁଁଛନ୍ତି । ନ ହେଲେ ଆମକୁ ଗପ କହିବାକୁ କହୁଛନ୍ତି । କିନ୍ତୁ ଆମର କିଏ ଗପ କହୁଛି ?" ମୁଁ ଖାଲି ଟିକିଏ ହସିଲି ।

୫

ରବିବାର ଆସିଲା । ମୁଁ ଶିକ୍ଷା ଅଧିକାରୀଙ୍କୁ ଭେଟିବାକୁ ଗଲି । "ଆସ ଲକ୍ଷ୍ମୀରାମ", ସିଏ କହିଲେ, "ପ୍ରଧାନ ଶିକ୍ଷକ କହୁଥିଲେ କ'ଣ ତମେ ଖାଲି ଗପ କହୁଛ । ପ୍ରୟୋଗ କେବେ ଆରମ୍ଭ କରିବ ? ବର୍ଷକର

ପାଠ୍ୟକ୍ରମ ପୂରା ସାରିବାକୁ ହେବ ଯେ ।"

"ପ୍ରୟୋଗ ତ ଆରମ୍ଭ ହୋଇଗଲାଣି । ଗପ ମାଧ୍ୟମରେ ପିଲା ଓ ମୋ ଭିତରେ ଅନେକ ଘନିଷ୍ଠତା ଆସିପାରିଲାଣି । ସେମାନେ ଆଉ ଦୁମ୍‌ଦାମ୍, ହୋ ହୋ ହେଉନାହାନ୍ତି । କଥା ଶୁଣୁଛନ୍ତି । ଛୁଟି ପରେ ବି ସ୍କୁଲ ଛାଡ଼ିବାକୁ ଚାହୁଁନାହାନ୍ତି । ଏସବୁ ହିଁ ମୋର ନୂଆ ଶିକ୍ଷା ପ୍ରଣାଳୀ । ଗପ ମାଧ୍ୟମରେ ସେମାନେ ଶୃଙ୍ଖଳା ଓ ମନ ଦେଇ କାମ କରିବା ଶିଖୁଛନ୍ତି । ଭାଷା, ଶୈଳୀ ଓ ସାହିତ୍ୟ ବିଷୟରେ ଜାଣୁଛନ୍ତି । ଏହାପରେ ଅନ୍ୟ ବିଷୟ ସବୁ ମଧ୍ୟ ଶିଖିବେ ।"

ଶିକ୍ଷା ଅଧିକାରୀ ସବୁ ବୁଝିଲେ । ବିଦାୟ ବେଳେ ଖାଲି କହିଲେ, "ଦେଖ, ବର୍ଷଟା ଯେମିତି ଖାଲି ଗପ କୁହାରେ କଟି ନଯାଏ ।"

୬

ପରଦିନ ମୁଁ ଶ୍ରେଣୀରେ ପଶିଲା ବେଳକୁ ପିଲାମାନେ ଗପ ଶୁଣିବା ପାଇଁ ଗୋଲ ହୋଇ ବସି ଯାଇଥା'ନ୍ତି । କଳାପଟାରେ ମୁଁ ଲେଖିଲି - ଆଜିର କାମ: ହାଜିରା ପକା, କଥାବାର୍ତ୍ତା, ଗପ । ହାଜିରା ପଡ଼ିଲା ପରେ ସମସ୍ତଙ୍କୁ ନିଜ ନଖ ଦେଖାଇବାକୁ କହିଲି । ସମସ୍ତଙ୍କ ହାତରେ ଲମ୍ବା ଲମ୍ବା ଓ ମଳିଭରା ନଖ । ମୁଣ୍ଡରେ କୋତରା ଛିଣ୍ଡା ଟୋପି । ଜାମାରେ ପ୍ରାୟ କାହାର ସବୁ ବୋତାମ ନାହିଁ । ଏତକ ଦେଖିସାରି କହିଲି, "ଏବେ ଗପ ଆରମ୍ଭ କରିବା ।"

ଜଣେ ପିଲା ପଚାରିଲା, "ଆମ ପାଇଁ ଗପ ବହି ସବୁ କେବେ ଆଣିବେ ?" ସମସ୍ତେ ବହି ପଢ଼ିବାକୁ ହାତ ଟେକିଲେ । ଦୁଇ ତିନି ଜଣଙ୍କୁ ଛାଡ଼ିଦେଲେ ଆଉ କେହି ପାଠ ବହି ଛଡ଼ା ଅନ୍ୟ ବହି ବା ପତ୍ରିକା କିଛି ପଢ଼ିନଥିଲେ । ଅନେକ ବହି ମୁଁ ଶୀଘ୍ର ଆଣିଦେବି ବୋଲି କହିବାରୁ ସମସ୍ତେ ବହୁତ ଖୁସି ହୋଇଗଲେ ।

ଛୁଟି ପର୍ଯ୍ୟନ୍ତ ଗପ କୁହା ଚାଲିଲା । ଗଲାବେଳକୁ ମୁଁ କହିଲି, "କାଲି ସମସ୍ତେ ନଖ କାଟି କରି ଆସିଥିବ ।" କେତେ ଜଣ ସାଙ୍ଗେ ସାଙ୍ଗେ ଦାନ୍ତରେ ଛିଣ୍ଡାଇବାରେ ଲାଗିଗଲେ । ମୁଁ ମନାକରି କହିଲି, "ନାଁ, ଏପରି ନୁହେଁ । କଇଁଚି ବା ନଖକଟାରେ କାଟିବ । ନିଜେ ନ ପାରିଲେ ଘରେ କାହାରିକୁ ବା ଭଣ୍ଡାରୀକୁ କହିବ ।"

ମୁଁ ପଚାରିଲି, "ଆଉ ଗୋଟେ ମଜା କଥା କରିବା ? ଏଣିକି ବିନା ଟୋପିରେ ସ୍କୁଲକୁ ଆସିବା । ମୁଁ ବି ପିନ୍ଧିବିନି । ଟୋପିଟାର କାମ ବା କ'ଣ ? ତା'ଛଡ଼ା ଏଗୁଡ଼ା ତ ସବୁ ଛିଣ୍ଡା ମଇଳା ।"

ସମସ୍ତେ କାବା ହୋଇ ହସିଲେ, "ବିନା ଟୋପିରେ ସ୍କୁଲ ? ପ୍ରଧାନ ଶିକ୍ଷକ ରାଗିବେ । ଘରେ ରାଜି ହେବେନି । ଘରକୁ ଯିବାବେଳେ ସମସ୍ତେ ଏ ବିଷୟରେ ଭାବିଲେ ।"

ପ୍ରଧାନ ଶିକ୍ଷକ ମୋତେ ଡକାଇ ପଠାଇଲେ । କହିଲେ, "ଲକ୍ଷ୍ମୀରାମ, ଏସବୁ କି ଢଙ୍ଗ ? ଏତେ ସମସ୍ୟା କାହିଁକି ବଢ଼ାଉଛ ? ନଖକଟା, ବୋତାମ ସିଲେଇ, ଏସବୁ ଘରକଥା, ସ୍କୁଲକାମ ନୁହେଁ । ନୂଆ ପ୍ରକାରର ପାଠ ପଢ଼ାଇବ ତ ପଢ଼ାଅ । ଏସବୁ ଚିନ୍ତା କାହିଁକି ? ହେଁ ! ଶିକ୍ଷା ବିଭାଗର ଅନୁମତି ବିନା ଟୋପି ବନ୍ଦ ହୋଇ ପାରିବନି ।"

ପରିଷ୍କାର ପରିଚ୍ଛନ୍ନତା ଯେ ଶିକ୍ଷାର ଓ ମୋର ଏ ନୂଆ ଉପାୟର ଗୋଟିଏ ବଡ଼ ଦିଗ ଏକଥା ତାଙ୍କୁ ବୁଝାଇବାକୁ ଚେଷ୍ଟାକଲି । ସଂଧ୍ୟାବେଳେ ଶିକ୍ଷା ଅଧିକାରୀଙ୍କୁ ଭେଟିଲି । ଛିଣ୍ଡା ମଇଳା ଟୋପି ପିନ୍ଧିବାକୁ ପିଲାଙ୍କୁ ବାଧ୍ୟ ନ କରିବା ପାଇଁ ତାଙ୍କୁ ଅନୁରୋଧ କଲି ।

ଅଧିକାରୀ କହିଲେ, "ସାମାଜିକ ପ୍ରଥା ସବୁକୁ ଛୁଅଁ ନାହିଁ । ଯାହା କିଛି ବଦଳାଇ ପାରିବ ତାହା ସ୍କୁଲ ଭିତରେ ହେଉ । ଶ୍ରେଣୀ ଭିତରେ ପିଲାମାନେ ବିନା ଟୋପିରେ ବସି ପାରିବେ । ଆସ୍ତେ ଆସ୍ତେ ହୁଏତ ଟୋପି ପିନ୍ଧାଟା ଆପେ ବନ୍ଦ ହୋଇଯିବ ।"

ପିଲାଙ୍କ ପାଇଁ ପୁସ୍ତକାଳୟଟିଏ ପାଇଁ କହିଲି । କିନ୍ତୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ଟଙ୍କା ଦେବା ସମ୍ଭବ ନୁହେଁ ଶୁଣି ମୁଁ ମୋର ଆଉ ଗୋଟିଏ ଉପାୟ କଥା କହିଲି । "ସବୁ ବିଷୟ ପାଇଁ ପିଲାମାନେ ବହି କିଣୁଛନ୍ତି । ପାଠ ବହିଗୁଡ଼ିକ ନକିଣି ସେ ପଇସାରେ ପୁସ୍ତକାଳୟ ପାଇଁ ବହି କିଣାଯାଇ ପାରିବ । ତା'ଛଡ଼ା ମୋର ପଢ଼ାଇବା ପ୍ରଣାଳୀରେ ପାଠ ବହିର ଆବଶ୍ୟକତା କମ୍ । ବର୍ଷ ଶେଷରେ ପିଲାମାନେ ଚାହିଁଲେ ବହିଗୁଡ଼ିକ ନେଇଯାଇ ପାରିବେ । ନ ହେଲେ ପୁସ୍ତକାଳୟଟି ସେ ଶ୍ରେଣୀର ହୋଇ ରହିବ ।"

ମୁଁ ବିନା ପାଠ ବହିରେ କିପରି ପଢ଼ାଇବି ଅଧିକାରୀ ତା' ବୁଝି ପାରିଲେ ନାହିଁ । କିନ୍ତୁ ମୋର ଯୋଜନାର ବିରୋଧ କଲେନାହିଁ ।

୭

ପରଦିନ ସ୍କୁଲକୁ ସବୁପିଲା ଆଗଭଳି ଛିଣ୍ଡା ମଳି ଟୋପି ପିନ୍ଧି ଆସିଛନ୍ତି । ପ୍ରାୟ କେହି ନଖ କାଟି ନାହାନ୍ତି ବା ବୋତାମ ସିଲାଇ କରିନାହାନ୍ତି । ଏସବୁ କାମ ପାଇଁ ବେଳ କାହାର ଅଛି ? ତା'ଛଡ଼ା ପାଠପଢ଼ା ସାଙ୍ଗରେ ଏସବୁର ସମ୍ପର୍କ ବା କ'ଣ ? ପାଠ ପଢ଼ାଇବାକୁ ଆସିଛ , ପାଠ ପଢ଼ାଅ । ଏହିପରି ଉତ୍ତର ସବୁ ଘରୁ ଆସିଲା ।

ମୁଁ କାବା ହୋଇଗଲି ପରିଷ୍କାର ପରିଚ୍ଛନ୍ନତା ଦିଗରେ ପିଲାଙ୍କ ଆଗ୍ରହ ଓ ବାପା ମାଙ୍କର ସହଯୋଗ ପାଇଁ ଚେଷ୍ଟା କରିବାକୁ ଠିକ୍ କଲି । ଆଉ କିଛି କଥାବାର୍ତ୍ତା ନକରି ଗପଟି ସାରିଦେଲି ।

ପିଲାମାନେ ପାଟି କଲେ, ଆଉ ଗୋଟିଏ ଗପ । ମୁଁ କହିଲି, "ନାଁ, ଆଜି ଆମେ ଖେଳିବା ।" ପିଲାମାନେ ବିଶ୍ୱାସ କରିପାରିଲେ ନାହିଁ । ସ୍କୁଲରେ ପୁଣି ଖେଳ । କିଏ କେବେ ଦେଖିଛି ?

କିନ୍ତୁ ଆମେ ଖେଳିବା କହି ମୁଁ ବାହାରି ଆସିଲି । ପିଲାମାନେ

ଖୁସିରେ ଚିତ୍କାର କରିବାରେ ଲାଗିଲେ । ଅନ୍ୟ ଶ୍ରେଣୀରେ ପିଲା ଓ ଶିକ୍ଷକମାନେ ଅନେଇ ରହିଲେ । ପ୍ରଧାନ ଶିକ୍ଷକ ବିରକ୍ତ ହୋଇ ଦୌଡ଼ି ଆସିଲେ । କହିଲେ, "ଏଠି ଖେଳିଲେ ଅନ୍ୟମାନଙ୍କ ପଢ଼ାରେ ବାଧା ଆସିବ । ଯାଅ ସେଠି ସେ ଖେଳ ପଡ଼ିଆରେ ଖେଳିବ ।"

ପଡ଼ିଆରେ ପିଲାମାନେ ହୋ ହଲ୍ଲା କରି ଡେଇଁ ଚାଲିଥାନ୍ତି । କ'ଣ ଖେଳାଯିବ, ସେ ବିଷୟରେ ଯୁକ୍ତି ଚାଲିଥାଏ ।

"ଏପରି କଳି କଲେ ଆମେ କ୍ଲାସକୁ ଫେରିଯିବା", ମୁଁ କହିଲି, "ଆଜି ଆମେ ଖୋ ଖୋ ଖେଳିବା ।"

କିଏ କ୍ୟାପ୍‌ଟେନ ହେବ, କିଏ କେଉଁ ଦଳରେ ରହିବ ଏସବୁରେ ବହୁତ ସମୟ ଚାଲିଗଲା । ଶେଷକୁ ଖେଳ ଆରମ୍ଭ ହେଲା । ଟିକିଏ ବି ଶାନ୍ତି ଶୃଙ୍ଖଳା ନଥାଏ । ସମସ୍ତେ ଅଯଥା ଚିତ୍କାର କରୁଥାନ୍ତି । କିଏ କାହାକୁ ଚିହାଉ ଥାଏ, ଥଟ୍ଟା କରୁଥାଏ, ଚିଡ଼ାଉ ଥାଏ – ଏହିପରି ଚାଲି ରହିଲା ।

ଖେଳ ସରିଲା । ଜିତିବା ଦଳର ପିଲାମାନେ ଅନ୍ୟମାନଙ୍କୁ ଛିଗୁଲେଇ କହିବାକୁ ଲାଗିଲେ । ରଗାରଗି ବି ହେଲା ଶେଷକୁ ହାରିଥିବା ଦଳର ଜଣକର ଟେକାମାଡ଼ରେ ଜଣଙ୍କର ମୁଣ୍ଡ ଫାଟି ରକ୍ତ ବୋହିବାକୁ ଲାଗିଲା ।

ଏପରି ଖରାପ ଅବସ୍ଥା ଦେଖି ମୁଁ ଆବାକ୍ ହୋଇଗଲି । ରୁମାଲରେ ପିଲାଟିର ମୁଣ୍ଡରେ ପଟି ଭିଡ଼ି ଦେଲି ସମସ୍ତଙ୍କୁ ଡ଼ାକି କହିଲି, "କାଲିଠାରୁ ଖେଳ ବନ୍ଦ ।"

"ସେ ଦୁଇଜଣ କଳି କଲେ, ଆମେ ସମସ୍ତେ କାହିଁକି ଦଣ୍ଡ ପାଇବୁ ?", ପିଲାମାନେ କହି ଉଠିଲେ ।

ଠିକ୍ ଅଛି, ଖେଳିବା । କିନ୍ତୁ ଖେଳିଲା ବେଳେ ପାଟି ହେବନି । ଆଉ

ହାର ଜିତ୍ ନେଇ କଳିହେବ ନାହିଁ । ଆଜି ଜଣେ ଜିତିଲେ କାଲି ଆଉ ଜଣେ ଜିତିବ । ଏଥିପାଇଁ ମୁଣ୍ଡ ଫଟା ଫଟି କାହିଁକି ?'

ସମସ୍ତେ ସ୍କୁଲକୁ ଫେରିଲୁ । ଅନ୍ୟ ଶ୍ରେଣୀର ପିଲାମାନେ ପରିହାସ କରୁଥାନ୍ତି । ଛୁଟିପରେ ଶିକ୍ଷକମାନେ ଏକାଠି ହେଲୁ, କିଏ ଟିକିଏ ଥଟ୍ଟା କଲା ତ କିଏ ଉପହାସ କଲା – "ଏଠି ସବୁ ପ୍ରକାର ପିଲା ଅଛନ୍ତି, ତାଙ୍କୁ ଘର ଭିତରେ କବାଟ ବନ୍ଦ କରି ବହି ଘୋଷାଅ । ଟିକିଏ ଛାଡ଼ିଦେଲେ ନିଶ୍ଚୟ ମୁଣ୍ଡ ଫଟାଫଟି ହେବେ !"

ପ୍ରଧାନ ଶିକ୍ଷକ ବି ଖୁସି ନଥିଲେ । ସିଏ କହିଲେ, "ମୁଁ ଜାଣିଥିଲି ନିଶ୍ଚୟ କିଛି ଗୋଟାଏ ଘଟିବ । ଭଲ ହେଲା, ମହାଶୟ ବୁଦ୍ଧି ଶିଖିଗଲେ । ହୁଁ ! ସ୍କୁଲରେ ପୁଣି ଖେଳ ।"

ମୁଁ ଖେଳର ମହତ୍ତ୍ୱ ବିଷୟରେ କହିଲା ବେଳକୁ ମୁଣ୍ଡ ଫାଟିଥିବା ପିଲାର ବାପା ଆସି ପହଞ୍ଚିଗଲେ । ରାଗିକରି ସିଏ ଚିତ୍କାର କଲେ, "କିଏ ମୋ ପୁଅକୁ ମାରିଲା । ଏ ପ୍ରକାରର ଶିକ୍ଷା ଆମକୁ ଦରକାର ନାହିଁ । ସ୍କୁଲ ହେଉଛି ପାଠ ପଢ଼ିବା ପାଇଁ ନା ଖେଳିବା ପାଇଁ !"

ମୁଁ କିଛି କହିବା ଆଗରୁ ପ୍ରଧାନ ଶିକ୍ଷକ ତାଙ୍କୁ ବୁଝାଇ ପଠାଇ ଦେଲେ । ଅନ୍ୟ ଶିକ୍ଷକମାନେ ମନଭରି ହସୁଥାନ୍ତି । ମୁଁ କିଛି କହିଲି ନାହିଁ । ଘରେ ଯାଇ ଠିକ୍ କଲି – ଖେଳ ନିଶ୍ଚୟ ଖେଳାଯିବ । ତାହା ହିଁ ତ ପ୍ରକୃତ ଶିକ୍ଷା । ଭାବିଲି ଅଭିଭାବକମାନଙ୍କୁ ଏକାଠି କରି ଏକଥା ବୁଝାଇ ଦେବି ଓ ତାଙ୍କର ସହଯୋଗ ଲୋଡ଼ିବି । ହୁଏତ ତାଙ୍କ ସହଯୋଗ ନମଗାଯିବାଟା ଆମ ଶିକ୍ଷକମାନଙ୍କର ଭୁଲ ।

୮

ତା'ପର ଦିନ ବାପା ମା'ଙ୍କର ସଭାଟିଏ ଡାକିଲି । ଚାଳିଶ ଜଣଙ୍କ ଭିତରୁ ମାତ୍ର ୭ଜଣ ଆସିଲେ । ମତେ ଖୁବ୍ ହତାଶ ଲାଗିଲା । ମୁଁ ଖୁବ୍ ଗୁରୁତ୍ୱର ସହ ମୋର ପ୍ରୟୋଗ ବିଷୟରେ ସାରଗର୍ଭିକ ଭାଷଣଟିଏ ପ୍ରସ୍ତୁତ କରିଥିଲି । କହିବାକୁ ପ୍ରାୟ ଘଣ୍ଟାଏ ଲାଗିଲା । ମୁଁ ପରିଷ୍କାର ପରିଚ୍ଛନ୍ନତା, ଖେଳ, ଶୃଙ୍ଖଳା ଇତ୍ୟାଦିର ମୂଲ୍ୟ ପ୍ରଚଳିତ ଶିକ୍ଷା ପଦ୍ଧତିର ଦୁର୍ବଳତା, ପ୍ରକୃତ ଶିକ୍ଷାର ଅର୍ଥ ଇତ୍ୟାଦି ବିଷୟରେ ବୁଝାଇ କହିଲି । ମଝିରେ ଜଣକୁ ଡକରା ଆସିଲା । ଅନ୍ୟମାନେ ବିନା ଆଗ୍ରହରେ ବସିଥାନ୍ତି ।

କିନ୍ତୁ ଏସବୁ ପରିଶ୍ରମ ବେକାର ଗଲା । ମୋ କଥା ସରୁ ସରୁ ସମସ୍ତେ ଉଠି ଚାଲିଗଲେ । ଶିକ୍ଷା ଅଧିକାରୀ ସହାନୁଭୂତି ଦେଖାଇ କହିଲେ, "ଲକ୍ଷ୍ମୀରାମ, ଏଠି କିଏ ତୁମ ଦର୍ଶନ ଶାସ୍ତ୍ର ବୁଝିବ ?" ଶିକ୍ଷକମାନେ ମତେ ଓଲୁ କହିଲେ । ମୁଁ ମଧ୍ୟ ମୋର ଭୁଲ ବୁଝିଲି । ସାଧାରଣ ଲୋକଙ୍କୁ କିପରି ବୁଝିବାକୁ ହୁଏ ସେ ବିଷୟରେ ମୁଁ ଚିନ୍ତା କରି ନଥିଲି ।

୯

ଆଠ ଦଶ ଦିନ ପରେ ମୋ ପୁସ୍ତକାଳୟ ଯୋଜନା କଥା ପୁଣି ଭାବିଲି । ପିଲାମାନେ ଅନେକ ଗପ ଶୁଣିଲେଣି, ଏବେ ନିଜେ କିଛି ପଢ଼ିବା ଦରକାର । ବହି ପଇସା ଆଣିବାକୁ ସେମାନଙ୍କୁ କହିଲି ।

ମାତ୍ର ଅଳ୍ପ ପିଲା ପଇସା ଆଣିଲେ । କାହାର ପୁରୁଣା ବହି ଥିଲା, କାହାର ଦାଦା ସହରରୁ ପଠାଇବେ, କାହାର ବାପା ନିଜେ କିଣିବେ ଇତ୍ୟାଦି । ଯେଉଁମାନେ ପଇସା ଦେଇଥିଲେ ସେମାନେ ତା ପରଦିନ ବହି ମାଗିବାରେ ଲାଗିଲେ ।

ସେମାନଙ୍କ ଟଙ୍କାରେ କିଣିଥିବା ବହିଗୁଡ଼ିକ ମୁଁ ଦେଖାଇଲି । ରଙ୍ଗିନ୍

ମଲାଟ ଓ ଚିତ୍ରଥିବା ବହିଗୁଡ଼ିକୁ ନେବାପାଇଁ ଠେଲାପେଲା ଚାଲିଲା । ମାତ୍ର ୧୫ଟି ବହିଥିଲା । ତାକୁ ପ୍ରଥମ ୧୫ ଜଣଙ୍କ ମଧ୍ୟରେ ବାଣ୍ଟିଦେଲି ବାକିମାନଙ୍କୁ ପଢ଼ିକରି ଶୁଣାଇଲି । ପଢ଼ିଲା ବେଳେ ଉଚ୍ଚାରଣ ଓ ସ୍ୱର ପ୍ରତି ଧ୍ୟାନ ଦେବାକୁ ଶିଖାଇଲି ।

ନିଜେ ପଢୁଥିବା ୧୫ଜଣ ପିଲାଙ୍କ ପାଟି ବଢ଼ିବାକୁ ଲାଗିଲା । ସେମାନେ ଚୁପ୍ କରି ମନେ ମନେ ପଢିବା ଅଭ୍ୟାସ କରିନଥିଲେ । କହିଲା ପରେ କିଛି ସମୟ ପାଇଁ କମିଯାଇ ପୁଣି ବଢ଼ିବାକୁ ଲାଗିଲା । ଏହିପରି ବହି ପଢ଼ା ଛୁଟି ପର୍ଯ୍ୟନ୍ତ ଲାଗିଲା ।

## ୧୦·

ଗପ, ଖେଳ, ପୁସ୍ତକାଳୟ, ବହିପଢ଼ା, ପରିଷ୍କାର ପରିଚ୍ଛନ୍ନତା, ଶୃଙ୍ଖଳା ଆଦିରେ ମୋର ପ୍ରଥମ ଦୁଇମାସ ଚାଲିଗଲା । ଯୋଜନାର ଖୁବ୍ କମ୍ ଅଂଶ କାର୍ଯ୍ୟକାରୀ ହୋଇଥିଲା ଭଳି ମୋତେ ଲାଗିଲା । ସାହିତ୍ୟ, ଗଣିତ, ବିଜ୍ଞାନ ଓ ଅନ୍ୟ ପାଠ୍ୟକ୍ରମ ଆରମ୍ଭ ମଧ୍ୟ ହୋଇନାହିଁ । ଏ ସବୁତକ ବର୍ଷ ଶେଷ ସୁଦ୍ଧା ସାରିବାକୁ ହେବ । ପିଲାମାନଙ୍କ ସାଙ୍ଗରେ ମୋର ଖୁବ୍ ଭଲ ସମ୍ପର୍କ ଆସିଯାଇଛି । ଅଳ୍ପ କେତେ ଜଣ ଟିକିଏ ଅବାଗିଆ ରହିଛନ୍ତି । ଖେଳ ଚାଲିଛି କିନ୍ତୁ ପୂରା ଶୃଙ୍ଖଳା ଆସିନାହିଁ । ଚେଷ୍ଟା ତ ମୁଁ ଖୁବ୍ କରୁଛି । କିନ୍ତୁ କାମ ଆହୁରି ଅନେକ ବାକି ଅଛି ।

ବାପା ମା ମାନେ ପୁସ୍ତକାଳୟର ମହତ୍ତ୍ୱ ବୁଝିନାହାନ୍ତି । କହୁଛନ୍ତି, "ପିଲାଙ୍କୁ ଖାଲି ପାଠ ପଢ଼ାଅ ।" ଲୁଗା ସେମିତି ମଇଳା ଓ ଚୋପି ଛିଣ୍ଡା ରହିଛି । ନୂଆ ଅଭ୍ୟାସ ଆଣିବା ତ କିଛି ସହଜ କଥା ନୁହେଁ ।

ଶିକ୍ଷା ଅଧିକାରୀ ମଧ୍ୟ ବ୍ୟସ୍ତହୋଇ ପଡ଼ିଲେଣି । ପ୍ରୟୋଗର କିଛି ପ୍ରଭାବ ଅତି ଚଞ୍ଚଳ ଦେଖିବାକୁ ସେ ଚାହୁଁଛନ୍ତି । ତାହେଲେ ତାଙ୍କର ବି କିଛି ବାହାଦୁରୀ ହେବ ଓ ତାଙ୍କୁ ବିରୋଧ କରୁଥିବା ଲୋକମାନେ

ମଧ୍ୟ ଚୁପ୍ ହୋଇଯିବେ ।

ମୋର ସାଥୀ ଶିକ୍ଷକମାନଙ୍କର ମୋ ଉପରେ କିଛି ଭରସା ନାହିଁ । ତାଙ୍କ ମତରେ ମୋ ଯୋଜନା ସବୁ ଅବାସ୍ତବ, ପିଲାମାନଙ୍କୁ ମୁଁ ଗେହ୍ଲାକରି ନଷ୍ଟ କରିଦେଇଛି, ଖାଲି ଗପ କହୁଛି ଖେଳାଉଛି ଇତ୍ୟାଦି । ସେମାନଙ୍କ ପାଠ ପଢ଼ାଇବାର ଧାରା ମତେ ବିରକ୍ତିକର ଲାଗେ । ପିଲାମାନେ ତାଙ୍କୁ ଡରି ଡରି ପଳାନ୍ତି, ପଛରେ ନକଲ କରନ୍ତି । ତାଙ୍କ ଶ୍ରେଣୀରେ ପିଲାମାନେ କାଠ ଭଳି ବସି ରହନ୍ତି, କିନ୍ତୁ ବାହାରେ ଗଣ୍ଡଗୋଳ କରନ୍ତି । ମୋ ପିଲାମାନେ କିନ୍ତୁ ମତେ ଶ୍ରଦ୍ଧା କରନ୍ତି, ମୋ କଥା ଶୁଣନ୍ତି । ଶ୍ରେଣୀ ଭିତରେ ସ୍ୱାଧୀନତା ପାଇଥିବାରୁ ବାହାରେ ସେମାନଙ୍କର ଚଗଲାମି ଅତ୍ୟଧିକ ହୋଇଯାଏନି । ମୁଁ ତ ଭାବେ ଯେ ଖେଳ ଓ ଗପ ତାଙ୍କ ଶିକ୍ଷାର ଅଧା ।

କାମଟା ଯେ କଷ୍ଟ ସେ କଥା ଭୁଲିଗଲେ ହେବନି । ମୁଁ ଚେଷ୍ଟାକରି ଚାଲିବି । ବାକି ସବୁ ଭଗବାନଙ୍କ ହାତରେ ।

# ଦ୍ୱିତୀୟ ଭାଗ

## ପ୍ରୟୋଗର ଅଗ୍ରଗତି

ତୃତୀୟ ମାସର ଆରମ୍ଭ ବେଳକୁ ମୁଁ ମୋ କାମର ସମୀକ୍ଷା କଲି । ଏଣିକି ପ୍ରତି ସପ୍ତାହରେ ଏହା କରିବାକୁ ହେବ । ମାସକୁ ମାସ କାମର ଯୋଜନା କରିବାକୁ ହେବ । କ'ଣ କେତେଦୂର ହେଲା ତା ଲେଖି ରଖିବାକୁ ହେବ ।

ଗପକୁହା ସବୁଦିନିଆ କାମ ହୋଇ ଗଲାଣି, ଖେଳ ମଧ୍ୟ । ଆଲୋଚନା, ବହିପଢ଼ା, ସଫା ସୁତୁରା ଦେଖା, ସବୁ ତା ଭିତରେ ଚାଲିଥାଏ । ପୁସ୍ତକାଳୟଟି ଆସ୍ତେ ହେଲେ ବି ବାଗେଇ ଆସିଲାଣି ।

୨

ଦିନେ ସକାଳେ ମୁଁ ପାଠ୍ୟକ୍ରମରୁ କିଛି ପଢ଼ାଇବାକୁ ଠିକ୍ କଲି । ତେଣୁ କିଛି ଶ୍ରୁତଲିଖନ ଡାକିବା ଆରମ୍ଭ କଲି । ପିଲାମାନେ ସବୁ କାବା ହୋଇଗଲେ । କେହି ଭାବି ନଥିଲେ ଯେ ମୁଁ ଅନ୍ୟ ଶ୍ରେଣୀ ଭଳି ପାଠ ପଢ଼ାଇବି । ଅନେକେ ତାଙ୍କ ସ୍ଲେଟ ମଧ୍ୟ ଆଣିନଥିଲେ । କାରଣ ମୋ ଶ୍ରେଣୀରେ ଏ ପର୍ଯ୍ୟନ୍ତ ସ୍ଲେଟ ଦରକାର ହେଉନଥିଲା । ପାଖ ଶ୍ରେଣୀରୁ ସ୍ଲେଟ ଅଣାଗଲା । ପିଲାମାନେ ଶ୍ରୁତଲିଖନର ଠିକ୍ ବାଟ ଜାଣିନଥିଲେ, ତେଣୁ ସମସ୍ତେ ଡରୁଥିଲେ । କିଏ କହିଲା, "କ'ଣ ଡାକିବେ ଆଗ ଆମକୁ ଦେଖାନ୍ତୁ ।" କେହି ପୁରା ବାକ୍ୟଟିକୁ ଠିକ୍

କରି ଶୁଣିବାକୁ ଚେଷ୍ଟା କରୁନଥା'ନ୍ତି । ମୁଁ ପଢ଼ିବା ଆରମ୍ଭ କରୁ କରୁ ଲେଖିବାରେ ଲାଗି ଯାଉଥାନ୍ତି । "ଆଉ ଥରେ, ଆଉ ଥରେ", ସମସ୍ତେ ପାଟି କରୁଥା'ନ୍ତି ।

ଶ୍ରୁତଲିଖନର ଠିକ୍ ଉପାୟ ବତାଇବାକୁ ମୁଁ ଚେଷ୍ଟା କଲି । କହିଲି, "ଦେଖ ! ମୁଁ କହିଲାବେଳେ ମୋତେ ଚାହିଁ ପୂରା ବାକ୍ୟଟିକୁ ଭଲ ଭାବରେ ପ୍ରଥମେ ଶୁଣ, ବୁଝିବାକୁ ଚେଷ୍ଟାକର, ତା'ପରେ ଲେଖ । ପର ବାକ୍ୟ ପାଇଁ ପୁଣି ସେହି କଥା ।"

ଆସ୍ତେ ଆସ୍ତେ ସେମାନେ ବୁଝିଗଲେ । ମୁଁ କୌଣସି ଶବ୍ଦ ଦ୍ୱିତୀୟ ଥର ପାଇଁ କହିଲି ନାହିଁ । ଲେଖା ସରିଲା ଓ ସ୍ଲେଟ୍ ସବୁ ମୋ ପାଖକୁ ଆସିଲା । ଅନେକ ବନାନ ଭୁଲ ଥିଲା । କିଏ ଯୁକ୍ତାକ୍ଷର ଲେଖି ପାରୁନଥିଲା । ପ୍ରାୟ ସବୁ ହସ୍ତାକ୍ଷର ଖୁବ୍ ଖରାପ ଥିଲା ।

ଲେଖାଗୁଡ଼ିକ ଦେଖି ଭୁଲ ନବାଛି ମୁଁ ଫେରାଇ ଦେଲି । ସମସ୍ତେ ପଚାରିବାରେ ଲାଗିଲେ, "ମୋର କେତେ ଭୁଲ, ମୁଁ କେତେ ନମ୍ବର ପାଇଛି, କିଏ ପ୍ରଥମ . . . ?" ସମସ୍ତେ ଧରି ନେଇଥିଲେ ଯେ ମୁଁ ମଧ୍ୟ ଅନ୍ୟ ଶିକ୍ଷକଙ୍କ ଭଳି ପଢ଼ାଇବି, ଭୁଲ ବାଛିବି, ପ୍ରଥମ, ଦ୍ୱିତୀୟ ଠିକ୍ କରିବି ।

ମୁଁ କହିଲି, "ନା, ସେପରି କିଛି ହେବନି, ତୁମେମାନେ ବେଶ୍ କିଛି ଲେଖି ଜାଣିଛ । କାଲି ପୁଣି ଚେଷ୍ଟା କରିବା, ଆସ୍ତେ ଆସ୍ତେ ସମସ୍ତେ ଭଲ ଭାବେ ଲେଖିବା ଶିଖିଯିବେ । ସବୁ କାମରେ କ'ଣ ପ୍ରଥମ ଦ୍ୱିତୀୟ ବଛା ହୁଏ ?"

"ଗପ କହିଲା ବେଳେ, ଖେଳରେ, ଡେଙ୍ଗାରେ, ମୋଟାରେ, ଟଙ୍କା ପଇସାରେ କ'ଣ ତୁମର ସ୍ଥାନ ବଛାଯାଏ ?", ମୁଁ ପୁଣି ପଚାରିଲି ।

ସମସ୍ତେ କହି ଉଠିଲେ, "ନାଁ, ନାଁ ।" "ତେବେ ଶ୍ରେଣୀରେ କିଏ କ'ଣ

ଭୁଲ କଲା ସେଥିରେ କାହିଁକି ସ୍ଥାନ ବାଛିବା ?" "କିଏ ଗୀତରେ ଭଲ କଲା ତ କିଏ ଖେଳରେ । ତମେ ଆଜି ଯେଉଁ ବିଷୟ ଭଲ କରି ଜାଣ ନାହିଁ, କାଲି ଶିଖିବ ।"

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ।

ମୁଁ ପୁଣି କହିଲି, "ଆମ ଶ୍ରେଣୀରେ ଆମେ ଅନେକ ନୂଆ କଥା କରିବା । ଅନ୍ୟମାନଙ୍କଠାରୁ ଅଲଗା । ଆମେ ନୂଆ ବାଟରେ ଚାଲିବା । ଏଇଟା ଆମ ସମସ୍ତଙ୍କର ଶ୍ରେଣୀ ।"

ମୁଁ ଜୋର ଦେଇ ଦୁଇ ତିନି ଥର କହିଲି, "ଆମ ସମସ୍ତଙ୍କର ଶ୍ରେଣୀ ।" ପିଲାମାନେ ବି କହିଉଠିଲେ, "ଆମ ସମସ୍ତଙ୍କର ଶ୍ରେଣୀ, ଏହା ଅନ୍ୟମାନଙ୍କ ଠାରୁ ଅଲଗା, ନୂଆ ପ୍ରକାରର ।"

ଶୁଣିକରି ବା ବହିଦେଖି ଲେଖିବା, ଯୁକ୍ତାକ୍ଷର, ବନାନ ଇତ୍ୟାଦିର ଅଭ୍ୟାସ ଚାଲିଲା । ଜଣେ ଆଉ ଜଣକର ଲେଖା ସଂଶୋଧନ କରିପାରିଲା । ଆସ୍ତେ ଆସ୍ତେ ସମସ୍ତଙ୍କର ଉନ୍ନତି ଜଣାପଡ଼ିଲା ।

ଏଥର ଲାଗିଲା ଯେ ଆମ କାମ କିଛି ଆଗଉଛି ।

## ୩

ଦିନେ ଗପକୁହା ଚାଲିଥାଏ । ପାଖ ଶ୍ରେଣୀରୁ କାହାର ବିକଳ ଚିତ୍କାର ଶୁଣାଗଲା । ଆମେ ଚମକି ପଡ଼ିଲୁ । ପିଲାଙ୍କ ମନ ଗପରେ ଲାଗିଲାନି । ଘଟଣା କ'ଣ ଦେଖି ଆସିବାକୁ ମୁଁ ଜଣକୁ ପଠାଇଲି ।

ପିଲାଟି ଫେରିଆସି କହିଲା, "ଜିଭା ତା'ର ଭୂଗୋଳ ପଢ଼ା କରିନଥିଲା । ତେଣୁ ଶିକ୍ଷକ ତାକୁ ପିଟିଛନ୍ତି ।" ମୁଁ ପଚାରିବାରୁ ସିଏ ପୁଣି କହିଲା, "ଯିଏ ପଢ଼ା ନକରିବ, ସିଏ ତା'ର ଫଳ ପାଇବ ।"

"ଯଦି ସିଏ ଆଦୌ ଜାଣିନାହିଁ କିମ୍ବା ଚେଷ୍ଟା କରି ମଧ୍ୟ ମନେରଖି

ପାରିନାହିଁ, ତେବେ ବି କ'ଣ ସିଏ ମାଡ଼ ଖାଇବ ?" ମୁଁ ପଚାରିଲି ।

"ହଁ! ନଜାଣିଛ ମାନେ ଶିକ୍ଷକ ନିଶ୍ଚୟ ପିଟିବେ ।" ଆଉ ଜଣେ କହିଲା ।

ମୁଁ ପୁଣି କହିଲି, "ଆଛା, ତୁମକୁ ବାଡ଼େଇଲେ କେମିତି ଲାଗିବ ? ତୁମେ ପଢ଼ା ନକଲେ ମୁଁ ଏଥର ବାଡ଼େଇବି କି ?"

ପିଲାମାନେ କହିଲେ, "ନାଁ, ମାଡ଼ କ'ଣ କାହାକୁ ଭଲ ଲାଗେ ? ମାଡ଼ ଖାଇବା ବଡ଼ କଷ୍ଟ, ଆପଣ ପଢ଼ାଦେଲେ ଆମେ ନିଶ୍ଚୟ କରିବୁ । ନଆସିଲେ ଆପଣ ପୁଣି ଥରେ ବୁଝାଇ ଦେବେ । ଆମେ ମଧ୍ୟ ଅଧିକ ପରିଶ୍ରମ କରିବୁ ।"

ପୁଣି ଗପ ଆରମ୍ଭ କଲି । କିନ୍ତୁ ପିଲାଙ୍କ ମନ ତଥାପି ଜିଭାର ମାଡ଼ଖିଆ ପାଖରେ ଥାଏ । ସେମାନେ କହି ଚାଲିଲେ, "ଜିଭା ଶିକ୍ଷକଙ୍କୁ ପଛରେ ଗାଳିଦିଏ, କାଛ ବାଡ଼ରେ ତାଙ୍କର ବିକୃତ ଚିତ୍ର କରେ । କାରଣ ଶିକ୍ଷକ ତାକୁ ଖୁବ୍ ଜୋର୍‌ରେ ପିଟନ୍ତି । ତାକୁ ପିଟିବା ଉଚିତ ନୁହେଁ ।"

"ତା'ର ପାଠ ନପଢ଼ିବା ବିଷୟରେ ତେବେ କ'ଣ କରିବା ?" ମୁଁ ତାଙ୍କ ମତ ଜାଣିବାକୁ ଚାହିଁଲି ।

"ତେବେ ତାକୁ ସ୍କୁଲରୁ ବାହାର କରିଦେବା । ବାଡ଼େଇଲେ ଲାଭ କ'ଣ ? ମାଡ଼ ଦେଲେ ଯଦି ପାଠ ହୋଇଯାଉଥା'ନ୍ତା, ତେବେ ସମସ୍ତେ ସବୁଦିନ ମାଡ଼ ଖାଇବା ଦରକାର ।", ପିଲାମାନେ କହିଲେ । ଜଣେ କହିଲା ଜିଭାର ପାଠପଢ଼ାରେ ମନ ନାହିଁ । ଠେକୁଆ ଧରିବା, ଗାଈ ଚରେଇବା ଭଳି କାମ ତାକୁ ଭଲ ଲାଗେ ।

ଆଉ ଜଣେ କହିଲା ଜିଭା ସ୍କୁଲରେ ମାଡ଼ ଖାଏ ଓ ବାହାରେ ଅନ୍ୟମାନଙ୍କୁ ପିଟେ, ଆମେ ସମସ୍ତେ ତାକୁ ଡରୁ, ସିଏ କୋଲି ଘରର

ପିଲା । ତା'ର ବାପା ସରକାରୀ ଚାକିରୀ କରନ୍ତି, ତେଣୁ ତାକୁ ବାଧ୍ୟ କରି ପଢ଼ାଉଛନ୍ତି । ତା'ପାଇଁ ଘରୋଇ ଶିକ୍ଷକ ମଧ୍ୟ ରହିଛନ୍ତି ।

ମୁଁ ଜିଭା କଥା ଏତିକିରେ ବନ୍ଦ କରାଇ ଦେଲି । ଗପଟି ସରିଲା ବେଳକୁ ଛୁଟି ଘଣ୍ଟା ବାଜିଲା । ଘରକୁ ଫେରି ମୁଁ ପିଲାମାନଙ୍କୁ ଦଣ୍ଡ ଦେବା ବ୍ୟବସ୍ଥା କଥା ଭାବିଲି । ମୁଁ ନିଶ୍ଚିତ ଭାବରେ ତା'ର ବିରୋଧ କରେ । ଅନ୍ତତଃ ମୁଁ କାହାରିକୁ ମାଡ଼ ଦେବିନାହିଁ ।

## ୪

ପିଲାଙ୍କର ସଫାସୁତୁରା ଚିନ୍ତା ମୋ ମନରେ ଭରି ରହିଥାଏ । ଦିନେ ଅଧିକାରୀଙ୍କୁ ଭେଟି କହିଲି, "ଆଜ୍ଞା, ଆପଣ ଗୋଟିଏ ଆଦେଶ ଜାରି କରିଦିଅନ୍ତୁ ଯେ ସ୍କୁଲକୁ ସମସ୍ତେ ସଫାହୋଇ ଆସିବେ । ବାଳ, ନଖ କଟା ହେବ, ମୁଣ୍ଡକୁଣ୍ଡିଆ ହୋଇଥିବ, ଟୋପି, ଜାମା ସବୁ ସଫା ହୋଇଥିବ । ମୁଁ ଅନେକ ବୁଝାଇଲେ ମଧ୍ୟ ବାପା ମାଆମାନେ ଏକଥା ବୁଝୁ ନାହାନ୍ତି – ଭଲ ଓ ଧନୀ ଘରର ଲୋକମାନେ ମଧ୍ୟ । ବରଂ କହୁଛନ୍ତି ଯେ ଏସବୁରେ ମୁଣ୍ଡ ପୂରାଇବା ଦରକାର ନାହିଁ । ମୋର ଖାଲି ପଢ଼ାଇବା କଥା; କିନ୍ତୁ ଏପରି ମଇଳା ପିଲାଙ୍କୁ ପଢାଇବାକୁ ମୋର ଇଚ୍ଛା ହେଉନାହିଁ ।

ଅଧିକାରୀ କହିଲେ, "ଆମର ଏ ସମାଜକୁ ବଦଳାଇବା କିଛି ସହଜ କଥା ନୁହେଁ । ତା'ଛଡ଼ା ଏପରି ଆଦେଶ ଦେବା ମୋ କ୍ଷମତାର ବାହାରେ । ତମେ ଆହୁରି ଉଚ୍ଚ ଅଧିକାରୀମାନଙ୍କ ଆସନକୁ ହଲାଅ । ହୁଏତ ଏପରି କିଛି ଆଦେଶ ସେଠାରୁ କିଛି ଆସିପାରେ । କିନ୍ତୁ ଏସବୁ ଆଦେଶକୁ ମାନୁଛି କିଏ ? ନମାନିଲେ ଆମେ ବା ତାଙ୍କର କ'ଣ କରିପାରିବା ? ସ୍କୁଲରୁ ବାହାର କରିଦେଲେ ତ ବହୁତ ଗଣ୍ଡଗୋଳ ହେବ ।"

ମୁଁ କହିଲି, "ହଁ, ଶିକ୍ଷକମାନଙ୍କୁ ପଚାରେ ବା କିଏ ? ତାଙ୍କ କଥାର ମୂଲ୍ୟ ନାହିଁ, ଆଉ ନିଜ ବୁଦ୍ଧିକୁ କାମରେ ଲଗାଇବା ପାଇଁ କ୍ଷମତା ନାହିଁ । ମୁଁ କିନ୍ତୁ ସ୍କୁଲ ଭିତରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ମୋ ସାଧ୍ୟମତେ ଲାଗିବି । ସ୍କୁଲ ବାହାରେ ମଧ୍ୟ ଏକଥା ଉଠାଇବି । ସବୁ ରୋଗର ଘର ଏଇ ଅପରିଷ୍କାର ପରିବେଶକୁ ହଟାଇବାକୁ ଲାଗିପଡ଼ିବି ।"

ଅଧିକାରୀ ମନେପକାଇ ଦେଲେ, "ଏସବୁ ତ ତୁମ ପ୍ରୟୋଗ ଭିତରେ । କିନ୍ତୁ ପାଠ୍ୟକ୍ରମ ସାରିବା କଥା ମଧ୍ୟ ମନରେ ରଖିଥାଅ । ଚାରିମାସ ପୂରିବାକୁ ବସିଲାଣି ।"

ଘରକୁ ଫେରିବା ବେଳେ ଗୋଟିଏ ଗୋଟିଏ ଦର୍ପଣ, ପାନିଆ, ତଉଲିଆ, ଛୋଟ କଇଁଚି ଓ ଝାଡୁ ଦୁଇମୁଠା କିଣି ଆଣିଲି । ସ୍କୁଲର ତ ଏଥିପାଇଁ କିଛି ପଇସା ନଥାଏ, ତେଣୁ ନିଜ ହାତରୁ ଦେଲି । ତା ପରଦିନ ଦର୍ପଣରେ ସମସ୍ତଙ୍କୁ ନିଜ ନିଜର ଅପରିଷ୍କାର ମୁହଁ ଦେଖାଇଲି ଓ ସ୍କୁଲ ହତାରେ ଥିବା କଳରେ ସମସ୍ତଙ୍କୁ ଧୁଆଧୋଇ ହୋଇ ଆସିବାକୁ କହିଲି । ସାଙ୍ଗେ ସାଙ୍ଗେ ହୋ ହୋ ଠେଲା ପେଲା ଆରମ୍ଭ ହୋଇଗଲା । ମୁଁ ଦେଖିଲି ଯେ ଏମାନଙ୍କୁ ସବୁ ପ୍ରକାରର ଶୃଙ୍ଖଳା ଶିଖାଇବାକୁ ପଡ଼ିବ । ମୁଁ ଗୋଟିଏ ଗାର ଟାଣି ସେମାନଙ୍କୁ ଧାଡ଼ିରେ ଛିଡ଼ା କରାଇଲି ଏବଂ ଜଣ ଜଣ କରି କଳ ପାଖକୁ ଛାଡ଼ିଲି । ମୁହଁ ହାତ ଧୋଇ, ପୋଛି, ମୁଣ୍ଡ କୁଣ୍ଡାଇ ସମସ୍ତେ ବସିଲେ । ରାସ୍ତାରେ ଲୋକେ ଛିଡ଼ାହୋଇ ସ୍କୁଲରେ ଏହି ନୂଆ କାମଟିକୁ ଦେଖୁଥା'ନ୍ତି । ପିଲାମାନେ ଦର୍ପଣରେ ନିଜ ନିଜର ସଫା ମୁହଁ ଦେଖି ଖୁସିହେଲେ ଓ ସବୁଦିନେ ସ୍କୁଲକୁ ଆସି ଏହି କାମଟିକୁ କରିବାକୁ ରାଜି ହେଲେ ।

ସନ୍ତୋଷ ମନରେ ଆମେ ଗୋଟିଏ ଗୀତ ଗାଇବାକୁ ବସିଲୁ । ମୋ

ମୁହଁରୁ ଗୋଟିଏ ପ୍ରାର୍ଥନା ସଙ୍ଗୀତ ଆପେ ଆପେ ବାହାରି ଆସିଲା । ମୁଁ ସେଦିନ ନଖ ଓ ଜାମା ଦେଖା କାମକୁ ଛାଡ଼ିଦେଇ ଗୋଟିଏ ନୂଆ କାମ ହାତକୁ ନେଲି ।

୪

ମୋ କାମର ଯୋଜନା ଅନୁସାରେ ପ୍ରଥମ ଛ' ମାସରେ ପିଲାଙ୍କର ପାଠର ମୂଳଦୁଆକୁ ଟାଣ କରିବା କଥା ଥିଲା । ଇତିହାସ ଓ ସାହିତ୍ୟର ମୂଳଦୁଆ ପଡ଼ିଛି । ଏବେ କବିତା ପାଠ ଆସିବ ଲୋକଗୀତ ମାଧ୍ୟମରେ । ଏ କଥା ଭାବି ଅତି ଜଣାଶୁଣା ଗୀତଟିଏ ଆରମ୍ଭ କଲି ଓ ସେମାନଙ୍କୁ ପାଳି ଧରିବାକୁ କହିଲି ।

ମୁଁ ଗାଇଲି,

"କାହ୍ନୁ ହୃଦୟର ମଣି, ମୋ ସଖିରେ
କାହ୍ନୁ ମୋ ହୃଦୟ ମଣି . . .

କିନ୍ତୁ ସମସ୍ତେ ଚୁପ । କାହାରି ଗାଇବା ଅଭ୍ୟାସ ହିଁ ନ ଥିଲା । ମୁଁ ଆଉ ଗୋଟିଏ ଗୀତ ଚେଷ୍ଟାକଲି ।

"ଏଇ ମୋ ମୟୁର, ମୋ ମୟୁର,
ମୋତି ଖାଉଅଛି ମୋ ମୟୁର ।"

ଏଥର କେତେଜଣ ମୋ ସାଙ୍ଗରେ ଗାଇଲେ । ସମସ୍ତଙ୍କର ପାଟି ମିଶି ବହୁତ ଶବ୍ଦ ହେଲା । ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଏଥିରେ ବିରକ୍ତ ହୋଇ ମାଡ଼ି ଆସିଲେ ଏବଂ ମୋର ପ୍ରୟୋଗ ବିଷୟରେ ଥଟ୍ଟା କରିବାରେ ଲାଗିଲେ ।

ସେମାନେ ଚାଲିଗଲା ପରେ ମୁଁ ପିଲାମାନଙ୍କୁ କହିଲି, "ନାଁ, ଏତେ ପାଟି ଚଳିବନି । ମୁଁ ଏବେ ଗାଇବି , ତୁମେମାନେ ଖାଲି ଶୁଣ ।" ମୋ

ସ୍ୱର ଅତି ମଧୁର ନଥିଲେ ମଧ୍ୟ ବେସୁରା ନ ଥିଲା । ମୁଁ ଅଙ୍ଗଭଙ୍ଗୀ କରି ଗାଉଥିବାରୁ ପିଲାଙ୍କୁ ଭଲ ଲାଗୁଥିଲା । କିନ୍ତୁ କେତେ ଜଣଙ୍କର ଟିକିଏ ମଧ୍ୟ ଆଗ୍ରହ ନ ଥିଲା । ସେମାନେ ଚଗଲାମିରେ ମାତିଥିଲେ । ସେମାନଙ୍କୁ ବଦଳାଇବାଟା ମଧ୍ୟ ମୋର ଗୋଟିଏ ବଡ଼ ଲକ୍ଷ୍ୟ ଥିଲା । ଏ ଦଳଙ୍କୁ ମୁଁ କହିଲି- "ତୁମେମାନେ ଯାଇ ଅଲଗା ବସ । ଖାତାରେ ନିଜ ଇଚ୍ଛା ଅନୁସାରେ ଲେଖ କିମ୍ବା ଚିତ୍ର କର ।"

ମୁଁ ଆଉ ଗୋଟିଏ ଗୀତ ଗାଇଲି । ପିଲାମାନଙ୍କର ଆଗ୍ରହ ବଢ଼ିଲା । ସ୍କୁଲ ବାହାରେ ସେମାନେ ଗୁଣୁ ଗୁଣୁ ହୋଇ ଗାଇବାରେ ଲାଗିଲେ, "ନୋଥ ଗଢ଼ିଦେ'ରେ ବଣିଆ, ମୋ ନୋଥ ଗଢ଼ିଦେ ।" ଲୋକମାନେ କୁହାକୁହି ହେଲେ, "ଏ ତ ନବରାତ୍ରୀର ଗରବା ଯାତ୍ରା ଗୀତ । ଏ ମାଷ୍ଟ୍ର କ'ଣ ପିଲାଙ୍କୁ ଯାତ୍ରା ଶିଖାଇବାକୁ ଆସିଛି ?" ଏସବୁ ଶୁଣି ମଧ୍ୟ ନଶୁଣିଲା ଭଳି ମୁଁ ମୋ କାମ କରିଚାଲିଲି । କିଛି ବି ନୂଆ କାମ କଲେ ଏମିତି କେତେ କଥା ଶୁଣିବାକୁ ପଡ଼ିଥାଏ ।

୭

ଦିନେ ଜଣେ ପରମହଂସ ସାଧୁବାବାଙ୍କୁ ଆଣି ପ୍ରଧାନ ଶିକ୍ଷକ ଆମ ଶ୍ରେଣୀରେ ଚିହ୍ନାଇ ଦେଲେ । ଧର୍ମ ବିଷୟରେ ପିଲାମାନଙ୍କୁ ବୁଝାଇବା ପାଇଁ ସେ ସ୍କୁଲ ସବୁ ବୁଲିବା ପାଇଁ ଅନୁମତି ପାଇଛନ୍ତି । ପିଲାମାନେ ସାଧୁବାବାଙ୍କର ଲଣ୍ଡା ମୁଣ୍ଡ ପତଳା ଦେହ, ଉଜ୍ଜଳ ମୁହଁ ଓ ହାତର କମଣ୍ଡଳକୁ ଅନାଇ ଚାହିଁଥାନ୍ତି । ପିଲାମାନଙ୍କୁ ଚୁପଚାପ ବସି ଶୁଣିବାକୁ କହି ମୁଁ ସାଧୁ ବାବାଙ୍କୁ ତାଙ୍କ କଥା ଆରମ୍ଭ କରିବାକୁ ଅନୁରୋଧ କଲି ।

ସାଧୁବାବା ଆରମ୍ଭ କଲେ, "ଏ ଜଗତରେ ଈଶ୍ୱର ହିଁ ସର୍ବଶକ୍ତିମାନ । ଏ ଦୁନିଆକୁ ସେ ହିଁ ଗଢିଛନ୍ତି । ଆମେ ସମସ୍ତେ

ତାଙ୍କଠାରୁ ଆସିଛେ . . .।" କିଛି ସମୟ ଏହିପରି ଚାଲିବା ପରେ ପିଲାମାନେ ଖୁଜୁବୁଜୁ ହେବାକୁ ଆରମ୍ଭ କଲେ । ମୁଁ ସେମାନଙ୍କୁ ଶାନ୍ତ ରହିବାକୁ ଇସାରା କଲି ଓ ସାଧୁବାବାଙ୍କୁ କିଛି ସରଳ କଥା କହିବାକୁ କହିଲି । ସ୍ୱାମୀଜୀ କିଛି ଖରାପ ନଭାବି ପୁରାଣ ଇତ୍ୟାଦି ବିଷୟରେ କିଛି କହିଲେ । କିନ୍ତୁ ପିଲାଙ୍କୁ ସେଗୁଡ଼ା ମଧ୍ୟ ଭଲ ଲାଗିଲା ନାହିଁ । ସାଧୁବାବା ଗମ୍ଭୀର ହୋଇ କିଛି ଶ୍ଳୋକ ବୋଲି ତା'ର ଅର୍ଥ ବୁଝାଇବାରେ ଲାଗିଲେ । ତାହା ଲେଖି ନେଇ ଘରେ ଆବୃତି କରିବାକୁ ପିଲାମାନଙ୍କୁ ସେ କହିଲେ ।

ମୁଁ ମନେ ମନେ ଏହି ୧୦-୧୨ ବର୍ଷର ପିଲାମାନଙ୍କ ଅବସ୍ଥା କଥା ଭାବୁଥାଏ । ଧର୍ମର ଯେଉଁ ଗୁଢ଼ ତତ୍ତ୍ୱ ସବୁକୁ ବୁଝିବା ପାଇଁ ବୟସ୍କମାନଙ୍କୁ ମଧ୍ୟ ଅନେକ ସମୟ ଲାଗେ, ତା ପୁଣି ଏ ପିଲାମାନଙ୍କ ଆଗରେ ଏବଂ ଏପରି ଭାବରେ ! ଆଗେ ବିଭିନ୍ନ ଧର୍ମପୀଠରେ ଯେଉଁ ପ୍ରବଚନ ଦିଆଯାଉଥିଲା ତାହା ଫଳରେ ବାପା ମା'ମାନେ ଉଚିତ ଆଚରଣ କରୁଥିଲେ ଏବଂ ଏହାର ପ୍ରଭାବ ପିଲାମାନଙ୍କ ଉପରେ ପଡୁଥିଲା । ଏବେ କିନ୍ତୁ ବୟସ୍କମାନଙ୍କର ଏସବୁ ପାଇଁ ହୁଏତ ସମୟ ବା ଆବଶ୍ୟକତା ନାହିଁ । ତେଣୁ ଏପରି ନିରସ ତତ୍ତ୍ୱ ସବୁ ସ୍କୁଲରେ ବାଣ୍ଟିବା ଦରକାର ପଡୁଛି ।

ଶେଷରେ ସ୍କୁଲ ଛୁଟି ହେଲା, ଥକିଲା ପିଲାମାନେ ବାବାଙ୍କୁ ପ୍ରଣାମ କରି ଚାଲିଗଲେ । ସାଧୁଜୀଙ୍କୁ ମୁଁ ମୋ ଘରକୁ ନିମନ୍ତ୍ରଣ କଲି । ଧର୍ମଶିକ୍ଷା ଉପରେ କିଛି ଆଲୋଚନା ଚାଲିଲା । ମୁଁ କହିଲି, "ବାବା ପିଲାଙ୍କର କୋମଳ ମନ ଏସବୁ କଥା କ'ଣ ଗ୍ରହଣ କରିପାରିବ ? ଏଥିରେ ତାଙ୍କର କ'ଣ ବା ଆଗ୍ରହ ରହିଛି ?"

ସାଧୁବାବା କହିଲେ, "ଏବେ ତ ଧର୍ମ ଲୋପ ପାଇବାକୁ ବସିଲାଣି । ତେଣୁ ଏସବୁ ପିଲାଦିନୁ ତାଙ୍କ କାନରେ ପଡ଼ିବା ଉଚିତ । ସେମାନେ

ନବୁଝିଲେ ଓ ଆଗ୍ରହ ନଦେଖାଇଲେ ବି ସେମାନଙ୍କୁ କିଛି ଶ୍ଳୋକ ଘୋଷାଇ ଦେବା ନିହାତି ଦରକାର ।"

ମୁଁ କହିଲି, "କିନ୍ତୁ ଧର୍ମ କେବଳ ଜିଭ ଆଗରେ ତ ରହେନାହିଁ । ଏଥିପାଇଁ ଅନ୍ତରର ଜାଗୃତି ଦରକାର । ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଅଛି । ଅସମୟରେ ପିଲାଙ୍କ ଉପରେ ଏ ବୋଝ ନଦିଦେଲେ ଲାଭ କ'ଣ ? ଧର୍ମର ଆବଶ୍ୟକତା ବୁଝିବା ପାଇଁ ପିଲାମନର ପରିପକ୍ୱତା କାହିଁ ?"

ବାବା ଉତ୍ତର ଦେଲେ, "ଆଗକାଳରେ ମଣିଷ ଗୁରୁକୁଳ ଆଶ୍ରମରେ ରହି, ଶରୀରକୁ କଷ୍ଟ ଦେଇ ଧର୍ମ କଥା ଶୁଣୁଥିଲା । କିନ୍ତୁ ଏ କଳି ଯୁଗରେ ସେ ସବୁ କାହିଁ, ଉପାୟ ବା ଆଉ କ'ଣ ?"

ମୁଁ କହିଲି, "ଆମେ ଘର, ସ୍କୁଲ ବୁଲି ଧର୍ମ ବାଣ୍ଟିଲେ ବି କେହି ଧର୍ମାତ୍ମା ହୋଇଯିବେନି । ମୋ ବିଚାରରେ ପିଲାଙ୍କୁ ଧର୍ମୋପଦେଶ ନଦେଇ ତାଙ୍କର ଶରୀର, ମନ ଓ ବୁଦ୍ଧିର ବିକାଶ ପାଇଁ ଯତ୍ନ କରିବା ବେଶି ଦରକାର । ବୟସ ବଢ଼ିଲେ ମଣିଷ ଆପେ ଆପେ ଧର୍ମ ଆଡ଼କୁ ଢଳିବ । ଧର୍ମଚର୍ଚ୍ଚାକୁ ପିଲା ଉପରେ ନଦିଦେଲେ ଏ ବିଷୟରେ ତା'ର ନିଜର ଜିଜ୍ଞାସାଭାବ ନଷ୍ଟ ହୋଇଯିବ, ବିକାଶରେ ବାଧା ଆସିବ ଏବଂ ତା'ର ନିଜର ଚିନ୍ତା ଶକ୍ତି ହଜିଯିବ ।"

ସାଧୁବାବା ଏ କଥାରେ ଏକମତ ହେଲେ । ଆମେ ଧର୍ମଶିକ୍ଷାର ଉପଯୁକ୍ତ ମାର୍ଗ ବିଷୟରେ ଚିନ୍ତାକଲୁ । ମୋର ମତ ଥିଲା ଯେ ଆମେ ଆମ ନିଜ ଜୀବନକୁ ଧର୍ମମାର୍ଗରେ ନେଇ ପିଲାଙ୍କ ପାଇଁ ଆଦର୍ଶ ହେବାଟା ବେଶି ଗୁରୁତ୍ୱପୂର୍ଣ୍ଣ । ପାଠ ବହିରେ ଧାର୍ମିକ ପୁରୁଷମାନଙ୍କର ଜୀବନୀ ଓ ପୁରାଣ ଗପ ଇତ୍ୟାଦି ଅବଶ୍ୟ ରହିପାରେ ।

ଶେଷରେ ସାଧୁବାବାଙ୍କୁ ମୁଁ କହିଲି, "ଆପଣ ପିଲାଙ୍କୁ ପଢ଼ାଇବା କାମ ହାତକୁ ନିଅନ୍ତୁ । ଆପଣମାନେ ଏହା କଲେ ଭଲ ଶିକ୍ଷକଙ୍କର

ଅଭାବ ଆଉ ରହନ୍ତା ନାହିଁ ।"

ସାଧୁବାବା ବିଦାୟ ନେଲେ । ଆମ ବନ୍ଧୁତା କିନ୍ତୁ ସେତେବେଳକୁ ଗାଢ଼ ହୋଇଉଠିଥିଲା । ଏବେ ମୁଁ ତାଙ୍କ ସାହାଯ୍ୟରେ ଧର୍ମଗ୍ରନ୍ଥ ସବୁ ପଢୁଛି ଏବଂ ସିଏ ମୋଠାରୁ ନୂଆ ଶିକ୍ଷା ପଦ୍ଧତି ବିଷୟରେ ଶିଖୁଛନ୍ତି ।

ବର୍ଷ ଶେଷ ବେଳକୁ ମୋର ପାଠ୍ୟକ୍ରମ ସରିବା କଥା ମୁଁ ଭୁଲି ନଥାଏ । ଅନ୍ୟମାନଙ୍କ ଅପେକ୍ଷା କିଛି ଅଧିକା କରିପାରିବାଟା ହିଁ ମୋର ପ୍ରୟୋଗର ବିଶେଷତ୍ୱ ହେବ । ଏଣିକି ଇତିହାସ ପଢ଼ା ଆରମ୍ଭ କରିବାକୁ ଠିକ୍ କଲି ।

୭

ଚତୁର୍ଥ ଶ୍ରେଣୀରେ ଚଳୁଥିବା ଇତିହାସ ବହିରୁ ଖଣ୍ଡେ ମୁଁ ଆଣିଲି । କେଉଁଥିରେ ଖାଲି ଶୁଖିଲା ତଥ୍ୟ, କାହାର ଶୈଳୀ ଖରାପ ବା କିଏ ପିଲାଙ୍କ ଉପଯୋଗୀ ନୁହେଁ । କୌଣସିଟି ମୋତେ ଭଲ ଲାଗିଲା ନାହିଁ । ତେବେ ପଢ଼ାଇବି କିପରି ?

ପୁଣି ମୁଁ ଭାବିଲି, "ଗପ ମାଧ୍ୟମରେ କ'ଣ ଇତିହାସ ପଢ଼ାଇ ପାରିବିନିକି? ଗପ ମାତ୍ରେ ହିଁ ତ କିଛି ସତ ଓ କିଛି କଳ୍ପନା । ଏଥିରେ କିଛି ସତ ଘଟଣା ଯୋଡ଼ିଦେଲେ କିପରି ହୁଅନ୍ତା ?

ଏ କଥା ମନରେ ରଖି ନୂଆ ଗପଟିଏ ଆରମ୍ଭ କଲି । କହିଲାବେଳେ ସେଥିରେ କିଛି ଐତିହାସିକ ଘଟଣା ମିଶାଇ ଚାଲିଲି । ପ୍ରଥମେ ପ୍ରଥମେ ପିଲାମାନେ ଶୁଣିଲେ କିନ୍ତୁ କିଛି ସମୟ ପରେ ସେମାନେ ଅଧୈର୍ଯ୍ୟ ହୋଇପଡ଼ିଲେ । ଏ କି ପ୍ରକାରର ଗପ ? ଏମିତି ଗପ ଆମେ ଶୁଣିବୁ ନାହିଁ । କାଲିର ଗପ ଭଳି କୁହ । ଚାଲ ଖେଳିବା । ଆମେ ଗୀତ ଗାଇବୁ । ଏପରି କହି ସମସ୍ତେ ମିଶି ମତେ ଖେଳ ପଡ଼ିଆକୁ ଭିଡ଼ିନେଲେ ।

ଅନ୍ୟ କିଛି ଉପାୟ ନିଶ୍ଚୟ ଦରକାର । କିନ୍ତୁ ଏହା ଗପ ଛଳରେ ହେଲେ ହିଁ ହେବ । ଅତୀତର ଘଟଣା ସବୁକୁ କିଏ କ'ଣ ଦେଖିକରି ଲେଖି ରଖିଛି ? ମୂଳ ଘଟଣାଗୁଡ଼ିକୁ ଠିକ୍ ରଖି କିଛି କାଳ୍ପନିକ ବର୍ଣ୍ଣନା ଯୋଡ଼ା ଯାଇପାରେ । ଏପରି ଭାବି ତା ପରଦିନ ମୁଁ ଗୋଟିଏ ଗପ ଆରମ୍ଭ କଲି ।

"ଗୋଟିଏ ବଡ଼ ଜଙ୍ଗଲ ଥିଲା । ସେଠି ଭୀଲ ଆଦିବାସୀମାନେ ରହୁଥିଲେ । ସେମାନେ ଖୁବ୍ ବଳୁଆ, ଧନୁଶର ମାରିବାରେ ବେଶ୍ ଦକ୍ଷଥିଲେ । . . ."

ପିଲାମାନେ ଖୁସିରେ ଗପ ଶୁଣିବାରେ ମଜି ଯାଇଥାନ୍ତି । ମୁଁ କିନ୍ତୁ ଆରମ୍ଭ କରିଥାଏ ଗୁଜୁରାତର ଜଣେ ମଧ୍ୟଯୁଗୀୟ ରାଜା ବନରାଜଙ୍କର ଇତିହାସ । ପିଲାମାନଙ୍କୁ ଗପଟି ଖୁବ୍ ଭଲ ଲାଗିଲା । ଗପଟି ଦ୍ୱିତୀୟ ଥର ସରି ତୃତୀୟ ଥର ପୁଣି କୁହା ଚାଲିଲା ।

ଏ ଭିତରେ ଦିନେ କିଏ ଯାଇ ଶିକ୍ଷା ଅଧିକାରୀଙ୍କ ପାଖରେ ଅଭିଯୋଗ କଲା ଯେ ମୁଁ ପିଲାମାନଙ୍କ ସମୟ କେବଳ ନଷ୍ଟ କରୁଛି । ଅବଶ୍ୟ ଏ ଅଭିଯୋଗ କିଛି ନୂଆ ନଥିଲା । ମୋ ଶ୍ରେଣୀର ପିଲାମାନେ ଖୁସି ରହୁଥିବାରୁ ଓ ମତେ ଶ୍ରଦ୍ଧା କରୁଥିବାରୁ ଅନ୍ୟ ଶିକ୍ଷକମାନଙ୍କର ଇର୍ଷା ହେଉଥିଲା । ମୁଁ ସେମାନଙ୍କୁ କହୁଥିଲି ମୁଁ ମୋ ବାଟରେ ଚାଲିଛି । ତୁମେ ତୁମ ବାଟରେ ଚାଲିଥାଅ । ମୋର ବିଶ୍ୱାସ ଅଛି ଯେ ପିଲାଙ୍କର ବର୍ଷଟିଏ ନଷ୍ଟ ହେବନାହିଁ ।

ଅଧିକାରୀଙ୍କର ମଧ୍ୟ ଏହି ବିଶ୍ୱାସ ଥିଲା । ତଥାପି ଦିନେ ସେ ଆମ ଶ୍ରେଣୀ ଦେଖିବାକୁ ଆସିଲେ । ସାରାଦିନର କାର୍ଯ୍ୟକ୍ରମ ଭିତରେ କେବଳ ଗପ ଦେଖି ସିଏ ମଧ୍ୟ ଟିକିଏ ବିରକ୍ତ ହୋଇଗଲେ । ତାଙ୍କ କହିବାରେ ପିଲାମାନେ ଗପ ତ ମଜାରେ ଶୁଣିବେ, କିନ୍ତୁ ଏ କାନରେ ପୁରାଇ ସେ କାନରେ ବାହାର କରିଦେବେ । ଇତିହାସ ପାଠର ମୂଲ୍ୟ ରହିବ

କେମିତି ? ତା ଛଡ଼ା ପରୀକ୍ଷା ମଧ୍ୟ ରହିଛି ଓ ତାର ଫଳାଫଳ ସଙ୍ଗେ ମୋର ବେକଟି ବନ୍ଧା ।

ମୁଁ ନିଜେ ଗୋଟିଏ ପରୀକ୍ଷା କଲି । ଗପଟିକୁ ଜାଣିଜାଣି ବଦଳାଇ କରି କହିଲି । ପିଲାମାନେ କିନ୍ତୁ ସଙ୍ଗେ ସଙ୍ଗେ ଧରିନେଉଥା'ନ୍ତି । ପ୍ରଥମେ ତ ହଜାର ଘୋଡ଼ା କହିଥିଲି । ଏବେ କ'ଣ ପଚାଶ ! କୁଡ଼ିଆଟି ତ ନଦୀ କୂଳରେ ଥିଲା । . . . ପିଲାମାନେ ସବୁ କିଛି ମନେ ରଖୁଥିଲେ । କିନ୍ତୁ ପରୀକ୍ଷାର ପ୍ରଶ୍ନ ପାଇଁ ଏହା ନଚଳିପାରେ । ତେଣୁ ଗପଟିକୁ ମୁଁ ସଂକ୍ଷିପ୍ତ ଭାବେ ଲେଖି ପିଲାମାନଙ୍କୁ ପଢ଼ିବାକୁ ଦେଲି । ପରେ ତା'ର ମୁଖ୍ୟ ଘଟଣାଗୁଡ଼ିକୁ ଗୋଟିଏ ଗୋଟିଏ ଧାଡ଼ିରେ କଳାପଟାରେ ଲେଖିଲି । ବର୍ତ୍ତମାନ ମୋର ଏହି ଲେଖା ଇତିହାସ ପାଠ ବହିର ସାରାଂଶଠାରୁ କିଛି ଅଲଗା ନଥିଲା । କେବଳ ପିଲାଙ୍କୁ ଏପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ମୋର ବାଟଟା ମଜା ଗପର ଭିତରେ ଥିଲା । ପିଲାମାନେ ମଧ୍ୟ ଇତିହାସ ବହିର ପ୍ରଶ୍ନଗୁଡ଼ିକର ଉତ୍ତର ଠିକ୍ ଭାବରେ ଦେଇପାରିଲେ ।

ଏହା ଦେଖି ଅଧିକାରୀ ମଧ୍ୟ ଖୁସି ହୋଇଗଲେ ଏବଂ କହିଲେ, "ଅନ୍ୟ ଶ୍ରେଣୀଗୁଡ଼ିକରେ ମଧ୍ୟ ଇତିହାସ ଏଭଳି ପଢ଼ାଯିବା ଉଚିତ । ମୁଁ ମଧ୍ୟ ମନ ଭିତରେ ବେଶ୍ ସନ୍ତୋଷ ପାଇଲି । ଗତ ଚାରିମାସର ସଫଳତା ମୋତେ ଉତ୍ସାହିତ କଲା । ବାକି ରହିଥିବା ଅନେକ କିଛି କାମ ପାଇଁ ମୁଁ ଜୋରରେ ଲାଗିପଡ଼ିଲି ।"

# ତୃତୀୟ ଭାଗ

## ଛ'ମାସ ପରେ ...

ପ୍ରତି ବର୍ଷ ପରି ଡାଇରେକ୍‌ଟର ମହାଶୟଙ୍କ ଅଭ୍ୟର୍ଥନା ପାଇଁ ଆମ ସ୍କୁଲରେ ତର୍କ ପ୍ରତିଯୋଗିତା, କବିତାପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର ପ୍ରସ୍ତୁତି ଚାଲିଲା । ପ୍ରତିବର୍ଷ ଏପରି ଉତ୍ସବ ହୁଏ । ସେଦିନ ପିଲାଙ୍କୁ ଲଡୁ ଓ ପୁରସ୍କାର ଇତ୍ୟାଦି ମଧ୍ୟ ଦିଆଯାଏ ।

ମୁଁ କିନ୍ତୁ ଏଥିରେ ଭାଗ ନେବା ପାଇଁ ମନାକଲି । ପ୍ରଧାନ ଶିକ୍ଷକ କାରଣ ପଚାରିବାରୁ ମୁଁ କହିଲି, "ଯେଉଁ କାମ ଡାଇରେକ୍‌ଟର ମହାଶୟଙ୍କୁ କେବଳ ଖୁସି କରିବା ପାଇଁ ହେଉଛି, ମୁଁ ତାହା କରିବିନି ।" ପ୍ରଧାନ ଶିକ୍ଷକ ମୋ ବିରୁଦ୍ଧରେ ଅଧିକାରୀଙ୍କ ପାଖରେ ଅଭିଯୋଗ କଲେ ।

ଭଲ ସ୍ୱର ଥିବା ପିଲା ଗୀତ, ଶ୍ଳୋକ ଆବୃତ୍ତି ପାଇଁ, ମୋଟା ତାଗଡ଼ା ପିଲା କ୍ରୀଡ଼ା ପ୍ରଦର୍ଶନ ପାଇଁ ବଛାଗଲେ, ମତେ କିନ୍ତୁ ଏ ସବୁ ଭଲ ଲାଗୁନଥାଏ । ଯେଉଁ ପିଲାଙ୍କୁ ଶ୍ଳୋକ ପାଇଁ ବଛା ଯାଇଛି ସେମାନେ ବ୍ରାହ୍ମଣ ପିଲା । କିନ୍ତୁ ଅନେକ ଘୋଷିଲେ ମଧ୍ୟ ତାଙ୍କର ମନେରହୁନି । ମୋଟ ଉପରେ ଦେଖିବାକୁ ଗଲେ ବଛା ହୋଇଥିବା ପିଲାମାନଙ୍କର ନିଜର ଆଗ୍ରହକୁ ଦେଖାଯାଇ ନଥାଏ ।

ଅଧିକାରୀଙ୍କ ଅଫିସରୁ ଡାକରା ଆସିଲା । ମୁଁ ଯାଇ ପହଞ୍ଚି

ଦେଖେ ତ ସେ ରାଗରେ ପଞ୍ଚମ । ପଚାରିଲେ ମୋ କ୍ଲାସରେ ଭଲ ପିଲା ସବୁ ଥିଲେ ବି ମୁଁ କାହିଁକି ଯୋଗ ଦେଉନି ? ମୁଁ ତାଙ୍କୁ ବୁଝେଇ କହିଲି, "ମୋ ମତରେ ଏସବୁ ଖାଲି ଦେଖେଇହେବା କଥା । ଡାଇରେକ୍‌ଟରଙ୍କୁ ଧୋକ୍କା ଦେବା କଥା । ପିଲାଙ୍କୁ ମାରିପିଟି, ଘୋଷେଇ କିଛି ଦିନ ଧରି ରିହରର୍ସାଲ କରାଯିବ । ପିଲା ଶୁଆପରି ଗାଇ ଶୁଣାଇବେ । ଏଥିରେ କେବଳ ତାଙ୍କର ସମୟ ଓ ଶକ୍ତି ନଷ୍ଟ ହେବ । ଆମେ କେବଳ ଜାଲିଆତି କରି ଡାଇରେକ୍‌ଟରଙ୍କୁ ଦେଖାଇବାକୁ ଚାହୁଁଛେ ଯେ ଆମ ପିଲାମାନେ କେତେ ଭଲ । ଆମେ ତ ଛଳନା କରୁଛେ, ଆମେ ପିଲାଙ୍କୁ ବି ସେଇଆ ଶିଖାଉଛେ ।"

ଡାଇରେକ୍‌ଟର ମହାଶୟ ମଧ୍ୟ ଖୁସି ହେବାର ଛଳନା କରିବେ । ପୁରସ୍କାର ଦେବେ । କହିବେ ଯେ ଏମାନେ ଜଣେ ଜଣେ ଉତ୍ତମ ନାଗରିକ ହେବେ । କିନ୍ତୁ ସେ ମଧ୍ୟ ଜାଣନ୍ତି ଯେ ତାଙ୍କୁ ଖୁସାମତ୍ କରିବା ପାଇଁ ଏ କାର୍ଯ୍ୟକ୍ରମ ସବୁ ହେଉଛି ।

ତଥାପି ଅଧିକାରୀ ମୋତେ ବହୁତ ବୁଝାଇବା ପାଇଁ ଚେଷ୍ଟା କଲେ । ଶେଷରେ ମୁଁ ରାଜି ହେଲି ଯେ ଡାଇରେକ୍‌ଟରଙ୍କର ମନୋରଞ୍ଜନ ପାଇଁ ମୁଁ କିଛି କରିବି, ଯେଉଁଥିରେ କି ପିଲାମାନଙ୍କର ସମୟ ଓ ଶକ୍ତି ନଷ୍ଟ ହେବନାହିଁ । ଡାଇରେକ୍‌ଟରଙ୍କୁ ଆମ ଶ୍ରେଣୀକୁ ଆଣିବା ପାଇଁ ମୁଁ ଅନୁରୋଧ କଲି । ଅଧିକାରୀ ମଧ୍ୟ ମୋ କଥାରେ ରାଜି ହେଲେ ଓ ପ୍ରଧାନ ଶିକ୍ଷକଙ୍କ ପାଖକୁ ସେଇ ଅନୁସାରେ ଚିଠିଟିଏ ଲେଖିଦେଲେ ।

ଆଜି ସ୍କୁଲରେ ଡାଇରେକ୍‌ଟରଙ୍କ ଆସିବା ପାଇଁ ଧୁମଧାମରେ ପ୍ରସ୍ତୁତି ଚାଲିଛି । ଛୋଟ ବଡ଼ ଅଧିକାରୀ, ଗାଁ ଲୋକ ଓ ପିଲାମାନେ ଆସିଗଲେଣି । ଶିକ୍ଷକମାନେ ଅସ୍ଥିର ଓ ଚଞ୍ଚଳ ହୋଇ ଉଠୁଥିଲେ । ପିଲାମାନଙ୍କୁ ଚୁପଚାପ ବସିବା ପାଇଁ ଧମକ ଦିଆଯାଇଥିବାରୁ

ସେମାନେ ଚୁପ ହୋଇ ବସିବା ପାଇଁ ଚେଷ୍ଟା କରୁଥା'ନ୍ତି ।

ତାଳିମାଡ଼ ଓ ସଙ୍ଗୀତ ଭିତରେ ଡାଇରେକ୍ଟର ଆସିଲେ । ପ୍ରଧାନ ଶିକ୍ଷକ ଅନେକ ଠାଣି ଦେଖାଇ ବାର୍ଷିକ ବିବରଣୀ ପଢ଼ିଲେ । ଦାମ୍ଭିକତାର ଅଭିନୟ କରୁଥିଲେ ମଧ୍ୟ ବିବରଣୀ ଶେଷ ହେଲାବେଳକୁ ସେ ଝାଳରେ ପୂରା ଭିଜି ଯାଇଥା'ନ୍ତି । ତା'ପରେ କବିତା ପାଠ ଓ ନାଟକ କାର୍ଯ୍ୟକ୍ରମ ଚାଲିଲା । ପିଲାମାନେ ନିର୍ଜୀବ ଭାବରେ ଶୁଆ ପରି ଗାଇବାକୁ ଲାଗିଲେ । ସଂଳାପଗୁଡ଼ିକ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ତେଣୁ ସେମାନଙ୍କର ମୁହଁରେ ବଡ଼ ଖାପଛଡ଼ା ଲାଗୁଥିଲା । କେବଳ ମୁଁ ନୁହେଁ, ଡ଼ାଇରେକ୍ଟର ମଧ୍ୟ ଏହା ଅନୁଭବ କରି ମୁରୁକି ମୁରୁକି ହସୁଥିଲେ । କାର୍ଯ୍ୟକ୍ରମ ସରିବା ପରେ ଡାଇରେକ୍ଟର ଭଦ୍ରାମି ଦୃଷ୍ଟିରୁ କାର୍ଯ୍ୟକ୍ରମର ପ୍ରଶଂସା କଲେ ।

ଏହି ସମୟରେ ଅଧିକାରୀ ତାଙ୍କୁ ଆମ ଶ୍ରେଣୀର କାର୍ଯ୍ୟକ୍ରମ ବିଷୟରେ କହିଲେ । ତିନିଥର ଘଣ୍ଟି ବାଜିବା ପରେ ପରଦା ଖୋଲିଲା । ମୁଁ ଓ ପିଲାମାନେ ମିଶି ପ୍ରତିଦିନ ଗାଉଥିବା ପ୍ରାର୍ଥନାରୁ ଗୋଟିଏ ଗାଇଲୁ । ପ୍ରାର୍ଥନା ପରେ ନାଟକ "କଚେରୀ ମୁଁ ଯିବି" ଚାଲିଲା । ପିଲାମାନେ ମୂଷା, ଦର୍ଜୀ, ବଣିଆ, ମୃଦଙ୍ଗବାଲା ଓ ରାଜା ହୋଇଥିଲେ । ମୁଁ ଥିଲି ରାଜାଙ୍କର ସିପାହୀ । ସମସ୍ତେ ସବୁଦିନ ଭଳି ସାଧାରଣ ପୋଷାକ ପିନ୍ଧିଥିଲେ । ରାଜା ଟେବୁଲ ଉପରେ ଗମ୍ଭୀର ହୋଇ ବସିଥିଲେ । ଆମ ରଙ୍ଗମଞ୍ଚ ପୂରା ସାଦାସିଧା ଥିଲା । ନିମ ଅଶ୍ୱତ୍ଥ ଡାଳରେ ଆମେ କାଛଗୁଡ଼ିକୁ ସଜାଇ ଥିଲୁ । ତଳେ ପିଲାମାନେ ରଙ୍ଗୀନ ଖଡ଼ିରେ ଚିତ୍ର କରିଥା'ନ୍ତି । ଘରଟି ସଫା ସୁତୁରା ହୋଇ ଗୋଟିଏ ଛୋଟ ଦରି ପଡ଼ିଥାଏ ।

ନାଟକ ଶେଷ ହେଲା । ପିଲାମାନଙ୍କୁ ଖୁବ୍ ମଜା ଲାଗୁଥାଏ । ସେମାନେ ଖୁବ୍ ସ୍ୱାଭାବିକ ଭାବରେ ଅଭିନୟ କରୁଥା'ନ୍ତି । ପଛରୁ

କହିବା ଦରକାର ପଡୁନଥାଏ । ମୁଁ ମଝିରେ ମଝିରେ ଠିକ୍ କରିଦେଉଥାଏ । ଦ୍ୱିତୀୟ ନାଟକ ଥିଲା 'ବୁଢ଼ୀ' ଓ ତୃତୀୟଟି 'ଠେକୁଆ' । ଗୋଟିଏ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମ ସରିଲା । ଶେଷରେ ଦର୍ଶକଙ୍କୁ ଧନ୍ୟବାଦ ଜଣାଇ ମୁଁ କହିଲି, "ଏମାନେ ସବୁ ଚତୁର୍ଥ ଶ୍ରେଣୀର ପିଲା । ଶ୍ରେଣୀରେ ଯେଉଁ କାହାଣୀ ସବୁ ଶୁଣନ୍ତି ସେଇଥିରୁ କିଛି ନାଟକ କରିବା ପାଇଁ ସେମାନେ ବାଛିଲେ । କାର୍ଯ୍ୟକ୍ରମ ପାଇଁ ସେମାମେ କିଛି ଅଧିକା ଘୋଷି ନାହାନ୍ତି । ଗପଗୁଡ଼ିକୁ ଶ୍ରେଣୀରେ ଶୁଣି ଶୁଣି ମନେ ରଖିଛନ୍ତି । ତେଣୁ ନିଜର ପାର୍ଟଗୁଡ଼ିକୁ ସ୍ୱାଭାବିକ ଭାବରେ ଅଭିନୟ କରିଛନ୍ତି । ବେଶ ପୋଷାକ ତ ନାଟକରେ ମାମୁଲି କଥା । ଅସଲ କଥା ହେଉଛି ଅଭିନୟ ଓ ଭାବ ପ୍ରଦର୍ଶନ । ଏମାନେ ଖୁବ୍ ଖୁସିରେ ଏ କାମ ସବୁ କରନ୍ତି । ପ୍ରଶଂସା ବା ପୁରସ୍କାର ଲୋଭରେ ସେମାନେ ଏହା କରନ୍ତି ନାହିଁ । କେବଳ ଭାଗ ନେବାରେ ସେମାନେ ପୂରା ସନ୍ତୁଷ୍ଟ । ଏବେ ଯେଉଁ ନାଟକଗୁଡ଼ିକ ଦେଖିଲେ ସେଥିରୁ ଏସବୁର କିଛି ପ୍ରମାଣ ପାଇଥିବେ ।"

ଡାଇରେକ୍ଟର ମଧ୍ୟ ବହୁତ ଖୁସିହୋଇ କହିଲେ, "ବର୍ତ୍ତମାନ ଆମେ ଯେଉଁ ସୁନ୍ଦର କାର୍ଯ୍ୟକ୍ରମ ଦେଖିଲେ ସେଥିପାଇଁ ଉଭୟ ଛାତ୍ର ଓ ଶିକ୍ଷକଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ପିଲାମାନଙ୍କର ସ୍ୱତଃସ୍ଫୁର୍ତ୍ତ ନିର୍ଭୟ ଅଭିନୟ ମନକୁ ଖୁବ୍ ପାଇଲା । ଘୋଷିବା ଗୋଟିଏ ଭୟଙ୍କର ରାକ୍ଷସ ଭଳି । ପିଲାମାନଙ୍କର ଆତ୍ମାକୁ ତାହା ମାରିଦିଏ ।"

ସେ ପୁଣି କହିଲେ, "ଏ ପିଲାଙ୍କୁ ମୁଁ କିଛି ପୁରସ୍କାର ଦେବିନାହିଁ । ଅଭିନୟ କଲାବେଳେ ଯେଉଁ ଆନନ୍ଦ ସେମାନେ ପାଉଥିଲେ ତାହା ହିଁ ତାଙ୍କର ସବୁଠାରୁ ବଡ଼ ପୁରସ୍କାର । ମୁଁ ପ୍ରକୃତରେ ଆଜି ବହୁତ ଖୁସି ।" ସଭା ଶେଷ ହେଲା । ସମସ୍ତେ ନିଜ ନିଜ ଘରକୁ ଗଲେ । ଅଧିକାରୀ ମଧ୍ୟ ଖୁବ୍ ଖୁସି ହୋଇଯାଇଥା'ନ୍ତି ।

ମୁଁ ମଧ୍ୟ ଖୁବ୍ ଖୁସି ହୋଇ ଘରକୁ ଫେରିଲି । ମୋର ଖୁସିରେ

ସବୁଠାରୁ ବଡ଼ କାରଣ ହେଉଛି ଯେ ମୋର ପ୍ରୟୋଗକୁ ଗ୍ରହଣ କରାଯାଇଥିଲା । ପରେ ଶୁଣିଲି ଯେ ଡାଇରେକ୍‌ଟର ମହାଶୟ ଇଉରୋପରେ ଗୋଟିଏ ନୂଆ ପ୍ରକାରର ସ୍କୁଲରେ ତାଙ୍କ ପିଲାଙ୍କୁ ପାଠ ପଢ଼ାନ୍ତି । ତେଣୁ ନୂଆ ଶିକ୍ଷା ପ୍ରଣାଳୀ ପ୍ରତି ତାଙ୍କର ଏତେ ଆଦର ।

ମୁଁ ଅଧିକାରୀଙ୍କ ପାଖକୁ ଗଲି । ସେ ବିଶ୍ୱାସ କଲେ ନାହିଁ ଯେ ପିଲାମାନେ ଘୋଷିନଥିଲେ ବୋଲି । ମୁଁ ତାଙ୍କୁ ବୁଝାଇଦେଲି ଯେ ପିଲାମାନେ ଗପଗୁଡ଼ିକୁ ମନେ ରଖିଥିଲେ । ଗପର ଚରିତ୍ରଗୁଡ଼ିକ ସ୍ଥାନରେ ନିଜେ ଥିଲା ଭଳି ସେମାନେ କଳ୍ପନା କଲେ । ଗପରୁ ଯାହା ଗ୍ରହଣ କରିଥିଲେ ତାକୁ ହିଁ ନିଜ ଭାଷାରେ ପ୍ରକାଶ କଲେ । ପ୍ରତି ସପ୍ତାହରେ ଖେଳଭଳି ଆମେ ନାଟକ କରୁ । ଆମକୁ ଯେମିତି ଆସେ ଆମେ ସେମିତି ଅଭିନୟ କରୁ । ପିଲାମାନଙ୍କର ଆଖି ସବୁବେଳେ ଖୋଲା । ସେମାନେ ଦର୍ଜୀ, ବଢ଼େଇ, କୁମ୍ଭାର ଆଦିଙ୍କୁ ସବୁବେଳେ ଦେଖୁଛନ୍ତି । ତାଙ୍କର ଅନୁଭୂତି ଓ କଳ୍ପନାଶକ୍ତିକୁ ମିଶାଇ ଅଭିନୟ କରନ୍ତି । ଦରକାର ହେଲେ ସବୁକିଛି ବଦଳାଇ ଚାଲନ୍ତି । ଅବଶ୍ୟ କାମ କଲାବେଳେ ସେମାନେ ଏସବୁ ତତ୍ତ୍ୱ ବୁଝିକରି କରୁନଥାନ୍ତି ।

ଡାଇରେକ୍‌ଟଙ୍କ ଭଳି ଅଧିକାରୀ ମଧ୍ୟ ଖୁବ୍ ଖୁସି ହୋଇଥିଲେ । ସେ ମୋର ପ୍ରୟୋଗ ବିଷୟରେ ଅଧିକ ଜାଣିବାକୁ ଚାହିଁଲେ ।

ମୁଁ କହିଲି, "ପ୍ରତି ସପ୍ତାହରେ ଆମେ ବାହାରକୁ ବୁଲିବାକୁ ଯାଉ । ସେଠି ଖେଳ ଭିତରେ ପିଲାମାନେ ନାଟକ କରନ୍ତି । ଦୁଇଜଣ ପିଲା ଗୋଟିଏ ଚାଦରକୁ ଧରି ପରଦା କରନ୍ତି ଏବଂ ଅଭିନୟ କଲାବାଲା ଓ ଦେଖିଲାବାଲାଙ୍କୁ ଅଲଗା ରଖନ୍ତି ।"

ଅଧିକାରୀ ଖୁବ୍ ଖୁସିହୋଇ କହିଲେ, "ସ୍କୁଲରେ ଏହିପରି ଜୀବନ୍ତ ନାଟକ ଆରମ୍ଭ କରାଯାଉ ଏବଂ ଶୁଆଭଳି ଗାଇବା ବନ୍ଦ ହେଉ ।" ନିଜ ପିଲାଦିନର ପାଠଘୋଷା କଷ୍ଟ ତାଙ୍କ ମନରୁ ଲିଭିନଥାଏ ।

ମୁଁ ମନେ ମନେ ହସିଲି ଓ ଭାବିଲି ଯାହା ହେଉ, ଡାଇରେକ୍ଟର ଆସିବାରୁ ମୋ ପ୍ରୟୋଗର ଅନେକ କିଛି ହୋଇଗଲା । ମୋର ପରୀକ୍ଷାରେ ଏ ଅନୁଭୂତିର ସ୍ଥାନ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

୨

ଷାଣ୍ମାସିକ ପରୀକ୍ଷା ପାଖେଇ ଆସୁଥିଲା । ଅନ୍ୟ ସବୁ ଶ୍ରେଣୀରେ ପାଠ ସବୁ ଦୋହରା ଯାଉଥିଲେ ବି ମୁଁ ବ୍ୟସ୍ତ ହେଉନଥାଏ । କାରଣ ଆମର କାର୍ଯ୍ୟକ୍ରମ ଭିତରେ ଏସବୁର ପୁନରାବୃତ୍ତି ହୋଇ ଯାଉଥାଏ । ଏବେ ବ୍ୟାକରଣ ପଢ଼ା ଆରମ୍ଭ କରିବାକୁ ଭାବିଲି । ସହଜେ ତ ଏହା ଏକ ଶୁଷ୍କ ନିରସ ବିଷୟ । ପୁଣି ଚତୁର୍ଥ ଶ୍ରେଣୀ ପିଲାଙ୍କୁ ବା ଏଥିରୁ କି ମଜା ମିଳିବ ? ତଥାପି ବି ତ ମତେ ପଢ଼ାଇବାକୁ ପଡ଼ିବ । ସେଥିପାଇଁ ମୁଁ ଏହାର ନୂଆ ଶିକ୍ଷା କୌଶଳ ବିଷୟରେ ଚିନ୍ତା କରିବାକୁ ଲାଗିଲି । ପ୍ରଥମେ ମୁଁ ପୂରା ବ୍ୟାକରଣ ପାଠ୍ୟକ୍ରମ ପଢ଼ିଲି । ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟାପଦ ଆଦି ଘୋଷି ହେଲେ ବି ବୁଝିବା ବଡ଼ କଷ୍ଟ । ମୁଁ ମନେ ମନେ ଗୋଟିଏ ନୂଆ ଉପାୟ ସ୍ଥିର କଲି ।

ଦିନେ ଏହି ନୂଆ ଉପାୟରେ ଖେଳ ମାଧ୍ୟମରେ ଆମର ବ୍ୟାକରଣ ଶିକ୍ଷା ଚାଲିଥାଏ । ପିଲାମାନେ ସହଜରେ ବିଶେଷ୍ୟ, ବିଶେଷଣ, କ୍ରିୟାପଦ ଆଦି ଜାଣିପାରୁଥା'ନ୍ତି ଓ ବାକ୍ୟ ଭିତରୁ ସେଗୁଡ଼ିକୁ ଚିହ୍ନାଇ ପାରୁଥା'ନ୍ତି । ଏହି ସମୟରେ ଅଧିକାରୀ ମହୋଦୟ ଶ୍ରେଣୀ ଭିତରକୁ ପଶିଆସିଲେ ଓ ମୋର ତାସ ଖେଳ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ମୁଁ ନିର୍ଭୟରେ ପିଲାଙ୍କୁ ପରୀକ୍ଷା କରିବାକୁ କହିଲି । ଅଧିକାରୀ ମହୋଦୟ କେତୋଟି ପ୍ରଶ୍ନ ପିଲାଙ୍କୁ ପଚାରି ତା'ର ସଠିକ ଉତ୍ତର ପାଇବାରୁ ଖୁସି ହୋଇଗଲେ ଏବଂ ମତେ ତା'ର ପ୍ରୟୋଗ ପ୍ରଣାଳୀ ଦେଖାଇବା ପାଇଁ କହିଲେ ।

ତା' ପରଦିନ ମୁଁ ମୋର ବ୍ୟାକରଣର ସମସ୍ତ ଉପକରଣ ଧରି ଅଧିକାରୀଙ୍କ ଘରେ ପହଞ୍ଚିଲି ଏବଂ ମୋର ପଢ଼ା ପ୍ରଣାଳୀ ବିଷୟରେ ବୁଝାଇଲି । ପ୍ରଥମେ ଲିଙ୍ଗ ବିଷୟରେ ଜାଣିବା ପାଇଁ ତାସ୍ ଭଳି ମୋଟା କାଗଜରେ ଗୋଟିଏ ପଟେ ପୁଲିଙ୍ଗ ଶବ୍ଦ ଓ ଅନ୍ୟ ପଟେ ତା'ର ସ୍ତ୍ରୀଲିଙ୍ଗବାଚକ ଶବ୍ଦ ସବୁ ଲେଖା ଯାଇଥିଲା । ପିଲାମାନେ କାର୍ଡ ସବୁ ନେଇ ପଢ଼ୁଥିଲେ ଓ ସହଜରେ ଲିଙ୍ଗବାଚକ ଶବ୍ଦଗୁଡ଼ିକୁ ମନେରଖି ଦେଉଥିଲେ । ମୁଁ ବେଳେ ବେଳେ ଗୋଟିଏ ଗୋଟିଏ ଶବ୍ଦ ଡାକେ ଓ ପିଲାମାନେ ତା'ର ବିପରୀତ ଲିଙ୍ଗର ଶବ୍ଦ କୁହନ୍ତି । ମୁଁ ପୁଣି ଦୁଇଟି ଡବାରେ ଅଲଗା ଅଲଗା ଲିଙ୍ଗର କାର୍ଡ ସବୁ ରଖିଲି ଓ ପିଲାମାନେ ଗୋଟିଏ ଲିଙ୍ଗର କାର୍ଡ ଉଠାଇ ତା'ର ବିପରୀତ ଲିଙ୍ଗର କାର୍ଡ ନିର୍ଭୁଲ ଭାବରେ ଖୋଜିପାରିଲେ ।

ମାତ୍ର ଗୋଟିଏ ମୁଠା ତାସ୍‌ରେ ସମସ୍ତେ ଏକା ବେଳକେ କିପରି ଖେଳିବେ ବୋଲି ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ମୁଁ ଏହି ସନ୍ଦେହ ଦୂର କରି ଦେଇଥିଲି । ଶ୍ରେଣୀ ଘରର ଦୁଇପଟେ ଦଶଟା କରି ଗୋଲ କାଟି ଦେଇ ଗୋଟିଏ ପଟେ ପୁଲିଙ୍ଗ କାର୍ଡ ଓ ଅନ୍ୟ ପଟେ ସ୍ତ୍ରୀଲିଙ୍ଗ କାର୍ଡ ରଖିଥିଲି । ପିଲାମାନେ ପ୍ରତ୍ୟେକ ଲିଙ୍ଗର ବିପରୀତ ଲିଙ୍ଗ କାର୍ଡ ଖୋଜି ଯୋଡ଼ି କରୁଥିଲେ । ଅଧିକାରୀ ଏହା ଶୁଣି ଖୁସି ହୋଇଗଲେ ଓ କ୍ଳୀବଲିଙ୍ଗ ପାଇଁ କିପରି ଖେଳ ହେଲା ପଚାରିଲେ ।

ଯାହା ପୁଲିଙ୍ଗ କିମ୍ବା ସ୍ତ୍ରୀଲିଙ୍ଗ ନୁହେଁ ସେଗୁଡ଼ିକ କ୍ଳୀବଲିଙ୍ଗ । ଖାତା, କଲମ, ଚକ୍, ଡଷ୍ଟର, ପେନସିଲ ଆଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ମୁଁ ଅନେକଗୁଡ଼ିଏ ଶବ୍ଦ ଲେଖି ଦେଉଥିଲି ଓ ପିଲାମାନେ ସଠିକ ଭାବେ ଏହାର ଲିଙ୍ଗ ପରିଚୟ ଦେଇ ପାରୁଥିଲେ ।

ଏକବଚନ ଓ ବହୁବଚନ ମଧ୍ୟ ସେହି ଉପାୟରେ ଚାଲିଲା ।

ଏହାପରେ ବିଶେଷ୍ୟ, ବିଶେଷଣ, କ୍ରିୟାପଦ ଆଦି କିପରି ପଢ଼ାଗଲା, ଏହା ଜାଣିବାକୁ ଅଧିକାରୀ ବ୍ୟଗ୍ର ହୋଇ ଉଠିଲେ । ମୁଁ ସରଳ ଉପାୟରେ ବୁଝାଇ ଦେଇଥିଲି ।

ମୁଁ ପିଲାମାନଙ୍କୁ କହିଥିଲି ଯେ ମୁଁ ଯାହା କହିବି ସେମାନେ ତାହା କରିବେ । ମୁଁ ଲେଖ କହିଲେ ସେମାନେ ଲେଖିଲେ ଓ ମୁଁ ଉଠ କହିଲେ ସେମାନେ ଉଠିଲେ । ଏହିପରି ମୋ କଥା ଅନୁସାରେ ସେମାନେ ଖେଳିଲେ, ନାଚିଲେ, ପଢ଼ିଲେ, ଡେଇଁଲେ, ଗାଇଲେ ଆଦି । କାରଣ ଏସବୁ କରିବାକୁ ସେମାନଙ୍କୁ ମଜା ଲାଗୁଥାଏ । ଗୋଟିଏ କ୍ରିୟାପଦର ତବା ଭିତରେ କାଗଜ ଟୁକୁରାରେ ଏସବୁ ଲେଖା ଦେଖି ପିଲାମାନେ କ୍ରିୟା ପ୍ରକାଶ କରୁଥିଲେ ।

ତା' ପରେ ଆଉ ଗୋଟିଏ ଖେଳ ଖେଳିଲୁ । ଜଣେ ପିଲାକୁ ଦୌଡ଼ିବାକୁ କହିଲି ଓ ଅନ୍ୟମାନଙ୍କୁ ପିଲାଟି କି ପ୍ରକାର କ୍ରିୟା କରୁଛି ବୋଲି ପଚାରିଲି । ପିଲାମାନେ ଦୋଡ଼ିବା କ୍ରିୟା କରୁଛି ବୋଲି ଉତ୍ତର ଦେଇଥିଲେ । ଏହିପରି ଚାଲିବା, ଗାଇବା ଆଦି କ୍ରିୟା ଚାଲିଲା । ପିଲାମାନେ କ୍ରିୟାପଦ ବିଷୟରେ ଭଲ ଭାବରେ ଜାଣି ସାରିଥିଲେ ।

ଅଧିକାରୀ ଖୁସି ହୋଇ ପଚାରିଲେ, "ଏହା ତ ସୁନ୍ଦର ଉପାୟ । ମାତ୍ର ବେଶୀ ସମୟ ଦରକାର । ତଥାପି ପିଲାମାନେ ଏ ଉପାୟରେ ସବୁ ଦିନ ପାଇଁ ମନେ ରଖିପାରିବେ । ତେବେ ବିଶେଷ୍ୟ କିପରି ପଢ଼ାଇଲ ମତେ କୁହ ତ !"

ମୁଁ ବିଶେଷ୍ୟ ପଢ଼ାଇବା ଏହା ପୂର୍ବର କ୍ରିୟା ଭଳି ଆରମ୍ଭ କଲି । ବହୁତଗୁଡ଼ିଏ ବିଶେଷ୍ୟ ପଦ ଲେଖିଲି ଓ ପିଲାମାନେ ପଢ଼ିଲେ । ଏଥିରେ ଅନେକଗୁଡ଼ିଏ ବିଶେଷ୍ୟ ଥିଲେ ଓ ଏହାର ପ୍ରକାର ଅନୁସାରେ ପିଲାମାନେ ଦଳ ଦଳ ହୋଇ ଯାଇଥିଲେ । ତା'ପରେ ପିଲାଙ୍କୁ ଯାହାର ନାଁ ଅଛି ତାକୁ ଆଣିବାକୁ କହିବାରୁ ସେମାନେ

କଳାପଟା, ଖଡ଼ି, ଡଷ୍ଟର, କାଗଜ, ବହି, କଲମ ଆଦି ଆଣିଲେ ।

ଏହି ଖେଳ ଚାଲିଥିବା ବେଳେ "ମୁଁ ନାଁ'ର ଡବା"ଟି ଟେବୁଲ ଉପରେ ରଖିଦେଲି ଓ ଏହା ଭିତରେ ପାଞ୍ଚଶହ ନାଁ ଲେଖା କାର୍ଡ ଥିଲା । ପିଲାମାନେ ଡବାରୁ କାଢ଼ିଲେ ଓ ପଢ଼ିଲେ । ତା'ପରେ ମୁଁ କ୍ରିୟାପଦ କାର୍ଡଗୁଡ଼ିକୁ ଏଥିରେ ମିଶାଇ ଦେଲି ଓ ପିଲାମାନେ ଅଲଗା ଅଲଗା କରି ରଖି ପାରିଲେ । ଏହାପରେ ସେମାନେ ପ୍ରତ୍ୟେକ ବିଶେଷ୍ୟ ସହିତ ଉପଯୁକ୍ତ କ୍ରିୟାପଦ ଯୋଡ଼ିବାରେ ଲାଗିପଡ଼ିଲେ । ମୁଁ ମଧ୍ୟ କଳାପଟାରେ କିଛି ବାକ୍ୟ ଲେଖିଲି ଓ ପିଲାମାନେ ଏଥିରୁ ଠିକ ଠିକ ବିଶେଷ୍ୟ ଓ କ୍ରିୟାପଦ ଚିହ୍ନାଇଦେଲେ ।

ଏହା ଦେଖି ଅଧିକାରୀ କହିଲେ, "ଏହା ଏକ ସୁନ୍ଦର ଉପାୟ ଓ ପିଲାଙ୍କୁ ଘୋଷିବାକୁ ପଡ଼ିବନାହିଁ । ମାତ୍ର ଏହା ଆନ୍ତରିକତା ଥିବା ଶିକ୍ଷକ ହିଁ କେବଳ କରିପାରିବ । ପୁଣି ଉପକରଣ ତିଆରି ପାଇଁ କିଛି ଖର୍ଚ୍ଚ ବି ଦରକାର ।"

ମୁଁ କହିଲି, "ପୁରୁଣା ପଟାକାଗଜ ଯୋଡ଼ି ମୁଁ ଡବା ତିଆରି କରିଛି ଓ ଅଦରକାରୀ କାଗଜରେ କାର୍ଡ କରିଛି । ଏଥିପାଇଁ ବିଶେଷ ଖର୍ଚ୍ଚ ଦରକାର ନୁହେଁ, ମାତ୍ର ଆଗ୍ରହ ଦରକାର । ଆଚ୍ଛା, ଆପଣ ବିରକ୍ତ ହେଉନାହାନ୍ତି ତ ! ସହଜେ ଏ ଶୁଖିଲା ବିଷୟକୁ ମୋର ବନେଇ ଚୁନେଇ କହିବା ଢଙ୍ଗ ।"

ଅଧିକାରୀ ହସିଲେ ଓ ବିଶେଷଣ ପଢ଼ାଇବା ଧାରା ବିଷୟରେ ଜାଣିବାକୁ ବ୍ୟଗ୍ର ହୋଇ ଉଠିଲେ । ମୁଁ ବିଶେଷଣ ପଢ଼ା ବୁଝାଇବା ଆରମ୍ଭ କଲି ।

ପୂର୍ବ ଭଳି ମୁଁ ବିଶେଷଣ କାର୍ଡଗୁଡ଼ିକ ପିଲାଙ୍କୁ ଦେଲି । ସେମାନେ ସବୁ ଦେଖିଲେ । ତା'ପରେ ମୁଁ ବିଶେଷ୍ୟ, ବିଶେଷଣ ଓ କ୍ରିୟାପଦ କାର୍ଡଗୁଡ଼ିକୁ ଏକାଠି କରିଦେଲି । ମାତ୍ର ପିଲାମାନେ ଅଲଗା ଅଲଗା

କରିପାରିଲେ ।

ଆଉ ଗୋଟିଏ ନୂଆ ଖେଳ ମୁଁ ଠିକ କରିଥିଲି । ମୁଁ ଯାହା ମାଗିଲି ପିଲାମାନେ ଆଣିଦେଲେ । ମୁଁ ପେନସିଲ ମାଗିବାରୁ ପେନସିଲ ମିଳିଗଲା । ଲାଲ ପେନସିଲ ମାଗିବାରୁ ଏହା ମଧ୍ୟ ମିଳିଗଲା । ମାତ୍ର ପେନସିଲ ରଖିବାକୁ କହିଲାରୁ ପିଲାମାନେ ଦ୍ୱନ୍ଦ୍ୱରେ ପଡ଼ିଲେ । କିନ୍ତୁ ଲାଲ ପେନସିଲ ରଖିବାକୁ କହିବାରୁ ତାଙ୍କର ଧାରଣା ସ୍ୱଷ୍ଟ ହେଲା । ଏହିପରି ନୀଳ, ମାଟିଆ, ଲମ୍ବା, ଛୋଟ ଶବ୍ଦ ସବୁ ପ୍ରୟୋଗ କଲି ।

ମୁଁ କଳାପଟାରେ ଲେଖି ବୁଝାଇଦେଲି ଯେକୌଣସି ଜିନିଷର ବିଶେଷ ଗୁଣକୁ ବିଶେଷଣ କହନ୍ତି । ଏହାପରେ ବିଶେଷ୍ୟ ଓ ବିଶେଷଣ କାର୍ଡ ସବୁ ଏକାଠି କରିଦେଲି ଓ ପିଲାମାନେ ଅଲଗା କରି ବିଶେଷ୍ୟ ପଦ ସହ ଉପଯୁକ୍ତ ବିଶେଷଣ କାର୍ଡ ସବୁ ଯୋଡ଼ିବାରେ ଲାଗିଗଲେ । ବିଭିନ୍ନ ଉପାୟରେ ପରୀକ୍ଷା କରି ଦେଖିଲି ଯେ ପିଲାମାନେ ବିଶେଷଣ ଠିକ ଭାବରେ ବୁଝି ପାରିଛନ୍ତି ।

ଅଧିକାରୀ ଏହା ଦେଖି ଖୁବ୍ ଖୁସି ହୋଇଗଲେ ଓ ପଚାରିଲେ, "ଭାଇ, ଏ ନୂତନ ଉପାୟ ବେଶ୍ ସରସ ସୁନ୍ଦର ହୋଇଛି । ମାତ୍ର ଏସବୁ ଶବ୍ଦର ସଂଜ୍ଞା ତ ଯୋଗାଇବା ଦରକାର ।"

ମୁଁ କହିଲି, "ଆଜ୍ଞା, ପିଲାମାନେ ଠିକ ବୁଝିଛନ୍ତି ଓ ଆପଣ ପରୀକ୍ଷା କରି ଦେଖିପାରନ୍ତି । ଏହି ଘୋଷି ନପାରିବା ଯୋଗୁଁ ମୁଁ ପିଲାଦିନେ ବହୁତ ମାଡ଼ ଖାଇଛି । କିନ୍ତୁ ଆମ ପିଲାମାନେ ଶବ୍ଦରୂପ ଚିହ୍ନିବାରେ ଭୁଲ କରୁନାହାନ୍ତି ।"

ଅଧିକାରୀ କହିଲେ, "ଏ ଘୋଷା ପଦ୍ଧତି ଓ ମାଡ଼ମରା ଏବେ ବି ତ ସ୍କୁଲରେ ଚାଲିଛି । ମାତ୍ର ଠିକ ଭାବରେ ପାଠ ନ ପଢ଼ାଇ ପାରିଲେ ଏପରି ଘଟିବା ସ୍ୱାଭାବିକ । ଆଚ୍ଛା ଭାଇ, ଏବେ ସର୍ବନାମ କିପରି ପଢ଼ାଇବ କୁହ ତ ?"

ମୁଁ ଗୋଟିଏ ଛୋଟ ଖେଳ ଆରମ୍ଭ କଲି । ପିଲାଙ୍କୁ ପଚାରିଲି, "ମୁଁ କିଏ ?" ସେମାନେ କହିଲେ, "ଲକ୍ଷ୍ମୀଶଙ୍କରଜୀ" । ତୁମେ କିଏ ? "ମୁଁ ଶ୍ୟାମ", ଶ୍ୟାମ କହିଲା । ସେ କିଏ ? "ରାମ", ଉତ୍ତର ଆସିଲା । ମୁଁ କଳାପଟାରେ ଲେଖିଲି - ମୁଁ ଲକ୍ଷ୍ମୀଶଙ୍କର, ତୁମେ ଶ୍ୟାମ ଓ ସେ ରାମ । ତୁମେମାନେ ଭୀମ, ମୋହନ, ଲକ୍ଷ୍ମଣ ଓ ଆମେମାନେ ଲକ୍ଷ୍ମୀଶଙ୍କର, ରାମ ଶ୍ୟାମ ଆଦି ।

ପିଲାମାନେ ପଢ଼ିଲେ ଓ ମୁଁ ବୁଝାଇଦେଲି ଯେ ମୁଁ, ତୁମେ, ସେ, ସେମାନେ ତୁମ୍ଭେମାନେ ଆଦି ଶବ୍ଦ ସବୁ ସର୍ବନାମ । ତଥାପି ଜଣେ ପିଲା ପଚାରିଲା, "ସର୍ବନାମ କି ଜିନିଷ ?"

ମୁଁ କହିଲି, "ତୁମେ ନିଜେ ଭାବି କରି ଦେଖ ।"

ଏହାପରେ ମୁଁ କଳାପଟାରେ ବିଭିନ୍ନ ବାକ୍ୟ ଲେଖିଲି -

୧ - ରାମ ହାତରେ ଖାତା ଅଛି ।

୨ - ରାମ ହାତରେ କଲମ ଅଛି ।

୩ - ରାମ ଭଲ ପାଠ ପଢ଼େ ।

୪ - ଲକ୍ଷ୍ମୀଶଙ୍କର ତୁମର ଶିକ୍ଷକ ।

ସମସ୍ତେ ଏ ସବୁ ବାକ୍ୟ ପଢ଼ିଲେ । ମୁଁ ଦ୍ୱିତୀୟ ବାକ୍ୟରୁ ରାମ ଲିଭାଇ ତା'ର, ତୃତୀୟ ବାକ୍ୟରେ ରାମ ଜାଗାରେ ସେ ଓ ଚତୁର୍ଥ ବାକ୍ୟରେ ଲକ୍ଷ୍ମୀଶଙ୍କର ଜାଗାରେ ମୁଁ ଶବ୍ଦ ଲେଖିଲି । ପିଲାମାନେ ପଢ଼ିଲେ ଓ ସର୍ବନାମର ଅର୍ଥ ସହଜରେ ବୁଝିଗଲେ ।

ମୁଁ ପଚାରିଲି, "ରାମ ଓ ଲକ୍ଷ୍ମୀଶଙ୍କର ଆଦି କେଉଁ ଶବ୍ଦ ?" ପିଲାମାନେ କହିଲେ, "ଏହା ବିଶେଷ୍ୟ ପଦ ।" ମୁଁ ବୁଝାଇଦେଲି ଯେ କୌଣସି ନାମ ବା ବିଶେଷ୍ୟ ପଦ ସ୍ଥାନରେ ଯେଉଁ ଶବ୍ଦ ବ୍ୟବହାର କରିବା ତାହାକୁ ସର୍ବନାମ କହନ୍ତି । ପିଲାମାନେ ସମସ୍ତେ ସର୍ବନାମ ବୁଝି

କହି ପାରୁଥିଲେ ।

ଅଧିକାରୀ କହିଲେ, "ଭାଇ, ତୁମେ ତ ଜଣେ ପକ୍କା ଗାୟକ । ସାଧାରଣ କଥାକୁ ବନେଇ ଚୁନେଇ ସୁନ୍ଦର ବର୍ଣ୍ଣନା କରିପାରୁଛ ।"

ମୁଁ କହିଲି, "ଆଜ୍ଞା, ମୋର ଏ ଅଭ୍ୟାସ ଛାଡ଼ିବ କିପରି ? ଓକିଲ ହୋଇଥିଲେ ସିନା ଅଳ୍ପରେ ସାରି ଦେଇଥା'ନ୍ତି ।"

ମୁଁ ଦେଖିଲି ଅଧିକାରୀ ହାଲିଆ ହୋଇଗଲେଣି । ଅବଶ୍ୟ ମୋ କଥା ତାଙ୍କୁ ଭଲ ଲାଗୁଥାଏ । ତଥାପି ମୁଁ ବିଦାୟ ମାଗିଲି ।

ଅଧିକାରୀ ଖୁସି ହୋଇ କହିଲେ, "ତୁମ ଶ୍ରେଣୀର ପିଲାମାନଙ୍କୁ ପରୀକ୍ଷାରୁ ଛାଡ଼ ଦିଆଯିବ । କିନ୍ତୁ ଏପର୍ଯ୍ୟନ୍ତ କାଳ ଓ ବିଭକ୍ତି ବାକି ଅଛି । ପଢ଼ା ସରିଲେ ମତେ ବୁଝାଇ ଦେଇଯିବ । ମୁଁ ଆସନ୍ତା ବର୍ଷ ଏ ବିଷୟରେ କିଛି କରିବାକୁ ଚାହୁଁଛି ।"

ମୁଁ ବି ହାଲିଆ ହୋଇ ପଡ଼ିଥିଲି । ବିଦାୟ ନେଇ ଘରକୁ ଫେରିଲି ଓ ନିଶ୍ଚିନ୍ତରେ ଶୋଇପଡ଼ିଲି ।

## ୩ ·

ଷାଣ୍ମାସିକ ପରୀକ୍ଷା ଆସିଗଲା । ଅଧିକାରୀ ନିଜେ ହିଁ ପିଲାମାନଙ୍କୁ ପରୀକ୍ଷା କରିବେ । ମୁଁ ତାଙ୍କୁ ଅନୁରୋଧ କରିଥିଲି ଯେ ସବୁ ଶ୍ରେଣୀର ପିଲାଙ୍କ ପରୀକ୍ଷା ପରେ ଆମ ଶ୍ରେଣୀର ପିଲାଙ୍କୁ ସେ ପରୀକ୍ଷା କରିବେ । ତା ହେଲେ ସବୁ ଶିକ୍ଷକ ଓ ଅନ୍ୟ ଶ୍ରେଣୀରେ କିଛି କିଛି ପିଲା ଏହା ଦେଖି ପାରିବେ ।

ପରୀକ୍ଷାର ଦିନ ଆସିଗଲା । ମୋର ଛାତି କିନ୍ତୁ ଧଡ଼ ଧଡ଼ ହେଉନଥାଏ । ମୁଁ ନିଶ୍ଚିନ୍ତ ଥାଏ ଯେ ମୋର ପିଲାମାନେ ଠିକ୍ ଜାଣିଛନ୍ତି ଓ ତାହା ଦେଖାଇ ପାରିବେ । ଆମ ଶ୍ରେଣୀର ପରୀକ୍ଷା ଏକ ନାଟକୀୟ

ଭଙ୍ଗୀରେ ହେଲା । ପରଦା ଖୋଲିଲା ବେଳକୁ ଦେଖାଗଲା ବିଭିନ୍ନ ଶ୍ରେଣୀର ପିଲାମାନେ ଦଳ ଦଳ ହୋଇ ବସିଛନ୍ତି ଏବଂ ଆମ ଶ୍ରେଣୀର ପିଲାମାନେ ନିର୍ଭୟରେ ସରଳ ଓ ପ୍ରାଞ୍ଜଳ ଭାବରେ ଗପ କହି ଚାଲିଛନ୍ତି । ଏହା ଥିଲା ଭାଷାରେ ଦକ୍ଷତା, କଥନ ଶୈଳୀ, ରୁଚି, ସ୍ମୃତିଶକ୍ତି ଏବଂ ଅଭିନୟ ଉପରେ ଏକ ପରୀକ୍ଷା ।

ତା'ପରେ ଦ୍ୱିତୀୟ ପରୀକ୍ଷା ଆରମ୍ଭ ହେଲା । ପରଦା ଉଠିଲା ବେଳକୁ ପିଲାମାନେ ଗୋଲ ହୋଇ ବସିଥିଲେ ଓ କଳାପଟାରେ ଲେଖାଥିଲା 'ପଦ୍ୟାନ୍ତର' । ଜଣେ କବିତାଟିଏ ପଢ଼ିଲା ଓ ତା'ର ଶେଷ ଅକ୍ଷରକୁ ନେଇ ତା ପାଖ ପିଲା ଅନ୍ୟ କବିତା ବୋଲୁଥିଲା । ଏହି କ୍ରମରେ ପୁରା ଗୋଲଟିର ସବୁ ପିଲା କବିତା ବୋଲିବାକୁ ସୁଯୋଗ ପାଉଥିଲେ ।

ଅଧିକାରୀ ପଚାରିଲେ, "ତୁମେ ଦୁଇ ଧାଡ଼ି ନକରି ଗୋଲ କାହିଁକି କଲ?"

ମୁଁ କହିଲି, "ଏଥିରେ ହାରଜିତର ମନୋଭାବ ରହେନାହିଁ । ଯଦି ଜଣେ ନକହି ପାରିଲା ତେବେ ତା ପାଖ ପିଲା କହିଥାଏ । ହାରଜିତରୁ ଅପମାନ ଓ ଅପମାନରୁ ଇର୍ଷା ଆସେ । ତେଣୁ ଗୋଟିଏ ଦଳରେ କଲେ ଏପରି ହେବାର ସମ୍ଭାବନା ନଥାଏ । ଏହି କବିତାଗୁଡ଼ିକ ପିଲାମାନଙ୍କର ପଢ଼ାବହିରେ ରହିଛି ଓ ପ୍ରତିଦିନ କବିତା ପିରିୟଡରେ ଆମେ ଏପରି ଖେଳିଥାଉ ।"

ଏହା ପରେ ଅନ୍ୟ ଏକ ପରୀକ୍ଷା ଆରମ୍ଭ ହେଲା । ପରଦା ଉଠିଲା ପରେ ଦେଖାଗଲା ଯେ ପିଲାମାନେ ଗୋଲକ ଧନ୍ଦାରେ ମାତିଛନ୍ତି ଏପରି ବିଷୟ ପାଠ୍ୟକ୍ରମରେ ନାହିଁ । ମାତ୍ର ମୁଁ ବୁଝାଇ ଦେଲି ଯେ ଏହା ପିଲାର ଭାଷାଶିକ୍ଷା, ଜିଜ୍ଞାସା ଓ ଜ୍ଞାନ ବଢ଼ାଇ ଥାଏ । ପ୍ରତ୍ୟେକ ଧନ୍ଦାର କିଛି ବିଶେଷତ୍ୱ ମଧ୍ୟ ରହିଛି । ଆସନ୍ତା ବର୍ଷ ପାଠ୍ୟକ୍ରମରେ ଧନ୍ଦାକୁ ସ୍ଥାନ ଦେବାକୁ ମୁଁ ଅନୁରୋଧ କଲି ।

ଏହା ପରେ ଶବ୍ଦଖେଳ ଚାଲିଲା । ଜଣେ ପିଲା ଗୋଟିଏ ଶବ୍ଦ କହିଲା ପରେ ଶେଷ ଅକ୍ଷରକୁ ନେଇ ପାଖ ପିଲା ଆଉ ଗୋଟିଏ ଶବ୍ଦ କହୁଥାଏ । ମାତ୍ର ପ୍ରତ୍ୟେକ ଶବ୍ଦ ଥରେ ମାତ୍ର ବ୍ୟବହୃତ ହୁଏ । ଏପରି ଶବ୍ଦ ସବୁ ଖୋଜିବା ପାଇଁ ମୁଁ ସେମାନଙ୍କୁ ମାନଚିତ୍ର, ଅଭିଧାନ ଓ ଭାଷାକୋଷ ଇତ୍ୟାଦିର ସାହାଯ୍ୟ ନେବାକୁ କହିଥାଏ ।" ଅଧିକାରୀ ଖୁସିହୋଇ କହିଲେ, "ତୁମେ ସତରେ ନୂଆ ନୂଆ କୌଶଳ ବାହାର କରୁଛ ।"

ଏହା ଶୁଣି ଜଣେ ଶିକ୍ଷକ ଅନ୍ୟ ଜଣଙ୍କ କାନରେ ଫୁସ୍ ଫୁସ୍ କରି କହିଉଠିଲେ, "ଆମର ତ ପାଠ ପଢ଼ାଇ ପଢ଼ାଇ ବାଳ ପାଚିଯାଇଛି, ସମୟ କାହିଁ ଯେ ନୂଆକଥା ଭାବିବୁ । ସେ ସିନା ଖେଳ ଖେଳୁଛନ୍ତି । ତେଣୁ ତାଙ୍କୁ ମଜା ଲାଗୁଛି । ଆଜିର ଏ ମୋଟା ମୋଟା ବହି ସବୁ ନ ଘୋଷିଲେ କିପରି ହେବ ?"

ଏହାପରେ ମୁଁ ହୁଇସିଲ୍ ବଜାଇଲି । ପିଲାମାନେ ହାତରେ ଝାଡୁଧରି ଛିଡ଼ା ହୋଇଗଲେ ଓ ଝାଡୁ ହାତରେ କିଛି ସମୟ ବ୍ୟାୟାମ କଲେ । ତା'ପରେ ଚାରିଆଡ଼େ ବିଛେଇ ହୋଇଯାଇ ଯେଉଁ ଆଡ଼େ ମଇଳା ଦେଖିଲେ ଝାଡୁରେ ସଫାକରି ଝୁଡ଼ିରେ ପକାଇଲେ ।

ଅଧିକାରୀ ଓ ଅନ୍ୟ ଶିକ୍ଷକମାନେ ଆଶ୍ଚର୍ଯ୍ୟ ହୋଇ ମୋ ଆଡ଼େ ଚାହିଁରହିଲେ । ମୁଁ କହିଲି, "ଅପରିଷ୍କାରତା ଅପରିଚ୍ଛନ୍ନତା ଆମର ରାଷ୍ଟ୍ରୀୟ କଳଙ୍କ । ଏହା ଦୂର ନହେଲେ ଆମ ଦୁର୍ଦ୍ଦଶାର ଶେଷ ହେବନି । ତେଣୁ ତା ବିରୁଦ୍ଧରେ ଆମର ଏହା ପ୍ରଥମ ପଦକ୍ଷେପ । ଶ୍ରେଣୀଗୃହ ପ୍ରଥମେ ସଫାହେବା ଦରକାର ।" ପିଲାମାନେ ଏହା ପରେ ହାତଗୋଡ଼ ଧୋଇ ଶ୍ରେଣୀକୁ ଆସିଲେ ।

ମୁଁ ଆଉଥରେ ହ୍ୱିସିଲ୍ ବଜାଇଲି । ଏଥର ପିଲାମାନେ ଖପ୍ ଖାପ୍ ଗଛରେ ଚଢ଼ିଗଲେ ଓ ଓହ୍ଲାଇ ପଡ଼ିଲେ । ଏହା ଯେ ପିଲାଙ୍କୁ ଶିଖାଇବାକୁ ପଡ଼ିବ ସେ କଥା ସେ ଭାବୁନଥିଲେ । ତେଣୁ ଏହା ପରୀକ୍ଷା

କରିବା ପାଇଁ ଅଧିକାରୀ ଅନ୍ୟ ଶ୍ରେଣୀର ପିଲାଙ୍କୁ ଗଛରେ ଚଢ଼ିବାକୁ କହିଲେ । କଷ୍ଟେମଷ୍ଟେ ଦୁଇ ତିନି ଜଣ ମାତ୍ର ଚଢ଼ିପାରିଲେ । ଏହା ଦେଖି ଅଧିକାରୀ ଧୀରେ ଧୀରେ ହସୁଥିଲେ ।

ତା'ପରେ ନଟୁ ଖେଳ ଆରମ୍ଭ ହେଲା । ପିଲାମାନେ ଜଣେ ଦଳପତି ବାଛି ଖୁବ୍ ଶୃଙ୍ଖଳିତ ଭାବରେ ଖେଳୁଥାନ୍ତି । ସମସ୍ତେ ପିଲାଦିନେ ଏ ସବୁ ଖେଳୁଥିଲେ । ଏଣୁ ସମସ୍ତଙ୍କୁ ଖୁବ୍ ଖୁସି ଲାଗୁଥିଲା । ଅଧିକାରୀ ପଚାରିଲେ, "ଭାଇ ଏମାନଙ୍କୁ ନଟୁ ଖେଳ କେବେ ଶିଖାଇଲ ? ମୁଁ କହିଲି ଆମେ ନଈକୁ ବୁଲିବାକୁ ଗଲାବେଳେ ଏପରି ଅନେକ ଖେଳ ଖେଳୁ । ପିଲାମାନେ ଖେଳି ଖେଳି ଶିଖନ୍ତି ।"

ଏହାଶୁଣି ଅଧିକରୀ ପ୍ରଧାନ ଶିକ୍ଷକଙ୍କୁ ସବୁ ଶ୍ରେଣୀରେ ଏପରି କରିବାକୁ କହିଲେ । ମାତ୍ର ପ୍ରଧାନ ଶିକ୍ଷକ କହିଲେ, "ଏପରି କଲେ ଆମେ କୋର୍ସ ସାରିବୁ କେବେ ? ପାଠ୍ୟକ୍ରମକୁ ନେଇ ତ ଆମ ହାତ ଗୋଡ଼ ବନ୍ଧା । ଯଦି ସିଲାବସ ନ ସରିଲା ତେବେ ଆପଣଙ୍କ ପାଖରୁ ଚିଠି ଆସୁଛି କାହିଁକି ? ଲକ୍ଷ୍ମୀଶଙ୍କରଙ୍କର ତ କୌଣସି ଦାୟିତ୍ୱ ନାହିଁ । ବର୍ଷେ ପର୍ଯ୍ୟନ୍ତ ଯାହା ପାରିବେ ପଢ଼ାଇବେ । କୋର୍ସ ସରିବା ପ୍ରତି ତାଙ୍କର ନଜର କାହିଁକି ରହିବ ?" ଅଧିକାରୀ ହସିଲେ ଓ ରାଗିଲା ଭଳି ଜଣା ପଡୁଥିଲେ ମଧ୍ୟ ନିଜକୁ ସମ୍ଭାଳି ନେଲେ ।

ପୁଣି ହୁସିଲ ବାଜିଲା । ପିଲାମାନେ ଜାମା କାଢ଼ି ଧାଡ଼ି ବାନ୍ଧି ଠିଆହେଲେ । ସମସ୍ତଙ୍କର ଦେହ ଓ ପୋଷାକ ସଫା ଥିଲା । ନଖ ଓ ବାଳ କଟା ଯାଇଥିଲା । ଆଖିରେ ଲେଞ୍ଜରା ନଥିଲା ଟୋପି ମଧ୍ୟ ସଫା ଥିଲା । ଅଧିକରୀ ଖୁସି ହୋଇ ପଚାରିଲେ, "ଏ କେତେ ଦିନର ପ୍ରସ୍ତୁତି ?" ମୁଁ କହିଲି, "ଛ'ମାସର ଅକ୍ଳାନ୍ତ ପରିଶ୍ରମର ଫଳ ।"

ମୁଁ ସମସ୍ତଙ୍କୁ ପାଖ କୋଠରୀକୁ ଡାକିନେଲି । ସେଠାରେ ପିଲାମାନେ ଜିନିଷ ସବୁ ସଜାଇବାରେ ଲାଗିଥିଲେ । ପଶୁ ପଶୁ ଅଧିକାରୀ

କହିଉଠିଲେ, "ଆରେ ଏ ତ ଗୋଟେ ପକ୍‌କା ସଂଗ୍ରହାଳୟ । ଏହା କ'ଣ ପିଲାମାନେ କରିଛନ୍ତି୍ବ ଏ ଜିନିଷ ସବୁ କେବେ ଓ କେଉଁଠୁ ପାଇଲେ ।"

ମୁଁ କହିଲି, "ଆଜ୍ଞା ହଁ । ପିଲାମାନେ ହିଁ ସବୁ କିଛି କରିଛନ୍ତି । ସେମାନେ ନିଜେ ଏ ସବୁ ଜିନିଷ ସଂଗ୍ରହ କରି ସଜାଡ଼ି ରଖିଛନ୍ତି । ଏହା ବହୁତ ଦିନର କାମ । ସେମାନେ ଖୁସିରେ ଏ କାମ କରନ୍ତି ।"

ଅଧିକାରୀ କହିଲେ, "ଏ ସଂଗ୍ରହାଳୟକୁ ବଡ଼ କରିବାକୁ ହେବ । ପିଲାମାନେ ପ୍ରକୃତରେ ପୁରସ୍କାର ପାଇବାକୁ ଯୋଗ୍ୟ । ସବୁ ଶିକ୍ଷକ ଏଥିରେ କିଛି କିଛି ମିଶାଇ ଏହାକୁ ବଢ଼ାଇବା ଉଚିତ ।"

ଅଧିକାରୀ ପୁଣି ପଚାରିଲେ, "ଏ ଘରେ ଭରି ରହିଥିବା କଣ୍ଢେଇ ସବୁକୁ ପିଲାମାନେ କେବେ ଓ କିପରି ତିଆରି କଲେ ?"

ମୁଁ କହିଲି, "ଆମେ ନଈକୂଳରେ ବୁଲିଲାବେଳେ ପିଲାମାନେ ଏ ସବୁ ତିଆରି କରନ୍ତି ଓ ସେଠାରେ ଭାଟି କରି ପୋଡ଼ି ଦିଅନ୍ତି ।"

ଅଧିକାରୀ କହିଲେ, "ସାବାସ୍ ! ତୁମେ ନଈକୂଳରେ ବି ପ୍ରୟୋଗ ଚାଲୁରଖିଛ । କୌଣସି ଉପକରଣ ନ ମିଳିଲେ ବି ମାଟିକୁ କାମରେ ଲଗାଇ ପାରୁଛ । ବାସ୍ତବରେ ତୁମର ପ୍ରୟୋଗ ଅସାଧାରଣ ।"

ଏହା ପରେ ମୁଁ କିଛି ପଟା କାଗଜ ଧରି ଆସିଲି । ଏଥିରେ ଲେଖାଥିଲା - "ହସ୍ତାକ୍ଷର ପ୍ରଗତିସୂଚକ ପତ୍ରିକା" । ଏଥିରେ ମୁଁ ପ୍ରଥମେ ଆସିଲା ବେଳେ ପିଲାମାନଙ୍କର ହସ୍ତାକ୍ଷର ଓ ଆଜିର ହସ୍ତାକ୍ଷର ନମୁନା ରହିଥିଲା । ପ୍ରଥମର ତୁଳନାରେ ଏବେକାର ଅକ୍ଷର ଖୁବ୍ ସୁନ୍ଦର ଥିଲା । ଏହା ଦେଖି ଜଣେ ଶିକ୍ଷକ କହିଲେ, "ଏ ବୋଧେ ଶ୍ରେଣୀର ଭଲ ପିଲାଙ୍କ ହାତରେ ସବୁ ଲେଖାଇ ଦେଇଛନ୍ତି ।"

ଏ ତୁଚ୍ଛ କଥାକୁ ମୁଁ ଖାତିର ନକରି ମୋର କାର୍ଯ୍ୟକ୍ରମ କରୁଥାଏ । ଗୋଟିଏ ଖାତା ଆଣିଲି ଓ ପ୍ରତ୍ୟେକ ପିଲାପାଇଁ ଏଥିରେ ଗୋଟିଏ

ଗୋଟିଏ ପୃଷ୍ଠା ରହିଥିଲା । ସେଥିରେ ଗତ ଛ'ମାସରେ ଯେତେ ବହି ସେମାନେ ପଢ଼ିଥିଲେ ତା'ର ନାଁ ଲେଖା ହୋଇଥିଲା । ଏ ବହିଗୁଡ଼ିକ ସେମାନେ ମୋ ଆଗରେ ବସି ପଢ଼ିଥିଲେ ।

ଅଧିକାରୀ କହିଲେ, "ପ୍ରଧାନ ଶିକ୍ଷକ ମହାଶୟ, ଆପଣଙ୍କର ସପ୍ତମ ଶ୍ରେଣୀରେ ପିଲାମାନେ ଗତ ଛଅମାସ ଭିତରେ କେତେ ବହି ପଢ଼ିଛନ୍ତି ?" ପ୍ରଧାନ ଶିକ୍ଷକ, "କେମିତି ପଢ଼ିବେ ? ଏ ସବୁ ବହି ପଢ଼ିଲେ ଇତିହାସ, ଭୂଗୋଳ, ଜ୍ୟାମିତି ପାଠ କେବେ ଜାଣିବେ ?"

କିଛି ସମୟ ପରେ ଅଧିକାରୀ ମୋତେ କହିଲେ, "ତୁମ ପିଲାମାନେ ବିନା ପରୀକ୍ଷାରେ ସାହିତ୍ୟରେ ପାଶ୍ କଲେ । ଆଉ କ'ଣ ଅଛି କୁହ ? ମୁଁ ପିଲାମାନଙ୍କର ହାତଲେଖା ମାସିକ ପତ୍ରିକାଟିଏ ଦେଲି । ଏହା ଦେଖି ଅଧିକାରୀ ପଚାରିଲେ, "ଖୁବ୍ ଭଲ ହୋଇଛି । ତୁମେ କ'ଣ ପିଲାଙ୍କ କବିତା ବାଗେଇ କରି ଲେଖିଦିଅ ? ଏହା କ'ଣ ପରୀକ୍ଷା ପାଇଁ ସ୍ୱତନ୍ତ୍ର ସଂଖ୍ୟା ?" ମୁଁ କହିଲି, "ପିଲାମାନଙ୍କର ଏହା ନିଜ ଲେଖା । ମୁଁ ଲେଖାକୁ ସଜାଡ଼େ ନାହିଁ । ତାଙ୍କ ନିଜ ଲେଖା ତାଙ୍କୁ ଭଲଲାଗେ । ଏହା ପ୍ରତି ମାସରେ ବାହାରେ । ଏହା ପରୀକ୍ଷା ପାଇଁ ସ୍ୱତନ୍ତ୍ର ସଂଖ୍ୟା ନୁହେଁ ।"

ଅଧିକାରୀ ଖୁସି ହୋଇ କହିଲେ, "ବାଃ ! ତୁମେ ତ ମାତ୍ର ଛଅ ମାସରେ କାହିଁ କେଉଁଠି ପହଞ୍ଚି ଗଲଣି ! ଖୁବ୍ ସୁନ୍ଦର କାମଟିଏ କରିଛ ।" ପ୍ରଧାନ ଶିକ୍ଷକ କିନ୍ତୁ କହିଲେ, "ଏ ପର୍ଯ୍ୟନ୍ତ ତ ଗଣିତ, ଭୂଗୋଳ ଓ ଇତିହାସ ପରୀକ୍ଷା ଆରମ୍ଭ ହେଲାନି ।" ସେ ଜାଣିଥିଲେ ଯେ ମୁଁ ଏସବୁ ପଢ଼ାଇ ନାହିଁ, ତେଣୁ ଅସୁବିଧାରେ ପଡ଼ିବି ।

ମୁଁ କହିଲି, "ଆଜ୍ଞା ! ଏ ସବୁ ବିଷୟ ପଢ଼ାହୋଇନି । ମାତ୍ର ବାର୍ଷିକ ପରୀକ୍ଷା ବେଳକୁ ତାହା ସରିଯିବ ।" ପ୍ରଧାନ ଶିକ୍ଷକ କହିଲେ, "ଓ ହୋ, ମୁଖ୍ୟ ବିଷୟ ସବୁ ତେବେ ଆରମ୍ଭ ହୋଇନି !" ଅଧିକାରୀ କିନ୍ତୁ ଏ କଥାକୁ ଗୁରୁତ୍ୱ ଦେଲେ ନାହିଁ । କହିଲେ, "ଆପଣଙ୍କ ଆଗରେ ଗଣିତ

ଭୁଗୋଳ ସିନା ବଡ଼, ମାତ୍ର ଏସବୁ ନୂଆ କାମ ସବୁ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଭୁଗୋଳ ଇତ୍ୟାଦିର ପରୀକ୍ଷା ଆପଣଙ୍କ ପାଇଁ ।"

ଏଇଭଳି ଏକ ମଜାଳିଆ କଥାରେ ସମସ୍ତେ ହସି ଉଠିଲେ । ଶେଷରେ ଅଧିକାରୀ ମୋତେ ପ୍ରଶ୍ନପତ୍ର ମାଗିଲେ । ମୁଁ ତ କରି ନଥିଲି । ଏଣୁ ସେ ଆମ ଶ୍ରେଣୀକୁ ପରୀକ୍ଷାରୁ ମୁକ୍ତ କଲେ ।

# ଚତୁର୍ଥ ଭାଗ

## ଅନ୍ତିମ ସମ୍ମିଳନୀ

ଷାଣ୍ମାସିକ ପରୀକ୍ଷା ପରେ ସବୁ ଶିକ୍ଷକମାନେ ବସି କଥା ହେଉଥାନ୍ତି । ଚନ୍ଦ୍ରଶେଖର, ଭଦ୍ରଶେଖର ଇତ୍ୟାଦି ଶିକ୍ଷକମାନେ ପ୍ରୟୋଗର ସଫଳତାକୁ ମାନୁଥାନ୍ତି । ପ୍ରାଥମିକ ସ୍ତରର ପାଠ ପଢ଼ାରେ କିଛି ପରିବର୍ତ୍ତନ ଆଣିହେବ ବୋଲି ସେମାନଙ୍କର ବିଶ୍ୱାସ ଆସୁଥାଏ । ତଥାପି ମଧ୍ୟ ଚମ୍ପକଲାଲ, ବେଣୀଲାଲ ଇତ୍ୟାଦି ଏସବୁ ମାନୁନଥାନ୍ତି । ତାଙ୍କର କହିବା କଥା ହେଉଛି ଲକ୍ଷ୍ମୀଶଙ୍କରଙ୍କର ଟଙ୍କା ପଇସା ବା ଫଳାଫଳ ପାଇଁ ଚିନ୍ତା ନାହିଁ । ପ୍ରୟୋଗ ଅସଫଳ ହୋଇଥିଲେ ମଧ୍ୟ ତାଙ୍କୁ ଦଣ୍ଡ ମିଳିନଥା'ନ୍ତା । ସାଧାରଣ ଶିକ୍ଷକଙ୍କୁ ଟ୍ୟୁସନ୍‌ରୁ ତ ଫୁରୁସତ୍ ମିଳୁନି, ଏତେ ସବୁ ନୂଆ ନୂଆ କଥା ଚିନ୍ତା କରିବାକୁ ସମୟ କାହିଁ ? ପୁଣି ଘର ସଂସାର ଅଛି । ସଂଧ୍ୟାବେଳେ ଅଧିକାରୀଙ୍କ ଘରେ ହାଜିରି ଦେବାର ମଧ୍ୟ ଅଛି ।

ମୁଁ ତାଙ୍କୁ ବୁଝାଇଦେଲି ଯେ ପ୍ରାଥମିକ ସ୍ତରରେ ମଧ୍ୟ ଅନେକ କିଛି କରାଯାଇ ପାରିବ । ପ୍ରଥମରୁ ତ ଅବସ୍ଥା ଏତେ ଖରାପ ନଥିଲା । ତେବେ ଏବେ ନିଷ୍ଠା, ଦୃଢ଼ ଆତ୍ମବିଶ୍ୱାସର ସହିତ ଅନେକ ଲୋକ ଲାଗିଲେ କିଛି ହୋଇପାରିବ । ଏଥିପାଇଁ ଇଂରାଜୀ ପାଠ ପଢ଼ିଥିବା ଦରକାର ନାହିଁ । କାମ କରିବାର ଇଚ୍ଛା ନଥିଲେ ମଣିଷ

ଅନେକ ବାହାନା କାଢ଼େ । ପ୍ରଥମରୁ ସଫଳତାର ଆଶା ନରଖି ମୁଁ ମୋର ପ୍ରୟୋଗ କରୁଛି ବୋଲି କହିବା ଠିକ୍ ନୁହେଁ । କାରଣ ମୁଁ ଯଦି ଅସଫଳ ହେବି ତେବେ ମୋ ପରେ ପ୍ରୟୋଗ କରିବାକୁ ଆସିବା ଲୋକଙ୍କ ପାଇଁ ତାହା ବାଧା ସୃଷ୍ଟିକରିବ । ଆମେ ଯଦି ଅନ୍ୟ ସବୁ କାମ ପାଇଁ ସମୟ ପାଉଛେ ପାଠପଢ଼ା ଦିଗରେ ଚେଷ୍ଟା ପାଇଁ ସମୟ ନପାଇବା କାହିଁକି ? ବଡ଼ ଅଧିକରୀଙ୍କ ଘରକୁ ସବୁଦିନ ନଯାଇ ଭଲ 'କାମ କରି ତାଙ୍କୁ ଖୁସି କରାଯାଇ ପାରିବ । ସ୍କୁଲରେ ଠିକ୍ ଭାବରେ ପଢ଼ାଇଲେ ଟ୍ୟୁସନ କରିବା କ'ଣ ଦରକାର ? ଯଦି ସବୁ ଶିକ୍ଷକ ଭାବୁଛନ୍ତି ଯେ ଅଳ୍ପ ଦରମା ମିଳୁଛି ତେବେ ସମସ୍ତେ ମିଶି ଦାବିକଲେ ଏହା ବଢ଼ିପାରିବ । ସମସ୍ତେ ମିଶିଲେ ଚାକିରି ଚାଲିଯିବାର ଭୟ ନଥିବ । ତା ଛଡ଼ା ନିଜର ସାହାସ ଥିଲେ ଯେକୌଣସି କାମ କରି ପେଟ ପୋଷାଯାଇ ପାରିବ ।

ଏମିତି କେତେ ଆଲୋଚନା ଚାଲେ । ମୁଁ ଦେଖିଲି ଯେ ବନ୍ଧୁ ଶିକ୍ଷକମାନଙ୍କର ଭିତରେ ଗୋଟିଏ ନୂଆ ଉତ୍ସାହ ଆସିଛି । ପୁରୁଣା ଢଙ୍ଗ ବଦଳିବା ପାଇଁ ଆଲୋଚନା ଦେଖାଦେଇଛି ।

୨

ଶୁଖିଲା ଭୂଗୋଳ ପାଠ୍ୟକ୍ରମଟି ଦେଖି ମୁଁ ତାକୁ ରଖିଦେଲି । ଏଥିରେ ପାହାଡ଼ ନଦୀ ସବୁର ନାଁ ଘୋଷିବାକୁ ହେବ । ପିଲାଦିନର ଘୋଷା ଭୂଗୋଳ ନପଢ଼ାଇବାକୁ ମୁଁ ଠିକ୍ କଲି । ମୁଁ ଯେବେ ଆଫ୍ରିକା ଗଲି ତେବେ ଯାଇ ଭୁଗୋଳର ପ୍ରକୃତ ଅର୍ଥ ବୁଝିପାରିଲି । ଅଧିକାରୀଙ୍କର ଅନୁମତି ଆଣି ମୁଁ ମୋ ନିଜ ଢଙ୍ଗରେ ପଢ଼ାଇବାକୁ ଚେଷ୍ଟା କରିବି । ତାହେଲେ ପିଲାଙ୍କର ଭୂଗୋଳ ପ୍ରତି ଆଗ୍ରହ ଓ ଜ୍ଞାନ ବଢ଼ିବ ।

ମୋ କଥା ଶୁଣି ଅଧିକାରୀ କହିଲେ, "ଭୂଗୋଳକୁ ତ ଛାଡ଼ିଦେଇ

ପାରିବ ନାହିଁ । ବରଂ ଏପରି ଭାବରେ ପଢ଼ାଅ, ଯେପରି ଅନ୍ୟମାନେ ମଧ୍ୟ ବିଶ୍ୱାସ କରିବେ ଯେ ଏହା ଗୋଟିଏ ସହଜ ପାଠ ।" ଶେଷରେ ମୋ ନିଜ ଢଙ୍ଗରେ ପଢାଇବା ପାଇଁ ସେ ଅନୁମତି ଦେଲେ ।

କଥା ଭିତରେ ଅଧିକାରୀ ମହାଶୟ ପରୀକ୍ଷା ପଦ୍ଧତି ବିଷୟରେ ପ୍ରଶ୍ନ ଉଠାଇଲେ । କହିଲେ ଏ ପରୀକ୍ଷା ପଦ୍ଧତି ଖୁବ୍ କ୍ଷତିକାରକ କିନ୍ତୁ ପରୀକ୍ଷା ନକଲେ ଶିକ୍ଷକ ପଢ଼ାଉଛି କି ନାହିଁ ଏବଂ ପିଲା ଠିକ୍ ଶିଖୁଛନ୍ତି କି ନାହିଁ କିପରି ଜାଣିବା ?

ମୁଁ କହିଲି, "ଯଦି ପିଲା ଓ ଶିକ୍ଷକ ବାଧ୍ୟ ନହୋଇ ଆଗ୍ରହର ସହିତ ପଢ଼ିବାକୁ ଓ ପଢ଼ାଇବାକୁ ଆସିବେ, ତେବେ ଆଉ ପରୀକ୍ଷାର ଆବଶ୍ୟକତା ରହିବ ନାହିଁ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ କିଛିଟା ଉନ୍ନତି ଆଣିବା ପାଇଁ ଷାଣ୍ମାସିକ, ବାର୍ଷିକ ପରୀକ୍ଷା ବଦଳରେ ମାସିକ ପରୀକ୍ଷା କରାଯାଇପାରେ । ତା ହେଲେ ପରୀକ୍ଷା ପ୍ରତି ପିଲାର ଭୟ କମିଯିବ । ପରୀକ୍ଷା ପିଲାର ପ୍ରଗତି ମାପିବା ପାଇଁ ନହୋଇ ପିଲାର ଦୁର୍ବଳତା ମାପିବା ପାଇଁ ହେଉ । ଯେଉଁ ପିଲାର ନିଜ ପ୍ରତି ବିଶ୍ୱାସ ଅଛି ତାକୁ ପରୀକ୍ଷାରୁ ଛାଡ଼ ଦିଆଯାଉ । ପିଲା ନିଜ ଇଚ୍ଛାରେ ପରୀକ୍ଷା ଦେଉ । ଯେଉଁସବୁ ବିଷୟରେ ପରୀକ୍ଷା ଦ୍ୱାରା କିଛି ମପାଯାଇ ପାରିବ, କେବଳ ସେହି ବିଷୟରେ ପରୀକ୍ଷା କରାଯାଉ । ପରୀକ୍ଷାରେ ପିଲା ବହି ବ୍ୟବହାର କରୁ । ବହିକୁ ସେ କିପରି ବ୍ୟବହାର କରିପାରୁଛି ସେଇଟା ହିଁ ତା'ର ପରୀକ୍ଷା ହେବ । ପାଶ୍ ଫେଲ୍ ଉଠାଇ ଦିଆଯାଉ । ଉପର କ୍ଲାସକୁ ଯିବା ପାଇଁ ପିଲା କେତେଦୂର ପ୍ରସ୍ତୁତ ପରୀକ୍ଷା ସାହାଯ୍ୟରେ ତାହା ହିଁ ମପାଯାଉ । ପରୀକ୍ଷା ଶିକ୍ଷକମାନେ ହିଁ କରିବା ଉଚିତ । କାରଣ ପିଲାର କ୍ଷମତା ଓ ଦୁର୍ବଳତାକୁ କେବଳ ସେମାନେ ହିଁ ଠିକ୍ ଜାଣିପାରିବେ । ପରୀକ୍ଷକ ଠିକ୍ ଭାବରେ ପରୀକ୍ଷା କରୁଛନ୍ତି କି ନାହିଁ କେବଳ ତାହା ଦେଖିବାକୁ

ଜଣେ ନିରୀକ୍ଷକ ରହିପାରନ୍ତି ।"

ମୁଁ ପରୀକ୍ଷା ବିଷୟରେ ଆହୁରି କିଛି କହିବା ପାଇଁ ଚାହୁଁଥିଲି । କିନ୍ତୁ ଅଧିକାରୀଙ୍କର ଖାଇବା ସମୟ ହୋଇଯାଇଥିଲା । ମୁଁ ଆସିଲା ବେଳେ ଭାବୁଥିଲି, ଶିକ୍ଷକମାନଙ୍କୁ ପରୀକ୍ଷାର ମୋହରୁ କିପରି ମୁକ୍ତ କରାଯାଇ ପାରିବ ।

## ୩

ମୁଁ ଭୂଗୋଳ ପଢ଼ା ଆରମ୍ଭ କଲି । କାଠିଆୱାଡ଼, ଗୁଜୁରାଟ, ବମ୍ବେ ଇତ୍ୟାଦିର ମାନଚିତ୍ର ଆଣି ଟାଙ୍ଗିଦେଲି । ପିଲାମାନେ କାଗଜରେ ପାନଖିଲ ଭଳି କରି, ଆଙ୍ଗୁଠି ଅଗରେ ଲଗାଇ, ମାନଚିତ୍ର ଘୋଷିବା ପାଇଁ ପ୍ରସ୍ତୁତ ହେଉଥିବା ଦେଖି ମତେ ହସ ଲାଗୁଥାଏ । ମାନଚିତ୍ରରେ ଭାବନଗର ଦେଖାଇବା ପାଇଁ ମୁଁ ଜଣକୁ କହିଲି । ସେ ବମ୍ବେ, ଅହମଦାବାଦ, ହାଇଦରାବାଦ, ପୁନା, ପୋରବନ୍ଦର ସବୁ ପଢ଼ି ଚାଲିଲା । ଏଭିତରେ ଆଉ ଜଣେ ପିଲା ଦେଖାଇଦେଲା । ପଚାରିଲି ସେଇଟା କେଉଁ ଦିଗରେ । ଜଣେ କହିଲା ଉତ୍ତର ତ ଆଉ ଜଣେ ପୂର୍ବ । ଆଉ ଜଣେ କହିଲା ଯେଉଁପଟେ ସୂର୍ଯ୍ୟ ଉଦୟ ହୁଏ, ତାକୁ ଦେଖି ସିନା ପୂର୍ବ ଦିଗ ଜାଣିହୁଏ । ତେବେ ମାନଚିତ୍ରରେ ସୂର୍ଯ୍ୟ କାହିଁ ? ପିଲାମାନଙ୍କର ଦିଗ ବିଷୟରେ ସ୍ପଷ୍ଟ ଧାରଣା ନଥିଲା ।

ପିଲାମାନେ ଶତ୍ରୁଞ୍ଜୟ ନଦୀ ମାନଚିତ୍ରରେ ଖୋଜିଲେ । ସେଇଟି କାହିଁକି ଆରବ ସାଗରରେ ନପଡ଼ି ଖମ୍ବାତ୍ ଉପସାଗରରେ ପଡ଼ିଲା ସେ ବିଷୟରେ ଆଲୋଚନା ହେଲା । ଜଣେ କହିଲା ଯେ ପାଣି ସବୁବେଳେ ତଳକୁ ବହିଯାଏ । ତେଣୁ ନଇଟି ତଳକୁ ବା ଦକ୍ଷିଣକୁ ବହିଯାଇଛି । ଏପରି କେତେ ଅଦ୍ଭୁତ ଧାରଣା ପିଲାଙ୍କ ମନରେ ରହିଥିବାର ଜଣାପଡ଼ିଲା । ଗତବର୍ଷର ଘୋଷା ଭୁଗୋଳରୁ ତାଙ୍କର

କିଛି କିଛି ମଧ୍ୟ ମନେ ରହିଛି ।

ତା'ପରେ ମାନଚିତ୍ର ସବୁ ଗୁଡ଼ାଇ ରଖିଦେଲି ଓ ସମସ୍ତଙ୍କୁ କିଛି ଚିତ୍ର କରିବାକୁ କହିଲି । ଚିତ୍ର କରିବା କଥା ଶୁଣି ପିଲାମାନେ ମୋ ଆଡ଼େ ଚାହିଁଲେ । କାରଣ ସ୍କୁଲରେ ଏ ପ୍ରକାରର ସୃଜନାତ୍ମକ କାମ ତାଙ୍କ ପାଇଁ ନୂଆ ଥିଲା ।

ତା'ପର ଦିନଠାରୁ ଚିତ୍ର ଆରମ୍ଭ ହେଲା । ଦେଖିକରି ହେଉ ବା ମନରୁ ହେଉ, ବଙ୍କା, ଟେଢ଼ା ହୋଇ ମଣିଷ, ଘର, ପକ୍ଷୀ, ଗଛ, ଫୁଲ, ଆକାଶ, ଜିନିଷ, ମାନଚିତ୍ର, ନଈ, ଯିଏ ଯାହା ପାରିଲା କଲା । କିଏ କାଗଜ ପେନ୍‌ସିଲରେ କଲା ତ କିଏ ସ୍ଲେଟ୍‌ରେ କଲା । ପିଲାଙ୍କର ଏହି ଚିତ୍ରସବୁ କୌଣସି ଚିତ୍ରକର ମନକୁ ଆସିବନି, ତଥାପି ମୁଁ ଭାବିଲି ପିଲାଙ୍କର ମନର ପରିପ୍ରକାଶ ଏଇ ଚିତ୍ରଗୁଡ଼ିକୁ ସାଇତି ରଖିବା ଦରକାର । ମୁଁ ଅଧିକାରୀଙ୍କଠାରୁ ଗୋଟିଏ ପାଖରେ ଲେଖାଥିବା କିଛି ରଦି କାଗଜ ଓ କିଛି ରଙ୍ଗୀନ ପେନସିଲ ନେଇ ଆସିଲି । ପିଲାମାନେ ଚିତ୍ର ପାଇଁ ଗୋଟିଏ ଖାତା କଲେ । ମୁଁ ପତ୍ର ଫୁଲ ଚପାଇଦେଇ ସେ ଖାତାଗୁଡ଼ିକୁ ସଜାଇ ଦେଲି । ଦେଖିକରି ଆଙ୍କିବା ପାଇଁ ଚିତ୍ରବିଚିତ୍ର କନାର ଟୁକୁଡ଼ା, ଦୁଆତ, କଲମ, ଡିବି, ଲଣ୍ଠନ, ଭଲ ଭଲ ଚିତ୍ର ଇତ୍ୟାଦି ଆଣିଲି । ଖଣ୍ଡେ ପଟାରେ ଲେଖି ଟାଙ୍ଗିଦେଲି –

"ଚିତ୍ର କର ! ଚିତ୍ର କର ! ଚିତ୍ର କର !"

"ନିଜେ ହିଁ କର !"

"ତୁମକୁ ଚିତ୍ର କରିବା ଜଣାଅଛି !"

"ପ୍ରତ୍ୟେକ ଦିନ ଭଲ ଭଲ ଚିତ୍ର ବାହାରୁଛି !"

"ଚିତ୍ର କର !"

ପିଲାମାନେ ଚିତ୍ର କରିବାରେ ଲାଗିଗଲେ । ଅବଶ୍ୟ କେହି କେହି ନଆଙ୍କି ପାଖ ପିଲାର ଚିତ୍ର ସବୁକୁ କେବଳ ଦେଖୁଥିଲେ ।

ସପ୍ତାହେ ପରେ ମୁଁ ପାଖ ହାଇସ୍କୁଲରୁ ଜଣେ ଚିତ୍ର ଶିକ୍ଷକଙ୍କୁ ଡାକି ଆଣିଲି । ସେ ଆଖି ଆଗର ଜିନିଷ ସବୁକୁ ଦେଖି ଧୀରେ ଧୀରେ ଓ ପରିଷ୍କାର କରି କଳାପଟାରେ ଆଙ୍କିଲେ । ତାଙ୍କ କାମକୁ ଲକ୍ଷ୍ୟକରି ପିଲାମାନେ ଚିତ୍ର କରିବାର ନିୟମ ସବୁକୁ ଧରିନେଲେ । ଏଣିକି ପିଲାମାନଙ୍କର ଚିତ୍ର ତଳେ ତାରିଖ ଓ ନାଁ ଲେଖିରଖିଲି । ଆଉଥରେ ସେ ଶିକ୍ଷକ ଆସି ପିଲାଙ୍କୁ ରଙ୍ଗଦେବା ଶିଖାଇଦେଲେ ।

କିଛିଦିନ ପରେ ମୁଁ ମୋର ଜଣେ ଅମିନ ସାଙ୍ଗଙ୍କୁ ଡାକିଆଣି ସ୍କୁଲର ନକ୍‌ସା କରିବା ଆରମ୍ଭ କଲି । ଆମେ ମାପୁଥାଉ, ପିଲାମାନେ ଆମ ସହ ଚାଲିଥା'ନ୍ତି । ପିଲାଙ୍କ ଆଗରେ ସ୍କୁଲ, ଘର, ପଡ଼ିଆ ଇତ୍ୟାଦିର ନକ୍‌ସା କରି ଦେଖାଇଲୁ । ଦୁଇ ଚାରିଦିନ ପରେ ମୁଁ ପିଲାମାନଙ୍କୁ ସର୍ଭେୟର ଅଫିସକୁ ନେଇ କିପରି ମାନଚିତ୍ର ତିଆରି ହୁଏ ଦେଖାଇଲି । ପିଲାମାନେ ଏଥର କୂଅ, ପୋଖରୀ, ସ୍କୁଲ, ତାଙ୍କ ଘର, ଗଳି ଇତ୍ୟାଦିର ନକ୍‌ସା ତିଆରି କରିବାରେ ଲାଗିଗଲେ ।

ତାଙ୍କର ନିରୀକ୍ଷଣ ଶକ୍ତିକୁ ବଢ଼ାଇବା ପାଇଁ ଆମେ ବିଭିନ୍ନ ଖେଳ ଖେଳୁ । ଅନେକ ଜିନିଷକୁ ଧ୍ୟାନର ସହ ଦେଖୁ । ଗଛ, ପର୍ବତ, ମଣିଷ ଇତ୍ୟାଦିର ଛାଇକୁ ଅନୁଧ୍ୟାନ କରୁ । ଏହିପରି କିଛିଦିନ ପରେ ଆମ ଶ୍ରେଣୀଟି ଚିତ୍ରକଳାରେ ନିପୁଣ ହୋଇଉଠିଲା ।

୪

ଦିନେ ମୁଁ ହାଇସ୍କୁଲରୁ ଦୂରବୀକ୍ଷଣ ଯନ୍ତ୍ର ଆଣି ପିଲାଙ୍କୁ ଦେଖାଇଲି । ସେମାନେ ଦୂର ଜିନିଷକୁ ପାଖରେ ଦେଖି ବହୁତ ଖୁସି ହୋଇଗଲେ । ରାତିରେ ଚନ୍ଦ୍ରର ଗାତ ଓ ପାହାଡ଼ ସବୁ ଦେଖି ସେମାନେ ଆଶ୍ଚର୍ଯ୍ୟ

ହୋଇଗଲେ । ମୁଁ ସେମାନଙ୍କୁ ସୂର୍ଯ୍ୟଠାରୁ ପୃଥିବୀ ଓ ଚନ୍ଦ୍ର କିପରି ସୃଷ୍ଟିହେଲା ବୁଝାଇଲି । ପୃଥିବୀରେ ପାଣି, ଗଛ, ଜୀବଜନ୍ତୁ ଓ ମଣିଷ ସବୁର ଆରମ୍ଭ କିପରି ହେଲା ସେ ବିଷୟରେ ଆଲୋଚନା କଲୁ ।

ଆଉଦିନେ ଗୋଟିଏ ଗ୍ଲୋବ୍ ଆଣି ପୃଥିବୀର ଗଠନ, ଜଳଭାଗ, ସ୍ଥଳଭାଗ ଓ ପ୍ରାକୃତିକ ଗଠନ ବିଷୟରେ ବୁଝାଇଲି । ଆମେ ଯେ ଏସିଆ ମହାଦେଶର ଭାରତରେ, ଏହା ପିଲା ସେଥିରୁ ଦେଖିପାରିଲେ । ମୁଁ ପିଲାଙ୍କୁ ଗ୍ଲୋବ୍ ଆଉ ମାନଚିତ୍ର ଦେଇ ସେମାନେ ଦେଖିଥିବା ସହର ଓ ସେଠାକୁ ଯିବାକୁ ରାସ୍ତା ବାହାର କରିବାକୁ କହିଲି । ଏହାପରେ ମୁଁ ବୁଲିଥିବା ଆଫ୍ରିକାର ମାନଚିତ୍ର ଦେଇ ସେଠାକାର ଜଳପ୍ରପାତ, ସିଂହ, ହାତୀ ଓ ଆଦିମ ଅଧିବାସୀଙ୍କ କଥା କହିଲି । ପିଲାମାନେ ଆଗ୍ରହରେ ଶୁଣିବାରେ ଲାଗିଲେ ।

ଏହାପରେ ମୁଁ ପିଲାଙ୍କୁ ନେଇ ଗାଁ ଭିତରେ ବୁଲାଇଲି । ଫଳରେ ସେମାନେ ବିଭିନ୍ନ ଲୋକଙ୍କ ପେଷା ବିଷୟରେ ଜାଣିପାରିଲେ । ଦେଶବିଦେଶର କାହାଣୀ ସବୁ ପଢ଼ିଲା ବେଳେ ମ୍ୟାପ୍ ଦେଖି ଦେଖି ପଢ଼ିବାକୁ କହିଲି । ଥରେ ରବିଶଙ୍କରଜୀ ମାଡ୍ରାସ ବିଷୟରେ ଗୋଟିଏ ସିନେମା ଆଣିଥିଲେ । ପିଲାମାନେ ଏଥିରୁ ସୁଦୂର ମାଡ୍ରାସ ସହରର ଜିନିଷ ସବୁ ଦେଖି ଖୁସି ହୋଇଗଲେ । ସିନେମା ଗୋଟିଏ ଦିଗରୁ କ୍ଷତିକାରକ । ହେଲେ ଅନ୍ୟ ଦିଗରେ ଦୂରର କଥା ସବୁର ଧାରଣା ଦେବାପାଇଁ ଏହା ଖୁବ୍ ଉପଯୋଗୀ ।

ଏହାପରେ ଗୋଟିଏ ଖେଳ ଆରମ୍ଭ କଲି, "ଚାଲ ଆମେ ଯିବା ବୁଲି ।" ପିଲାମାନେ ଭାବନଗରରୁ ବାହାରି ଅହମଦାବାଦ, ବମ୍ବେ, ଦ୍ୱାରକା, ହିମାଳୟ, ବିଲାତକୁ କେଉଁ କେଉଁ ବାଟରେ, କେଉଁଥିରେ ଯିବେ, କେତେ ଦିନରେ ପହଞ୍ଚିବେ – ଏସବୁ ଆଲୋଚନା କରନ୍ତି । ନୂଆ ଜାଗାକୁ ଗଲେ କ'ଣ ଦେଖିବେ, କ'ଣ କିଣିବେ ତା'ର ତାଲିକା

କରନ୍ତି । ଦିଆସିଲି ବା ଅନ୍ୟ କିଛି ଜିନିଷ କେଉଁଠାରୁ ଆସେ ବା ତୁଳା କେଉଁ ଦେଶକୁ ଯାଏ ତାହା ମଧ୍ୟ ମାନଚିତ୍ରରୁ ଖୋଜାଚାଲେ । ନଦୀ, ଗାଁ, ସହର, ପାହାଡ଼, ଦେଶ ଇତ୍ୟାଦିର ନାଁ ନେଇ ପଦ୍ୟାନ୍ତର ହୁଏ । ପିଲାମାନେ ଯେଉଁ ଆଗ୍ରହରେ ଆଗରୁ ଚିତ୍ର ଆଙ୍କୁଥିଲେ ଠିକ୍ ସେଭଳି ମାନଚିତ୍ର ଆଙ୍କିବାରେ ଲାଗିପଡ଼ିଲେ । ପିଲାଙ୍କ ଅଜାଣତରେ ଆମର ଭୂଗୋଳ ପଢ଼ା ବେଶ୍ ଆଗେଇ ଚାଲିଲା ।

ଦିନେ ଆମର ଶିକ୍ଷକ ବନ୍ଧୁମାନେ କହିଲେ, "ତୁମେ କେବଳ ଏ କାମ କରିପାରିବ । ଆମକୁ ଏପରି ଭୌଗଳିକ ଚର୍ଚ୍ଚା ଆସେ ନାହିଁ ।" ମୁଁ କହିଲି, "ଉତ୍ସାହର ସହ ଚେଷ୍ଟାକଲେ ସବୁ ହୋଇପାରିବ ।"

## ୪

ବାର୍ଷିକ ପରୀକ୍ଷା ପାଖେଇ ଆସୁଥାଏ । ମୁଁ ଗଣିତ ପଢ଼ାଇବାକୁ ସ୍ଥିର କରି ପିଲାମାନଙ୍କୁ କେତୋଟି ପ୍ରଶ୍ନ ପଚାରିଲି । ମାତ୍ର ପିଲାମାନେ ଠିକ୍ ଠିକ୍ କହିଦେଲେ । ମୁଁ ଖୁସି ହୋଇଗଲି ଯେ ଯେଉଁ ବିଷୟରେ ମୋର ଦୁର୍ବଳତା ଅଛି ସେହି ବିଷୟରେ ମୋତେ କଷ୍ଟ କରିବାକୁ ପଡ଼ିବ ନାହିଁ । କିନ୍ତୁ ଯେତେବେଳେ ମୁଁ ଏହି ପ୍ରଶ୍ନଗୁଡ଼ିକର ମୂଳରେ ଥିବା ନିୟମଗୁଡ଼ିକୁ ପଚାରିଲି ସେତେବେଳେ ବୁଝିଲି ଯେ ସେମାନେ ଯନ୍ତ୍ରବତ୍ କହି ଚାଲିଛନ୍ତି । ଏହା ମୋ ପାଇଁ ଏକ ସମସ୍ୟା ଥିଲା ।

ମୁଁ ସିଧା ଡେପୁଟି ଡାଇରେକ୍ଟରଙ୍କ ପାଖକୁ ଯାଇ କହିଲି, "ଆଜ୍ଞା, ଗଣିତରେ ନୂଆ କିଛି କରି ପାରିବିନି । ମାତ୍ର ଭଲରକମ ବୁଝାଇ ପାଠ୍ୟକ୍ରମ ଶେଷ କରିଦେବି । କାରଣ ନୂଆ ପ୍ରୟୋଗ ପ୍ରଥମରୁ ହେବା କଥା ।" ଡାଇରେକ୍ଟର ପଚାରିଲେ, "ଯଦି ତୁମକୁ ପ୍ରଥମ ଶ୍ରେଣୀ ଦିଆଯାଏ ତେବେ ତୁମେ ଗଣିତର ପ୍ରୟୋଗ କରିପାରିବ କି ?"

ମୋର ମତ ଥିଲା ଯେ ଗଣିତ ପ୍ରୟୋଗ ଏକ, ଦୁଇ ଗଣିବାଠାରୁ ହିଁ ଆରମ୍ଭ ହେବା କଥା । ମଣ୍ଟେସୋରୀଙ୍କ ଗଣିତ ପଦ୍ଧତି ଖୁବ୍ ଭଲ ବୋଲି ମୁଁ ଶୁଣିଥିଲି । ସୁଯୋଗ ମିଳିଲେ ନିଶ୍ଚୟ କରିପାରିବି ବୋଲି ଭାବୁଥିଲି । ଆସନ୍ତା ବର୍ଷ ଶିକ୍ଷକ ତାଲିମ କେନ୍ଦ୍ରରେ ଗଣିତ ପଢ଼ାଇବାର ସୁଯୋଗ ମତେ ମିଳିପାରେ ଜାଣି ଖୁସିହେଲି ।

୬

ବାର୍ଷିକ ପରୀକ୍ଷା ଆସିଗଲା । ମୁଁ ମୋ ନିଜ ବାଟରେ ପିଲାଙ୍କୁ ପ୍ରସ୍ତୁତ କରିବାରେ ଲାଗିଥାଏ । ମୋ ପିଲା ଯେ ସଫଳ ହେବେ ସେଥିରେ ମୁଁ ନିଶ୍ଚିତ ଥାଏ । ଅଧିକାରୀ ମହାଶୟ ସବୁ ଶ୍ରେଣୀ ପରୀକ୍ଷା କରି ଶେଷରେ ମୋ ଶ୍ରେଣୀକୁ ଆସିଲେ । ପରୀକ୍ଷା ନ କରି ସବୁ ପିଲାଙ୍କୁ ଉପର ଶ୍ରେଣୀକୁ ଉଠାଇ ଦେବାକୁ କହିଲେ । ମାତ୍ର ମୁଁ ଏଥିରେ ରାଜି ହେଲିନି କାରଣ ଉପରକୁ ଉଠିବା ଯୋଗ୍ୟ ନହେବା ପିଲା ପାଶ୍ କରିବା ଠିକ୍ ହେବନାହିଁ ।

ସବୁ ପିଲାଙ୍କୁ ମୁଁ ଭଲ ଭାବରେ ପଢ଼ାଇଥିଲେ ମଧ୍ୟ କିଛି ପଛୁଆ ରହିଯାଇଥିଲେ, କାହାର କାହାର ମନଟା ପୂରା ଫାଙ୍କା ରହିଯାଇଛି ।

ଡାଇରେକ୍ଟର, "ଏଭଳି ଅନୁପଯୁକ୍ତ ପିଲା କିଏ କିଏ ଅଛନ୍ତି ଓ ତୁମେ ତାଙ୍କ ପାଇଁ କ'ଣ ଭାବିଛ ?"

ମୁଁ କହିଲି, "ଆଜ୍ଞା ! ସେମାନେ ଅନୁପଯୁକ୍ତ ନୁହନ୍ତି । ଏ ସ୍କୁଲ ତାଙ୍କ ପାଇଁ ଅନୁପଯୁକ୍ତ । ରାଘବ ବାରିକ ପୁଅର ଇତିହାସ ଭୂଗୋଳ ଅପେକ୍ଷା କେଶସଜ୍ଜାରେ ବେଶୀ ଆଗ୍ରହ । ସେ ଭଲ କେଶସଜ୍ଜା କରିପାରନ୍ତା । ତାକୁ ସେଲୁନ୍ କାମ ପାଇଁ ବମ୍ବେ ପଠାଇ ଅଧିକ ତାଲିମ ଦେବା ଦରକାର । ଜୀବନ ସେଠ୍‌ର ପୁଅ ନେମୀ ପୋଲିସ ବିଭାଗ ପାଇଁ ଠିକ୍ । ସେ ଏବେ ସ୍କୁଲରେ ଅଧାଅଧି ପୁଲିସର କାମ କରୁଛି । ଆଉ ଦୁଇତିନି

ଜଣ ଦୁର୍ବଳ ପିଲା ଅଛନ୍ତି । ଛୁଟିରେ ତାଙ୍କୁ ପାଖରେ ରଖି ଉପର ଶ୍ରେଣୀ ପାଇଁ ପ୍ରସ୍ତୁତ କରିଦେବି ।

ଡାଇରେକ୍‌ଟର ମହାଶୟ ସ୍କୁଲର ରୀତିନୀତି ଓ ପାଠ୍ୟକ୍ରମର କଠୋରତା ଆଦି ବିଷୟରେ ପରେ ଚିନ୍ତା କରିବେ ବୋଲି କହିଲେ । ପରୀକ୍ଷା ସରିବା ଆଗରୁ ଆମ ଶ୍ରେଣୀର କିଛି ବିଶେଷ କାର୍ଯ୍ୟକ୍ରମ ଥିଲା । ସେକଥା ଶୁଣି ସେ ହସି ଉଠିଲେ ଓ ଦେଖିବାକୁ ଚାଲିଲେ ।

୭

ଆଜି ଆମ ସ୍କୁଲର ସମ୍ମିଳନୀ । ଯେଉଁ ପିଲାମାନେ ପରୀକ୍ଷାରେ ଭଲ ନମ୍ବର ରଖନ୍ତି ସେମାନେ ସମ୍ମିଳନୀରେ ପୁରସ୍କାର ପାଆନ୍ତି । ଏଥିପାଇଁ ଗାଁ'ର ସାହୁକାର ସେଠ୍ ଓ ବଡ଼ବଡ଼ିଆ ସମସ୍ତେ ଆସିଥା'ନ୍ତି । ଏବର୍ଷର ଦାୟିତ୍ୱ ମୋତେ ଦିଆଯାଇଥିଲା । ମାତ୍ର ମୁଁ ମୋ ପିଲାମାନଙ୍କୁ ଏ କାମ ଦେଇଥିଲି ।

ପ୍ରଥମେ କାଠି ବଜେଇ ରାସଲୀଳା ଆରମ୍ଭ ହେଲା । ଏହାପରେ ବିଭିନ୍ନ ପ୍ରତିଯୋଗିତା - ଦୌଡ଼, ଏକ ଗୋଡ଼ିକିଆ ଦୌଡ଼, ଚୌକି ଧରି ଦୌଡ଼ ଇତ୍ୟାଦି ଚାଲିଲା । ସମସ୍ତେ ଖୁସିରେ ଦେଖୁଥା'ନ୍ତି । ତା'ପରେ ମୂକ ଅଭିନୟ ଆରମ୍ଭ ହେଲା । ପିଲାମାନେ ସେଠ୍‌ଜୀ, ଶିକ୍ଷା ଅଧିକାରୀ ବା ନେତାଙ୍କର ସୁନ୍ଦର ନକଲ କରି ଚାଲିଲେ ।

ଶେଷ କାର୍ଯ୍ୟକ୍ରମ ଥିଲା ପୁରସ୍କାର ବିତରଣ । ପ୍ରତ୍ୟେକ ବର୍ଷ ୧୨୫ଟଙ୍କାର ପୁରସ୍କାର ବଣ୍ଟାଯାଏ । ଡାଇରେକ୍‌ଟର ମହାଶୟ ଠିଆହୋଇ କହିଲେ, "ଏବର୍ଷର ଉତ୍ସବ ସ୍ୱତନ୍ତ୍ର ଧରଣର । ଶିକ୍ଷକ ଲକ୍ଷ୍ମୀଶଙ୍କର ପୁରସ୍କାର ବିଷୟରେ ମୋତେ ଅନେକ ନୂଆ କଥା ଶିଖାଇଛନ୍ତି । ମୁଁ ବୁଝିଛି ଯେ ପୁରସ୍କାର ବାଣ୍ଟିବା ଫଳରେ କାହା

ମନରେ ବୃଥା ଗର୍ବ ଓ ଆଉ କାହା ମନରେ ନୈରାଶ୍ୟ ସୃଷ୍ଟି ହୁଏ । ଏହା ପିଲାଙ୍କର ଅନେକ କ୍ଷତିକରେ । ଏହା ବୁଝାଇଥିବାରୁ ମୁଁ ଏ ଭାଇଙ୍କର ଋଣ ଶୁଝିପାରିବି ନାହିଁ । ଲକ୍ଷ୍ମୀଶଙ୍କରଙ୍କୁ ମୁଁ ପ୍ରଥମେ ଏକ ଅତିପାଠୁଆ ମୂର୍ଖ ବୋଲି ଭାବିଥିଲି । ମାତ୍ର ସେ ଚତୁର୍ଥ ଶ୍ରେଣୀରେ ଯାହାସବୁ ବଦଳାଇ ପାରିଛନ୍ତି ଓ ଯେତେ ନୂଆ କଥାର ପ୍ରୟୋଗ କରିଛନ୍ତି ତାହା ପ୍ରକୃତରେ ଦେଖିବାର କଥା । ଆମ ଭଳି ପୁରୁଣା ଢାଞ୍ଚାର ଶିକ୍ଷକ ଓ ଅଧିକାରୀମାନଙ୍କୁ ନିଜ ଇଚ୍ଛାରେ ଦୂରେଇ ଯାଇ ତାଙ୍କୁ ବାଟ ଛାଡ଼ିଦେବାକୁ ପଡ଼ିବ । ବନ୍ଧୁଗଣ ! ତାଙ୍କ ଶ୍ରେଣୀର ସବୁ ପିଲାଙ୍କୁ ଦେଖନ୍ତୁ, ସେମାନେ କିପରି ଶୃଙ୍ଖଳିତ ଓ ସୁସ୍ଥ ସବଳ । ସେମାନଙ୍କ ଶକ୍ତି ଓ ବୁଦ୍ଧିର ବିକାଶର ମୁଁ ନିଜେ ସାକ୍ଷୀ । ବାପା ମା'ମାନେ ମଧ୍ୟ ବିଶେଷ ଖୁସି । ଏଭଳି ନୂତନ ଉତ୍ସାହୀ ଯୁବକମାନଙ୍କୁ ଆମେ ସ୍ୱାଗତ କରିବା ଉଚିତ ।"

ଡାଇରେକ୍‌ଟରଙ୍କ ଭାଷଣ ସହ ସେଦିନ କାର୍ଯ୍ୟକ୍ରମ ଶେଷହେଲା । ସମସ୍ତେ ନିଜ ନିଜ ଘରକୁ ଗଲେ । ନୂତନ ଶିକ୍ଷା ପଦ୍ଧତିର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ମୁଁ ମଧୁର ସ୍ୱପ୍ନ ଦେଖିବାରେ ଲାଗିଲି ।

# ଗିଜୁଭାଇ - ଜୀବନ ରେଖା

| | |
|---|---|
| ୧୮୮୫ | ଜନ୍ମ |
| ୧୯୦୭ | ପୂର୍ବ ଆଫ୍ରିକା ଯାତ୍ରା |
| ୧୯୦୯ | ଭାରତ ପ୍ରତ୍ୟାବର୍ତ୍ତନ |
| ୧୯୧୦ | ଆଇନ ଶିକ୍ଷା ଓ ଓକିଲାତି ଜୀବନ |
| ୧୯୧୫ | ଦକ୍ଷିଣାମୂର୍ତ୍ତି ଭବନର ଆଇନ ପରାମର୍ଶଦାତା |
| ୧୯୧୬ | ଦକ୍ଷିଣାମୂର୍ତ୍ତି ବିଦ୍ୟାର୍ଥୀ ଭବନରେ ଯୋଗଦାନ |
| ୧୯୨୦ | ବାଳମନ୍ଦିର ସ୍ଥାପନା |
| ୧୯୨୨ | କସ୍ତୁରବାଙ୍କ ଦ୍ୱାରା ବାଳମନ୍ଦିର ଭବନର ଉଦ୍‌ଘାଟନ |
| ୧୯୨୫ | ଭାବନଗରଠାରେ ପ୍ରଥମ ମଣ୍ଟେସୋରୀ ସମ୍ମିଳନୀ, ପ୍ରଥମ ଅଧ୍ୟାପନ ମନ୍ଦିର ସ୍ଥାପନା |
| ୧୯୨୮ | ଦ୍ୱିତୀୟ ମଣ୍ଟେସୋରୀ ସମ୍ମିଳନୀରେ ଅଧ୍ୟକ୍ଷତା |
| ୧୯୩୦ | ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦାନ, ଶରଣାର୍ଥୀ ଶିବିରରେ ଅବସ୍ଥାନ, ଅକ୍ଷରଜ୍ଞାନ ଯୋଜନା ଆରମ୍ଭ |
| ୧୯୩୬ | ଶ୍ରୀ ଦକ୍ଷିଣାମୂର୍ତ୍ତି ଭବନରୁ ବିଦାୟ, କରାଚୀ ବାଳମେଳାରେ ଅଧ୍ୟକ୍ଷତା |
| ୧୯୩୭ | ସମ୍ମାନିତ |
| ୧୯୩୮ | ରାଜକୋଟଠାରେ ଶେଷ ଅଧ୍ୟାପନ ମନ୍ଦିର ଆରମ୍ଭ |
| ୧୯୩୯ | ଦେହାବସାନ |

# ଗିଜୁଭାଇଙ୍କର ମୁଖ୍ୟ ରଚନା

୧. ମାତା-ପିତା ସେ
୨. ମାଁ-ବାପ୍ ବନ୍‌ନା କଠିନ୍ ହୈ
୩. ମାତା-ପିତା କେ ପ୍ରଶ୍ନ
୪. ମାଁ-ବାପୌଁ କି ମାଥାପଚ୍ଚୀ
୫. ମଣ୍ଟେସୋରୀ ପଦ୍ଧତି
୬. ବାଳ-ଶିକ୍ଷଣ, ଯୈସା ମୈଁ ସମଝପାୟା
୭. ପ୍ରାଥମିକଶାଲା ମେଁ ଶିକ୍ଷାପଦ୍ଧତିୟାଁ
୮. ପ୍ରାଥମିକଶାଲା ମେଁ ଶିକ୍ଷକ
୯. ପ୍ରାଥମିକଶାଲା ମେଁ ଭାଷା-ଶିକ୍ଷା
୧୦. ପ୍ରାଥମିକଶାଲା ମେଁ ଚିଠି-ବାଚନ
୧୧. ପ୍ରାଥମିକଶାଲା ମେଁ କଲା-କାରିଗରୀ କି ଶିକ୍ଷା, ଭାଗ ୧, ୨
୧୨. ଦିବାସ୍ୱପ୍ନ (ଓଡ଼ିଆ ଏବଂ ଅନ୍ୟ ଭାରତୀୟ ଭାଷାରେ ମଧ୍ୟ ପ୍ରକାଶିତ)
୧୩. ଶିକ୍ଷକ ହୋଁ ତୋ
୧୪. ଚଲ୍‌ତେ ଫିରତେ
୧୫. କଥା-କାହାନୀ କା ଶାସ୍ତ୍ର, ଭାଗ ୧, ୨

# ଗିଜୁଭାଇ ଶିକ୍ଷା ନିଧି

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଭାରତରେ ଜାତୀୟତାବାଦ ଓ ସ୍ୱାଧୀନତାର ଚିନ୍ତା ମୁଣ୍ଡ ଟେକଲା । ଏହା ସହିତ ସ୍ୱାଧୀନ ଭାରତ ପାଇଁ ସୃଜନଶୀଳ ମଣିଷ ସୃଷ୍ଟି କରିବା ଲକ୍ଷ୍ୟରେ ଶିକ୍ଷା ବ୍ୟବସ୍ଥାର ସଂସ୍କାର ପାଇଁ ଦେଶ ସାରା ବିଭିନ୍ନ ପରୀକ୍ଷା ଆରମ୍ଭ ହେଲା ।

ଗିଜୁଭାଇ (ଶ୍ରୀ ଗିରିଜାଶଙ୍କର ଭଗବାନ୍ ଜୀ ବଧେକା, ୧୮୮୫-୧୯୩୯) ଏହି ଶିକ୍ଷା ଆନ୍ଦୋଳନରେ ଜଣେ ଆଗୁଆ କର୍ମୀ ଥିଲେ । ସେ ତାଙ୍କର ଓକିଲାତି ବୃତ୍ତି ଛାଡ଼ି ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରୟୋଗ ଚଳାଇଲେ । ତାଙ୍କର ଶିକ୍ଷା ଦର୍ଶନକୁ ବାସ୍ତବ ରୂପ ଦେବା ପାଇଁ "ବାଲମନ୍ଦିର" ନାମରେ ଏକ ଅଭିନବ ଅନୁଷ୍ଠାନ ଆରମ୍ଭ କରିଥିଲେ । ଶିକ୍ଷା ଆନ୍ଦୋଳନ ପାଇଁ ଅଧିକ କର୍ମୀ ସୃଷ୍ଟି କରାଇବା ଲକ୍ଷ୍ୟରେ ପ୍ରସାର ଓ ତାଲିମ କାମ କରିବା ସହିତ ପିଲା ଓ ବଡ଼ଙ୍କ ପାଇଁ ବିଭିନ୍ନ ପ୍ରକାରର ୨୦୦ରୁ ବେଶୀ ବହି ଲେଖିଥିଲେ ।

ଗିଜୁଭାଇଙ୍କର ଜୀବନୀ ଓ ଦର୍ଶନର ଚର୍ଚ୍ଚା ସହିତ ତାଙ୍କର ଦୁଇଟି ମୁଖ୍ୟ ରଚନା - *ପ୍ରାଥମିକ ଶିକ୍ଷା ପଦ୍ଧତି ଓ ଦିବାସ୍ୱପ୍ନ* (ସଂକ୍ଷିପ୍ତ ରୂପ) - ଏହି ସଂକଳନରେ ଦିଆଯାଇଛି । ୧୯୩୨ ମସିହାରେ ସେ କରିଥିବା ଚିନ୍ତା ଓ ପରିକଳ୍ପନା ଆଜି ମଧ୍ୟ କେତେ ଉପଯୋଗୀ ତା'ର ଧାରଣା ଏଥିରୁ ମିଳିପାରିବ । ଆଜିର ଶିକ୍ଷା ସମସ୍ୟାର ସମାଧାନ ଦିଗରେ ଏହା କିଛି ବାଟ ମଧ୍ୟ ଦେଖାଇ ପାରିବ ।

**ସୃଜନିକା**
ଜାଗମରା, ଡାକ: ଖଣ୍ଡଗିରି
ଭୁବନେଶ୍ୱର

ଟ.୬୦.୦୦